ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୮/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, March 18/2019 | ★★★★★★

୪୫ଶ ଭାଗ ୧୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-

ନିର୍ଦ୍ଦେଶନା ଦେବାକୁ ଲକ୍ଷ୍ୟ ନାହିଁ: ସ୍ୱରା ଭାସ୍କର

ଫିଲ୍ମ ନିର୍ମାଣ ପାଇଁ ଉଦ୍ୟମ କରୁଛି। କିନ୍ତୁ ନିର୍ଦ୍ଦେଶନା ଦେବାକୁ ଲକ୍ଷ୍ୟ ନାହିଁ ବୋଲି ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର ପ୍ରକାଶ କରିଛନ୍ତି।

୦୪ ୧୮

ଇର୍ଫାନଙ୍କୁ ଅଲିମ୍ପିକ ଯୋଗ୍ୟତା

ଭାରତୀୟ ରେସ୍ ୱାକର ଇର୍ଫାନ କେ.ଟି. ପ୍ରଥମ ଭାରତୀୟ ଆଥଲେଟ୍ ଭାବେ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

ପରପାରିରେ ପାରିକର

ଆବିର୍ଭାବ- ୧୩ ଡିସେମ୍ବର, ୧୯୫୫
ପରଲୋକ- ୧୭ ମାର୍ଚ୍ଚ, ୨୦୧୯

ନୂଆଦିଲ୍ଲୀ,୧୭ମାର୍ଚ୍ଚ

ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କର ରବିବାର ସନ୍ଧ୍ୟା ୬ଟା ୪୦ ମିନିଟରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୬୩ ବର୍ଷ ହୋଇଥିଲା। ତାଙ୍କର ଦୁଇ ପୁଅ ଅଛନ୍ତି। ସେ ବର୍ଷେ ହେଲା କ୍ୟାନ୍‌ସରରେ ପୀଡିତ ଥିଲେ। ଶନିବାର ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଦେଖାଦେବାରୁ ତାଙ୍କୁ ଲାଇଫ ସପୋର୍ଟ ସିଷ୍ଟମରେ ରଖାଯାଇଥିଲା। ରବିବାର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇପଡିଥିଲା।

ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ପାରିକରଙ୍କୁ ପାନ୍‌କ୍ରିଆଟିକ୍ କ୍ୟାନ୍‌ସର ହୋଇଥିବା ଗତବର୍ଷ ଫେବୃୟାରୀରେ ଜଣାପଡିଥିଲା। ଏହାପରେ ଆମେରିକାର ନ୍ୟୁୟର୍କ ଏବଂ ଦିଲ୍ଲୀସ୍ଥିତ ଏମ୍ସରେ ତାଙ୍କର ଚିକିତ୍ସା କରାଯାଇଥିଲା। ଏହା ବ୍ୟତୀତ ମୁମ୍ବାଇ ଓ ଗୋଆ ହସ୍ପିଟାଲରେ ମଧ୍ୟ ସେ ଚିକିତ୍ସିତ ହୋଇଥିଲେ। ଅସୁସ୍ଥତା ସত্ত্বେ ଗତ ଡିସେମ୍ବରରେ ସେ କାର୍ଯ୍ୟରେ ଯୋଗଦେଇଥିଲେ ଏବଂ ଜାନୁୟାରୀ ୩୦ରେ ବିଧାନସଭାରେ ବଜେଟ ଉପସ୍ଥାପନ କରିଥିଲେ। ଗତ ମାସରେ ତାଙ୍କୁ ପଣଜୀସ୍ଥିତ ଗୋଆ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ୨୬ରେ ସେ ବାସଭବନକୁ ଫେରିଥିଲେ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ☞ ପୃଷ୍ଠା–୪

ପି.ସି. ଘୋଷ ହେବେ ପ୍ରଥମ ଲୋକପାଳ

ନୂଆଦିଲ୍ଲୀ,୧୭ମାର୍ଚ୍ଚ(ପି.ଟି.)

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ପିନାକୀ ଚନ୍ଦ୍ର ଘୋଷ ଦେଶର ପ୍ରଥମ ଲୋକପାଳ ହୋଇପାରନ୍ତି। ୨୦୧୭ ମେ'ରେ ସୁପ୍ରିମକୋର୍ଟରୁ ଅବସର ନେଇଥିବା ଜଷ୍ଟିସ୍ ଘୋଷ ଏବେ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆରସି)ର ସଦସ୍ୟ ଅଛନ୍ତି। ୨ ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ ଲୋକପାଳ ଚୟନ କମିଟି ଘୋଷଙ୍କ ନାମ ସୁପାରିସ କରିଥିବା ଜଣାପଡିଛି। ସୋମବାର ଏ ସମ୍ପର୍କରେ ବିଧିବଦ୍ଧ ଘୋଷଣା ହୋଇପାରେ। ଲୋକପାଳର ଅନ୍ୟ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ହାଇକୋର୍ଟର ପୂର୍ବତନ ବିଚାରପତି ହେବାକୁ ଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ମହିଳା ବିଚାରପତି ରହିବେ। ଅନ୍ୟ ୪ ଜଣ ପୂର୍ବତନ ପ୍ରଶାସନିକ ଅଧିକାରୀ ମଧ୍ୟ ଲୋକପାଳ କମିଟିକୁ ମନୋନୀତ ହେବେ। ଫେବୃୟାରୀ ଶେଷ ସୁଦ୍ଧା ଲୋକପାଳ ଚୟନ କରିବା ଲାଗି ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିଥିଲେ।

ପ୍ରଧାନମନ୍ତ୍ରୀ, ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସମେତ ନିର୍ଦ୍ଦିଷ୍ଟ ବର୍ଗର ଉଚ୍ଚ ପଦାଧିକାରୀଙ୍କ ବିରୋଧରେ ଦୁର୍ନୀତି ମାମଲାର ତଦନ୍ତ ଲାଗି କେନ୍ଦ୍ରରେ ଲୋକପାଳ ଏବଂ ରାଜ୍ୟଗୁଡିକରେ

ପିନାକୀ ଚନ୍ଦ୍ର ଘୋଷ

ଲୋକାୟୁକ୍ତ ନିଯୁକ୍ତି ଲାଗି ୨୦୧୩ରେ ଲୋକପାଳ ଆଇନ ଗୃହୀତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ଲୋକପାଳ ଚୟନ କମିଟିରେ ଲୋକ ସଭା ବାଚସ୍ପତି, ଲୋକ ସଭାରେ ବିରୋଧୀ ଦଳ ନେତା, ପ୍ରଧାନ ବିଚାରପତି କିମ୍ବା ତାଙ୍କ ଦ୍ୱାରା ମନୋନୀତ ସୁପ୍ରିମକୋର୍ଟର ଅନ୍ୟ କୌଣସି ବିଚାରପତି, ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ଜଣେ ଖ୍ୟାତନାମା ଆଇନଜ୍ଞ ସଦସ୍ୟ ରହିପାରିବେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଉକ୍ତ କମିଟିକୁ ମୁକୁଲ ରୋହତଗୀଙ୍କୁ ମନୋନୀତ କରିଥିଲେ। ତେବେ କମିଟିରେ କଂଗ୍ରେସର ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ରଖାଯାଇଥିବାରୁ ସେ ଏହାର କୌଣସି ବୈଠକରେ ଯୋଗଦେଉ ନାହାନ୍ତି।

ଜଷ୍ଟିସ୍ ଘୋଷଙ୍କୁ ଲୋକପାଳ ନିଯୁକ୍ତି ଲାଗି ସରକାର ବିଚାର କରୁଥିବା ଖବର ପାଇବା ପରେ ସାମାଜିକ କର୍ମୀ ଆନ୍ନା ହାଜାରେ ଏହାକୁ ସ୍ୱାଗତ କରିଛନ୍ତି। ଲୋକପାଳ ନିଯୁକ୍ତି ଲାଗି ଦୀର୍ଘ ୪୮ ବର୍ଷ ଧରି ଚାଲିଥିବା ଆନ୍ଦୋଳନର ବିଜୟ ହେଲା ବୋଲି ସେ କହିଛନ୍ତି। ଲୋକପାଳ ନିଯୁକ୍ତି ଦାବିରେ ଆନ୍ନା ଅନେକ ଥର ଆନ୍ଦୋଳନ ଓ ଅନଶନ କରିଛନ୍ତି। ସେ ଗତ ଫେବୃୟାରୀ ମାସରେ ତାଙ୍କ ନିଜ ଗାଁ ରାଲେଗାଓଁ ସିଦ୍ଧିରେ ଅନଶନରେ ବସିଥିଲେ।

ଭାଜପାରେ ପ୍ରକାଶ

■ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଉପରେ ବିଶ୍ୱାସ

ଭୁବନେଶ୍ୱର,୧୭ମାର୍ଚ୍ଚ (ବ୍ୟୁରୋ)

ବିଜେଡି ଓ କଂଗ୍ରେସର ବହୁ ହେଭିୱେଟ୍ ଏବେ ଭାଜପାମୁହାଁ ହେବା ଆରମ୍ଭ କରିଦେଇଛନ୍ତି। ନିର୍ବାଚନ ପୂର୍ବରୁ ଯାହା ହୋଇ ନ ଥିଲା ବର୍ତ୍ତମାନ ତାହା ସମ୍ଭବ ହୋଇପାରିଛି। କଂଗ୍ରେସରୁ ଇସ୍ତଫା ଦେଇଥିବା ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ରବିବାର ଭାଜପାରେ ବିଧିବଦ୍ଧ ଭାବେ ଯୋଗଦେଇଛନ୍ତି। କଂଗ୍ରେସ ତାଙ୍କୁ ଗତବର୍ଷେ ହେଲା ଅବହେଳା କରି ଆସୁଥିବା ଦର୍ଶାଇ ☞ ପୃଷ୍ଠା–୪

ପଶ୍ଚିମ ଓଡ଼ିଶାରୁ ଲଢ଼ିପାରନ୍ତି ନବୀନ

ଭୁବନେଶ୍ୱର,୧୭ମାର୍ଚ୍ଚ(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ନେତା ଓ ବୁଦ୍ଧିଜୀବୀଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

■ ବିଜେପୁର ଆସନକୁ ନେଇ ସର୍ବାଧିକ ଚର୍ଚ୍ଚା

■ ୪୮ ଘଣ୍ଟା ମଧ୍ୟରେ ସ୍ଥିର ହୋଇପାରେ

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାର ଯେ କୌଣସି ଆସନରୁ ନିର୍ବାଚନ ଲଢ଼ନ୍ତୁ। ପଶ୍ଚିମ ଓଡ଼ିଶାର ବିଜେଡି ବିଧାୟକ, ଏମ୍‌ପି ଏବଂ ବୁଦ୍ଧିଜୀବୀ ରବିବାର ନବୀନ ନିବାସରେ ଭେଟି ତାଙ୍କୁ ଏ ସମ୍ପର୍କିତ ଏକ ପ୍ରସ୍ତାବ ଦେଇଛନ୍ତି। ଦଳୀୟ ନେତାଙ୍କ ଏହି ପ୍ରସ୍ତାବକୁ ସେ ଗୁରୁତ୍ୱର ସହ ନେଉଥିବା କହିଛନ୍ତି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ନବୀନ ପଶ୍ଚିମ ଓଡ଼ିଶାର କେଉଁ ସ୍ଥାନରୁ ପ୍ରାର୍ଥୀ ହେବେ, ସେ ନେଇ ଘୋଷଣା କରିପାରନ୍ତି। ଦଳର କିଛି ବରିଷ୍ଠ ନେତାଙ୍କ ମତ ଅନୁଯାୟୀ ନବୀନ ବରଗଡ ଲୋକ ସଭା ଅନ୍ତର୍ଗତ ବିଜେପୁର କିମ୍ବା ବରଗଡ, ସମ୍ବଲପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରେଢାଖୋଲ ଅଥବା ସୁନ୍ଦରଗଡ ଲୋକ ସଭା ଅଧୀନରେ ଆସୁଥିବା ରାଉରକେଲା ବିଧାନସଭା ଆସନରୁ ଲଢି ପାରନ୍ତି। ଗତବର୍ଷ ବିଜେପୁର ବିଧାନସଭା ଉପନିର୍ବାଚନ ପ୍ରଚାର ସମୟରେ ବିଜେପୁରକୁ ନିଜ ନିର୍ବାଚନମଣ୍ଡଳୀ କହିଥିବାରୁ ସେହି ଆସନରୁ ନବୀନ ପ୍ରାର୍ଥୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପଶ୍ଚିମ ଓଡ଼ିଶାର କେଉଁ ଆସନରୁ ଲଢିବା ପାଇଁ ସେ ସ୍ଥିର କରୁଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ଦୃଷ୍ଟି ରହିଛି।

ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ବିଜେଡିର ପ୍ରାର୍ଥୀ ଘୋଷଣା ନେଇ ବୃତ୍ତାନ୍ତ ନିଷ୍ପତ୍ତି ହୋଇନାହିଁ। କେତେକ ଆସନରେ ଏବେ ମଧ୍ୟ କେଁ ରହିଛି। ପଶ୍ଚିମ ଓଡ଼ିଶାରେ ଭାଜପା ପଞ୍ଚାୟତ ନିର୍ବାଚନରେ ଭଲ ଫଳାଫଳ କରିଥିଲା। ସେହିପରି ଛତିଶଗଡରେ କଂଗ୍ରେସ ସରକାର ଗଠନ କରିବା ପରେ ତା'ର ପ୍ରଭାବ ମଧ୍ୟ ପଶ୍ଚିମ ଓଡ଼ିଶାରେ ପଡିବାର ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ନବୀନ ପଶ୍ଚିମ ଓଡ଼ିଶାରୁ ପ୍ରାର୍ଥୀ ହେଲେ ଏହାର ପ୍ରଭାବ ୫ ଲୋକ ସଭା ଏବଂ ତତ୍‌ସଂଲଗ୍ନ ବିଧାନସଭା ଆସନଗୁଡିକରେ ପଡିବ। ତେଣୁ ପଶ୍ଚିମ ଓଡ଼ିଶା ବିଜେଡି ନେତାଙ୍କ ପ୍ରସ୍ତାବକୁ ନବୀନ ସମ୍ମତି ପ୍ରଦାନ କରିପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ୨୦୦୦ ମସିହାରୁ ସେ ମୁଖ୍ୟମନ୍ତ୍ରୀ ରହି ଆସିଥିଲେ ବି ଗଞ୍ଜାମ ଜିଲା ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀ ଛାଡି ନବୀନ ଅନ୍ୟ କେଉଁଠି ଲଢିନାହାନ୍ତି। ତେଣୁ ନବୀନ ପ୍ରଥମ ଥର ଦୁଇଟି ଆସନରେ ଲଢିବା ସମ୍ଭାବନା ସୃଷ୍ଟି ହୋଇଛି। ସଂଯୋଗବଶତଃ ନବୀନଙ୍କ ପ୍ରାର୍ଥିତ୍ୱ ନେଇ ସର୍ବାଧିକ ଚର୍ଚ୍ଚା ହେଉଥିବା ବିଜେପୁର ଏବଂ ପାରମ୍ପରିକ ନିର୍ବାଚନମଣ୍ଡଳୀ ☞ ପୃଷ୍ଠା–୪

AMITY-JEE 2019

EXAM DATES: 8th April to 5th May, 2019 At Test Centres across India

PREPARE TODAY FOR TOMORROW'S TECHNOLOGIES

AMITY B.TECH 4.0

at Kolkata, Noida, Gurugram, Greater Noida, Gwalior, Jaipur, Lucknow, Mumbai, Patna, Raipur and Ranchi

Today, the advancements in technology are causing major paradigm shifts. That's why the Amity B.Tech 4.0 Programmes have been designed to help brilliant young minds stay at the forefront of disruptive technologies.

B.TECH DEGREES
- Aerospace • Artificial Intelligence
- Avionics • Biotechnology
- Bioinformatics • Biomedical
- Chemical Engg. • Civil Engg.
- Computer Sc. & Engg.
- Electrical & Electronics Engg.
- Electrical Engg.
- Electronics & Communication
- Electronics & Instrumentation
- Electronics & Telecom • Food Tech.
- Information Tech. • Internet of Things
- Mech. Engg./Mech. & Automation
- Nanotech. • Nuclear Sc. & Tech.
- Solar & Alternate Energy

B.TECH PROGRAMMES WITH TATA TECHNOLOGIES
- Aeronautical Engg.
- Automobile Engg.
- Industrial Heavy Machinery

B.TECH DUAL/INTEGRATED DEGREES
- B.Tech + MBA • B.Tech + M.Tech
- Integrated M.Tech (Converging Technologies)

B.TECH - 3 CONTINENT (INDIA, UK & USA) PROGRAMMES
Study in India at Amity University and one semester in UK and USA

B.TECH INTERNATIONAL PROGRAMMES
Study first 2 years at Amity and last 2 years at partner university of UK/ Australia and eam a globally recognised degree from partner university.

AMITY UNIVERSITY

To apply, visit www.amity.edu/amityjee

For more information, you can also contact Amity Information Centres at:
Bhubaneswar: 0674-2973576 | Rourkela: 0661-2470110 | Sambhalpur: 0663-2540135

ଆଜିର ସମ୍ପାଦକୀୟ

ଆତଙ୍କର ସିଧା ପ୍ରସାରଣ

କିଛି ତଥ୍ୟ

ଏପ୍ରିଲ–ଫେବୃୟାରୀ ସମୟ ମଧ୍ୟରେ ଦେଶର ରପ୍ତାନି ପ୍ରାୟ ୮.୮% ବୃଦ୍ଧି ଘଟି ୨୯୮.୫ ବିଲିୟନ ଡଲାର ଛୁଇଁଛି।

–ବାଣିଜ୍ୟ ମନ୍ତ୍ରଣାଳୟ

ଆଜିର ମନ୍ତବ୍ୟ

ଆଗାମୀ ସାଧାରଣ ନିର୍ବାଚନରେ ଲୋକେ ସ୍ଥିର ସରକାର ଆଣିବା ଲାଗି ଠିକ୍ ନିଷ୍ପତ୍ତି ନେବେ।

–ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ

ପାଠିକା/ପାଠକଙ୍କ ପାଇଁ ସୂଚନା

କିଛିସ୍ଥାନରେ ପାଠିକା/ପାଠକମାନେ ପ୍ରତିଦିନ ଧରିତ୍ରୀ ଖବରକାଗଜ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ପାଠିକା/ପାଠକମାନଙ୍କୁ ଆମର ଅନୁରୋଧ ଯେ, ସେମାନେ ନିଜ ଖବରକାଗଜ ବିତରକଙ୍କୁ ଧରିତ୍ରୀ ଦେବା ପାଇଁ ଦାବି କରନ୍ତୁ। ତଥାପି ଧରିତ୍ରୀ ନିୟମିତ ନ ପାଇଲେ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧରିତ୍ରୀ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ।

୯୪୩୭୦୦୯୪୪୧, ୯୯୩୭୬୧୨୮୪୧
୯୦୪୦୮୦୦୩୭୪

Learn Professional Skills and Become an Accounting Expert!

OKCL Creating a Knowledge Lit World

Join Career Oriented KLiC Courses

MKCL Tally with GST — Gateway to Knowledge Lit Careers — Learn Tally with GST and Advanced Inventory Management

MKCL Advanced Excel — Gateway to Knowledge Lit Careers — Learn Data Analysis, Expense & Accounts Management

For Admissions please contact nearest OS-CIT Center Today!

0674-3026700, 6676767
www.okcl.org/klic

For a test drive, SMS 'RENAULT' to 53030 or call on 1800 300 44444 (Open from Monday to Sunday, 7:00 am - 11:00 pm).
Also available in CSD. Special offers for Defence Personnel, Government, PSU and Corporate employees.

Terms and conditions apply. #Price mentioned is for the base variant for ex-showroom and is exclusive of local taxes. Offers may vary across variants and cities. Benefits are applicable only on select variants of KWID & DUSTER of 2019 manufacturing. Additional offers available on select stocks only. The abovementioned offers are valid till 31st March, 2019. ^^0 % Rate of Interest is calculated on a loan amount of ₹2,05,312 for a tenure of 18 months. Rate of interest may vary based on loan amount and tenure. Finance at the sole discretion of Renault Finance. **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). ^Benefits of ₹65,000 include Insurance at ₹1 & Exchange bonus of ₹20,000. Exchange at the sole discretion of Renault Selection only. ##Benefits up to ₹2,00,000 include cash benefits of ₹2,00,000 on select variants. All benefits of CAPTUR applicable only to versions of 2018 year of manufacturing. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

SHOWROOMS: ODISHA: BHUBANESWAR: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. **BALANGIR:** RENAULT Balangir Mob: +91 9643800378. **JHARSUGUDA:** RENAULT Jharsuguda Mob: +917290055349. **ROURKELA:** RENAULT Rourkela Mob: + 91 8860875802, + 91 9778845542. **SAMBALPUR:** RENAULT Sambalpur Mob: +91 8860048351.

L&K | SAATCHI & SAATCHI

୭ ପର୍ଯ୍ୟାୟରେ ୪୦ ଆସନ ପାଇଁ ମତଦାନ

ବଦଳୁଛି ବିହାର ସମୀକରଣ

ପାଟନା/ନୂଆଦିଲ୍ଲୀ,୧୭।୩

ନୀତୀଶ କୁମାର

ତେଜସ୍ୱୀ ଯାଦବ

ଉତ୍ତରପ୍ରଦେଶ ଭଳି ବିହାର ହେଉଛି ଜାତିଗତ ସମୀକରଣ ଆଧାରରେ ମତଦାନ ହେଉଥିବା ରାଜ୍ୟ। ବିହାରର ଜନତା କେତେବେଳେ କେଉଁ ଆଡ଼କୁ ଢଳିବେ ତାହା ଆକଳନ କରିବା ସେତେଟା ସହଜ ହୋଇ ନ ଥାଏ। ଏଥିଲାଗି ସବୁ ଜାତିର ପ୍ରାର୍ଥୀଙ୍କୁ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ଟିକେଟ ଦେଇ ଜନସମର୍ଥନ ହାସଲ କରିବା ପାଇଁ ଉଦ୍ୟମ କରନ୍ତି। ଏହି ପରିପ୍ରେକ୍ଷୀରେ ଏଥର ସାଧାରଣ ନିର୍ବାଚନରେ ଉତ୍ତରପ୍ରଦେଶର କ୍ଷତିଭରଣା କରିବା ପାଇଁ ବିହାର ଉପରେ ଅଧିକ ଗୁରୁତ୍ୱ ଦେଇଛି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)। ବିହାରର ଆଞ୍ଚଳିକ ଦଳଗୁଡ଼ିକୁ ନେଇ ଏନ୍‌ଡିଏ କେନ୍ଦ୍ରରେ ଶକ୍ତି ବୃଦ୍ଧି କରିବାକୁ ପ୍ରୟାସ ଚଳାଇଥିବାବେଳେ ଏହାକୁ ମାତ୍ ଦେବା ପାଇଁ ଅଣ୍ଟା ଭିଡ଼ିଛି ବିରୋଧୀ ମହାମେଣ୍ଟ। ତେବେ ୨୦୧୪ ପରଠାରୁ ଲଗାତର ରାଜନୈତିକ ସମୀକରଣ ବଦଳୁଥିବାରୁ ପରିଣାମ ନେଇ ସ୍ପଷ୍ଟ ଭାବେ କିଛି କୁହାଯାଇ ନ ପାରେ। ଜାତୀୟ ରାଜନୀତିରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଦେଶର ଅନ୍ୟତମ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ବିହାରରେ ସମସ୍ତ ୭ ପର୍ଯ୍ୟାୟରେ ନିର୍ବାଚନ ହେବ। ପ୍ରଥମ ପର୍ଯ୍ୟାୟ ମତଦାନ ଏପ୍ରିଲ ୧୧ରେ ଆରମ୍ଭ ହେବାକୁ ଥିବାବେଳେ ଶେଷ ପର୍ଯ୍ୟାୟ ଭୋଟଗ୍ରହଣ ମେ ୧୯ରେ ହେବ। ଏଥିଲାଗି ରାଜ୍ୟର ୭୨,୭୨୩ ପୋଲିଂ ଷ୍ଟେଶନରେ ୭.୦୬ କୋଟି ଭୋଟର ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ୧୫.୫୦ ଲକ୍ଷ ହେଉଛନ୍ତି ପ୍ରଥମଥର ମତଦାତା। ବିହାରରେ ଲୋକ ସଭା ନିର୍ବାଚନ ପାଇଁ ଏନ୍‌ଡିଏ ପକ୍ଷରୁ ରବିବାର ଆସନ ବୁଝାମଣା ନେଇ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ସଂଯୁକ୍ତ ଜନତା ଦଳ(ଜେଡିୟୁ)ର ପାଟନା କାର୍ଯ୍ୟାଳୟରେ ଭାଜପାର ରାଜ୍ୟ ସଭାପତି ନିତ୍ୟାନନ୍ଦ ରାୟ, ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ରାଜ୍ୟ ସଭାପତି ପଶୁପତି କୁମାର ପାରସ ଏବଂ ଜେଡିୟୁ ରାଜ୍ୟ ସଭାପତି ବଶିଷ୍ଠ ନାରାୟଣ ସିଂ ଏକ ମିଳିତ ଖବରଦାତା ସମ୍ମିଳନୀରେ ଏନେଇ ଘୋଷଣା କରିଛନ୍ତି। ବୁଝାମଣା ଅନୁସାରେ ଜେଡିୟୁ ଏବଂ ଭାଜପା ୧୭ଟି ଲେଖାଏ ଆସନରେ ଲଢ଼ିବେ। ଅବଶିଷ୍ଟ ୬ ଆସନ ରାମବିଳାସ ପାଶ୍ୱାନଙ୍କ ଏଲ୍‌ଜେପି ପାଇଁ ଛାଡ଼ି ଦିଆଯାଇଛି। ଜେଡିୟୁ ଭାଗରେ ପଡ଼ିଥିବା ୧୭ ଆସନ ମଧ୍ୟରୁ ୫ (ବାଲ୍ମୀକିନଗର, ଗୟା, ସିୱାନ, ଗୋପାଳଗଞ୍ଜ ଓ ଝାଞ୍ଝରପୁର) ଆସନ ୨୦୧୪ରେ ଭାଜପା ଦଖଲ କରିଥିଲା। ଗତ ସାଧାରଣ ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୪୦ରୁ ୩୧ ଆସନରେ ବିଜୟୀ ହୋଇଥିଲା। ତହିଁରୁ କେବଳ ୨୨ଟିରେ ଭାଜପା ଜିତିଥିବାବେଳେ ଏଲ୍‌ଜେପିକୁ ୬ ଏବଂ ଉପେନ୍ଦ୍ର କୁଶୱାହଙ୍କ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍‌ଏଲ୍‌ଏସ୍‌ପି)କୁ ୩ ଆସନରେ ସଫଳତା ମିଳିଥିଲା। ସେପଟେ ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି), କଂଗ୍ରେସ, ଆର୍‌ଏଲ୍‌ଏସ୍‌ପି, ଜିତନ୍ ରାମ ମାଞ୍ଜିଙ୍କ ହିନ୍ଦୁସ୍ଥାନ ଆୱାମ୍ ମୋର୍ଚ୍ଚା (ଏସ୍), ଶରଦ ଯାଦବଙ୍କ ଲୋକତାନ୍ତ୍ରିକ ଜନତା ଦଳ (ଏଲ୍‌ଜେଡି) ଏବଂ ବଲିଉଡ୍ ସେଟ୍ ଡିଜାଇନର ମୁକେଶ ସାହନୀଙ୍କ ବିକାଶଶୀଲ୍ ଇନ୍‌ଶାନ ପାର୍ଟିକୁ ନେଇ ଏଥର ମହାମେଣ୍ଟ ଗଠନ ହୋଇଛି। ଏହି ମହାମେଣ୍ଟ ପକ୍ଷରୁ ସୋମବାର ଆସନ ବୁଝାମଣା ନେଇ ଘୋଷଣା ହେବ ବୋଲି ଜଣାପଡ଼ିଛି। ତେବେ କଂଗ୍ରେସ ୧୧ ଆସନରେ ଲଢ଼ିବା ପାଇଁ ପ୍ରସ୍ତୁତି ଚଳାଇଥିବା ଦଳର ପ୍ରଚାର କମିଟି ଅଧ୍ୟକ୍ଷ ଅଖିଳେଶ ସିଂ ସୂଚନା ଦେଇଛନ୍ତି। ଆସନ ବୁଝାମଣାକୁ ନେଇ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଓ ଅନ୍ୟ ସହଯୋଗୀ ଦଳ ନେତାମାନେ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ଆର୍‌ଏଲ୍‌ଏସ୍‌ପି ଏଥର ବିରୋଧୀ ମହାମେଣ୍ଟରେ ଯୋଗଦେଇ ନିର୍ବାଚନ ଲଢୁଛି। ୨୦୧୪ରେ ଜେଡିୟୁ ଏନ୍‌ଡିଏର ଅଂଶୀଦାର ନ ଥିଲା। ଏହାକୁ ମାତ୍ର ୨ଟି ଆସନ (ପୁର୍ଣିଆ ଓ ନୱଦା)ରେ ସଫଳତା

ପର୍ଯ୍ୟାୟ	ତାରିଖ	ଆସନ
ପ୍ରଥମ	ଏପ୍ରିଲ ୧୧	୪
ଦ୍ୱିତୀୟ	ଏପ୍ରିଲ ୧୮	୫
ତୃତୀୟ	ଏପ୍ରିଲ ୨୩	୫
ଚତୁର୍ଥ	ଏପ୍ରିଲ ୨୯	୫
ପଞ୍ଚମ	ମେ ୬	୫
ଷଷ୍ଠ	ମେ ୧୨	୮
ସପ୍ତମ	ମେ ୧୯	୮

୨୦୧୪ର ସ୍ଥିତି	
ଦଳ	ଆସନ
ଭାଜପା	୨୨
ଏଲ୍‌ଜେପି	୬
ଆର୍‌ଏସ୍‌ଏଲ୍‌ପି	୩
ଆର୍‌ଜେଡି	୪
ଜେଡିୟୁ	୨
କଂଗ୍ରେସ	୨
ଏନ୍‌ସିପି	୧

ଶତ୍ରୁଘ୍ନଙ୍କୁ ମିଳିବନି ଭାଜପା ଟିକେଟ

ନୂଆଦିଲ୍ଲୀ,୧୭।୩(ପି.ଟି.)

ବିହାରର ପାଟନା ସହିବ ଏମ୍‌ପି ଶତ୍ରୁଘ୍ନ ସିହ୍ନାଙ୍କୁ ଏଥର ଭାଜପା ଟିକେଟ ମିଳିବ ନାହିଁ। ଏହି ଆସନରୁ ଦଳ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେବ ବୋଲି ଜଣାପଡ଼ିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଭାଜପା କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକରେ ରବିଶଙ୍କରଙ୍କ ନାମ ଏକପ୍ରକାର ଚୂଡ଼ାନ୍ତ ହୋଇଥିବା କୁହାଯାଉଛି। ଶତ୍ରୁଘ୍ନ ଅତୀତରେ ବିଭିନ୍ନ ପ୍ରସଙ୍ଗ ଓ ଅବସରରେ ଭାଜପା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଥିବାରୁ ତାଙ୍କୁ ଟିକେଟ ଦିଆଯିବ ନାହିଁ ବୋଲି ଦୁଇଦିନ ତଳେ ବରିଷ୍ଠ ନେତା ସି.ପି. ଠାକୁର କହିଥିଲେ।

ପାଟନା ସାହିବରୁ ଲଢ଼ିବେ ରବିଶଙ୍କର


ଚେନ୍ନାଇରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ ଏବଂ ଉପମୁଖ୍ୟମନ୍ତ୍ରୀ ଓ. ପନ୍ନିରସେଲ୍‌ଭମ୍ ଏଆଇଏଡିଏମ୍‌କେର ସହଯୋଗୀ ଦଳଗୁଡ଼ିକୁ ଦିଆଯାଇଥିବା ଆସନ ତାଲିକା ଘୋଷଣା କରୁଛନ୍ତି।

ଖବର ସଂକ୍ଷେପରେ

* ଆନ୍ଧ୍ରପ୍ରଦେଶର ମୁଖ୍ୟ ବିରୋଧୀ ଦଳ ୱାଇଏସ୍‌ଆର୍ କଂଗ୍ରେସ ରବିବାର ୨୫ ଲୋକ ସଭା ଆସନ ଓ ବିଧାନସଭାର ୧୭୫ ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ୧୭୫ ବିଧାନସଭା ପ୍ରାର୍ଥୀଙ୍କ ମଧ୍ୟରୁ ୪୧ ଜଣ ପଛୁଆ ବର୍ଗ ଓ ୫ ମୁସଲମାନ ସମ୍ପ୍ରଦାୟର ବୋଲି ଦଳର ମୁଖ୍ୟ ୱାଇ.ଏସ୍. ଜଗନମୋହନ୍ ରେଡ୍ଡୀ ସୂଚନା ଦେଇଛନ୍ତି।

ୱାଇ.ଏସ୍. ଜଗନମୋହନ୍ ରେଡ୍ଡୀ

* ଲୋକ ସଭା ନିର୍ବାଚନ ପୂର୍ବରୁ ତେଲେଙ୍ଗାନାରେ କଂଗ୍ରେସକୁ ଝଟ୍‌କା ଲାଗିଛି। କଂଗ୍ରେସ ବିଧାୟକ ଭାନମା ଭେଙ୍କଟେଶ୍ୱର ରାଓ ରବିବାର କେ. ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ଟିଆର୍‌ଏସ୍‌ରେ ସାମିଲ ହୋଇଛନ୍ତି।
* ନିର୍ବାଚନ ପରିଚାଳନା ଖର୍ଚ୍ଚ ଅନୁଧ୍ୟାନ ପାଇଁ ନିର୍ବାଚନ କମିଶନ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)କୁ ହେଲିକପ୍ଟର ଓ ଚାର୍ଟର୍ଡ ଫ୍ଲାଇଟ୍‌ଗୁଡ଼ିକର ତଥ୍ୟ ମାଗିଛନ୍ତି। ଏଗୁଡ଼ିକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀମାନେ ବ୍ୟବହାର କରିବେ।
* ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଗୁଜରାଟର ଗାନ୍ଧୀନଗର ଲୋକ ସଭା ଆସନରୁ ନିର୍ବାଚନ ଲଢ଼ନ୍ତୁ ବୋଲି ଦଳୀୟ ସମର୍ଥକମାନେ ଅନୁରୋଧ କରିଛନ୍ତି। ଏହି ଆସନରୁ ଦଳର ବର୍ଷୀୟାନ ନେତା ଲାଲକୃଷ୍ଣ ଆଡ୍‌ଭାନୀ ୧୯୯୧ରୁ (୧୯୯୬ ବ୍ୟତୀତ) ଜିତିଆସୁଛନ୍ତି।
* ଭାଜପା ପକ୍ଷରୁ ଅରୁଣାଚଳ ପ୍ରଦେଶର ୫୪ ଓ ଆନ୍ଧ୍ରପ୍ରଦେଶର ୧୨୩ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି।
* ବିଏସ୍‌ପି ସୁପ୍ରିମୋ ମାୟାବତୀ ସମାଜବାଦୀଙ୍କ ଗଢ଼ ମୈନ୍‌ପୁରୀରେ ପ୍ରଚାର କରିବା ଏସ୍‌ପି ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ପ୍ରତି ଅପମାନ ହେବ ବୋଲି ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ କହିଛନ୍ତି।
* ୫ବର୍ଷ ମଧ୍ୟରେ ଭୋଟର ତାଲିକାରେ 'ଅନ୍ୟାନ୍ୟ' ବର୍ଗରେ କିନ୍ନରଙ୍କ ସଂଖ୍ୟା ୧୫,୩୦୬ ବଢ଼ିଛି।

MAYADHAR CLASSES
An Institute of Best Authors of India
Bhubaneswar & Cuttack Mob : 9040098054/55/56
Admission Open
Crash Course
Starts from 1st April 2019
Join 13 Month Course
Start early, go slowly, reach safely
with 30% Scholarship
Starts from 1st April 2019
100% Scholarship
MST-2019
100% Scholarship
MAYADHAR SCHOLARSHIP TEST
(Only for 12th Appearing Students)
Test Held on : 30th March & 31st March 2019
Top 50 Toppers will Get a chance
100% FREE Tuition Fee
SUMMER COURSE
Starts from 21.04.2019 for (10th Appearing Students)
+2 Science XI, XII Admission Open (Hostel Facility Avaialble)
Delta Square, Bhubaneswar, Mob- 9114401331 College Square, Cuttack-6370085443


ଲକ୍ଷ୍ନୌରେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ସ୍ୱାଗତ କରୁଛନ୍ତି ଦଳୀୟ ନେତା।

ଭାରତରେ ୨୨୯୩ ଦଳ

ନୂଆଦିଲ୍ଲୀ,୧୭।୩(ପି.ଟି.)

ଭରୋସା ପାର୍ଟି, ସବ୍‌ସେ ବଡ଼ି ପାର୍ଟି ଓ ରାଷ୍ଟ୍ରୀୟ ସାଫ୍ ନୀତି ପାର୍ଟି ହେଉଛି ଦେଶର ପ୍ରାୟ ୨,୩୦୦ ଦଳ ମଧ୍ୟରୁ ଅନ୍ୟତମ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏଭଳି କେତେକ ଦଳ ଗଢ଼ିଉଠିଛି। ସାଧାରଣ ନିର୍ବାଚନ ପାଇଁ ମାର୍ଚ୍ଚ ୧୦ରେ ନିର୍ବାଚନ କମିଶନ କାର୍ଯ୍ୟସୂଚୀ ଘୋଷଣା କରିଥିଲେ। ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ସୂତ୍ରରୁ ହସ୍ତଗତ ତଥ୍ୟାନୁସାରେ ଏହାର ଦିନେ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୯ ସୁଦ୍ଧା ଦେଶର ୨,୨୯୩ ରାଜନୈତିକ ଦଳ ପଞ୍ଜୀକୃତ ହୋଇଥିଲେ। ସେଗୁଡ଼ିକ ମଧ୍ୟରୁ ସ୍ୱୀକୃତିପ୍ରାପ୍ତ ଜାତୀୟ ଦଳ ୭ ଏବଂ ସ୍ୱୀକୃତିପ୍ରାପ୍ତ ଆଞ୍ଚଳିକ ଦଳ ସଂଖ୍ୟା ୫୯। ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଗତ ଫେବୃୟାରୀରୁ ମାର୍ଚ୍ଚ ମଧ୍ୟରେ ୧୪୯ ଦଳ ନିର୍ବାଚନ କମିଶନଙ୍କ ନିକଟରେ ପଞ୍ଜୀକୃତ ହୋଇଛନ୍ତି। ଫେବୃୟାରୀ ସୁଦ୍ଧା ଦେଶରେ ୨,୧୪୩ ରାଜନୈତିକ ଦଳ ପଞ୍ଜୀକୃତ ହୋଇଥିଲେ। ସେଗୁଡ଼ିକ ମଧ୍ୟରୁ ୫୮ଟି ଦଳ ଗତବର୍ଷ ନଭେମ୍ବର-ଡିସେମ୍ବରରେ ଅନୁଷ୍ଠିତ ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲେଙ୍ଗାନା, ମିଜୋରାମ ଓ ଛତିଶଗଢ଼ ବିଧାନସଭା ନିର୍ବାଚନ ପୂର୍ବରୁ ପଞ୍ଜୀକୃତ ହୋଇଥିଲେ।

ଫେବୃୟାରୀରୁ ମାର୍ଚ୍ଚ ମଧ୍ୟରେ ପଞ୍ଜୀକୃତ ହୋଇଛି ୧୪୯

ନିକଟରେ ପଞ୍ଜୀକୃତ ୧୪୯ ଦଳ ମଧ୍ୟରୁ କେତେଗୁଡ଼ିଏର ନାମ ହେଉଛି ବହୁଜନ ଆଜାଦ ପାର୍ଟି (ସୀତାମଢ଼ି, ବିହାର), ସାମୂହିକ ଏକତା ପାର୍ଟି (କାନପୁର, ଉତ୍ତରପ୍ରଦେଶ), ରାଷ୍ଟ୍ରୀୟ ସାଫ୍ ନୀତି ପାର୍ଟି (ଜୟପୁର, ରାଜସ୍ଥାନ), ସବ୍‌ସେ ବଡ଼ି ପାର୍ଟି (ଦିଲ୍ଲୀ), ଭରୋସା ପାର୍ଟି (ତେଲେଙ୍ଗାନା) ଏବଂ ନ୍ୟୁ ଜେନେରେଶନ୍ ପିପୁଲ୍ସ ପାର୍ଟି (କୋଏମ୍ବାଟୁର, ତାମିଲନାଡୁ)। ଏଭଳି ପଞ୍ଜୀକୃତ କିନ୍ତୁ ଅଣସ୍ୱୀକୃତିପ୍ରାପ୍ତ ଦଳଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ଚିହ୍ନରେ ନିର୍ବାଚନ ଲଢ଼ିବା ପାଇଁ ଅଧିକାର ଦିଆଯାଏ ନାହିଁ। ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି କେତେକ 'ଫ୍ରି ସିମ୍ବଲ' ମଧ୍ୟରୁ ଏହି ଦଳଗୁଡ଼ିକୁ ନିଜ ପାଇଁ ଚିହ୍ନ ବାଛିବାକୁ ପଡ଼ିଥାଏ। ନିର୍ବାଚନ କମିଶନଙ୍କ ସଦ୍ୟ ସର୍କୁଲାର ଅନୁସାରେ ବର୍ତ୍ତମାନ ଏପରି ୮୪ଟି 'ମୁକ୍ତ ଚିହ୍ନ' ରହିଛି।

"ଭାଜପା ଏବଂ ଏଆଇଏଡିଏମ୍‌କେକୁ ପରାଜିତ କରିବା ଲାଗି ତାମିଲନାଡୁରେ ମେଣ୍ଟ କରିଛୁ। ତେବେ ଦଳର ନୀତି ଆଦର୍ଶ ସହ ସାଲିସ କରାଯିବ ନାହିଁ।

–ଜି. ରାମକ୍ରିଷ୍ଣନ୍, ସିପିଆଇଏମ୍ ନେତା

"୨୦୧୪ ସାଧାରଣ ନିର୍ବାଚନ ଭଳି ଏଥର ମଧ୍ୟ ସମଦଶା ଭୋଗିବ ଡିଏମ୍‌କେ।

–ଏମ୍.କେ. ଆଲାଗିରି, ଡିଏମ୍‌କେରୁ ନିଲମ୍ବିତ ନେତା

"ବିରୋଧୀ ଦଳଗୁଡ଼ିକ ନିଜ ଭ୍ରଷ୍ଟାଚାର ଓ ଭୁଲ କାମଗୁଡ଼ିକୁ ନେଇ ହତାଶ ହୋଇପଡ଼ିଛନ୍ତି। ଏହା ସେମାନଙ୍କ ଅସ୍ତିତ୍ୱ ପ୍ରତି ସଙ୍କଟ ସୃଷ୍ଟି କରିଛି।

–ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ

ଆନ୍ତଃ ରାଜ୍ୟ ୩ ଚୋରା କଇଁଛ ବେପାରୀ ଗିରଫ

ବାଲେଶ୍ୱର ଅଫିସ୍, ୧୭।୩

ବାଲେଶ୍ୱର ରେଲୱେ ପୋଲିସ ଶନିବାର ରାତି ୨ଟାରେ ପୁରୀ-ସାନ୍ତରାଗାଛି ପାସେଞ୍ଜର ଟ୍ରେନ୍‌ରୁ ରୁପ୍‌ସା ନିକଟରେ ୪୫ଟି କଇଁଛ ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ୩ ଚୋରା ବେପାରୀଙ୍କୁ ଗିରଫ କରାଯାଇଛି। ରବିବାର ପୂର୍ବାହ୍ନରେ ସେମାନଙ୍କୁ ବନବିଭାଗ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଚାନ୍ଦିପୁର ବନବିଭାଗ ରେଞ୍ଜର ଦେବେନ୍ଦ୍ର ପାତ୍ର ସେମାନଙ୍କ ନାମରେ ମାମଲା (ନଂ. ୧୧୩/୧୮-୧୯) ରୁଜୁ କରି କୋର୍ଟଚାଲାଣ କରିଛନ୍ତି।

ଆନ୍ତଃ ରାଜ୍ୟ କଇଁଛ ବେପାରୀମାନେ ଦୀର୍ଘଦିନ ହେଲା ଏହି ବେପାର କରିଆସୁଥିଲେ ମଧ୍ୟ ପୋଲିସ ହାତରେ ଧରାପଡୁ ନ ଥିଲେ। ବିଶେଷ ସୂତ୍ରରୁ

ସାକ୍ଷୀଗୋପାଳରୁ କୋଲକାତା ଚେର

ଖବରପାଇ ରେଲୱେ ପୋଲିସ ଚଢାଉ କରି ସଫଳ ହୋଇଛି। ଗିରଫ ଯୁବକମାନେ ହେଲେ ପଶ୍ଚିମବଙ୍ଗ ଦାନ୍ତୁନ ଥାନା ଅଧୀନ ଚାଉଳିଆ ଗ୍ରାମର ଉତ୍ତମ ମଣ୍ଡଳ(୧୯), ଅଶୋକ ପରିଆ(୨୭), ଅନାଦି ସାସମଲ (୨୪)। ସେମାନେ ଓଡ଼ିଶାର ପୁରୀ ଜିଲା ସାକ୍ଷୀଗୋପାଳଠାରୁ କଇଁଛ କିଣି ୩ଟି ବ୍ୟାଗ୍‌ରେ ଭର୍ତ୍ତି କରି ଟ୍ରେନ୍ ଯୋଗେ କୋଲକାତା ବଜାରରେ ବିକ୍ରି ପାଇଁ ନେଉଥିଲେ। ଏମାନେ ଦୀର୍ଘଦିନ ଧରି ଏହି ବେପାର କରିଆସୁଥିବା ପୋଲିସ ପାଖରେ ସ୍ୱୀକାର କରିଛନ୍ତି। ଜବତ କଇଁଛକୁ ବୁଢ଼ାବଳଙ୍ଗ ନଦୀରେ ଛଡ଼ା ଯିବ ବୋଲି ବନବିଭାଗ ରେଞ୍ଜର ପାତ୍ର ପ୍ରକାଶ କରିଛନ୍ତି।

ଉଦ୍ଧାର କଇଁଛ ଓ ଗିରଫ ୩ ବେପାରୀ।

ଝଡ଼ତୋଫାନ ସହ କୁଆପଥର ବର୍ଷା

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ବାଲେଶ୍ୱରରେ ସନ୍ଧ୍ୟାରେ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ପ୍ରବଳ ବେଗରେ ପବନ ବହିଥିଲା। ଫଳରେ କେତେକ ଅଞ୍ଚଳରେ ଗଛ ଭାଙ୍ଗିପଡ଼ିବା ସହ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ସେହିପରି ନୂଆପଡ଼ା ଜିଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ଅଧିକ ରହିଛି। ଅପରାହ୍ନ ୩ରୁ ୪ଟା ମଧ୍ୟରେ ଝଡ଼ତୋଫାନ ସହ ବର୍ଷା ହୋଇଥିଲା। ବୌଦ୍ଧ ଜିଲାର ବିଭିନ୍ନ

୨୧ ତାରିଖ ଯାଏ ଲାଗିରହିବ କାଳବୈଶାଖୀ

ସ୍ଥାନରେ ମଧ୍ୟ କୁଆପଥର ବର୍ଷା ହୋଇଛି। ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇପଡ଼ିଥିଲା। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହିଭଳି ପରିସ୍ଥିତି ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗିରହିବ। କାଳବୈଶାଖୀ ପ୍ରଭାବରେ ପାଗରେ କୌଣସି ପରିବର୍ତ୍ତନ ଆସିବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୧୮ ତାରିଖ ଦିନ ଉତ୍ତର ଉପକୂଳ ଓଡ଼ିଶାର କେତେକ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ଆଶଙ୍କା କରାଯାଇଛି। ସୋମବାର ରାଜ୍ୟର ୮ ଜିଲା ବାଲେଶ୍ୱର, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, କେନ୍ଦୁଝର ଏବଂ ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ବର୍ଷା ସହ ଝଡ଼ତୋଫାନ ଓ ବିଜୁଳି ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ତେବେ ୨୨ତାରିଖରୁ ପାଗରେ ପରିବର୍ତ୍ତନ ଆସିବ। ୨୨ ତାରିଖ ଦିନ ବର୍ଷା କମିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ବର୍ଷା ପ୍ରଭାବରେ ତାପମାତ୍ରା କମିଥିଲେ ମଧ୍ୟ ସୋମବାର ମାଲକାନଗିରିରେ ରାଜ୍ୟରେ ସର୍ବାଧିକ ତାପମାତ୍ରା ୪୦ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ସୋନପୁରରେ ୩୮.୨ ଡିଗ୍ରୀ ତାପମାତ୍ରା ଥିବାବେଳେ ଭବାନୀପାଟଣାରେ ୩୮ ଡିଗ୍ରୀ ରହିଥିଲା। ଭୁବନେଶ୍ୱର ରାଜ୍ୟର ଚତୁର୍ଥ ଉତ୍ତପ୍ତ ସହର ଭାବେ ୩୭.୩ଡିଗ୍ରୀ ତାପମାତ୍ରାରେ ରହିଥିଲା। ବଲାଙ୍ଗୀରରେ ୩୭, ଅନୁଗୋଳରେ ୩୬.୭ ଓ ଚାନ୍ଦବାଲିରେ ୩୬.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ରାଜ୍ୟର ସମସ୍ତ ଜିଲାରେ ତାପମାତ୍ରା ୩୨ଡିଗ୍ରୀ ଉପରେ ରହିଛି।

ସିବିଏସ୍‌ଇ ସ୍କୁଲରେ ଏଚ୍‌ପିଇ ପିରିୟଡ୍ ବାଧ୍ୟତାମୂଳକ ହେବ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ସମସ୍ତ ସ୍କୁଲରେ ଏବେ ପ୍ରତିଦିନ ସ୍ୱାସ୍ଥ୍ୟ ଓ ଶାରୀରିକ ସମ୍ବନ୍ଧୀୟ ଶିକ୍ଷା ବା ହେଲ୍‌ଥ ଆଣ୍ଡ ଫିଜିକାଲ୍ ଏଜୁକେଶନ(ଏଚ୍‌ପିଇ) ପିରିୟଡ୍ ବାଧ୍ୟତାମୂଳକ ହେବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏହି ପିରିୟଡ୍‌କୁ ବାଧ୍ୟତାମୂଳକ କରାଯିବ। ଆସନ୍ତା ଶିକ୍ଷାବର୍ଷ ଅର୍ଥାତ୍ ୨୦୧୯ ଏପ୍ରିଲ ମାସରୁ ଏହା ଲାଗୁ ହେବ। ତେବେ ଗତବର୍ଷ ନବମରୁ ଦ୍ୱାଦଶ ପର୍ଯ୍ୟନ୍ତ ଏହି ପିରିୟଡ୍ ବାଧ୍ୟତାମୂଳକ କରାଯାଇଥିଲା। ଚଳିତବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏହାକୁ ସାମିଲ କରାଯାଇଛି। ତେଣୁ ଆସନ୍ତା ଶିକ୍ଷାବର୍ଷରୁ ସମସ୍ତ ସିବିଏସ୍‌ଇ ପରିଚାଳିତ ସ୍କୁଲରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଏଚ୍‌ପିଇ ପିରିୟଡ୍ ବାଧ୍ୟତାମୂଳକ ରହିବ।

NECC NATIONAL EGG CO-ORDINATION COMMITTEE 17.03.2019 Venco's CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	83	136	146
CTC	85	139	149
DKL	85	139	149
BDK	87	141	151
BLS	87	141	151
ANG	85	139	149

Eggs Retail Price- 45/-Dozen
Issued in the Interest of Consumers
*Conditions Apply

କୋଲକାତାରେ ଜରୁରୀ ଅବତରଣ କଲା ଇଣ୍ଡିଗୋ ବିମାନ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ପାଗ ଖରାପ ଯୋଗୁ ଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ଇଣ୍ଡିଗୋ ବିମାନ କୋଲକାତାରେ ଜରୁରୀ ଅବତରଣ କରିଥିଲା। ଇଣ୍ଡିଗୋ ୬ଇ୨୨୧୧ ବିମାନଟି ରବିବାର ଦିଲ୍ଲୀରୁ ଅପରାହ୍ନ ୪ଟାରୁ ଉଡ଼ାଣ କରି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜତୀୟ ବିମାନବନ୍ଦରରେ ସନ୍ଧ୍ୟା ୬ଟାରେ ଅବତରଣ କରିବାର ଥିଲା। କିନ୍ତୁ ଭୁବନେଶ୍ୱରରେ ପାଗ ଖରାପ ଯୋଗୁ ବିମାନଟି ଅବତରଣ କରିବାକୁ ଅସମର୍ଥ ହୋଇଥିଲା। ତେଣୁ କୋଲକାତାକୁ ଦିଗ ପରିବର୍ତ୍ତନ କରିବା ପାଇଁ ପାଇଲଟ୍ ଭୁବନେଶ୍ୱର ବିମାନବନ୍ଦର ଏଟିସିଙ୍କ ଅନୁମତି ଲୋଡ଼ିଥିଲେ। ପରେ ବିମାନ କୋଲକାତା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଥିଲା। ବିମାନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ନିଖିଲ୍
ପରିବାରବର୍ଗ

ଶିବାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

classified

real estate

SALE

Private plot for sale near AIIMS Hospital, Doon school, Sijua, Bhubaneswar 657/- sqft. 9437335686, 7008487006. D-66407

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି । 9937823228. D-65369

Sun Green Gardens at Kanti presents: sthitiban, litigation free, gharabari, high leavel, lowcost land for immediate construction under BDA Extension area with 30ft. internal road near Xavier University/ Aditya Birla International School. Promoted by: Bijan Patnaik Group: 8984647778, 9861028878. D-65396

Gharabari plot with 30' road & compoundwall at Brahmanajharilo Cuttack 68,000 sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452. D-65857

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଙ୍ଗାରୁ ବିକ୍ରିହେବ । 9178660666. D-66023

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9776934361, 7749026703. D-65385

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9776934361, 7749026703. D-65386

Patia KIIT ଜଗନ୍ନାଥ ମନ୍ଦିରଠାରେ residential plot 30'road, electricity ପାଚେରିସହ 1150/-. 8658935829. D-65392

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Herbal full body massage with refreshment by well trained therapist. 7381239385, 06742540855. D-66038

Experience full body massage with us by experts. Enquiry. 06742597822, 7377048581. D-66039

Herbal full body massage by smart/ expert therapist. Contact: 8338067247. D-66040

Newly opening ayurvedic body massage smart therapist, Shree herbal. 7750020754. D-66041

Improving your health, skin care through expert therapist, excellent offer. 9668374480. D-66042

LOST

On 11.03.2019 HDFC Bank identity card No. 343189 is lost. If the said identity card found, please return to GP Combines Pvt. Ltd, 155 Bapuji Nagar, Bhubaneswar, Ph no. 0674-6677777. D-62168

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ସପ୍ତମ ଜନ୍ମଦିନ ଶୁଭେଚ୍ଛା

(ଡୁଡୁନ୍)
ରାଜେନ୍ଦ୍ର କୁମାର ସାହୁ
ହରିଦାସପୁର, ଭୁବନେଶ୍ୱର

ଆଜି ତୋର ସପ୍ତମ ଜନ୍ମବାର୍ଷିକରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ପ୍ରାର୍ଥନା ସେ ତୋର ଚଲାପଥ କୁସୁମିତ କରିବା ସହିତ ତୋତେ ଦୀର୍ଘାୟୁ ଏବଂ ନୀରୋଗ କରନ୍ତୁ । **ଶୁଭେଚ୍ଛା ସହ: ବାପା, ବୋଉ, ବଡ଼ବାପା, ବଡ଼ମା, ଜେଜେମା, ମାମୁ, ମାଈଁ, ଅଜା, ଆଈ, ଭାଇ ଭଉଣୀ, ଦାଦା ଓ ବନ୍ଧୁବର୍ଗ ।**

ଧ-୧୧୭୧୫

ଜନ୍ମଦିନ ଶୁଭେଚ୍ଛା
ସୌମ୍ୟପ୍ରକାଶ (ବୁବୁ)
ଲଚି/୩୩, ବଡଗଡ ବ୍ରିଟ କଲୋନି, ବଡଗଡ, ଭୁବନେଶ୍ୱର

ଶୁଭ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ ଓ ତୋତେ ଦୀର୍ଘାୟୁ କରନ୍ତୁ । **ଶୁଭେଚ୍ଛା ଓ ଶୁଭକାମନା ସହ: ବଡ଼ବାପା, ବଡ଼ମା, ବାପା ଓ ମାମା, ବାଦା ଓ ଝୁଡୀ, ମାମୁଁ ଓ ମାଈଁ, ମଉସା ଓ ମାଉସୀ, ପିଉସା ଓ ପିଉସୀ, ବାବୁଲା ଭାଇ, ବାପିଭାଇ, କିଟୁ ଭାଇ, ଅରୁଣଭାଇ, ଜଗାଭାଇ, ଅମୁଭାଇ, ଚନ୍ଦନ ଭାଇ, ଶିଶୁ ଭାଇ, ଗୁଡୁଭାଇ, ମାନୀନାନୀ, ଲିଚୁନାନୀ, ଶିଖାନାନୀ, ସୁପ୍ରି, ଶ୍ରୁତି ଓ ସ୍ନାଇଲ୍ ।**

ଧ-୧୧୭୭୭

୫ଦିନ ବନ୍ଦ ରହିବ କ୍ୟାଟ

କଟକ ଅଫିସ, ୧୭।୩- ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (କ୍ୟାଟ) ଆସନ୍ତା ୨୦ ଏବଂ ୨୧ ତାରିଖ ହୋଲି ଉପଲକ୍ଷେ ବନ୍ଦ ରହିବ । ପର ଦୁଇଦିନ ଶୁକ୍ର ଓ ଶନିବାର ସରକାରୀ ଛୁଟି ଏବଂ ଏହାପରଦିନ ରବିବାର ପଡୁଥିବାରୁ ଆସନ୍ତା ୨୫ ତାରିଖ ସୋମବାର ଟ୍ରିବ୍ୟୁନାଲ ଖୋଲିବ । ତେବେ ଏହି ଛୁଟି ଦିନଗୁଡ଼ିକରେ ସକାଳ ୧୦ଟା ୩୦ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଜରୁରୀକାଳୀନ ସେବା ମିଳିବ ।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ମନୋରମା ମହାପାତ୍ର
ସ୍ୱର୍ଗତ ସଚ୍ଚିଦାନନ୍ଦ ମହାପାତ୍ରଙ୍କ ପତ୍ନୀ
26-A-Madhusudan Nagar
ଆବିର୍ଭାବ: ୦୧।୦୪।୧୯୩୩
ତିରୋଧାନ: ୦୮।୦୩।୨୦୧୯
ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୫୮୦୬୪

17th Death Anniversary

Late Khetramani Patnaik
DOB: 13.10.1932
DOD: 26.03.2002
Saddened again on your day BOU as you have been long-lost for all of us. Days spent with you is the best trip down the memory lane. You are alive in our heart and soul. Miss you. All family members & Relatives.

D-11708

ଦଶାହ ଉପଲକ୍ଷେ

ସ୍ୱର୍ଗତ ଦେବଦତ୍ତ ଶର୍ମା
ଦତ୍ତତୋଟା, ପୁରୀ
ଆବିର୍ଭାବ: ୯।୬।୧୯୩୯
ତିରୋଧାନ: ୯।୩।୨୦୧୯
ଆପଣଙ୍କ ଆଦର୍ଶ ଓ ଆଶୀର୍ବାଦ ଆମ ଚଲାପଥକୁ ଆଲୋକିତ କରୁଥାଉ । ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁଅ-ଗୌରୀଶଙ୍କର, ରାମହରି, ଉମାଶଙ୍କର, ପୁରୁଷୋତ୍ତମ, ଝିଅ-ରେଣୁବାଳା, ରେବତୀବାଳା ଓ ପରିବାରବର୍ଗ ।

ଧ-୬୩୭୬୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଭଗବାନ ଆଚାର୍ଯ୍ୟ
ଗଜରାଜପୁର, ନାଉଗାଁ, ଜଗତସିଂହପୁର
ତିରୋଧାନ: ଫାଲଗୁନ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି
ତୁମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁଅ-ଲିଟୁ, ଟିଟୁ, ମିଟୁ, ବୁଟୁ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ।

ଧ-୧୧୭୭୦

ପ୍ରଥମ ଜନ୍ମଦିନ ଶୁଭେଚ୍ଛା

ଶିବାଂଶ
କପିଳ ପ୍ରସାଦ, ଭୁବନେଶ୍ୱର

ପ୍ରଥମ ଜନ୍ମବାର୍ଷିକୀ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋର ଭବିଷ୍ୟତ ମଙ୍ଗଳମୟ ହେଉ, ତୁ ଦୀର୍ଘାୟୁ ହୋଇ ସମାଜରେ ଆଦରଣୀୟ ହୁଅ । ଶୁଭେଚ୍ଛା ସହ: ବାପା- ରାଜେଶ, ବୋଉ-ଶୁଭଶ୍ରୀ, ଜେଜେବାପା-ବୃନ୍ଦାବନ, ଅଜା-ଜଗଦା ପ୍ରସାଦ ସାବୁତ୍ ।

ଧ-୬୫୮୫୮

ଜନ୍ମଦିନ ଶୁଭେଚ୍ଛା

(Kandhei)
Priyadarshini Biswal
Happy Birthday

ତୁମ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା । ତୁମର ଭବିଷ୍ୟତ ଉଜ୍ଜ୍ୱଳ ଓ ସୁଖମୟ ହେଉ ଏବଂ ତୁମର ଚଲାପଥ କୁସୁମିତ ହେଉ ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା । ଶୁଭେଚ୍ଛା ସହ: ବାପା, ମା, ଆଈ, ଦାଦା, ଝୁଡୀ, ମାମୁଁ, ମାଈଁ, ମଉସା, ମାଉସୀ, ପିଉସା, ପିଉସୀ, ସାରଦା, ବାବୁ, ତପୁ, ଦୀପକ, ଲିଟୁ, ପିଙ୍କୁ, ଚିଙ୍କୁ, ଟୁଟୁ, କିଟୁ, ଟିକି, ମାମା, ସୀମା, ଢ଼ଢ଼ ସାଇ, ଗୁଡୁ, ମାମାଲି, ଟିଙ୍କି, ସ୍ୱାମିଜୀ ପବ୍ଲିକ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଆତ୍ମୀୟସ୍ୱଜନ ।

ଧ-୬୬୪୧୪

ନିର୍ଦ୍ଦେଶନା ଦେବାକୁ ଲକ୍ଷ୍ୟ ନାହିଁ: ସ୍ୱରା ଭାସ୍କର

ନୂଆଦିଲ୍ଲୀ: ଫିଲ୍ମ ନିର୍ମାଣ ପାଇଁ ଉଦ୍ୟମ କରୁଛି । କିନ୍ତୁ ନିର୍ଦ୍ଦେଶନା ଦେବାକୁ ଲକ୍ଷ୍ୟ ନାହିଁ ବୋଲି ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର ପ୍ରକାଶ କରିଛନ୍ତି । ଜଣେ ନିର୍ଦ୍ଦେଶିକା ହେବାକୁ ତାଙ୍କର ଦକ୍ଷତା କିମ୍ବା ଉଦ୍ଦେଶ୍ୟ ନ ଥିବା ସେ ସ୍ପଷ୍ଟ କରିଛନ୍ତି । 'ଲୋଟସ୍ ମେକ୍-ଅପ୍ ଇଣ୍ଡିଆ ଫ୍ୟାଶନ ୱିକ୍'ରେ ଯୋଗଦେବା ଅବସରରେ ସ୍ୱରା କହିଲେ, ଜଣେ ନିର୍ଦ୍ଦେଶିକା ହେବାକୁ ମୋର ଦକ୍ଷତା ଅଛି ବୋଲି ଭାବୁନାହିଁ । ଅଭିନେତ୍ରୀ ଭାବରେ ଖୁବ୍ ସନ୍ତୁଷ୍ଟ । ବର୍ତ୍ତମାନ ସ୍ୱରା ତାଙ୍କର ପ୍ରଡକ୍ସନ୍ ବ୍ୟାନର କହାନିଓ୍ୱାଲୀ ଦ୍ୱାରା କ୍ରିଷ୍ଣା ସେନ୍‌ଙ୍କ ଉପରେ ଏକ ବାୟୋପିକ୍ ନିର୍ମାଣ କରୁଛନ୍ତି । ଏହା କ୍ରିଷ୍ଣା ସେନ୍ ଓରଫ ସୁଇଟି ସେନ୍‌ଙ୍କ ବାସ୍ତବ କାହାଣୀ ଉପରେ ଆଧାରିତ । ଏ ପର୍ଯ୍ୟନ୍ତ ଏହାର ଟାଇଟଲ୍ ଦିଆଯାଇ ନ ଥିଲେ ମଧ୍ୟ ଏହି ବାୟୋପିକ୍ ଜଣେ ମହିଳାଙ୍କୁ କେନ୍ଦ୍ର କରି ଗଢ଼ିଉଠିଛି । ଏଥିରେ ମହିଳା ଜଣକ ପୁରୁଷ ବେଶରେ ବଞ୍ଚିବାକୁ ପସନ୍ଦ କରିବା ସହିତ ଦୁଇଜଣ ମହିଳାଙ୍କୁ ବିବାହ କରିଛନ୍ତି । ଏଥିରେ ସ୍ୱରାଙ୍କର ସର୍ବାଧିକ ଚାହିଦାନୁରୂପ ଭୂମିକା ରହିଛି । ୨୦୧୭ରେ 'ଅନାରକଲି ଅଫ୍ ଆରା' ଫିଲ୍ମରେ ସ୍ୱରା ପ୍ରମୁଖ ଭୂମିକାରେ ଅଭିନୟ କରି ବେଶ୍ ପ୍ରଶଂସିତ ହୋଇଥିଲେ ।

'ଭୟରେ ପଶ୍ଚିମ ଓଡ଼ିଶାରୁ ଲଢ଼ିବାକୁ କହୁଛନ୍ତି'

ଭୁବନେଶ୍ୱର, ୧୭।୩ (ବ୍ୟୁରୋ)

ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରୁ ନିର୍ବାଚନ ଲଢିଲେ ପରାଜୟ ସୁନିଶ୍ଚିତ । ଏହି ଭୟରେ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାରୁ ନିର୍ବାଚନ ଲଢିବେ ବୋଲି କହୁଛନ୍ତି । ଗଞ୍ଜାମ ଜିଲାରେ ନିର୍ବାଚନ ଲଢିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସତ୍‌ସାହସ ନାହିଁ ବୋଲି ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି । ଗୋଲକ କହିଛନ୍ତି, ବିଭିନ୍ନ ରିପୋର୍ଟରୁ ଜଣାପଡିଛି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିରୁ ସର୍ବାଧିକ ଶ୍ରମିକମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ସେହିପରି ଏତେ ବର୍ଷ ଧରି ହିଞ୍ଜିଳିରୁ ପ୍ରତିନିଧିତ୍ୱ କରି ଆସିବା ପରେ ପାନୀୟ ଜଳ ପାଇବାରୁ ହଜାର ହଜାର ଲୋକ ଏବେ ବଞ୍ଚିତ ଅଛନ୍ତି । ବିଦ୍ୟୁତ୍ ଆଧୁନିକୀକରଣ ପାଇଁ କୋଟି କୋଟି ଟଙ୍କା ଆସିଲା ସତ, କିନ୍ତୁ ହିଞ୍ଜିଳିରେ ହାତ ଗଣତି କେତୋଟି ଏଲଇଡି ବଲ୍‌ବ ଲଗାଇ ବାକି ଅର୍ଥ ଚଳୁ କରିଦେଲେ । ଏବେ ଉକ୍ତ ନିର୍ବାଚନମଣ୍ଡଳୀରେ ଥିବା ଗାଁଗୁଡିକରେ ଆଲୋକୀକରଣ ବ୍ୟବସ୍ଥା ହୋଇନାହିଁ । ମୁଖ୍ୟମନ୍ତ୍ରୀଙ୍କୁ ଏବେ ଗଞ୍ଜାମବାସୀ ପ୍ରଶ୍ନ କରିବା ଆରମ୍ଭ କଲେଣି । ଦୀର୍ଘବର୍ଷ ଧରି ମୁଖ୍ୟମନ୍ତ୍ରୀ ରହି ମଧ୍ୟ ଗଞ୍ଜାମ ଜିଲାର କୌଣସି ବିକାଶ ହେଲା ନାହିଁ । ପୂରା ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ବିଦ୍ରୋହର ସ୍ୱର ଉଠିଲାଣି । ମୁଖ୍ୟମନ୍ତ୍ରୀ ଏବେ ପଳାୟନପନ୍ଥୀ ଅବଲମ୍ବନ କରି ଅନ୍ୟ ବାଟ ଖୋଜୁଛନ୍ତି ବୋଲି ଗୋଲକ କହିଛନ୍ତି ।

ପ୍ରଥମ ପୃଷ୍ଠାରୁ...

ପରପାରିରେ...

ପ୍ରଚାରକରୁ ପାରିକର ଦେଶର ପ୍ରତିରକ୍ଷା ମନ୍ତ୍ରୀ ଓ ୪ ଥର ଗୋଆ ମୁଖ୍ୟମନ୍ତ୍ରୀ ହୋଇଥିଲେ । ଭାଜପାର ସବୁ ଗୋଷ୍ଠୀ ଏପରିକି ଅନ୍ୟ ଦଳରେ ମଧ୍ୟ ତାଙ୍କର ଆଦୃତି ରହିଥିଲା । ଗୋଆରେ ଭାଜପାକୁ କ୍ଷମତାକୁ ଆଣିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା । ସେ ପ୍ରତିରକ୍ଷା ମନ୍ତ୍ରୀ ଥିବାବେଳେ ଭାରତୀୟ ବାୟୁସେନା ପାକ୍ ଅଧିକୃତ କଶ୍ମୀରରେ ପ୍ରବେଶ କରି ସର୍ଜିକାଲ ଷ୍ଟ୍ରାଇକ କରିଥିଲା ।

ପରଲୋକ ଖବର ଆସିବା ପରେ ତାଙ୍କ ବାସଭବନକୁ ବହୁ ବିଶିଷ୍ଟ ବ୍ୟକ୍ତି ଓ ଆତ୍ମୀୟ ସ୍ୱଜନଙ୍କ ସୁଅ ଛୁଟିଛି । ସେଠାରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି । ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ଅଧ୍ୟକ୍ଷ ଅମିତ ଶାହ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ପାରିକରଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି । ପାରିକର ସାଧୁତା ଓ ତ୍ୟାଗର ପ୍ରତୀକ ଥିଲେ । ଗୋଆ ଏବଂ ସାରା ଦେଶ ପାଇଁ ତାଙ୍କର ସେବା ସ୍ମରଣୀୟ ହୋଇ ରହିବ ବୋଲି ରାଷ୍ଟ୍ରପତି ଟୁଇଟ୍ କରିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ ଲେଖିଛନ୍ତି ପାରିକର ଜଣେ ଅତୁଳନୀୟ ନେତା ଥିଲେ । ସେ ପ୍ରକୃତ ଦେଶଭକ୍ତ ଏବଂ ଜଣେ ଅସାଧାରଣ ପ୍ରଶାସକ । ତାଙ୍କର ଦେଶସେବା ବହୁ ପିଢ଼ି ପର୍ଯ୍ୟନ୍ତ ସ୍ମରଣୀୟ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି । ଗୋଆର ରାଜନୈତିକ ସ୍ଥିତି ସମ୍ପର୍କରେ ଆଲୋଚନା ଲାଗି ଭାଜପା ବିଧାୟକ ଦଳର ବୈଠକ ଡକାଯାଇଛି । ସୋମବାର ପୂର୍ବାହ୍ନ ୧୧ଟାରେ କେନ୍ଦ୍ର କ୍ୟାବିନେଟ ପକ୍ଷରୁ ଶୋକସଭା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ର ସରକାର ସୋମବାରକୁ ରାଷ୍ଟ୍ରୀୟ ଶୋକ ଦିବସ ଘୋଷଣା କରିଛନ୍ତି ।

ଆଜି ଶେଷକୃତ୍ୟ

ସୋମବାର ସଂଧ୍ୟାରେ ମିରାମରଠାରେ ମନୋହର ପାରିକରଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯିବ । ପାରିକରଙ୍କ ପାର୍ଥିବ ଶରୀରକୁ ସୋମବାର ପୂର୍ବାହ୍ନ ୯ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ଭାଜପା ମୁଖ୍ୟ କାର୍ଯ୍ୟାଳୟରେ ରଖାଯାଇ ସେଠାରୁ କଳା ଏକାଡେମୀ ସ୍ଥାନାନ୍ତର କରାଯିବ ବୋଲି ଭାଜପା ମୁଖପାତ୍ର ସୂଚନା ଦେଇଛନ୍ତି । ପୂର୍ବାହ୍ନ ୧୧ଟାରୁ ୪ଟା ମଧ୍ୟରେ ଜନସାଧାରଣ ସେଠାରେ ଶେଷଦର୍ଶନ କରିବାର ସୁଯୋଗ ପାଇବେ । ସେଠାରୁ ୪ଟାରେ ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ମିରାମରକୁ ନିଆଯାଇ ୫ଟାରେ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ କରାଯିବ । କେନ୍ଦ୍ର ସରକାର ସୋମବାରକୁ ଜାତୀୟ ଶୋକଦିବସ ଭାବେ ପାଳନ ପାଇଁ ଘୋଷଣା କରିଛନ୍ତି । ପାରିକରଙ୍କ ବିୟୋଗରେ ରାଜଧାନୀ ଦିଲ୍ଲୀ, କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ରାଜ୍ୟ ରାଜଧାନୀଗୁଡ଼ିକରେ ଜାତୀୟ ପତାକା ଅର୍ଦ୍ଧନମିତ କରାଯିବ ।

ଭାଜପାରେ...

ପ୍ରକାଶ ଦଳରୁ ଇସ୍ତଫା ଦେଇଥିବା କହିଥିଲେ । ଅନ୍ୟପଟେ ତାଙ୍କୁ କଟକ ଜିଲା ସଭାପତି ପଦରୁ ହଟାଇ ଦିଆଯିବା କାରଣରୁ ମଧ୍ୟ ସେ ଅସନ୍ତୁଷ୍ଟ ଥିବା କହିଥିଲେ । ଏହାପରେ ପ୍ରକାଶ ଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟଠାରେ ଭାଜପାରେ ଯୋଗଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦଳର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂ ଦେଓ ଏବଂ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ପ୍ରକାଶ ଦଳରେ ସାମିଲ ହୋଇଛନ୍ତି । ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଉପସ୍ଥିତ ଅନ୍ୟ ବରିଷ୍ଠ ନେତୃବୃନ୍ଦମାନେ ପ୍ରକାଶଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ଭାଜପାରେ ସ୍ୱାଗତ କରିଛନ୍ତି । ଭାଜପାରେ ଯୋଗଦାନ ପରେ ସେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କୁ ଭେଟିଥିଲେ । ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରକାଶଙ୍କ ଯୋଗଦାନ ଓଡିଶା ରାଜନୀତିକୁ ପ୍ରଭାବିତ କରିବ । ଏହାସହ କେନ୍ଦ୍ରାପଡା ଲୋକ ସଭା ନିର୍ବାଚନମଣ୍ଡଳୀକୁ ମଧ୍ୟ ପ୍ରଭାବିତ କରିବା ସହ ଉପକୂଳରେ ଭାଜପା ମଜଭୁତ ହେବ । ପ୍ରକାଶ ପ୍ରଦେଶ କଂଗ୍ରେସର ଜଣେ ଟାଣୁଆ ନେତା ଥିଲେ । କଟକ ଭଳି ରାଜନୈତିକ ଜିଲାରେ ସେ କଂଗ୍ରେସ ସଭାପତି ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅନେକ ଥର ଓଡିଶା ଗସ୍ତରେ ଆସୁଛନ୍ତି । ଗତଥର ଓଡିଶା ଗସ୍ତର ଦିନକ ପରେ ପ୍ରକାଶ ଭାଜପାରେ ଯୋଗଦେଇଛନ୍ତି । ରାହୁଲଙ୍କ ନେତୃତ୍ୱରେ ରାଜ୍ୟ କଂଗ୍ରେସର ଭରସା ନ ଥିବା ପ୍ରକାଶଙ୍କ ଯୋଗଦାନ ପ୍ରମାଣିତ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ସ୍ୱୀକାର କରି ସେ ଭାଜପାରେ ସାମିଲ ହୋଇଛନ୍ତି । ଓଡିଶାରେ ଭାଜପାକୁ ବଡ କରିବାରେ ସକ୍ରିୟ ଭୂମିକା ପ୍ରକାଶଙ୍କ ରହିବ ବୋଲି ଧର୍ମେନ୍ଦ୍ର କହିଛନ୍ତି ।

ଭାଜପାରେ ସାମିଲ ହୋଇ ପ୍ରକାଶ କହିଛନ୍ତି, କଂଗ୍ରେସରେ ଚାଲିଥିବା ଗୋଷ୍ଠୀ କନ୍ଦଳ ପାଇଁ ଆମେ ବିକାଶଠାରୁ ପଛରେ ରହିଗଲୁଣି । ଦେଶ ଓ ରାଜ୍ୟର ଉନ୍ନତି କଥା ଭୁଲିଗଲୁଣି । ବର୍ତ୍ତମାନ ଯେତେବେଳେ ସାରା ଦେଶରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିକାଶ ହେଉଛି, ରାଜ୍ୟରେ ସେହି ବିକାଶ ଧାରାକୁ ଅ

ନବୀନ ନିବାସରେ ଭିଡ଼

ବିଜେଡି ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଜାରି ରହିଥିବା ବେଳେ ରବିବାର ନବୀନ ନିବାସରେ ଆଶାୟୀ ଓ ନେତାମାନଙ୍କ ଭିଡ଼।

ଆଜି ପ୍ରଥମ ପର୍ଯ୍ୟାୟ ବିଜେଡି ପ୍ରାର୍ଥୀ ଘୋଷଣା ସମ୍ଭାବନା

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ପାଇଁ ସୋମବାର ବିଜେଡି ପ୍ରାର୍ଥୀ ଘୋଷଣା କରିବାର ସମ୍ଭାବନା ରହିଛି। ୪ ଲୋକ ସଭା ଏବଂ ୨୮ ବିଧାନସଭା ନେଇ ବିଜେଡି ପ୍ରାର୍ଥୀ ଘୋଷଣା କରିବ। ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଏବଂ ବ୍ରହ୍ମପୁର ଲୋକ ସଭା ଏବଂ ଏହି ଆସନ ଅନ୍ତର୍ଗତ ବିଧାନସଭାଗୁଡିକରେ ଭୋଟ ହେବ। ସମସ୍ତ ୪ଟି ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀ ବଦଳାଇବାର ସମ୍ଭାବନା ରହିଛି। ସେହିପରି ପାଖାପାଖି ୮ ବିଧାୟକ ଟିକେଟରୁ ବଞ୍ଚିତ ହୋଇପାରନ୍ତି। ଟିକେଟ୍ ପାଉ ନ ଥିବା ବିଧାୟକଙ୍କ ଆଭିମୁଖ୍ୟ ନେଇ ମଧ୍ୟ ରାଜନୈତିକ ମହଲର ନଜର ରହିବ।

ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା ପୂର୍ବରୁ ରବିବାର ଦିନତମାମ ନବୀନ ନିବାସରେ ଦଳୀୟ ନେତାଙ୍କ ସହ ବାରମ୍ବାର ଆଲୋଚନା କରାଯାଇଛି। ବ୍ରହ୍ମପୁର ଲୋକ ସଭା ଏବଂ ବିଧାନସଭା ଆସନ ନେଇ ସରଗରମ ଆଲୋଚନା ହେଉଥିବା ଜଣାପଡିଛି। ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ବ୍ରହ୍ମପୁର ବିଧାନସଭାରୁ ରମେଶ ଚ୍ୟାଉପଟ୍ଟନାୟକଙ୍କ ପ୍ରାର୍ଥିତ୍ୱକୁ ପରୋକ୍ଷରେ ସମର୍ଥନ କରିଥିଲେ। ଏହି ଆସନ ପାଇଁ ଅନ୍ୟତମ ଆଶାୟୀ ବିକ୍ରମ ପଣ୍ଡାଙ୍କ ନାଁ ନ ନେଇ ବିରୋଧାଭାଷ ଜାହିର କରିଥିଲେ। ସେଥିପାଇଁ ସନ୍ଧ୍ୟା ସମୟରେ ତାଙ୍କୁ ନବୀନ ନିବାସ ଡକାଯାଇ ଆଲୋଚନା କରାଯାଇଥିବା ଜଣାପଡିଛି। ତେଣୁ କେଉଁ ଆସନରେ ବିଜେଡି ସଭାପତି କାହାକୁ ପ୍ରାର୍ଥୀ କରୁଛନ୍ତି, ତାହା ତାଲିକା ଘୋଷଣା ପରେ ହିଁ ଜଣାପଡିବ।

ସେହିପରି ଭଦ୍ରକ ଜିଲା ପର୍ଯ୍ୟବେକ୍ଷକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନବୀନ ନିବାସ ଗସ୍ତ କରି ଜିଲାରେ ଦଳୀୟ ସ୍ଥିତି ସମ୍ପର୍କରେ ରିପୋର୍ଟ ପ୍ରଦାନ କରିଛନ୍ତି। ତାଙ୍କ ସହ ବିଜୟଶ୍ରୀ ରାଉତରାୟ, ମୁକ୍ତିକାନ୍ତ ମଣ୍ଡଳ ଓ ଭଦ୍ରକର ଅନ୍ୟାନ୍ୟ ନେତାଙ୍କୁ ଦେଖିବାକୁ ମିଳିଥିଲା। କଳାହାଣ୍ଡି ଜିଲାରୁ ପୁଷ୍ପେନ୍ଦ୍ର ସିଂ ଦେଓ, ଦିବ୍ୟଶଙ୍କର ମିଶ୍ର, ଅର୍କ କେଶରୀ ଦେଓ, ଭୂପିନ୍ଦର ସିଂ, ବଳଭଦ୍ର ମାଝି ପ୍ରମୁଖଙ୍କୁ ନବୀନ ନିବାସରେ ଦେଖିବାକୁ ମିଳିଥିଲା। ସୁନ୍ଦରଗଡ ବିଧାନସଭା ପାଇଁ କୁସୁମ ଟେଟେ ଏବଂ ଯୋଗେଶ ସିଂଙ୍କ ମଧ୍ୟରୁ କାହାକୁ ପ୍ରାର୍ଥୀ କରାଯିବ, ସେ ନେଇ ସ୍ପଷ୍ଟ ଚିତ୍ର ମିଳିନାହିଁ। କୁସୁମ ରବିବାର ସୁନ୍ଦରଗଡ ଉନ୍ନୟନ ପରିଷଦର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ତେଣୁ ଏହି ଆସନ ନେତୃତ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଦିଲୀପ ତିର୍କୀଙ୍କୁ ପ୍ରାର୍ଥୀ କରାଯିବ ନା ନାହିଁ, ସେ ନେଇ ମଧ୍ୟ ସ୍ପଷ୍ଟ ସୂଚନା ମିଳିନାହିଁ। ସୁନ୍ଦରଗଡ ପର୍ଯ୍ୟବେକ୍ଷକ ପ୍ରଶାନ୍ତ ନନ୍ଦ, ବରିଷ୍ଠ ବିଜେଡି ନେତା ମଙ୍ଗଳା କିଷାନ, ଶାରଦା ନାୟକ ପ୍ରମୁଖ ଜିଲାରେ ଦଳୀୟ ସ୍ଥିତି ନେଇ ନେତୃତ୍ୱଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। କିଛିଦିନ ପୂର୍ବରୁ ଭୁବନେଶ୍ୱର ଲୋକ ସଭା ଆସନରେ ପ୍ରସନ୍ନ ପାଟଶାଣୀଙ୍କୁ ପରିବର୍ତ୍ତନ କରାଯିବ ବୋଲି ଶୁଣିବାକୁ ମିଳୁଥିଲା। ତାଙ୍କ ସ୍ଥାନରେ ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଅରୂପ ପଟ୍ଟନାୟକଙ୍କ ପ୍ରାର୍ଥିତ୍ୱ ନେଇ ଚର୍ଚ୍ଚା ଜୋର ଧରିଥିଲା। ହେଲେ ରବିବାର ପାଟଶାଣୀଙ୍କୁ ନବୀନ ନିବାସ ଡକାଯାଇଥିଲା। ତେଣୁ ଭୁବନେଶ୍ୱର ଲୋକ ସଭା ନେଇ ଚିତ୍ର ଏବେ ବି ଅସ୍ପଷ୍ଟ ରହିଛି। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ବାଗ୍‌ଚୀଙ୍କୁ ମଧ୍ୟ ନବୀନ ନିବାସରେ ଦେଖିବାକୁ ମିଳିଛି। ଶେଷତମ ସୂଚନା ଅନୁଯାୟୀ ବାଗ୍‌ଚୀ ଓଡ଼ିଶା ଦକ୍ଷତା ବିକାଶ ପରିଷଦ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ନିଜ ଇସ୍ତଫା ସମ୍ପର୍କରେ ସୂଚନା ଦେବା ପାଇଁ ରବିବାର ସନ୍ଧ୍ୟାରେ ସେ ନବୀନ ନିବାସ ଆସିଥିବା ଜଣାପଡ଼ିଛି। ବାଗ୍‌ଚୀ ଟୁଇଟ୍ କରି ତାଙ୍କ ଇସ୍ତଫା ସମ୍ପର୍କରେ ଜଣାଇଛନ୍ତି।

ବିଜେଡିରେ ମିଶିଲେ କିନ୍ନର ମୀରା

ଭୁବନେଶ୍ୱର,୧୭।୩(ବ୍ୟୁରୋ)

କିନ୍ନର ଆଖଡ଼ାର ମହାମଣ୍ଡଳେଶ୍ୱର ମୀରା ପରିଡ଼ା, ଭାରତର ସର୍ବପ୍ରଥମ କିନ୍ନର କ୍ୟାବ୍ ଡ୍ରାଇଭର ମେଘନା ସାହୁ, ସମାଜସେବୀ ସାଧନା ମିଶ୍ର, ସୋନମ, ମାଧୁରୀ, ଆୟଶା ବେହେରା, ରଚନା ବେହେରାଙ୍କ ସମେତ ଶତାଧିକ କିନ୍ନର ଓ ମହିଳା ରବିବାର

ବଲାଙ୍ଗୀର ଅଞ୍ଚଳର ବହୁ କର୍ମୀ ମଧ୍ୟ ସାମିଲ

ବିଜେଡିରେ ସାମିଲ ହୋଇଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ କିନ୍ନରମାନଙ୍କ ଯୋଗଦାନକୁ ସ୍ୱାଗତ କରିଛନ୍ତି। ନବୀନ ନିବାସରେ ହୋଇଥିବା ମିଶ୍ରଣ ଦ୍ୱାରା ବିଜେଡିର ଶକ୍ତି ବୃଦ୍ଧି ହେବା ନେଇ ମଧ୍ୟ ଆଶା ପ୍ରକଟ କରିଛନ୍ତି। ସେହିପରି ବିଜେଡିରେ ସାମିଲ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ମୀରା ଏବଂ ତାଙ୍କର ସମସ୍ତ ସହଯୋଗୀ ଧନ୍ୟବାଦ ଜଣାଇଛନ୍ତି। ଖୋର୍ଦ୍ଧା ଜିଲା ଅନ୍ତର୍ଗତ ବେଗୁନିଆ ବିଧାନ ସଭା ଆସନରୁ ପ୍ରାର୍ଥୀ ହେବା ପାଇଁ ମୀରା ଆଗ୍ରହ ପ୍ରକାଶ କରିଛନ୍ତି। ସେହିପରି ଅନ୍ୟ ଏକ ମିଶ୍ରଣ ପର୍ବରେ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଏବଂ ପୂର୍ବତନ ବିଧାୟକ ସାରଦା ନାୟକଙ୍କ ନେତୃତ୍ୱରେ ବହୁସଂଖ୍ୟକ ବୁଦ୍ଧିଜୀବୀ ବିଜେଡିରେ ସାମିଲ ହୋଇଛନ୍ତି। ବଲାଙ୍ଗୀର ପୌରପରିଷଦ ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ସାଗରିକା ଗୁରୁ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସଭାପତି ଅରୁଣ କୁମାର ମିଶ୍ର, ଭାଜପା ନେତ୍ରୀ ଗୀତା ପରିଡ଼ା, ଭବାନୀ ଶଙ୍କର ଦୀପ, ସୁରେଶ ଧରୁଆ, ସୁଜିତ ବେହେରା, କଂଗ୍ରେସର ଅଭୟ କୁମାର, ସୁରେନ୍ଦ୍ର ନାଗ, ବୀର ନାଗ, ସୁଶାନ୍ତ ସ, ରାଜେଶ ଦୋରା ଏବଂ ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଉଛନ୍ତି କିନ୍ନର ଆଖଡ଼ାର ମହାମଣ୍ଡଳେଶ୍ୱର ମୀରା ପରିଡ଼ା।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ଆଜି

ଭୁବନେଶ୍ୱର,୧୭।୩(ବ୍ୟୁରୋ): ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ସୋମବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ବିଭିନ୍ନ ଲୋକସଭା ଏବଂ ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ବ୍ୟକ୍ତିବିଶେଷମାନେ ପ୍ରାର୍ଥୀପତ୍ର ଦାଖଲ କରିପାରିବେ। ଚଳିତ ମାସ ୨୫ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ରଖାଯାଇଛି। ଏହାର ପରଦିନ ଅର୍ଥାତ ୨୬ ମାର୍ଚ୍ଚ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ସେହିପରି ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ୨୮ ପର୍ଯ୍ୟନ୍ତ ସମୟ ରହିଛି। ଏହି ପର୍ଯ୍ୟାୟରେ ଆସନ୍ତା ୧୧ ଏପ୍ରିଲରେ ଭୋଟ ଗ୍ରହଣ କରାଯିବ। ରାଜ୍ୟର ୪ ଲୋକ ସଭା ଆସନ ପାଇଁ ପ୍ରଥମ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ। ଏହି ଆସନଗୁଡିକ ହେଉଛି– କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ବ୍ରହ୍ମପୁର। ସେହିପରି ଉପରୋକ୍ତ ଲୋକ ସଭା ଅର୍ନ୍ତଗତ ୨୮ ବିଧାନସଭା ଆସନ ପାଇଁ ମଧ୍ୟ ଭୋଟ ଗ୍ରହଣ କରାଯିବ।

କେନ୍ଦ୍ର ଯୋଜନାରେ ବିକାଶ ସମ୍ଭବ ହୋଇପାରିଛି: ବଳଭଦ୍ର

ଭୁବନେଶ୍ୱର,୧୭।୩ (ବ୍ୟୁରୋ)

ନବରଙ୍ଗପୁରରେ କେନ୍ଦ୍ରୀୟ ଯୋଜନା ଦ୍ୱାରା ବିକାଶମୂଳକ କାର୍ଯ୍ୟ ହୋଇପାରିଛି। କେନ୍ଦ୍ର ସରକାର ଅନୁଦାନ ଦ୍ୱାରା ଏସବୁ ସମ୍ଭବ ହୋଇଛି। ନବରଙ୍ଗପୁର ଜିଲାର ଭିତ୍ତିଭୂମି, ଅର୍ଥନୈତିକ ଏବଂ ସାମାଜିକ ଅଭିବୃଦ୍ଧି କରିବା ଉଦ୍ଦେଶ୍ୟରେ ରାଜନୈତିକ ଜୀବନ ଆରମ୍ଭ କରିଥିଲି। ଜୟପୁର–ମାଲକାନଗିରି, ଜୟପୁର–ନବରଙ୍ଗପୁର ରେଳ ପ୍ରକଳ୍ପ କାମ ମୋ ଉଦ୍ୟମରେ ହୋଇଛି ବୋଲି ଭାଜପାରେ ଯୋଗଦେଇଥିବା ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବଳଭଦ୍ର କହିଛନ୍ତି, ଗତ ୫ବର୍ଷରେ ପାଖାପାଖି ୨୫ଶହ କିଲୋମିଟର ଗ୍ରାମ୍ୟ ରାସ୍ତା ନିର୍ମାଣ ହୋଇଛି। ପ୍ରାୟ ସବୁ ଗାଁକୁ ବିଦ୍ୟୁତ ସଂଯୋଗ କରାଯାଇଛି । ହେଲେ କେନ୍ଦ୍ର ସରକାର ଯୋଗାଉଥିବା ଆର୍ଥିକ ସହାୟତାକୁ ରାଜ୍ୟ ସରକାର ଠିକ ଭାବେ ବିନିଯୋଗ କରିନାହାନ୍ତି। ଆଦିବାସୀ ଓ ପଛୁଆ ଅଞ୍ଚଳର ବିକାଶରେ ବିଜେଡି ସବୁଠୁ ବଡ ବାଧକ ସାଜିଛି। ଏଥିପାଇଁ ତାଙ୍କୁ ଦଳ ଛାଡିବାକୁ ପଡିଲା ବୋଲି ବଳଭଦ୍ର କହିଛନ୍ତି। ଅବିଭକ୍ତ କୋରାପୁଟ ଅଞ୍ଚଳରେ ଆଦିବାସୀମାନଙ୍କର ବିକାଶ ହେବ ଭାବି ସ୍ୱପ୍ନ ଦେଖି ରାଜନୀତିକୁ ଆସିଥିଲି। ମାତ୍ର କେନ୍ଦ୍ର ସରକାର ପ୍ରଣୟନ କରିଥିବା ସମସ୍ତ ଯୋଜନାର ଲାଭକୁ ରାଜ୍ୟ ସରକାର ଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚାଇଲେ ନାହିଁ କି କାର୍ଯ୍ୟକାରୀ କଲେ ନାହିଁ । ଆଦିବାସୀମାନେ ଏବେ ମଧ୍ୟ ଅବହେଳିତ ଅବସ୍ଥାରେ ଅଛନ୍ତି। ଦଳରେ ମୋତେ ଅଣଦେଖା କରାଯାଉଥିଲା ଏବଂ କୌଣସି ବି ଦଳୀୟ ସଭାରେ ସାମିଲ କରାଯାଉ ନ ଥିଲା। ପରୋକ୍ଷରେ ବିଜେଡି ଦଳ ମୋତେ ଛୁରା ମାରୁଥିଲା ଏବଂ ଦଳରୁ ବିତାଡିତ କରିବାର ଚକ୍ରାନ୍ତ କରାଯାଇଥିଲା। ସେଥିପାଇଁ ବିଜେଡି ଛାଡିବାକୁ ବାଧ୍ୟ ହେଲି । ନବରଙ୍ଗପୁର ଜିଲାରେ ୪ଟି ବ୍ଲକ ରହିଛି, ଯେଉଁଠି ଲକ୍ଷଲକ୍ଷ ଲୋକ ବସବାସ କରୁଛନ୍ତି । ମାତ୍ର ସେଠାରେ ଗୋଟିଏ ବି କଲେଜ ନିର୍ମାଣ କରାଯାଇନାହିଁ। ମୋର ପ୍ରଥମ ଦିନରୁ ପ୍ରାଥମିକତା ଥିଲା କିଭଳି ଭାବେ ସେଠାରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିବ। ରାଜ୍ୟ ସରକାର ଏବଂ ପ୍ରଶାସନ ସରକାରୀ କଲେଜ ହୋଇପାରିବା ପାଇଁ କିଛି ଯୋଜନା କଲେନାହିଁ। ଯେଉଁଠି ଲୋକମାନେ ଖାଇବାକୁ ପାଉନାହାନ୍ତି ସେଠାରେ ସେଲଫ୍ ଫାଇନାନ୍‌ସିଂ କଲେଜରେ କିଭଳି ପାଠ ପଢିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଦକ୍ଷତା, ନୀତି ଓ ଆଦର୍ଶରେ ଆକୃଷ୍ଟ ହୋଇ ଭାଜପାରେ ଯୋଗ ଦେଇଥିବା ବଳଭଦ୍ର କହିଛନ୍ତି।

ବଳଭଦ୍ରଙ୍କ ଅଭିଯୋଗ ନେଇ ମନ୍ତ୍ରୀ ରମେଶ ମାଝୀ କହିଛନ୍ତି ଯେ, ନବରଙ୍ଗପୁର ଜିଲାରେ ଯାହା ସବୁ ବିକାଶ ହୋଇଛି ସେସବୁ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଯୋଗୁରୁ ସମ୍ଭବ ହୋଇପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଦିବାସୀମାନଙ୍କ ଉନ୍ନତି ସମ୍ଭବ ହୋଇପାରିଛି। ଯଦି ବଳଭଦ୍ରବାବୁ ରାଜ୍ୟ ସରକାରଙ୍କ ବିରୋଧରେ ଅଭିଯୋଗ କରୁଛନ୍ତି ତେବେ ଏତେଦିନ କିପରି ଥିଲେ। ତାଙ୍କୁ କିଏ ଚିହ୍ନିଥିଲା। ମୁଖ୍ୟମନ୍ତ୍ରୀ ତାଙ୍କୁ ଟିକେଟ ଦେଲାରୁ ୫ବର୍ଷ ପାଇଁ ନିର୍ବାଚିତ ହେଲେ। ଲୋକଙ୍କ ସହିତ ରହିଲେନି, ସେଥିପାଇଁ କ'ଣ ଆମେ ଦାୟୀ ବୋଲି ରମେଶ ପ୍ରଶ୍ନ କରିଛନ୍ତି।

ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ।
–ଶ୍ରୀମା

ଆତଙ୍କର ସିଧା ପ୍ରସାରଣ

ଆତଙ୍କବାଦ କାର୍ଯ୍ୟକଳାପକୁ ବର୍ଣ୍ଣଭିତ୍ତିକ ଘୃଣା ପୁନଶ୍ଚ ଖୋରାକ ଯୋଗାଇଲାଣି। ୧୫ ମାର୍ଚ୍ଚ ୨୦୧୯ରେ ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚ ସହରର ଦୁଇଟି ମସ୍‌ଜିଦ୍‌ରେ ଘଟିଥିବା ଗଣହତ୍ୟା ଏହାର ସଦ୍ୟ ଦୃଷ୍ଟାନ୍ତ। ଏଥିରେ ୫ଜଣ ଭାରତୀୟଙ୍କ ସମେତ ପ୍ରାୟ ୫୦ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଅନେକେ ଆହତ ହୋଇଛନ୍ତି। ଏହି ଅପରାଧ ଭିଆଇଥିବା ବ୍ୟକ୍ତି ସମ୍ପୂର୍ଣ୍ଣ କାଣ୍ଡ ସୋସିଆଲ ମିଡିଆରେ ଲାଇଭ୍ ଷ୍ଟ୍ରିମିଂ କରିଥିଲେ । ଯେଉଁ ପ୍ରଯୁକ୍ତିବିଦ୍ୟା ଯୋଗୁ ସାଧାରଣ ବ୍ୟକ୍ତି ଇଣ୍ଟରନେଟ୍ ସାହାଯ୍ୟରେ ଦେଶ ଦୁନିଆ ସହ ଯୋଡ଼ି ହୋଇପାରୁଛି, ସେହିଭଳି ଆଜି ଆତଙ୍କବାଦୀମାନେ ମଧ୍ୟ କାଣ୍ଡ ଘଟାଇ ମୁହୂର୍ତ୍ତ ମଧ୍ୟରେ ତାହାକୁ ସିଧା ପ୍ରସାରଣ କରିପାରୁଛନ୍ତି। ଖ୍ରୀଷ୍ଟଚର୍ଚ୍ଚ ଘଟଣାରେ ଅସଂଖ୍ୟ ଲୋକ ହତ୍ୟାକାରୀଙ୍କ ପ୍ରତ୍ୟେକ ପଦକ୍ଷେପକୁ ଫେସ୍‌ବୁକ୍‌ରେ ଦେଖିଥିଲେ। ଏପରିକି ସୋସିଆଲ ମିଡିଆରେ ଗଣହତ୍ୟା କରିବା ଲାଗି ଇସ୍ତାହାର ପ୍ରକାଶ କରାଯାଇ ଯେପରି ନରସଂହାର ରଚାଗଲା, ସେଥିରୁ ଆମେ କେଉଁଭଳି ଏକ ଭୟଙ୍କର ସମୟ ଦେଇ ଗତି କରୁଛେ ବୁଝାପଡ଼ିଯାଉଛି। ସବୁଠାରୁ ଦୁଃଖର ବିଷୟ ହେଉଛି ଯେ, ସିଧାସଳଖ ଏଭଳି ଦୃଶ୍ୟ ଦେଖୁଥିବା ଅସଂଖ୍ୟ ବ୍ୟକ୍ତିଙ୍କ ମଧ୍ୟରୁ କେହି ପୋଲିସକୁ ଜଣାଇବାକୁ ଚିନ୍ତା କରି ନ ଥିଲେ। ଅପରାଧୀ ସହଜରେ ନିଜ ଗାଡ଼ି ପାଖକୁ ଫେରି ସେଥିରୁ ଅଧିକ ଅସ୍ତ୍ର ନେଇ ପୁଣି ହତ୍ୟା କରିବା କାମରେ ଲାଗି ଯାଇଥିବା ଦୃଶ୍ୟ ଅନେକଙ୍କୁ ଚକିତ କରିଛି। ଘଟଣା ଘଟିସାରିବା ପରେ ପୋଲିସ ସେଠାରେ ପହଞ୍ଚି ହତ୍ୟାକାରୀ ଓ ସହ ଅପରାଧୀଙ୍କୁ ଧରିଥିଲା। ପରିସ୍ଥିତିକୁ ଆୟତ୍ତ କରିବାକୁ ଯାଇ ସରକାର ଓ ନିରାପତ୍ତା ସଂସ୍ଥାଗୁଡ଼ିକ ସମ୍ପୃକ୍ତ ନରସଂହାରର ଭିଡିଓ ଏବଂ ଲିଙ୍କ୍ ହଟାଇ ଦେବାକୁ ଫେସ୍‌ବୁକ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ୍ ଆଦି ସୋସିଆଲ ମିଡିଆ ସଂସ୍ଥାଗୁଡ଼ିକୁ ଯୋଗାଯୋଗ କରିଥିଲେ। କିନ୍ତୁ ସେତେବେଳକୁ ହତ୍ୟାକାରୀର ବାର୍ତ୍ତା ସବୁଆଡ଼କୁ ପଠାଯିବା ସହ ଭିଡିଓ ବିଶ୍ୱସ୍ତରରେ ବ୍ୟାପି ଯାଇଥିଲା।

ନ୍ୟୁଜିଲାଣ୍ଡରେ ଯାହା ଘଟିଲା, ତାହା ପାଶ୍ଚାତ୍ୟରେ ପ୍ରସାରଲାଭ କରିଥିବା ଇସ୍‌ଲାମୀୟ ବିରୋଧୀ ଘୃଣା ଅପରାଧର ଏକ ଅଂଶବିଶେଷ। ଏହାକୁ ଇସ୍‌ଲାମଫୋବିୟା ବା ଇସ୍‌ଲାମୀୟ ଭୟ ଆଖ୍ୟା ଦିଆଯାଇଛି। ସମାଜ ବିଜ୍ଞାନୀ ସାମୁଏଲ ହଣ୍ଟିଙ୍ଗଟନ୍‌ଙ୍କ ଭବିଷ୍ୟବାଣୀ ଅନୁଯାୟୀ, ଭବିଷ୍ୟତର ବିବାଦ ସାଂସ୍କୃତିକ ଫାଟ ଯୋଗୁ ସଭ୍ୟତାକୁ ଅଲଗା କରିବ। ଏଥିରେ ବର୍ଣ୍ଣ, ଧର୍ମ ଓ ସଂସ୍କୃତି ପ୍ରମୁଖ ଭୂମିକା ନେବ, ଯାହା ପ୍ରମାଣିତ ହେବାକୁ ଯାଉଛି। କେବଳ ଇସ୍‌ଲାମୀୟ ଚିନ୍ତାଧାରା ନୁହେଁ, ଏବେ ଆତଙ୍କବାଦ ବିଭିନ୍ନ ପ୍ରକାର ରୂପ ନେବାରେ ଲାଗିଛି। ନ୍ୟୁଜିଲାଣ୍ଡରେ ଗଣହତ୍ୟା କରିଥିବା ବ୍ୟକ୍ତି ଉଗ୍ର ଦକ୍ଷିଣପନ୍ଥୀ ଚିନ୍ତାଧାରା, ମୁସଲମାନ୍ ଓ ଆପ୍ରବାସୀ ବିରୋଧୀ ଜଣେ ଶ୍ୱେତାଙ୍ଗ।

ନ୍ୟୁଜିଲାଣ୍ଡର ଯେଉଁ ଅଞ୍ଚଳରେ ଏହି କାଣ୍ଡ ଘଟିଲା, ତାହା ସଂଖ୍ୟାଗରିଷ୍ଠ ଶ୍ୱେତାଙ୍ଗମାନଙ୍କର ଥିଲା। ସମୟ କ୍ରମେ ବାହାରୁ ଆସି ବସତି ସ୍ଥାପନ କରିଥିବା ଦେଶାନ୍ତରୀଙ୍କୁ ଆକ୍ରମଣକାରୀ ଇନ୍‌ଭେଡର ବା ଦଖଲକାରୀର ଆଖ୍ୟା ଦେଇଛନ୍ତି। ଏସିଆ ଓ ଆଫ୍ରିକାରୁ ବହୁ ଦେଶାନ୍ତରୀ ସେଠାରେ ଆସି ରହିଯିବା ହତ୍ୟାକାରୀଙ୍କ ପାଇଁ ଉଦ୍‌ବେଗ ସୃଷ୍ଟି କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୨୦୧୧ରେ ଖ୍ରୀଷ୍ଟଚର୍ଚ୍ଚ ଅଞ୍ଚଳରେ ଭୂମିକମ୍ପ ଯୋଗୁ ପ୍ରାୟ ୨୦୦ ଲୋକଙ୍କ ପ୍ରାଣହାନି ଘଟିବା ସହ ବହୁ ଲୋକଙ୍କ ଘରଦ୍ୱାର ଛାରଖାର ହେବାରୁ ଗଣପଳାୟନ ଘଟିଥିଲା। ତେବେ ଉକ୍ତ ସହରକୁ ଗଢ଼ିବା ଦିଗରେ ପ୍ରବାସୀମାନଙ୍କ ଦ୍ୱାରା ଯେଉଁ ସକାରାତ୍ମକ ପଦକ୍ଷେପ ନିଆଯାଇଥିଲା, ତାହା ସଂକୀର୍ଣ୍ଣମନା ଆକ୍ରମଣକାରୀଙ୍କ ମନକୁ ଛୁଇଁ ନ ଥିବା ଭଳି ମନେହେଉଛି। ଘୃଣା ଅପରାଧର ବଶବର୍ତ୍ତୀ ହୋଇ ଜଣେ ବ୍ୟକ୍ତି ଏକାକୀ ହିସାବ କରି ଯେଭଳି କ୍ଷତି ଘଟାଇଲେ, ତାହା ସଭ୍ୟ ସମାଜ ପାଇଁ ଏକ ସତର୍କଘଣ୍ଟି ।

ଖ୍ରୀଷ୍ଟଚର୍ଚ୍ଚଗଣହତ୍ୟାରଲାଇଭ୍‌ଷ୍ଟ୍ରିମିଂପ୍ରସାରରୋକିବାରେ ଫେସ୍‌ବୁକ୍‌ଓଟୁଇଟର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବିଶ୍ୱ ସୋସିଆଲ ମିଡିଆ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିବା ଦିଗରେ ପ୍ରଯୁକ୍ତିବିଦ୍ୟା ଆକ୍ରମଣକାରୀଙ୍କୁ ପୂରା ସହଯୋଗ କରିଥିଲା। ଆକ୍ରମଣ ପୂର୍ବରୁ ଆପ୍ରବାସୀ ଓ ମୁସଲମାନ୍‌ଙ୍କ ବିରୋଧରେ ଘୃଣା ପ୍ରଚାର ଦିଗରେ ଏକ ଅନାମ ପ୍ରଚାର ବୋର୍ଡ ଫେସ୍‌ବୁକ୍ ଜରିଆରେ ଦର୍ଶକଙ୍କୁ ଲିଙ୍କ୍ କରାଯାଇଥିଲା। ସାଧାରଣତଃ ଅନ୍‌ଲାଇନରେ ଉପଲବ୍ଧ ଅଟୋମେଟେଡ୍ ସଫ୍ଟୱେର ଆପତ୍ତିଜନକ ବିଷୟବସ୍ତୁ ରୋକିବାରେ ସଫଳ ହୋଇପାରୁ ନାହିଁ। କାରଣ ରୋବୋ ପରିଚାଳିତ ସଫ୍ଟୱେର ଆତଙ୍କ ସୃଷ୍ଟିକାରୀ ଭିଡିଓ ଏବଂ ଗେମ୍ ଭିଡିଓ ମଧ୍ୟରେ ପାର୍ଥକ୍ୟ ଜାଣିପାରି ନ ଥାଏ।

ଅନ୍ୟ ବର୍ଣ୍ଣଠାରୁ ନିଜକୁ ଉଚ୍ଚ ଭାବୁଥିବା ଶ୍ୱେତାଙ୍ଗ 'ହ୍ୱାଇଟ୍ ସୁପ୍ରିମାସିଷ୍ଟ' ଏବେ ଅନ୍‌ଲାଇନ୍‌ରେ ଘୃଣା ବିସ୍ତାର କରିବାରେ ଚେଷ୍ଟିତ। ସେପଟେ ଇସ୍‌ଲାମୀୟ ଆତଙ୍କବାଦୀ ମଧ୍ୟ ଇଣ୍ଟରନେଟ୍‌କୁ ଏକ ମାଧ୍ୟମ ଭାବେ ବ୍ୟବହାର କରୁଛନ୍ତି। ନ୍ୟୁଜିଲାଣ୍ଡରେ ଯେଭଳି ଘଟଣା ଘଟିଲା, ତାହାର ପ୍ରତିଫଳନ ଅନ୍ୟ କେଉଁଠାରେ ମଧ୍ୟ ଦେଖାଦେଇପାରେ। ସମାନ ଆତଙ୍କୀ ପ୍ରବୃତ୍ତିଧାରୀ ଖ୍ରୀଷ୍ଟଚର୍ଚ୍ଚ ଆକ୍ରମଣ ତରିକାରୁ ପ୍ରେରଣା ପାଇବା ସହଜ। ଅନ୍ୟପକ୍ଷେ ଆକ୍ରମଣ ଶୈଳୀରୁ ଜଣାପଡୁଛି ଯେ, ଆକ୍ରମଣକାରୀ ଅନ୍‌ଲାଇନ ଗେମ୍ସରୁ ପ୍ରଭାବିତ ହୋଇଥାଇପାରନ୍ତି।

ସ୍ୱଳ୍ପ ଜନସଂଖ୍ୟା ବିଶିଷ୍ଟ ଦେଶ ନ୍ୟୁଜିଲାଣ୍ଡରେ ସର୍ବଦା ଲୋକେ ଶାନ୍ତିରେ ବାସ କରୁଥିବା କୁହାଯାଏ। ଅଷ୍ଟ୍ରେଲୀୟ ଜନ୍ମିତ ଆକ୍ରମଣକାରୀ ନ୍ୟୁଜିଲାଣ୍ଡକୁ ତାହାର କୋହଳ ବନ୍ଧୁକ ନିୟମ ଯୋଗୁ ବାଛିଥିଲେ ବୋଲି କୁହାଯାଉଛି। ପରିସ୍ଥିତି ଅଣାୟତ୍ତ ହେବା ପରେ ହିଁ ଚେତା ପଶୁଛି।

ସବୁଠାରୁ ଚିନ୍ତାର ବିଷୟ ହେଲା, ସୋସିଆଲ ମିଡିଆର ପ୍ରାବଲ୍ୟ ଯୋଗୁ ଏବେ ତାହାକୁ ହିଂସାର ମାଧ୍ୟମ ମଧ୍ୟ କରାଯାଇପାରୁଛି। ଯେଉଁ ଆୟୁଧ ଜରିଆରେ ମଣିଷ ସଶକ୍ତ ହୋଇପାରୁଛି, ତାହା ଧ୍ୱଂସ କରିବାର କ୍ଷମତା ମଧ୍ୟ ରଖିଛି। ଭାରତ ସମେତ ବିଶ୍ୱରେ ଧର୍ମୀୟ ଅସହିଷ୍ଣୁତା ବଢୁଥିବାରୁ ଏଭଳି ଶୈଳୀର ଆକ୍ରମଣ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି।

ପାନପିକର କାହାଣୀ

ଡ. ରମେଶ ଚନ୍ଦ୍ର ପରିଡ଼ା

ରାସ୍ତାରେ ଯାଉ ଯାଉ ଆମ ଆଗରେ ଚାଲୁଥିବା ଲୋକଟି ହଠାତ୍ ପାନପିକ ଲଣ୍ଡାଏ ଛାଡିଦେବା ଏବଂ ତହିଁରୁ କିଛି ପବନରେ ଉଡିଆସି ଆମ ଦେହ ବା ମୁହଁରେ ପଡିବା ଏକ ବିରଳ ଅନୁଭୂତି ନୁହେଁ। ସେହିପରି ଅଫିସ, ବସ୍‌ଷ୍ଟାଣ୍ଡ ଏବଂ ଏପରି କି ଅନେକ ଶିକ୍ଷାନୁଷ୍ଠାନର କାନ୍ଥ ଓ କବାଟର ସ୍ଥାନେ ସ୍ଥାନେ ପାନପିକର ବହଳ ଆସ୍ତରଣମାନ ଦେଖିବାକୁ ମିଳେ। ଏଭଳି କାର୍ଯ୍ୟ କରିବାକୁ ଖୁବ୍ କମ୍ ଲୋକ ଦ୍ୱିଧା ପ୍ରକଟ କରନ୍ତି। କାରଣ, ଧୂମପାନ ବା ମଦ୍ୟପାନ ଭଳି ପାନ ଖାଇବାକୁ ଆମ ସମାଜରେ ଅଶୋଭନୀୟ ବୋଲି ବିଚାର କରାଯାଏ ନାହିଁ। ଏପରି କି ଆମେ ପୂଜ୍ୟ ରୂପେ ଗ୍ରହଣ କରୁଥିବା ଦେବୀଦେବମାନେ ମଧ୍ୟ ଏହା କରନ୍ତି ବୋଲି ପୌରାଣିକ ଉପାଖ୍ୟାନମାନ ରହିଛି। ସେଥିପାଇଁ କେତେକ ସ୍ଥଳେ ସେମାନଙ୍କ ପୂଜାରେ ଏହା ଅର୍ପଣ କରାଯାଏ। ଅତଏବ ତାହାକୁ ମିଳେ ଏକ ଧାର୍ମିକ ଏବଂ ସାଂସ୍କୃତିକ ସ୍ୱୀକୃତି। ଏହାକୁ ନେଇ ରହିଛି ଏକ ଚିତ୍ତାକର୍ଷକ କାହାଣୀ–

ଏକଦା ଦେବରାଜ ଇନ୍ଦ୍ର ଅପ୍‌ସରୀ ରମ୍ଭାଙ୍କ ସହିତ ବିମାନରେ ବସି ପରିଭ୍ରମଣ କରୁଥାନ୍ତି। ଆକାଶମାର୍ଗରୁ ରମ୍ଭା ହଠାତ୍ ଛାଡିଦେଲେ ମେଞ୍ଚାଏ ପାନପିକ, ଯେପରି କରିଥାନ୍ତି ଆମ ଗାଡି ଚାଳକମାନେ। ଦୁର୍ଯୋଗକୁ ସେତେବେଳେ ମହାକୋପୀ ଦୁର୍ବାସା ମୁନି ସ୍ନାନ ସାରି ଜଳ ତର୍ପଣ କରୁଥାନ୍ତି। ତାହା ସିଧା ଯାଇ ପଡିଲା ତାଙ୍କ ହାତ ଭିତରେ। ମୁନି ଆଖି ଖୋଲି ଦେଖିଲେ ଯେ ଆକାଶମାର୍ଗରେ ଯାଉଛନ୍ତି ଇନ୍ଦ୍ର। ଏ କର୍ମ ସେ କରିଥିବେ ବୋଲି ତାଙ୍କର ମନେ ହେଲା। ତେଣୁ କ୍ରୋଧିତ ହୋଇ ସେ ତାଙ୍କୁ ଏବଂ ତାଙ୍କ ସହିତ ସମଗ୍ର ଦେବକୁଳକୁ ଅଭିଶାପ ଦେବାକୁ ଉଦ୍ୟତ ହେଲେ। ଏହା ଦେଖି ଇନ୍ଦ୍ର ଡରିଗଲେ ଏବଂ ତଳକୁ ଓହ୍ଲାଇ ବହୁ କାକୁତି ମିନତି ହୋଇ ତାଙ୍କୁ ସେଥିରୁ ନିବୃତ୍ତ କରିବାକୁ ଚେଷ୍ଟା କଲେ। ସେ ତାଙ୍କୁ ସୂଚାଇଦେଲେ ଯେ ଏ ଦୋଷ କରିଛନ୍ତି ରମ୍ଭା। ଏଣୁ ଏଥିପାଇଁ ଦେବକୁଳକୁ ଅଭିଶାପ ଦେବା ଯଥାର୍ଥ ନୁହେଁ। ଅନ୍ୟପକ୍ଷରେ ରମ୍ଭା ଜଣେ ନାରୀ। ଏଣୁ ସେ ମଧ୍ୟ ତାଙ୍କ ଭଳି ଜଣେ ମହାନ୍ ଯୋଗୀଙ୍କର ଅଭିଶାପ ପାଇଁ ଯୋଗ୍ୟା ନୁହନ୍ତି। କଥାଟା ଦୁର୍ବାସାଙ୍କ ମନକୁ ପାଇଲା। ମାତୃଜାତି ପ୍ରତି ଥିଲା ତାଙ୍କର ପ୍ରଗାଢ ଶ୍ରଦ୍ଧା ଓ ସମ୍ମାନ। ତେଣୁ ସେ ଅଭିଶାପ ଦେବାରୁ ନିବୃତ୍ତ ହେଲେ ଏବଂ ସମସ୍ୟାଟି ଟଳିଗଲା।

ଏ କାହାଣୀଟିର ପ୍ରକୃତରେ ପୌରାଣିକ ଭିତ୍ତିଭୂମି ଅଛି କି ନାହିଁ କିମ୍ବା ଏହାକୁ କେହି ପାନ ପ୍ରତି ଆସକ୍ତ ବାବା ରଚନା କରିଛନ୍ତି ତାହା କହିହେବ ନାହିଁ। ସମ୍ଭବତଃ ଦାୟିତ୍ୱହୀନ ଭାବେ ଏଣେତେଣେ ପାନପିକ ପକାଇବା ଦେବତାମାନେ ବି କରିପାରନ୍ତି ଏବଂ ସେଥିପାଇଁ ସାଧାରଣ ମଣିଷ ତାହା କରିବା ଏମିତି କିଛି ଗୁରୁତର ଅପରାଧ ନୁହେଁ ବୋଲି ପ୍ରମାଣିତ କରିବା ଏହାର ଉଦ୍ଦେଶ୍ୟ ହୋଇପାରେ। ତେବେ, ପାନ ସହିତ ଆମର ନିବିଡ଼ ସଂପୃକ୍ତିକୁ ଏହା ସ୍ପଷ୍ଟ କରୁଛି।

ଆମ ଦେଶରେ, ବିଶେଷକରି ପୂର୍ବ ଓ ଉତ୍ତର ଭାରତରେ ପାନ ସେବନ ଅତି ଜନପ୍ରିୟ। ଏହା ଆମ ସାମାଜିକ ପରମ୍ପରା, ଶ୍ରଦ୍ଧା ଓ ଭାବର ଆଦାନ–ପ୍ରଦାନ ତଥା ଧର୍ମକର୍ମ ସହିତ ଓତପ୍ରୋତ ଭାବେ ଜଡିତ। ଏକଦା ଆମ କଳା ଓ ସାହିତ୍ୟ ଉପରେ ଏହା ଅନନ୍ୟ ପ୍ରଭାବ ବିସ୍ତାର କରିପାରିଥିଲା ଏବଂ ପରିଣତ ହୋଇଥିଲା ପ୍ରତ୍ୟେକ ପରିବାରର ଏକ ଅବିଚ୍ଛିନ୍ନ ଅଙ୍ଗ ରୂପେ ଖାଦ୍ୟ ଓ ପାନୀୟ ଭଳି। ଏଣୁ ଘରେ ଘରେ ରହୁଥିଲା ଏଥିରେ ବ୍ୟବହୃତ ସମସ୍ତ ଉପାଦାନ ସମ୍ବଳିତ ପାନଡାଲା। ଅନେକ ଲୋକ ପାନ ପ୍ରତି ଏଭଳି ଆସକ୍ତ ଥିଲେ ଯେ ସେମାନେ ସବୁବେଳେ ପାଖରେ ରଖୁଥିଲେ ଏହିସବୁ ଦ୍ରବ୍ୟ ଥିବା ଛୋଟ ଛୋଟ ମୁଣା, ଯାହାକୁ ବଟୁଆ ବୋଲି କୁହାଯାଉଥିଲା। ଏଥିରେ ମଧ୍ୟ ରହୁଥିଲା କିଛି କିଛି ଗୁଣ୍ଡକା ଗୁଣ୍ଡୁକି ଔଷଧ ସମେତ କେତେକ ଅତ୍ୟାବଶ୍ୟକ ସାମଗ୍ରୀ। ପ୍ରାତଃସ୍ମରଣୀୟ ସାହିତ୍ୟିକ ଗୋପାଳଚନ୍ଦ୍ର ପ୍ରହରାଜ ଏହାର ଉପାଦେୟତା ନେଇ ଏହି ଶୀର୍ଷକରେ ଚମତ୍କାର ଲଳିତ ନିବନ୍ଧଟିଏ ରଚନା କରିଥିଲେ।

ତେବେ ଆମ ଧର୍ମ, ସଂସ୍କୃତି ଓ ପରମ୍ପରାରେ ଏପରି ଉଚ୍ଚସ୍ଥାନ ଅଧିକାର କରିଥିବା ପାନ ବୈଜ୍ଞାନିକମାନଙ୍କ ଦୃଷ୍ଟିରେ ଏକ ସ୍ୱାସ୍ଥ୍ୟହାନିକାରକ ତଥା ଅନ୍ୟସବୁ ନିଶାକାରୀ ଦ୍ରବ୍ୟ ଭଳି ଅଭ୍ୟାସ ସୃଷ୍ଟିକାରୀ ପଦାର୍ଥ। କାରଣ, ଏହାର ଅନ୍ୟତମ ମୁଖ୍ୟ ଉପାଦାନ ଧୂଆଁପତ୍ରରୁ ତିଆରି ଗୁଣ୍ଡିରେ ଥାଏ ନିକୋଟିନ ସମେତ ଶତାଧିକ ଏବଂ ଗୁଆରେ ଏରିକୋଲିନ ତଥା ଅନ୍ୟାନ୍ୟ ବହୁ ବିଷାକ୍ତ ତତ୍ତ୍ୱ। ସେହିପରି ଖଇର ଓ ଚୂନର ମଧ୍ୟ ପାଟି ଓ ଖାଦ୍ୟନଳୀର ସୂକ୍ଷ୍ମ ଝିଲ୍ଲୀ ଉପରେ କୁପ୍ରଭାବ ରହିଛି। ଅତଏବ ସେଗୁଡିକ ମୁଖଗହ୍ୱର କର୍କଟଠାରୁ ଆରମ୍ଭ କରି ନାନାଦି ଅସାଧ ରୋଗର କାରଣ ହୋଇପାରନ୍ତି। ଏଥିସହିତ ପାନ ମସଲା ଯୋଗ ହେଲେ ତାହାର ଭୟାବହତା ବଢିଯାଏ। ପାନର ସମସ୍ତ ରାସାୟନିକ ଉପାଦାନ ପିକରେ ଥାଏ। ଏଣୁ ଏହାର ସଂସ୍ପର୍ଶରେ ଆସିବା ପରୋକ୍ଷ ଧୂମପାନ ଭଳି କ୍ଷତିକାରକ। ପୁନଶ୍ଚ ସେଥି ସହିତ ମଧ୍ୟ ଥାଏ ତାହା ଖାଉଥିବା ଲୋକ ସଂକ୍ରମିତ ହୋଇଥିବା ବିବିଧ ରୋଗର ଜୀବାଣୁ ଓ ଭୂତାଣୁ। ମୁମ୍ବାଇଠାରେ ୨୦୧୬ ମସିହାରେ ଅନୁଷ୍ଠିତ ଏକ ଅଧ୍ୟୟନରୁ ୧୦ ମିଲିଲିଟର ପାନପିକରେ ୭୦୦୦ରୁ ୫୩୦୦୦ ପର୍ଯ୍ୟନ୍ତ ତାହା ଥିବାର ଜଣାପଡିଥିଲା।

ସେଥିପାଇଁ ଏଣେତେଣେ ପାନପିକ ପକାଇବାରୁ ନିବୃତ୍ତ କରିବା ପାଇଁ ଆମ ଦେଶର କେତେକ ସ୍ଥାନରେ ଆଇନମାନ ରହିଛି। ଉଦାହରଣ ସ୍ୱରୂପ, ଦିଲ୍ଲୀରେ ଏଥିପାଇଁ ୨୫୦ ଟଙ୍କା ଜରିମାନାର ବ୍ୟବସ୍ଥା ଥିଲାବେଳେ ମୁମ୍ବାଇରେ ତାହା ୧୦୦୦ ଟଙ୍କା। ଏପରି କି ବିହାରର ଅନେକ ସହରରେ ଏହାକୁ ଅପରାଧ ବୋଲି ଗଣନା କରାଯାଏ। ଆମ ରାଜ୍ୟ ଓଡିଶାରେ ଏ ଦିଗରେ ଏକ ବିଚିତ୍ର ପଦକ୍ଷେପ ସ୍ୱରୂପ ସଚିବାଳୟଠାରୁ ଆରମ୍ଭ କରି ଅନେକ ବଡ ବଡ ଅଫିସ ପର୍ଯ୍ୟନ୍ତ ସ୍ଥାନକୁ ସ୍ଥାନ ସ୍ଥାପନ କରାଯାଇଛି ଦେବୀଦେବଙ୍କ ମୂର୍ତ୍ତି। ସରକାର ଆଶା କରୁଛନ୍ତି ଯେ ସେମାନଙ୍କ ପ୍ରତି ଭକ୍ତିଭାବ ହେତୁ ଲୋକେ ସେସବୁ ସ୍ଥାନରେ ପାନପିକ ପକାଇବାରୁ ବିରତ ହେବେ। ମାତ୍ର ଅନେକସ୍ଥଳେ ସେଗୁଡିକ ମଧ୍ୟ ଏଥିରେ ରଙ୍ଗିନ ହେବାର ଦେଖାଯାଉଛି।

ଏ ସମ୍ପର୍କରେ ରାଜ୍ୟ ସଭାରେ ପ୍ରଶ୍ନଟିଏ ଉଠାଇଥିଲେ ସାଂସଦ କେ.ଟି.ଏସ. ତୁଳସୀ। ଏଣେତେଣେ ପାନପିକ ପକାଇବା ବିବିଧ ରୋଗର କାରଣ ହେବାର ସମ୍ଭାବନା ଥିବାରୁ ଏହାର ନିବାରଣ ଲାଗି ବ୍ୟବସ୍ଥା ଗ୍ରହଣ କରିବାକୁ ସେ ତଦାନୀନ୍ତନ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଅନୁରୋଧ କରିଥିଲେ। ଦଳମତ ନିର୍ବିଶେଷରେ ଏହାକୁ ସମର୍ଥନ କରିଥିଲେ ଆହୁରି ଅନେକ ସାଂସଦ। ତୁଳସୀ ଏଥିରେ ଦର୍ଶାଇଥିଲେ ଯେ ଏଭଳି ଏକ ଅସ୍ୱାସ୍ଥ୍ୟକର କୁଅଭ୍ୟାସକୁ ହାଲୁକାଭାବେ ଗ୍ରହଣ କରିବା ଉଚିତ ନୁହେଁ। ପୁନଶ୍ଚ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ଦୃଷ୍ଟିରୁ ଆମ ଦେଶ ପୃଥିବୀରେ ପ୍ରଥମ। ଏହାର ଏକତୃତୀୟାଂଶ ଏଠାରେ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କର ରହିଛି ପାନ ଖାଇବା ଅଭ୍ୟାସ ଏବଂ ସେମାନେ ଏଣେତେଣେ ପିକ ପକାଇଥାନ୍ତି। ଅତଏବ ଏ ରୋଗର ବିସ୍ତାରରେ ଏହାର ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ। ଏହା ବ୍ୟତୀତ ଅନ୍ୟାନ୍ୟ ସଂକ୍ରାମକ ରୋଗର ରୋଗୀଙ୍କ ପାନପିକ ମଧ୍ୟ ସେହିସବୁ ରୋଗ ବ୍ୟାପିବାର ମାଧ୍ୟମରୂପେ କାମ କରୁଥିବ।

ମନ୍ତ୍ରୀ ମହୋଦୟ ଏ ଯୁକ୍ତିକୁ ଗ୍ରହଣ କରି ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବା ଲାଗି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି ତାହା କେବଳ ସେତିକି ମଧ୍ୟରେ ସୀମିତ ରହିଛି।

ଅବଶ୍ୟ ଏକଥା ସତ ଯେ କୌଣସି ଆଇନ ଅଥବା ଦଣ୍ଡବିଧାନ ବ୍ୟବସ୍ଥା ଦ୍ୱାରା ବଦଭ୍ୟାସକୁ ରୋକିବା ସହଜ ନୁହେଁ। କାରଣ ସରକାରଙ୍କଠାରୁ ଜନସାଧାରଣଙ୍କ ପର୍ଯ୍ୟନ୍ତ କେହି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବାକୁ ରାଜି ନୁହନ୍ତି। ଏଣୁ ଏହାକୁ ସ୍ୱଚ୍ଛ ଭାରତ ଅଭିଯାନର ଏକ ପ୍ରମୁଖ ଅଙ୍ଗ ରୂପେ ଗ୍ରହଣ କରି ସେହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଗଲେ ହୁଏତ ଏ ସମ୍ପର୍କରେ ସଚେତନତାର ପ୍ରସାର ଘଟନ୍ତା। ଅତଏବ ତହିଁରୁ ମୁକ୍ତ ହେବାର ସମ୍ଭାବନା ଉଜ୍ଜ୍ୱଳ ହୁଅନ୍ତା।

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି
ବିହାର, ଭୁବନେଶ୍ୱର, ମୋ–୯୯୩୭୯୮୫୬୬୭

ଖୋଇଲେ ମନ ପୂରେ

ଅଲେଖ ଚନ୍ଦ୍ର ମିଶ୍ର

କୃଷ୍ଣସୁଦାମା ଚରିତ କିଏ ବା ନ ଜାଣେ? ଯାହା ସୁଦାମାଙ୍କୁ ଉତ୍କଟ ଦାରିଦ୍ର୍ୟରୁ ମୁକ୍ତିଦେଇ ସକଳ ଐଶ୍ୱର୍ଯ୍ୟର ଅଧିକାରୀ କରିଥିଲା, ସ୍ଥୂଳ ଦୃଷ୍ଟିରେ ତାହା ଥିଲା ମୁଠାଏ ଖୁଦଭଜା। କିନ୍ତୁ ସୂକ୍ଷ୍ମ ଦୃଷ୍ଟିରେ ତାହା ଥିଲା ସୁଦାମାଙ୍କର କୃତକର୍ମର ପ୍ରାୟଶ୍ଚିତ୍ତ ଏବଂ ଋଣ ପରିଶୋଧର ନିଦର୍ଶନ। ତାଙ୍କ ପିଲାଦିନର କଥା। ଗୁରୁକୁଳରେ ଥିବାବେଳେ ପ୍ରଭୁ ଶ୍ରୀକୃଷ୍ଣ ଓ ଅନ୍ୟ ସାଥୀମାନଙ୍କ ସହ ଜାଳେଣି କାଠ ସଂଗ୍ରହ ପାଇଁ ସେ ବଣକୁ ଯାଇଥିଲେ। ହଠାତ୍ ଭୀଷଣ ବର୍ଷା ମାଡ଼ିଆସିଲା। ଆଶ୍ରୟ ପାଇଁ ଯିଏ ଯୁଆଡ଼େ ଧାଇଁଲେ। ସୁଦାମା ଏକ ଛୋଟ ପାହାଡ଼ ଖୋଲ ଭିତର

ନବୀନ ନିବାସରେ ଗୀତା ମେହେଟା

ମୁଖ୍ୟମନ୍ତ୍ରୀ–ଦିଲୀପ ସାକ୍ଷାତ୍‌ରେ ନେଇଥିଲେ ପ୍ରମୁଖ ଭୂମିକା

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭଉଣୀ ଗୀତା ମେହେଟାଙ୍କୁ ରବିବାର ନବୀନ ନିବାସରେ ଦେଖିବାକୁ ମିଳିଛି। ବିଜେଡି ଟିକେଟ ନେଇ ଆଲୋଚନା ଚାଲିଥିବା ସମୟରେ ଗୀତାଙ୍କ ଉପସ୍ଥିତି ରାଜ୍ୟ ରାଜନୀତିରେ ଚର୍ଚ୍ଚାର କାରଣ ହୋଇଛି। ବିଜେଡି ପ୍ରତିଷ୍ଠାତା ସଦସ୍ୟ ଦିଲୀପ ରାୟ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏହି ସାକ୍ଷାତ୍ ଗୀତାଙ୍କ ଯୋଗୁ ସମ୍ଭବ ହୋଇପାରିଥିବା ମଧ୍ୟ ଆଲୋଚନା ହେଉଛି। ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ସହ ଭାଜପା ଛାଡିବା ପରେ ଦିଲୀପଙ୍କ ସହ ଗୀତା ଯୋଗାଯୋଗରେ ଥିବା ଚର୍ଚ୍ଚା ହେଉଥିଲା। ହେଲେ ଦିଲୀପ–ନବୀନଙ୍କ ସାକ୍ଷାତ୍ ପରେ ତାହା ସ୍ୱଷ୍ଟ ହେବାରେ ଲାଗିଛି।

ଦିଲୀପ ରାୟଙ୍କ ବିଜେଡି ଫେରିବା ନେଇ ରବିବାର ଦଳର କିଛି ବରିଷ୍ଠ ନେତାଙ୍କ ସହ ଆଲୋଚନା କରାଯାଇଛି। ସେ ରଖିଥିବା କିଛି ପ୍ରସ୍ତାବକୁ ଗ୍ରହଣ କରାଗଲେ ଖୁବ୍‌ଶୀଘ୍ର ଦିଲୀପ ବିଜେଡି ଫେରିବେ ବୋଲି ଚର୍ଚ୍ଚା ହେଉଛି। ଏମିତି

କି ସୋମବାର ବିଜେଡି ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିବା ସହ ଦିଲୀପଙ୍କ ଘରବାହୁଡା କରିପାରେ। ହେଲେ ଦଳ ପକ୍ଷରୁ ଏନେଇ କୌଣସି ସ୍ୱଷ୍ଟ ସୂଚନା ମିଳିନାହିଁ। ଅପରପକ୍ଷରେ ଦିଲୀପ ଏବଂ ନବୀନଙ୍କ ସାକ୍ଷାତ୍‌କୁ ନେଇ ବିଜୟ ମହାପାତ୍ର ଭିନ୍ନ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ନିଜ ସମ୍ପର୍କରେ ନିଷ୍ପତ୍ତି ନେବାର ଅଧିକାର ସମସ୍ତଙ୍କର ରହିଛି। ବିଜେଡିରେ ମିଶିବା ପାଇଁ ତାଙ୍କ ସହ

ପଦ୍ମ ପୁରସ୍କାରକୁ କରିଥିଲେ ନା

ଯୋଗାଯୋଗ କରାଯାଇନାହିଁ। ଗତ କିଛିଦିନ ହେବ ଦିଲୀପ–ବିଜୟଙ୍କ ବିଜେଡି ଲେଉଟାଣି ନେଇ ଚର୍ଚ୍ଚା ଜୋର ଧରିଥିଲା। ଦିଲୀପଙ୍କ ନବୀନ ନିବାସ ଗସ୍ତ ପରେ ବିଜୟଙ୍କ ରାସ୍ତା ସୁଗମ ହେବ ବୋଲି ଆଶା କରାଯାଉଥିଲା। ହେଲ ରବିବାର ବିଜୟଙ୍କ ମନ୍ତବ୍ୟ ଏନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ନିଷ୍ପତ୍ତିରେ ଗୀତା ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଏହି କାରଣରୁ କିଛିଦିନ ତଳେ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ଉପାଧି ଦେବା ପାଇଁ ମନୋନୀତ କରାଯାଇଥିଲା। ହେଲେ ଗୀତା ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ତେବେ କେନ୍ଦ୍ର ସରକାର ତାଙ୍କ ନାମକୁ ମନୋନୀତ କରିଥିବାରୁ ସେ ଧନ୍ୟବାଦ୍ ଦେଇଥିଲେ। ଏଥିସହ ସମ୍ମାନ ଗ୍ରହଣ କରିବାର ଉପଯୁକ୍ତ ସମୟ ନୁହେଁ ବୋଲି ମତ ରଖିଥିଲେ।

୧ ଲୋକ ସଭା, ୫ ବିଧାନସଭା ଆସନରେ ପ୍ରାର୍ଥୀ ଦେବ ସିପିଆଇଏମ୍

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି–ମାକ୍ସବାଦୀ (ସିପିଆଇଏମ୍) ରାଜ୍ୟରେ ଗୋଟିଏ ଲୋକ ସଭା ଏବଂ ୫ଟି ବିଧାନସଭା ଆସନରେ ଲଢିବ। ଲୋକ ସଭାରୁ ଜନାର୍ଦ୍ଦନ ପତି ପ୍ରାର୍ଥୀ ହେବା ନେଇ ଶନିବାରରୁ ସ୍ୱଷ୍ଟ ହୋଇସାରିଛି। ଦଳର ରାଜ୍ୟ କମିଟି ପକ୍ଷରୁ ବିଧାନସଭା ଆସନଗୁଡିକ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ସୁନ୍ଦରଗଡ ଜିଲା ବଣାଇରୁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ପୁନର୍ବାର ଟିକେଟ୍ ପ୍ରଦାନ କରାଯାଇଛି। ବାଲେଶ୍ୱର ଜିଲା ନୀଳଗିରିରୁ ଯୋଗାନନ୍ଦ ଦାଶ, ନୟାଗଡ ଜିଲା ରଣପୁରରୁ ନିତ୍ୟାନନ୍ଦ ପରିଡା, ମୟୂରଭଞ୍ଜ ଜିଲା ମୋରଡାରୁ ଗିରେନ୍ଦ୍ର ଗୋସ୍ୱାମୀ ଏବଂ ଅନୁଗୋଳର ପାଲଲହଡାରୁ ମୀନା ପ୍ରଧାନଙ୍କ ନାମ ସୁପାରିସ କରାଯାଇଛି। ଏହି ନାମଗୁଡିକ ଆନୁଷ୍ଠାନିକ ଘୋଷଣା ପୂର୍ବରୁ କେନ୍ଦ୍ରୀୟ ନିର୍ବାଚନ କମିଟିକୁ ପଠାଯାଇଛି। ଏନେଇ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅଳିକିଶୋର ପଟ୍ଟନାୟକ ରବିବାର ଗଣମାଧ୍ୟମକୁ ଅବଗତ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ତାଲିକା ଘୋଷଣା ପରେ କେଉଁ ସ୍ଥାନରେ ଆସନ ବୁଝାମଣା ହୋଇଛି, କେଉଁ ସ୍ଥାନରେ ହୋଇନାହିଁ ସେନେଇ ସ୍ୱଷ୍ଟ ସୂଚନା ମିଳିବ। ଉପରୋକ୍ତ କେତୋଟି ଆସନରେ କଂଗ୍ରେସ–ସିପିଆଇଏମ୍ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଲଢେଇ ଦେଖିବାକୁ ମିଳିପାରେ।

ସେହିପରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ରୁ ରାମକୃଷ୍ଣ ପଣ୍ଡା ଆସିକା ଲୋକ ସଭା ଆସନରୁ ପ୍ରାର୍ଥୀ ହେବେ। ସେଠାରେ କଂଗ୍ରେସ ପ୍ରାର୍ଥୀ ଦେବ ନାହିଁ। ଗଞ୍ଜାମ ଜିଲାର ହିଞ୍ଜିଳି ଆସନ କଂଗ୍ରେସ ପକ୍ଷରୁ ସିପିଆଇକୁ ଦିଆଯିବାର ସମ୍ଭାବନା ରହିଛି। ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି ସେଠାରେ ମିଳିତ ବିରୋଧୀ ମେଣ୍ଟର ବିଧାୟକ ପ୍ରାର୍ଥୀ ହୋଇପାରନ୍ତି। ସେହିପରି ଛତ୍ରପୁରରୁ ପ୍ରଦୀପ ସେଠୀ ଏବଂ ବୌଦ୍ଧରୁ ଅବକାଶ ସାହୁଙ୍କୁ ପ୍ରାର୍ଥୀ କରାଯାଇପାରେ। ସେହିପରି ବ୍ରଜରାଜନଗର ଆସନରୁ ସିପିଆଇ ନୂଆମୁହଁ ଦେବା ପାଇଁ ଚିନ୍ତା କରୁଛି। ମୟୂରଭଞ୍ଜ ଲୋକ ସଭା ସମେତ ୪ଟି ବିଧାନସଭା ଆସନରେ ଜେଏମ୍‌ଏମ୍ ପ୍ରାର୍ଥୀ ଦେବ। ମୟୂରଭଞ୍ଜ ଲୋକ ସଭାରୁ ଅଞ୍ଜଳି ସୋରେନ୍ ପ୍ରାର୍ଥୀ ହେବେ। ସେହିପରି ରାଇରଙ୍ଗପୁର, ସାରସକଣା, ମୋରଡା ଏବଂ ବାଙ୍ଗିରିପୋଷୀ ବିଧାନସଭା ଆସନରେ ମଧ୍ୟ ଜେଏମ୍‌ଏମ୍ ପ୍ରାର୍ଥୀ ଦେବ। ସିପିଆଇ ପ୍ରାର୍ଥୀମାନଙ୍କ ପ୍ରଚାରର ମଙ୍ଗ ଧରିବା ପାଇଁ ନେତା ସୁଧାକର ରେଡ୍ଡି, ଡି. ରାଜା ଏବଂ ଅମରଜିତ କୌର ଓଡ଼ିଶା ଆସିବେ। ସିପିଆଇଏମ୍ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ସୀତାରାମ ୟେଚୁରୀ, ଜେଏମ୍‌ଏମ୍ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଶିବୁ ସୋରେନ୍ ଏବଂ ହେମନ୍ତ ସୋରେନ ଓଡ଼ିଶା ଆସିବେ। ବାଲିକୁଦା–ଏରସମା ଆସନ କଂଗ୍ରେସ ପକ୍ଷରୁ ସିପିଆଇକୁ ଛଡାଯିବାର ସମ୍ଭାବନା ନାହିଁ। ତେଣୁ ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। କେତେଜଣ ସିପିଆଇ କାର୍ଯ୍ୟକର୍ତ୍ତା ଏହି କାରଣରୁ ବିଭିନ୍ନ ସାଙ୍ଗଠନିକ ପଦପଦବୀରୁ ଇସ୍ତଫା ଦେଇଥିବା ଜଣାପଡିଛି।

ଏସ୍‌ପି–ବିଏସ୍‌ପି ମେଣ୍ଟକୁ ୭ ଆସନ ଛାଡ଼ିଲା କଂଗ୍ରେସ

ନୂଆଦିଲ୍ଲୀ,୧୭।୩(ପି.ଟି.): ଉତ୍ତରପ୍ରଦେଶରେ କଂଗ୍ରେସ ୭ଟି ଆସନରେ ପ୍ରାର୍ଥୀ ଦେବ ନାହିଁ। ଏହି ଆସନକୁ ସମାଜବାଦୀ ପାର୍ଟି– ବିଏସ୍‌ପି– ଆର୍‌ଏଲ୍‌ଡି ମେଣ୍ଟକୁ ଛାଡ଼ିଦେବା ପାଇଁ କଂଗ୍ରେସ ନିଷ୍ପତ୍ତି ନେଇଛି। ମୈନପୁର, କନୌଜ ସମେତ ବହୁଜନ ସମାଜ ପାର୍ଟି ଅଧ୍ୟକ୍ଷା ମାୟାବତୀ, ଆର୍‌ଏଲ୍‌ଡି ନେତା ଅଜିତ ସିଂ ଏବଂ ଜୟନ୍ତ ଚୌଧରୀ ଲଢ଼ିବାକୁ ଥିବା ଆସନରେ କଂଗ୍ରେସ ପ୍ରାର୍ଥୀ ଦେବନି ବୋଲି ଉତ୍ତରପ୍ରଦେଶ କଂଗ୍ରେସ କମିଟି ସଭାପତି ରାଜ ବବର ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ଏହା ବ୍ୟତୀତ ସହଯୋଗୀ ଅପ୍‌ନା ଦଳକୁ ଦୁଇଟି ଆସନ ଗୋଣ୍ଡା ଏବଂ ପିଲିଭିତ୍ ଛାଡିବାକୁ ମଧ୍ୟ କଂଗ୍ରେସ ନିଷ୍ପତ୍ତି ନେଇଛି। ଅନ୍ୟତମ ସହଯୋଗୀ ମହାନ୍ ଦଳର ପ୍ରାର୍ଥୀ କଂଗ୍ରେସର ଦଳୀୟ ଚିହ୍ନରେ ଯେକୌଣସି ଆସନରୁ ଲଢ଼ିବାକୁ ରାଜି ଅଛି। ସେହିପରି ଜନ ଅଧିକାରୀ ପାର୍ଟି (ଜେଏପି) ଏବଂ କଂଗ୍ରେସ ମଧ୍ୟରେ ହୋଇଥିବା ୭ଟି ଆସନକୁ ନେଇ ବୁଝାମଣା ହୋଇଛି। ସେଥିରୁ ୫ଟିରେ ଜେଏପି ଏବଂ ଦୁଇଟିରେ କଂଗ୍ରେସ ଲଢ଼ିବ ବୋଲି ବବର କହିଛନ୍ତି। ୟୁପିରେ ଏପ୍ରିଲ ୧୧ରୁ ମେ ୧୯ ପର୍ଯ୍ୟନ୍ତ ୭ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ।

ପୁଣି ଲାଗିଲା ମାଓବାଦୀ ବ୍ୟାନର

କନ୍ଦିବାନ୍ଦା ଅଞ୍ଚଳରେ ଲାଗିଥିବା ମାଓବାଦୀ ବ୍ୟାନର।

ଦାରିଙ୍ଗବାଡି,୧୭।୩(ଡି.ଏନ.ଏ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ କନ୍ଧମାଳ ଜିଲାରେ ମାଓବାଦୀମାନେ ଥରକୁ ଥର ପୋଷ୍ଟର, ବ୍ୟାନର ଲଗାଇ ଏହାକୁ ବିରୋଧ କରୁଥିବା ଦେଖାଯାଉଛି। ଜନସାଧାରଣ ଭୋଟ ବର୍ଜନ କରିବା ସହ ବିପ୍ଳବୀ ଲୋକ ସରକାର ଗଢ଼ିବା ପାଇଁ ମାଓବାଦୀମାନେ ଉକ୍ତ ପୋଷ୍ଟର, ବ୍ୟାନରରେ ଉଲ୍ଲେଖ କରୁଥିବା ଦେଖାଯାଉଛି। ବୁଧବାର ବାଲିଗୁଡ଼ା ବ୍ଲକ ଓ ରବିବାର ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ମାଓବାଦୀମାନେ ସେମାନଙ୍କ ଉପସ୍ଥିତି ଜାହିର କରିଥିବାରୁ ଶାନ୍ତିପୂର୍ଣ୍ଣ ତଥା ସୁରକ୍ଷିତ ନିର୍ବାଚନ ପରିଚାଳନା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।

ଭୋଟ ବର୍ଜନ, ବିପ୍ଳବୀ ଗଣ କମିଟି ପ୍ରତିଷ୍ଠା ଆହ୍ୱାନ

ରବିବାର ଦାରିଙ୍ଗବାଡି ଥାନା ଅନ୍ତର୍ଗତ ୫୯ନଂ ଜାତୀୟ ରାଜପଥରେ ଥିବା କନ୍ଦିବାନ୍ଦା ଅଞ୍ଚଳରେ ମାଓବାଦୀ ପୋଷ୍ଟର ଓ ବ୍ୟାନର ଲାଗିଥିବା ଦେଖାଯାଇଥିଲା। ଉକ୍ତ ଅଞ୍ଚଳରେ ପୂର୍ବରୁ ମଧ୍ୟ ମାଓବାଦୀଙ୍କ ପକ୍ଷରୁ ଗଛକାଟି ରାସ୍ତା ଅବରୋଧ କରାଯାଇଥିଲା। ଏବେ ସାଧାରଣ ନିର୍ବାଚନକୁ ବିରୋଧ କରି ଓଡିଶା ରାଜ୍ୟ କମିଟି, ସିପିଆଇ (ମାଓବାଦୀ) ପକ୍ଷରୁ ବ୍ୟାନର ଓ ପୋଷ୍ଟର ଲଗାଯାଇଛି। ସେଥିରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ବର୍ଜନ କରିବାକୁ ନିବେଦନ କରାଯିବା ସହ ଅପାରଗ, ପ୍ରତାରକ, ଫାସିବାଦୀ ଭାଜପା ଓ ବିଜେଡିକୁ ତଡିବାକୁ ଉଲ୍ଲେଖ କରାଯାଇଛି। ଯେ କେହି ଭୋଟ ମାଗିବାକୁ ଆସିଲେ ଜନ ଅଦାଲତର କାଠଗଡାରେ ଠିଆ କରିବା ଓ ଗୋଡ଼ାଇ ମାରିବାକୁ ଦର୍ଶାଯାଇଛି। ଏଥିସହ ପ୍ରକୃତ ଗଣତନ୍ତ୍ର, ଜନ ବିକାଶ ପାଇଁ ବିପ୍ଳବୀ ଗଣ କମିଟି ପ୍ରତିଷ୍ଠା କରିବାକୁ କୁହାଯାଇଛି । ଏଭଳି ବ୍ୟାନର ଓ ପୋଷ୍ଟର ଦେଖି ଅଞ୍ଚଳବାସୀ ଭୟଭୀତ ହୋଇଛନ୍ତି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ନ ଥିବା ଜଣାପଡିଛି।

କୋମ୍ବିଂ ଅପରେଶନ ବେଳେ ଟିଫିନ୍ ବୋମା ଠାବ

ପାରଳାଖେମୁଣ୍ଡି, ୧୭।୩ (ସ୍ୱ.ପ୍ର.): ଗଜପତି ଜିଲା ମୋହନା ବ୍ଲକ ଅଡବା ଥାନା ଅନ୍ତର୍ଗତ ପାଣିଗଣ୍ଡା–ତୋରାଣିପାଣି ରାସ୍ତା ପାର୍ଶ୍ୱସ୍ଥ ଜଙ୍ଗଲରୁ ରବିବାର ପୋଲିସ କୋମ୍ବିଂ ଅପରେଶନ ସମୟରେ ଏକ ଟିଫିନ୍ ବୋମା ଓ ଦେଶୀ ବନ୍ଧୁକ ଜବତ କରିଛି। ଆଗକୁ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗଜପତି ଆରକ୍ଷୀ ଅଧୀକ୍ଷକ ସାରା ଶର୍ମାଙ୍କ ନିର୍ଦ୍ଦେଶରେ ମାଓବାଦୀ ପ୍ରବଣ ଅଡବା ମୋହନା ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଛି। ଟିଫିନ୍ ବୋମାଟି ପ୍ରାୟ ୩୫ରୁ ୪୦ କେଜି ଓଜନ ହେବ। ତେବେ ପାରଳାଖେମୁଣ୍ଡିରୁ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ଟିଫିନ୍ ବୋମାକୁ ନିଷ୍କ୍ରିୟ କରିଥିବା ଜଣାପଡିଛି। ନିର୍ବାଚନକୁ ଦୃଷ୍ଟିରେ ଆଗକୁ ମଧ୍ୟ ପୋଲିସ ପକ୍ଷରୁ ଏପରି କୋମ୍ବିଂ ଅପରେଶନ ଜାରି ରହିବ। ଏନେଇ ଅଡବା ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କହିଛନ୍ତି।

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ପଦରୁ କୁସୁମଙ୍କ ଇସ୍ତଫା

ସୁନ୍ଦରଗଡ଼, ୧୭।୩ (ଡି.ଏନ.ଏ.): ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ପଦରୁ କୁସୁମ ଟେଟେ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ରବିବାର ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ବ୍ୟକ୍ତିଗତ କାରଣ ପାଇଁ ସେ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ତେବେ ଏ ସମ୍ପର୍କରେ କୁସୁମଙ୍କୁ ପଚାରିବାରୁ ସେ କହିଲେ, ବିଜେଡ଼ି ଟିକେଟରେ ବିଧାୟକ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦିତା ପାଇଁ ଆଗ୍ରହୀ ଅଛନ୍ତି। ଦୀର୍ଘ ୫ବର୍ଷ ଧରି ସେ ବିଜେଡ଼ି ସଙ୍ଗଠନକୁ ଦୃଢ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଛନ୍ତି। ଲୋକେ କିପରି ଯୋଜନାର ସୁଫଳ ପାଇବେ ସେଥିପାଇଁ ଉଦ୍ୟମ କରିଆସିଛନ୍ତି। ସେ ବିଜେଡ଼ି ସହିତ ଅଛନ୍ତି। ଦଳର ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବେ କହିଛନ୍ତି। ପ୍ରକାଶ ଯେ, କୁସୁମ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ଥିଲେ। ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ ସିଂ ବିଜେଡିରେ ମିଶିବା ପରେ କୁସୁମ ଅସନ୍ତୁଷ୍ଟ ଥିଲେ। ପରେ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଆପୋସ ଆଲୋଚନା ହୋଇଥିଲା। କୁସୁମଙ୍କୁ ସନ୍ତୁଷ୍ଟ କରିବା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ପଦବୀରେ ଅବସ୍ଥାପିତ କରାଯାଇଥିଲା। ସେତେବେଳେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପଦବୀ ଖାଲିଥିଲା।

ସାନ ଭାଇକୁ ଭୁଜାଲିରେ ହାଣିଲେ ବଡ଼

ଭୁବନେଶ୍ୱର,୧୭।୩(ବ୍ୟୁରୋ): ପରକୀୟା ପ୍ରୀତିକୁ ନେଇ ଏୟାରଫିଲ୍ଡ ଥାନା ଅନ୍ତର୍ଗତ କ୍ଷେତ୍ରପାଳ ଅଞ୍ଚଳରେ ରବିବାର ଘଟିଛି ଏକ ଅଭାବନୀୟ ଘଟଣା। ବଡ଼ ଭାଇର ରଡ୍ ଓ ଭୁଜାଲି ଆକ୍ରମଣରେ ସାନଭାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପୋଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହୋଇପଡିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ମୁଣ୍ଡ, ବେକ ଓ ଗୋଡ଼ରେ ଗଭୀର କ୍ଷତ ହୋଇଛି। ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି। ଅଭିଯୁକ୍ତ ବଡ଼ଭାଇଙ୍କୁ ଗିରଫ ପାଇଁ ଚଢ଼ାଉ ଚାଲିଥିବା ଥାନାଧିକାରୀ ଜ୍ଞାନେନ୍ଦ୍ର ସାହୁ କହିଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ
www.rbi.org.in

ଭାରତୀୟ ରିଜର୍ଭବ୍ୟାଙ୍କ (ଆରବିଆଇ) ଦ୍ୱାରା ନିୟନ୍ତ୍ରିତ ହେଉଥିବା କୌଣସି ସଂସ୍ଥା କିମ୍ବା ନିଜର ବିଭାଗ ବିରୁଦ୍ଧରେ ଅଭିଯୋଗର ନିରାକରଣ

ଭାରତୀୟ ରିଜର୍ଭବ୍ୟାଙ୍କ (ଆରବିଆଇ) ଦେଶସାରା ନିଜର କାର୍ଯ୍ୟାଳୟରେ ଅଭିଯୋଗର ନିରାକରଣ ପାଇଁ ବିଭିନ୍ନ ମାଧ୍ୟମ ସ୍ଥାପନ କରିଅଛି।

ଭାରତୀୟ ରିଜର୍ଭବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା : ବାଣିଜ୍ୟକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ (ଭାରତୀୟ ରିଜର୍ଭବ୍ୟାଙ୍କ ଆଇନ ୧୯୩୪ର ଧାରା ୪୫-IA ଅନୁଯାୟୀ ପଞ୍ଜୀକୃତ) ଅଣବ୍ୟାଙ୍କିଙ୍ଗ୍ ସଂସ୍ଥା ମାନଙ୍କର ଡିଜିଟାଲ୍ ନେଣ ଦେଣ (ପେମେଣ୍ଟ ସେଟଲମେଣ୍ଟ ଆଇନ ୨୦୦୭ ଅଧୀନସ୍ତ) ଜମା ବୀମା ଓ ଋଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭବ୍ୟାଙ୍କର ଓଡ଼ିଶା କ୍ଷେତ୍ର ପାଇଁ ନିମ୍ନଲିଖିତ କାର୍ଯ୍ୟାଳୟ ସହ ଯୋଗା ଯୋଗ କରି ତାଙ୍କ ଅଭିଯୋଗ ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରି ପାରିବେ।

୧. ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (CEPC)
ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ
ସହାୟକ ମହାପ୍ରବନ୍ଧକ,

ନିର୍ବାଚନୀ ଫାଇଦା ପାଇଁ ନୁହେଁ, ଗରିବଙ୍କ ବିକାଶ ଲାଗି ସାଧାରଣ ବର୍ଗ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ନିମନ୍ତେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି।
-ଥାୱର ଚନ୍ଦ୍ ଗେହଲଟ, କେନ୍ଦ୍ରମନ୍ତ୍ରୀ

ଜମ୍ମୁ-କଶ୍ମୀର ସଂଲଗ୍ନ ପୁଞ୍ଚ ସୀମାରେ ଯବାନଙ୍କ ସହ ପ୍ରତିରକ୍ଷାମନ୍ତ୍ରୀ ମନୋହର ପାରିକର।

୨୦୧୬ ଡିସେମ୍ବର ୯ରେ କାରଗିଲ ବିଜୟ ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍‌ର ଅମର ଯବାନ ଜ୍ୟୋତି ନିକଟରେ ତିନି ସେନା ମୁଖ୍ୟଙ୍କ ସହ ପ୍ରତିରକ୍ଷାମନ୍ତ୍ରୀ ମନୋହର ପାରିକର।

ଗୋଆ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମନୋହର ପାରିକର।

ଆଧୁନିକ ଗୋଆର ନିର୍ମାତା

ପଣଜୀ,୧୭।୩(ପି.ଟି.)

ଗୋଆ ମୁଖ୍ୟମନ୍ତ୍ରୀ ଭାବେ ଚାରି ଚାରିଥର ଆସନ ଅଳଙ୍କୃତ କରିଥିବା ବରିଷ୍ଠ ଭାଜପା ନେତା ମନୋହର ପାରିକର ଆଉ ନାହାନ୍ତି। ଦୀର୍ଘଦିନ ଧରି ଅସୁସ୍ଥ ଥିବା ପାରିକର ରବିବାର ସନ୍ଧ୍ୟାରେ ଶେଷନିଃଶ୍ୱାସ ତ୍ୟାଗକରି ଆରପାରିକୁ ଚାଲିଯାଇଛନ୍ତି। ତାଙ୍କ ପରଲୋକକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ସବୁ ଦଳର ନେତାମାନେ ଶୋକବ୍ୟକ୍ତ କରିଛନ୍ତି।

ରାଷ୍ଟ୍ରପତି କୋବିନ୍ଦ ପାରିକରଙ୍କୁ ସତ୍ୟନିଷ୍ଠତାର ପ୍ରତୀକ ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, ପାରିକରଙ୍କ ଜୀବନ ସାଧାରଣ ଲୋକଙ୍କ ପାଇଁ ଉତ୍ସର୍ଗୀକୃତ ଥିଲା। ଗୋଆ ଓ ଭାରତର ଲୋକଙ୍କ ପ୍ରତି ତାଙ୍କର ସେବା ଚିର ସ୍ମରଣୀୟ ହୋଇ ରହିବ ବୋଲି ରାଷ୍ଟ୍ରପତି ଟୁଇଟ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ପାରିକରଙ୍କୁ ଜଣେ ଅତୁଳନୀୟ ନେତା ଭାବେ ଅଭିହିତ କରିଛନ୍ତି। ସଚ୍ଚା ଦେଶଭକ୍ତ ଓ ସୁପ୍ରଶାସକ ପାରିକର ଆଧୁନିକ ଗୋଆର ନିର୍ମାତା ଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ କହିଛନ୍ତି, ପାରିକର ସବୁବେଳେ 'ପ୍ରଥମେ ଦେଶ, ପରେ ଦଳ ଏବଂ ଶେଷରେ ନିଜ' ବିଚାରଧାରାରେ ବିଶ୍ୱାସ କରୁଥିଲେ। ରାଷ୍ଟ୍ର ପ୍ରତି ଜଣେ ଉତ୍ସର୍ଗୀକୃତ ନେତା ଭାବେ ପାରିକର ସବୁଦିନ ମନେରହିବେ। କାରଣ ସେ ନିଜ ଉଦ୍ୟମ ବଳରେ ଜଣେ ଭାଜପା କର୍ମୀରୁ ଦେଶର ପ୍ରତିରକ୍ଷାମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ। ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି, ଦେଶର ସଶସ୍ତ୍ର ବଳକୁ ସଶକ୍ତ କରିବାରେ ପାରିକରଙ୍କ ଅବଦାନ ଅତୁଳନୀୟ। ଏହି ନିସ୍ୱାର୍ଥପର ଦେଶଭକ୍ତଙ୍କ ପରଲୋକରେ ସାରା ଭାରତ ସ୍ତବ୍ଧ। ସେହିପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପାରିକରଙ୍କୁ ଗୋଆର ଜଣେ ସୁଯୋଗ୍ୟ ସନ୍ତାନ ଭାବେ ଅଭିହିତ କରି ତାଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି।

କ୍ୟାରିୟର

ଗୋଆ ମୁଖ୍ୟମନ୍ତ୍ରୀ	ପ୍ରତିରକ୍ଷାମନ୍ତ୍ରୀ
୨୦୦୦ ଅକ୍ଟୋବର ୨-୨୦୦୨ ଫେବୃୟାରୀ ୨୭	୨୦୧୪ ନଭେମ୍ବର
୨୦୦୨ ଜୁନ୍ ୩-୨୦୦୫ ଫେବୃୟାରୀ ୨	୯-୨୦୧୭
୨୦୧୨ ମାର୍ଚ୍ଚ ୯-୨୦୧୪ ନଭେମ୍ବର ୮	ମାର୍ଚ୍ଚ ୧୩
୨୦୧୭ ମାର୍ଚ୍ଚ ୧୪-୨୦୧୯ ମାର୍ଚ୍ଚ ୧୭	

କିଏ ହେବେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ

ପଣଜୀ,୧୭।୩

ମନୋହର ପାରିକରଙ୍କ ପରଲୋକ ପରେ ଗୋଆର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ଭାଜପା ନେତୃତ୍ୱାଧୀନ ମେଣ୍ଟ ନୂଆ ନେତା ସନ୍ଧାନରେ ଅଛି। ଗୋଆ ଫରୱାର୍ଡ ପାର୍ଟି, ଏମ୍‌ଜିପି ଏବଂ ସ୍ୱାଧୀନ ବିଧାୟକଙ୍କ ସମର୍ଥନରେ ଭାଜପା ଗୋଆରେ ସରକାର ଗଢ଼ିଥିଲା। ପାରିକରଙ୍କ ବିୟୋଗରେ ପଣଜୀ ବିଧାନସଭା ଆସନ ଖାଲିପଡିଥିବାରୁ ଆସନ୍ତା ଏପ୍ରିଲ ୨୩ରେ ଅନ୍ୟ ୩ ଆସନ ସମେତ ଉକ୍ତ ଆସନରେ ମଧ୍ୟ ଉପନିର୍ବାଚନ ହୋଇପାରେ। ଏବେ ଭାଜପା ମେଣ୍ଟ ନେତା ଚୟନ କରି ବିଧାୟକମାନଙ୍କ ସମର୍ଥନ ପତ୍ର ସହ ରାଜ୍ୟପାଳଙ୍କୁ ଜଣାଇବ। ଯଦି ଉକ୍ତ ମେଣ୍ଟ ସ୍ଥିର ସରକାର ଗଢ଼ିବା ନେଇ ରାଜ୍ୟପାଳଙ୍କ ହୃଦବୋଧ ନ ହୁଏ ତେବେ ସେ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ କଂଗ୍ରେସକୁ ସରକାର ଗଢ଼ିବା ପାଇଁ ଡାକିପାରନ୍ତି। ବିଧାୟକ ଫ୍ରାନ୍ସିସ ଡି'ସୁଜା ଓ ପାରିକରଙ୍କ ପରଲୋକ ଏବଂ ଦୁଇ କଂଗ୍ରେସ ବିଧାୟକଙ୍କ ଇସ୍ତଫା ପରେ ୪୦ ଆସନ ବିଶିଷ୍ଟ ଗୋଆ ବିଧାନସଭାରେ ବିଧାୟକଙ୍କ ସଂଖ୍ୟା ୩୬କୁ ହ୍ରାସ ପାଇଛି। କଂଗ୍ରେସର ୧୪ ବିଧାୟକ ଥିବାବେଳେ ଭାଜପାର ବିଧାୟକ ସଂଖ୍ୟା ୧୨କୁ ଖସିଆସିଛି। ଭାଜପା ଓ ସହଯୋଗୀ ଦଳର ବିଧାୟକମାନଙ୍କ ଜରୁରୀ ବୈଠକ ବସି ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ଗୋଆ ଫରୱାର୍ଡ ପାର୍ଟିର ୩ ବିଧାୟକ ଏବଂ ଏମ୍‌ଜିପିର ତିନି ବିଧାୟକ ଅଲଗା ବୈଠକ କରିଛନ୍ତି।

ଶେଷ ଯାଏ ବିବାଦ

୨୦୦୧ରେ ଗୋଆ ଗ୍ରାମାଞ୍ଚଳର ୫୧ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଆର୍‌ଏସ୍‌ଏସ୍‌ର ଶିକ୍ଷା ଶାଖା ବଦ୍ୟା ଭାରତୀ ଅଧୀନକୁ ଆଣି ମୁଖ୍ୟମନ୍ତ୍ରୀ ମନୋହର ପାରିକର ବିବାଦ ଘେରକୁ ଆସିଥିଲେ। ୨୦୧୪ ଫିଫା ବିଶ୍ୱ କପ୍ ଦେଖିବା ପାଇଁ ରାଜକୋଷରୁ ୮୯ ଲକ୍ଷ ଟଙ୍କା ଖର୍ଚ୍ଚ କରି କେତେଜଣ ମନ୍ତ୍ରୀ ଓ ବିଧାୟକଙ୍କୁ ବ୍ରାଜିଲ ପଠାଇବା ନେଇ ବିବାଦ ଉଠିଥିଲା। ୨୦୧୬ରେ ପାରିକର ପ୍ରତିରକ୍ଷା ମନ୍ତ୍ରୀ ଥିବାବେଳେ ବାୟୁସେନା ପାଇଁ ୩୬ଟି ରାଫାଲ ଯୁଦ୍ଧବିମାନ କିଣିବା ନେଇ ଫ୍ରାନ୍ସ ସହ ଚୁକ୍ତି ହୋଇଥିଲା ଯାହା ଅଦ୍ୟାବଧି ବିବାଦୀୟ ହୋଇ ରହିଛି।

ସ୍ୱୟଂସେବକରୁ ପ୍ରତିରକ୍ଷାମନ୍ତ୍ରୀ

ପଣଜୀ,୧୭।୩(ପି.ଟି.)

ମନୋହର ପାରିକର ଆରଏସ୍‌ଏସ୍ ପ୍ରଚାରକ ଭାବେ କ୍ୟାରିୟର ଆରମ୍ଭ କରି ପରବର୍ତ୍ତୀ ଜୀବନରେ ଦେଶର ପ୍ରତିରକ୍ଷାମନ୍ତ୍ରୀ ଏବଂ ଗୋଆ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଆଧୁନିକ ଗୋଆର ନିର୍ମାତା ପାରିକର ୪ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳରେ ପ୍ରତିରକ୍ଷାମନ୍ତ୍ରୀ ହୋଇଥିଲେ। ଭାଜପାର ସବୁ ବିଚାରଧାରାର ଲୋକଙ୍କ ପାଇଁ ସେ ଗ୍ରହଣୀୟ ହୋଇପାରିଥିଲେ। ଗୋଆରେ ଭାଜପାକୁ ଶକ୍ତିଶାଳୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୧୯୫୫ ଡିସେମ୍ବର ୧୩ରେ ଏକ ମଧ୍ୟବିତ୍ତ ପରିବାରରେ ପାରିକରଙ୍କ ଜନ୍ମ। ସେ ପ୍ରତିରକ୍ଷାମନ୍ତ୍ରୀ ଥିବାବେଳେ ପାକିସ୍ତାନ ଅଧିକୃତ କଶ୍ମୀରରେ ଭାରତୀୟ ସେନା ଦ୍ୱାରା ସର୍ଜିକାଲ୍ ଷ୍ଟ୍ରାଇକ୍ ହୋଇଥିଲା ଏବଂ ଏହାର ଶ୍ରେୟ ତାଙ୍କୁ ହିଁ ଦିଆଯାଇଥିଲା। ସରଳ ଜୀବନଯାପନ ଶୈଳୀ ଓ ସ୍ୱଷ୍ଟବାଦୀ ପାରିକର ୧୯୯୪ରେ ନିର୍ବାଚନରେ ଭାଗନେଇ ଭାଜପା ଟିକେଟରେ ପଣଜୀ ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ। ସେ ୧୯୯୯ ଜୁନ୍‌ରୁ ନଭେମ୍ବର ପର୍ଯ୍ୟନ୍ତ ବିରୋଧୀ ଦଳ ନେତା ଥିଲେ ଏବଂ ତତ୍‌କାଳୀନ କଂଗ୍ରେସ ନେତୃତ୍ୱାଧୀନ ସରକାର ବିରୋଧରେ ଓଜସ୍ୱିନୀ ବକ୍ତୃତା ଦେଇ ଚର୍ଚ୍ଚିତ ଥିଲେ। ୨୦୦୦ ଅକ୍ଟୋବର ୨୪ରେ ପ୍ରଥମଥର ପାଇଁ ସେ ଗୋଆର ମୁଖ୍ୟମନ୍ତ୍ରୀ ହୋଇଥିଲେ।

'ଭାଜପାରେ ମିଶିବା ଆତ୍ମହତ୍ୟା ସଦୃଶ'

ନୂଆଦିଲ୍ଲୀ,୧୭।୩

ଦିଗମ୍ବର କାମାତ

ଭାଜପାରେ ଯୋଗଦେବା ଗୁଜବକୁ ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗମ୍ବର କାମାତ ଖଣ୍ଡନ କରିଛନ୍ତି। ଭାଜପାରେ ଯୋଗଦେବା ତାଙ୍କ ପାଇଁ ଆତ୍ମହତ୍ୟା କରିବା ଭଳି ହେବ ବୋଲି ସେ କହିଛନ୍ତି। କାମାତ ନୂଆଦିଲ୍ଲୀ ଆସିଥିବା ବେଳେ ଭାଜପାରେ ଯୋଗଦେଇପାରନ୍ତି ବୋଲି ରବିବାର ସକାଳୁ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏଭଳି ମନଗଢ଼ା କାହାଣୀ ପ୍ରଚାର କରୁଛନ୍ତି। ତାଙ୍କର ଭାଜପାରେ ଯୋଗଦେବାର ନାହିଁ। ସେ ବ୍ୟକ୍ତିଗତ କାମରେ ଦିଲ୍ଲୀ ଆସିଥିଲେ ଓ ରବିବାର ରାତିରେ ଗୋଆ ଫେରୁଛନ୍ତି। ସୋମବାର କଂଗ୍ରେସ ବିଧାୟକ ଦଳ ବୈଠକରେ ଯୋଗଦେବେ ବୋଲି କାମାତ କହିଛନ୍ତି। ୨୦୦୫ ପର୍ଯ୍ୟନ୍ତ କାମାତ ଭାଜପାରେ ଥିଲେ। ପରେ ସେ କଂଗ୍ରେସକୁ ଯାଇ ୨୦୦୭ରୁ ୨୦୧୨ ମୁଖ୍ୟମନ୍ତ୍ରୀ ହୋଇଥିଲେ।

୨୨ ସୈନ୍ୟଙ୍କୁ ହତ୍ୟା

କାବୁଲ,୧୭।୩

ଉତ୍ତର ଆଫଗାନିସ୍ତାନର ଏକ ଚେକ୍‌ପଏଣ୍ଟରେ ତାଲିବାନ ଆତଙ୍କବାଦୀଙ୍କ ଆକ୍ରମଣରେ ୨୨ ସୈନ୍ୟ ନିହତ ଓ ୨୦ ଜଣ ଆହତ ହୋଇଛନ୍ତି। କିଛିଦିନ ହେଲା ଆତଙ୍କବାଦୀମାନେ ଦେଶର ସୈନ୍ୟବାହିନୀ ଉପରେ କ୍ରମାଗତ ଆକ୍ରମଣ ଜାରି ରଖିଛନ୍ତି। ଗତ ସପ୍ତାହରେ ଦେଶର ପଶ୍ଚିମ ଭାଗରେ ତାଲିବାନଙ୍କ ଆକ୍ରମଣରେ ଶତାଧିକ ଆଫଗାନ ସୈନ୍ୟ ଛତ୍ରଭଙ୍ଗ ଦେଇ ପଡୋଶୀ ତୁର୍କମେନିସ୍ତାନ ପଳାଇଯାଇଥିଲେ। ଗୋଟିଏ ପଟେ ତାଲିବାନ ଆମେରିକା ସହ ଆଲୋଚନା ଚଳାଇଥିବାବେଳେ ସେପେଟ ସୈନ୍ୟବାହିନୀକୁ ଟାର୍ଗେଟ କରିଆସୁଛି। ଫରୟାବ୍ ପ୍ରଦେଶର କୈସର ଜିଲାରେ ଥିବା ଏକ ଚେକ୍‌ପଏଣ୍ଟ ଉପରେ ଶନିବାର ରାତିରେ ତାଲିବାନ ଆକ୍ରମଣ କରିବା ପରେ ସେଠାକୁ ଅଧିକ ସୈନ୍ୟ ପଠାଯାଇଥିଲା। ରବିବାର ସକାଳ ପର୍ଯ୍ୟନ୍ତ ଗୁଳିବିନିମୟ ଜାରି ରହିଥିଲା।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ତୁଣ୍ଡ ନ କହୁ ନାଟେ,
ଗୁପ୍ତ ନ ରହିବ ଘାଟେ ।

ନାଟ ବା କୌଣସି ଆମୋଦ ପ୍ରମୋଦ ସ୍ଥାନରେ କିଛି ଗୁରୁତ୍ୱପୂର୍ଣ୍ଣ କଥା କହିଲେ ତା'ର କୌଣସି ମୂଲ୍ୟ ରହି ନ ଥାଏ, କଥାର ଗୁରୁତ୍ୱ କମି ଯାଇଥାଏ। ସେହିପରି ତୁଠ ପୋଖରୀ ତଥା ଘାଟକୂଳରେ ଅଧିକ ଲୋକ ମେଳି ହେଉଥିବା ସ୍ଥଳେ ସେ ସ୍ଥାନରେ କୌଣସି ଗୁପ୍ତ କଥା ପ୍ରକାଶ କଲେ କଥାର ଗୋପନୀୟତା ନଷ୍ଟ ହୋଇଯାଇଥାଏ। କଥା ଶୀଘ୍ର ଏ କାନରୁ ସେ କାନ ହୋଇ ଚାରିଆଡ଼େ ପ୍ରଘଟ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ତୁଟିଲା କଥା,
କାଟିଲା ମଥା।

କଥା ଥରେ ତୁଟିଗଲେ ବା ସମାଧାନ ହୋଇଗଲେ ପଛକଥା ସବୁ ଭୁଲି ହୋଇଯାଇଥାଏ। ମନରେ ରହିଥିବା ସବୁ ତିକ୍ତତା ମେଣ୍ଟିଯାଇଥାଏ। ରାଗ ଅଭିମାନ ଭୁଲି ଆପଣାର ଭାବ ଫେରିଆସିଥାଏ। ସେହିପରି ମଥା ଥରେ କଟିଗଲେ ଆଉ ପୁନଶ୍ଚ ଯୋଡ଼ିହେବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ଇତିହାସର ଆଇନାରେ | ମାର୍ଚ୍ଚ ୧୮ର ପ୍ରମୁଖ ଘଟଣା

୧୯୯୬ ମାର୍ଚ୍ଚ ୧୮ରେ କୁଏଜନ୍ ସିଟିସ୍ଥିତ ଏକ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଯୋଗୁ ୧୬୨ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହି କ୍ଲବ୍ ମାତ୍ର ୩୫ ଜଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲେ ହେଁ ଏହାଠାରୁ ଢେର ଲୋକ ଉପସ୍ଥିତ ଥିଲେ।

୨୦୧୫ ମାର୍ଚ୍ଚ ୧୮ରେ ଟୁନିସିଆର ବାର୍ଡୋ ନ୍ୟାଶନାଲ ମ୍ୟୁଜିୟମ୍‌ରେ ଜଣେ ବନ୍ଧୁକଧାରୀଙ୍କ ଆକ୍ରମଣ ଯୋଗୁ ୨୩ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା ଏବଂ ୫୦ଜଣ ଆହତ ହୋଇଥିଲେ। ଟୁନିସିଆକୁ ସରକାରୀ ଭାବେ ରିପବ୍ଲିକ୍ ଅଫ୍ ଟୁନିସିଆ କୁହାଯାଏ।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

AAROHAN FOUNDATION
Tech Mahindra FOUNDATION SMART
ସାମାଜିକ ତଥା ଅର୍ଥନୈତିକ ଅନଗ୍ରସର ଯୁବଗୋଷ୍ଠୀ ନିମନ୍ତେ ମାଗଣା ଶିକ୍ଷା ଓ ନିଶ୍ଚିତ ନିଯୁକ୍ତିର ସୁଯୋଗ
• କମ୍ପ୍ୟୁଟର • ଇଂରାଜୀ ଟାଇପିଂ
• ସ୍ପୋକନ୍ ଏବଂ ଲିସେନ୍ସିଂ ଇଂରାଜୀ
• ସ୍ପୋକନ ହିନ୍ଦି • ବିପିଓ ଟ୍ରେନିଂ
• ପର୍ସନାଲିଟି ଡେଭେଲପମେଣ୍ଟ
• ବେସିକ ୱେବ୍ ଡିଜାଇନିଂ
Employer can contact us for Hiring
Student can contact us for joining the course
ବୟସ ସୀମା- ୧୮ ବର୍ଷରୁ ଉର୍ଦ୍ଧ୍ୱ, ଯୋଗ୍ୟତା- ୧୦ମ ବା ତଦୂର୍ଦ୍ଧ୍ୱ
JEEBIKA IT SCHOOL
(AAROHAN FOUNDATION) N2/30, IRC Village, Nayapalli, Bhubaneswar
Ph : 0674-2550482, 8658656804, 6371569229
Email : jeebikaitschool30@gmail.com

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଟିଂ, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

LOAN
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଟିଂ, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ ଜାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସନ୍ତାନୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେରବା, ବିବାହରେ ସମସ୍ୟା, ଚକ୍ରମନ୍ତର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆସରୁ କାମ କରିବା ଲୋକକୁ ମନମୂତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ବିଜ ଦାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍

ଛିଣ୍ଡୁନି କଂଗ୍ରେସ ପ୍ରାର୍ଥୀ ଚୟନ ଅଙ୍କ

ଭୁବନେଶ୍ୱର,୧୭।୩ (ବ୍ୟୁରୋ)

ଓଡିଶାରେ ପ୍ରଥମ ୨ଟି ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିବାକୁ ପ୍ରସ୍ତୁତ ହେଉଛି କଂଗ୍ରେସ। ଯେତେ ଚେଷ୍ଟା କଲେ ମଧ୍ୟ ପ୍ରାର୍ଥୀ ଚୟନ ଅଙ୍କ ଦଳରେ ଛିଣ୍ଡିପାରୁ ନାହିଁ। ବାରମ୍ବାର ଏଆଇସିସି ସ୍କ୍ରିନିଂ କମିଟି ବୈଠକ ବସୁଥିଲେ ମଧ୍ୟ ଦଳ ଏଯାଏଁ ବୃତ୍ତାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିପାରୁନାହିଁ। ଅନ୍ୟପଟେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ୨୧ଲୋକ ସଭା ଏବଂ ୧୪୭ ବିଧାନସଭା ଆସନ ପାଇଁ ୩୩ପ୍ରତିଶତ ମହିଳା ପ୍ରାର୍ଥୀଙ୍କୁ ତାଲିକାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରୁ ନାହିଁ। ଏପଟେ ରବିବାର ପୁନର୍ବାର ସ୍କ୍ରିନିଂ କମିଟି ବୈଠକ ବସି ବୃତ୍ତାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ପାଇଁ ତର୍ଜମା ଚାଲିଛି। ସୋମବାର ପୁନର୍ବାର ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି) ବୈଠକ ବସି ବୃତ୍ତାନ୍ତ ତାଲିକାକୁ ମୋହର ଦେବାପରେ ଘୋଷଣା ହେବାର ସମ୍ଭାବନା ରହିଥିବା ଦଳୀୟ ମହଲରୁ ଜଣାପଡିଛି। ଏହାପରେ ପୁନର୍ବାର ଆସନ୍ତା ୨୨ତାରିଖରେ ସ୍କ୍ରିନିଂ କମିଟି ବସି ଶେଷ ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ପାଇଁ ବୃତ୍ତାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହେବାର ସମ୍ଭାବନା ରହିଛି।

■ ରାଜଧାନୀରୁ ରେଳ ବିଦ୍ୟୁତୀକରଣ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସଙ୍ଗ

ଇସିଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି

ଭୁବନେଶ୍ୱର,୧୭।୩ (ବ୍ୟୁରୋ)

ନିର୍ବାଚନ ସମୟରେ ଭୁବନେଶ୍ୱରରୁ ରେଳ ବିଦ୍ୟୁତୀକରଣ ୟୁନିଟ୍ କାର୍ଯ୍ୟାଳୟ ବେଙ୍ଗାଲୁରୁ ସ୍ଥାନାନ୍ତର ନିଷ୍ପତ୍ତି ନିର୍ବାଚନ ଆଚରଣବିଧିର ଖୋଲା ଉଲ୍ଲଂଘନ ବୋଲି ବିଜେଡି ଅଭିଯୋଗ କରିଛି। ଏନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ଅଭିଯୋଗ କରିବା ସହ କେନ୍ଦ୍ର ସରକାରଙ୍କ ଉକ୍ତ ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଦାବି କରାଯାଇଛି। ବରିଷ୍ଠ ନେତା ବଦ୍ରିନାରାୟଣ ପାତ୍ରଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ସ୍ମାରକ ପତ୍ର ଜରିଆରେ ନିର୍ବାଚନ କମିଶନ(ଇସି)ଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

ଭାଜପାର ଆଚରଣବିଧି ଉଲ୍ଲଂଘନ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛି ବିଜେଡି ପ୍ରତିନିଧି ଦଳ।

ବିଜେଡି ପକ୍ଷରୁ କୁହାଯାଇଛି ଯେ, ଗତ ୧୦ତାରିଖରେ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବାସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିଲା। ନିର୍ବାଚନ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରୁଟିନ୍ କାର୍ଯ୍ୟକ୍ରମ ବ୍ୟତୀତ ଅନ୍ୟ କୌଣସି ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ଆଦର୍ଶ ଆଚରଣବିଧିରେ ସ୍ପଷ୍ଟ କୁହାଯାଇଛି। ମାତ୍ର ତାରିଖ ଘୋଷଣାର ୩ଦିନ ପରେ କେନ୍ଦ୍ର ରେଳ ବିଭାଗ ଏକ ନିର୍ଦ୍ଦେଶନାମା ଜାରି କରି ଭୁବନେଶ୍ୱରଠାରେ ଥିବା ରେଳ ବିଦ୍ୟୁତୀକରଣ ୟୁନିଟ୍‌କୁ ସ୍ଥାନାନ୍ତର କରାଯାଇଛି। କର୍ନାଟକ ଭୋଟରଙ୍କୁ ହାତେଇବା ପାଇଁ ଭାଜପା ଏହି ଷଡ଼ଯନ୍ତ୍ର କରିଛି, ଯାହାର ପରିଣାମ ରାଜ୍ୟବାସୀଙ୍କୁ ଭୋଗିବାକୁ ପଡିବ। ଏହାଦ୍ୱାରା ଓଡିଶାରେ ରେଳ ବିଦ୍ୟୁତୀକରଣ କାର୍ଯ୍ୟର ଅଗ୍ରଗତି ସମ୍ପୂର୍ଣ୍ଣ ଠପ୍ ହୋଇଯିବ। ନିର୍ବାଚନ ଆଚରଣବିଧି ଲାଗୁ ହେବା ପୂର୍ବରୁ ଓଡିଶା ଭାଜପାର ଆଉ ଏକ ହୀନ ଷଡ଼ଯନ୍ତ୍ରର ଶିକାର ହୋଇଛି। ପୂର୍ବତଟ ରେଳବାଇ ଡିଭିଜନକୁ ବିଭାଜନ କରି ଦକ୍ଷିଣତଟ ରେଳବାଇ ନାଁରେ ଏକ ନୂଆ ଡିଭିଜନ ସୃଷ୍ଟି କରିଥିଲେ। ଆନ୍ଧ୍ରପ୍ରଦେଶ ଭୋଟରଙ୍କୁ ମନାଇବାକୁ ଭାଜପାର ସେହି ଷଡ଼ଯନ୍ତ୍ର ଥିଲା। ଏବର ନିଷ୍ପତ୍ତି ଦ୍ୱାରା କର୍ନାଟକରେ ମଧ୍ୟ ନିର୍ବାଚନ ଆଚରଣବିଧିର ଉଲ୍ଲଂଘନ ହୋଇଛି। ଭାଜପା ବାରମ୍ବାର ଆଚରଣବିଧି ଉଲ୍ଲଂଘନ କରୁଥିବାରୁ ନିର୍ବାଚନ କମିଶନ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡି ଦାବି କରିଛି।

ଝୁଲେଇ ରଖିଲେ ବିଜୟ

ଭୁବନେଶ୍ୱର, ୧୭।୩ (ବ୍ୟୁରୋ)

ଭାଜପା କହିଲା ଇସ୍ତଫାପତ୍ର ଗ୍ରହଣ ହୋଇନାହିଁ

ରାଜ୍ୟ ରାଜନୀତିର ଦୁଇ ଚର୍ଚ୍ଚିତ ଚେହେରା ଦିଲୀପ ରାୟ ଏବଂ ବିଜୟ ମହାପାତ୍ରଙ୍କ ଆଗାମୀ ରାଜନୈତିକ ପଦକ୍ଷେପ କ'ଣ ହେବ ତାକୁ ନେଇ ସମସ୍ତଙ୍କ ଭିତରେ ଉତ୍ସୁକତା ରହିଛି। ଏହି ଦୁଇ ନେତା ୩ମାସ ତଳୁ ଭାଜପାରୁ ଇସ୍ତଫା ଦେବାପରେ ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା ଲାଗି ରହିଛି। ଶନିବାର ବିଳମ୍ବିତ ରାତିରେ ଦିଲୀପ ରାୟ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ୍ କରିବା ଏହି ଚର୍ଚ୍ଚାକୁ ଆହୁରି ଖୋରାକ୍ ଯୋଗାଇଥିଲା। ମାତ୍ର ବିଜୟ ମହାପାତ୍ରଙ୍କ ବିଜେଡିରେ ଯୋଗଦାନ ନେଇ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। କିଛିଦିନ ତଳେ ବିଜୟ ଓ ଦିଲୀପଙ୍କୁ ନେଇ ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ କହିଥିଲେ, ଆମକୁ କେହି ଛାଡ଼ି ଯାଇନାହାନ୍ତି। ସମସ୍ତେ ଆମ ସହ ରହିଛନ୍ତି। ଅରୁଣଙ୍କ ଏହି କଥା ପରେ ଦୁଇ ନେତା ଭାଜପାକୁ ଫେରିପାରନ୍ତି ବୋଲି ଆଲୋଚନା ଜୋର୍ ଧରିଥିଲା। ରବିବାର ଗଣମାଧ୍ୟମ ଆଗରେ ବିଜୟ କହିଛନ୍ତି ଯେ, ୩ମାସ ତଳୁ କହିଥିଲେ ଏଥରର ନିର୍ବାଚନ ବହୁ ଜଟିଳ ହେବ। ପୂର୍ବରୁ ରାଜ୍ୟବାସୀ କେବେହେଲେ ଏମିତି ନିର୍ବାଚନ ଦେଖି ନ ଥିବେ। ଆଗାମୀ ରଣନୀତି ନେଇ ଏପର୍ଯ୍ୟନ୍ତ କିଛି ନିଷ୍ପତ୍ତି ନେଇନାହାଁନ୍ତି। ନିର୍ବାଚନମଣ୍ଡଳୀର ଲୋକ ଏବଂ ରାଜ୍ୟର ବହୁ ଶୁଭେଚ୍ଛୁ ଆସି ଆଲୋଚନା କରୁଛନ୍ତି। ନିଷ୍ପତ୍ତି ନେଲେ ଜଣାଇବେ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଦିଲୀପ ରାୟ ଭେଟିବା ନେଇ ସେ କହିଛନ୍ତି, ସମସ୍ତଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ନେବାର ଅଧିକାର ରହିଛି। ଏନେଇ ଦିଲୀପ ତାଙ୍କ ସହ କିଛି ଆଲୋଚନା କରିନାହାନ୍ତି। ବିଜେଡିର କେହି ମଧ୍ୟ ତାଙ୍କ ସହ ଏପର୍ଯ୍ୟନ୍ତ ଯୋଗାଯୋଗ କରିନାହାନ୍ତି ବୋଲି ସେ କହିଛନ୍ତି। ଭାଜପା ଫେରିବା କଥାରେ ବିଜୟ କହିଛନ୍ତି, କିଛି ନିଷ୍ପତ୍ତି ନେଇନାହାଁନ୍ତି, ଦଳର ବହୁ ନେତୃବୃନ୍ଦ ବ୍ୟକ୍ତିଗତ ଭାବେ ଭେଟିଛନ୍ତି।

ଅନ୍ୟପକ୍ଷରେ ବିଜୟଙ୍କ ଇସ୍ତଫା ପରେ ପୂର୍ବରୁ ବିରୋଧ କରୁଥିବା ଭାଜପା ଏବେ ନିଜ ଆଭିମୁଖ୍ୟ ବଦଳାଇଛି। ଅରୁଣଙ୍କ ଭିନ୍ନ ଇଙ୍ଗିତ ପରେ ଦଳର ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ବିଜୟ ଦଳରୁ ଇସ୍ତଫା ଦେଇଛନ୍ତି। ହେଲେ ତାଙ୍କ ଇସ୍ତଫାପତ୍ର ଏପର୍ଯ୍ୟନ୍ତ ଗ୍ରହଣ କରାଯାଇନାହିଁ। ଇସ୍ତଫା ଅନୁମୋଦନ ହୋଇ ବିଜୟଙ୍କ ପାଖକୁ ପୁନର୍ବାର ଚିଠିଯାଇଛି କି ବୋଲି ଗୋଲକ ପ୍ରଶ୍ନ କରିଛନ୍ତି।

ହିଞ୍ଜିଳିରେ ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ ନେଇ ଅନିଶ୍ଚିତତା

ହିଞ୍ଜିଳିକାଟୁ,୧୭।୩(ଡି.ଏନ୍.ଏ.)

ହିଞ୍ଜିଳି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ପ୍ରାର୍ଥୀ ହେବେ କି ନାହିଁ ସେଥିରେ ଅନିଶ୍ଚିତତା ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ହିଞ୍ଜିଳି ବଦଳରେ ପଶ୍ଚିମ ଓଡ଼ିଶାର ଯେକୌଣସି ବିଧାନସଭା କ୍ଷେତ୍ରରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ରବିବାର ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚା ଓ ସୋସିଆଲ ମିଡିଆରେ ଖବର ଘୂରି ବୁଲିଥିଲା। ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାର ଜନସାଧାରଣ ନବୀନଙ୍କୁ ଚଳିତଥର ଉକ୍ତ ଅଞ୍ଚଳରୁ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଅନୁରୋଧ କରିଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ପରେ ହିଞ୍ଜିଳିରେ ତାଙ୍କ ପ୍ରାର୍ଥିତ୍ୱ ନେଇ ଆଶଙ୍କା ଦେଖାଦେଇଛି। ଏଭଳି ସମୟରେ ନବୀନଙ୍କ ପୁତୁରା ଅରୁଣ ପଟ୍ଟନାୟକ ଆସିକା ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ ହୋଇ ରାଜନୈତିକ କ୍ୟାରିୟର ଗଢ଼ିପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି।

୨୦୦୦ ମସିହାରୁ ନବୀନ ପଟ୍ଟନାୟକ କ୍ରମାଗତ ୪ଥର ହିଞ୍ଜିଳିରୁ ଜିତି ମୁଖ୍ୟମନ୍ତ୍ରୀ ରହି ଆସିଛନ୍ତି। ପ୍ରତି ନିର୍ବାଚନରେ ସେ ଅଧିକ ଭୋଟ ବ୍ୟବଧାନରେ ଜିତିଛନ୍ତି। ଚଳିତଥର ମଧ୍ୟ ଲକ୍ଷାଧିକ ଭୋଟରେ ଜିତିବେ ବୋଲି ଦଳର ତୁଙ୍ଗ ନେତୃବର୍ଗ ଦୃଢ଼ତାର ସହ କହିଛନ୍ତି। ତଥାପି, ନବୀନ

ଆସିକା ଏମ୍‌ପି ପ୍ରାର୍ଥୀ ହୋଇପାରନ୍ତି ପୁତୁରା

ପଶ୍ଚିମ ଓଡ଼ିଶାରୁ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଆଲୋଚନା କାହିଁକି ବୋଲି ନେତା, କର୍ମୀଙ୍କ ସହ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ପଞ୍ଚାୟତ ନିର୍ବାଚନରେ ରାଜ୍ୟରେ ଭାଜପାର ଭଲ ପ୍ରଦର୍ଶନ, ବିଶେଷକରି ପଶ୍ଚିମ ଓଡ଼ିଶାର ଜନସାଧାରଣ ଭାଜପା ଆଡ଼କୁ ଢଳୁ ଥିବାରୁ ଏହାକୁ ପ୍ରତିହତ କରିବା ଓ ପଶ୍ଚିମ ଓଡ଼ିଶାବାସୀଙ୍କ ବିଶ୍ୱାସଭାଜନ ହେବାକୁ ନବୀନ ସେଠାରୁ ହୁଏତ ଲଢ଼ି ପାରନ୍ତି ବୋଲି ହିଞ୍ଜିଳିକାଟୁ ଓକିଲ ସଂଘର ପୂର୍ବତନ ସଭାପତି ରାମଚନ୍ଦ୍ର ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ବିଜୟ ଭୋଟ ବ୍ୟବଧାନ କମିବା ଆଶଙ୍କା ଥିବାରୁ ମୁଖ୍ୟମନ୍ତ୍ରୀ ନିଜ ନିର୍ବାଚନମଣ୍ଡଳୀ ବଦଳାଇବା ଚିନ୍ତା କରିଥାଇ ପାରନ୍ତି ବୋଲି ହିଞ୍ଜିଳିକାଟୁ ବିକାଶ ମଞ୍ଚ ସଭାପତି ପ୍ରମୋଦ କୁମାର ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ପୁଣିଥରେ ହିଞ୍ଜିଳିରେ ପ୍ରାର୍ଥୀ ହୁଅନ୍ତୁ ବୋଲି ଅନୁରୋଧ କରିବାକୁ ନିର୍ବାଚନମଣ୍ଡଳୀର ଦଳୀୟ ନେତା, କର୍ମୀ ଓ ଜନସାଧାରଣ ସୋମବାର ଭୁବନେଶ୍ୱର ଯିବେ ବୋଲି ଶୁଣାଯାଉଛି।

ବ୍ରହ୍ମପୁର ଟାଉନ ହଲ୍‌ରେ ରବିବାର ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ୧୬ଶ ବାର୍ଷିକୋତ୍ସବ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ (ବାମରୁ) ଭାଲଚନ୍ଦ୍ର ଷଡ଼ଙ୍ଗୀ, ଲେଖିକା ଅମିୟବାଳା ପଟ୍ଟନାୟକ, ପ୍ରଫେସର ଜୟନ୍ତ ମହାପାତ୍ର, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଏବଂ ଶିକ୍ଷାବିତ୍ ସୁଧୀର ରାଉତ।

କାର୍ ଦୁର୍ଘଟଣା: ୩ମୃତ, ଜଣେ ଗୁରୁତର

ବଡ଼ଗାଁ, ୧୭।୩(ଡି.ଏନ.ଏ.)

୧୦ନଂ ଜାତୀୟ ରାଜପଥର ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଫ୍ଲାଇଓଭର ବ୍ରିଜ ନିକଟରେ ରବିବାର ରାତିରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ମହିଳାଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ସୁନ୍ଦରଗଡ଼ ଜିଲା ମୁଖ୍ୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ବୁର୍ଲା ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ମୃତାହତଙ୍କ ପରିଚୟ ମିଳି ନ ଥିଲେ ମଧ୍ୟ ସେମାନେ ଏକ ମାରୱାଡି ପରିବାରର ବୋଲି ଜଣାପଡ଼ିଛି। ବରଗଡ଼ ଜିଲା ଭଟଲି ଯାଇ ସେଠାରୁ ବୀରମିତ୍ରପୁର ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। କାରଟି ସୁନ୍ଦରଗଡ଼ ପାର୍ଶ୍ୱରୁ ରାଉରକେଲା ଆଡ଼କୁ ଦ୍ରୁତଗତିରେ ଆସୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି।

■ ଭୁବନେଶ୍ୱର ରେଲ୍‌ୱେ ଷ୍ଟେଶନରୁ ଲୁଟ୍, ଚୋରି ର୍ୟାକେଟ ଠାବ

୨ ଗ୍ୟାଙ୍ଗ୍‌ର ୫ ଗିରଫ, ୨୬ ଫୋନ୍ ଜବତ

ଭୁବନେଶ୍ୱର,୧୭।୩ (ବ୍ୟୁରୋ)

ରେଲ୍‌ୱେ ଷ୍ଟେଶନରେ ସକ୍ରିୟ ରହିଛନ୍ତି ଏକାଧିକ ଲୁଟେରା ଓ ଚୋର ଗ୍ୟାଙ୍ଗ୍। କେତେବେଳେ ନିଶାଦେଇ ଲୁଟ୍ କରୁଛନ୍ତି ତ ଆଉ କେତେବେଳେ ଷ୍ଟେଶନରେ ଶୋଇଥିବା ଲୋକଙ୍କ ଜିନିଷପତ୍ର ଓ ଟଙ୍କା ଆଖି ପିଛୁଳାକେ ଚୋରି କରିନେଉଛନ୍ତି। ପ୍ରତିଦିନ ଏକାଧିକ ଯାତ୍ରୀ ଏହାର ଶିକାର ହେଉଥିବାବେଳେ ଦୁଇଟି ଗ୍ୟାଙ୍ଗର ୫ଜଣଙ୍କୁ ପୃଥକ ମାମଲାରେ ଗିରଫ କରିଛି ରେଲ୍‌ୱେ ପୋଲିସ(ଜିଆରପି)। ସେମାନେ ହେଲେ ବାଲେଶ୍ୱର ଜିଲା ବାଲିଆ ଅଞ୍ଚଳର ତାପସ ମିଶ୍ର, ଯାଜପୁର ଜିଲାର ଅଶୋକ ଦାସ, ଭୁବନେଶ୍ୱର ଲକ୍ଷ୍ମୀସାଗରର ରବି ବେହେରା, ପ୍ରଧାନ ସାହିର ବିଶ୍ୱଜିତ ପଣ୍ଡା ଓ ଶ୍ରୀମାଞ୍ଚଳ ପାତ୍ରୀ। ଜିଆରପି ଥାନାରେ ହୋଇଥିବା ମାମଲା ନଂ.୫୬/୧୯ ଅନୁଯାୟୀ ବିଶ୍ୱଜିତ୍ ଓ ତାପସଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କଠାରୁ ପୋଲିସ ଦୁଇଟି ମୋବାଇଲ୍ ଫୋନ୍, ଲୁଟ୍ ବ୍ୟାଗ୍ ଓ ୧୦ହଜାର ଟଙ୍କା ଜବତ କରିଛି। ସେହିଭଳି ଅନ୍ୟ ଏକ ମାମଲା

ଗିରଫ ଅଭିଯୁକ୍ତ।

ନଂ.୫୭/୧୯ରେ ଶ୍ରୀମାଞ୍ଚଳ, ଅଶୋକ ଓ ରବିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୪ ମୋବାଇଲ୍ ଫୋନ୍ ମିଳିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ଚିନ୍ମୟ ରାୟ ହାୱଡା–ଚେନ୍ନାଇ କରମଣ୍ଡଳ ଏକ୍ସପ୍ରେସ୍‌ରେ ଯାଉଥିଲେ। ଟ୍ରେନଟି ଭୁବନେଶ୍ୱର ଷ୍ଟେଶନରେ ରାତି ପ୍ରାୟ ୯ଟା ୩୦ରେ ରହିଥିଲାବେଳେ ବିଶ୍ୱଜିତ୍ ଓ ତାପସ ତାଙ୍କଠାରୁ ବ୍ୟାଗ୍ ଓ ମୋବାଇଲ୍ ଫୋନ୍ ଝାମ୍ପି ନେଇଥିଲେ। ବ୍ୟାଗ୍‌ରେ ନଗଦ ୧୦ ହଜାର ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିଲା। ଏନେଇ ଚିନ୍ମୟ ରେଳବାଇ ଥାନାରେ ଅଭିଯୋଗ କରିବା ପରେ ସିସିଟିଭି ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ରବିବାର ସକାଳେ ଲକ୍ଷ୍ମୀସାଗର ଅଞ୍ଚଳରେ ଚଢ଼ାଉ କରି ପୋଲିସ ଉଭୟଙ୍କୁ ଗିରଫ କରିଥିଲା। ଅନ୍ୟଏକ ଘଟଣାକ୍ରମରେ ଗଞ୍ଜାମ ସୁରଳ ଅଞ୍ଚଳର ମନୋଜ କୁମାର ଦାଶ ଘରକୁ ଯିବା ପାଇଁ ଭୁବନେଶ୍ୱର ଷ୍ଟେଶନର ପ୍ଲାଟଫର୍ମ ନଂ–୧ରେ ଟ୍ରେନକୁ ଅପେକ୍ଷା କରିଥିଲେ। ଏହି ସମୟରେ ଶ୍ରୀମାଞ୍ଚଳ, ଅଶୋକ ଓ ରବି ତାଙ୍କଠାରୁ ମୋବାଇଲ୍ ଫୋନ୍ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ମନୋଜଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ପ୍ରଥମେ ଶ୍ରୀମାଞ୍ଚଳକୁ ଧରି ପଚରାଉଚରା କରିବା ପରେ ଲୁଟ୍ ର୍ୟାକେଟର ଗୁମର ପଦାକୁ ଆସିଥିଲା। ସେ ଗ୍ୟାଙ୍ଗ୍ ମୁଖ୍ୟ ରହିଥିବାବେଳେ ଦୁଇରୁ ଊର୍ଦ୍ଧ୍ୱ ସହଯୋଗୀ ରହିଛନ୍ତି। ଏହି ଗ୍ୟାଙ୍ଗ୍ ଷ୍ଟେଶନରୁ ପ୍ରତିଦିନ ଯାତ୍ରୀଙ୍କଠାରୁ ମୋବାଇଲ୍ ଫୋନ୍ ଲୁଟ୍ କରି ଶାଗମାଛ ଦରରେ ବସ୍ତି ପିଲାଙ୍କୁ ବିକ୍ରି କରିଥାନ୍ତି। ପୋଲିସ ଏସବୁ ଜାଣିବା ପରେ ଶ୍ରୀମାଞ୍ଚଳର ଅନ୍ୟ ଦୁଇ ସହଯୋଗୀ ଅଶୋକ ଓ ରବିକୁ ଗିରଫ କରିଥିଲା। ସେମାନଙ୍କ ଘରେ ଚଢ଼ାଉ କରି ଯାଞ୍ଚ କରିବା ପରେ ସେଠାରୁ ୨୪ ମୋବାଇଲ୍ ଫୋନ୍ ମିଳିଥିଲା। ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟମାନଙ୍କୁ ଗିରଫ ପାଇଁ ପୋଲିସ ଚଢ଼ାଉ ଜାରି ରଖିଛି।

- ■ ଚୋରି ମୋବାଇଲ୍ ଫୋନ୍‌କୁ ଶସ୍ତାରେ ବିକୁଥିଲେ
- ■ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଚଢ଼ାଉ ଜାରି

■ ପ୍ଲାଷ୍ଟିକ୍ ବ୍ୟାଗ୍ ରୋକିବାକୁ ବିଏମ୍‌ସିର କାର୍ଯ୍ୟାନୁଷ୍ଠାନ

୨ଦିନରେ ଆଦାୟ ହେଲାଣି ୨୦ହଜାର ଟଙ୍କା ଜରିମାନା

ଭୁବନେଶ୍ୱର,୧୭।୩ (ବ୍ୟୁରୋ)

ସୁସ୍ଥତାର ବାର୍ତ୍ତା ଦେବା ସହିତ ଆଚରଣ ପରିବର୍ତ୍ତନକୁ ନିଶ୍ଚିତ କରାଇବା ଦିଗରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସରକାରଙ୍କ ପ୍ରଣୀତ ନିୟମକୁ ଲୋକାଭିମୁଖୀ କରାଇବା, ଅଯଥା ପ୍ଲାଷ୍ଟିକ କ୍ୟାରିବ୍ୟାଗ ବ୍ୟବହାର, ଏହାର ବେଆଇନ କାରବାରକୁ ବାରଣ କରିବା ଲାଗି ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଇଛି। ସମୁଦାୟ ୮ଟି ସ୍କ୍ୱାଡ ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ବିଭିନ୍ନ ବଜାରରେ ପ୍ଲାଷ୍ଟିକ କ୍ୟାରିବ୍ୟାଗ ବ୍ୟବହାର ନେଇ ଯାଞ୍ଚ କରିଛନ୍ତି। କେତେଗୁଡିଏ ସ୍ଥାନରେ ଲୋକମାନଙ୍କୁ ସଚେତନ କରିବା ଲାଗି ପ୍ଲାଷ୍ଟିକ୍ ବ୍ୟାଗ ବ୍ୟବହାର କରୁଥିବା କେତେଜଣଙ୍କଠାରୁ ଜରିମାନା ଏବଂ ଦ୍ରବ୍ୟକୁ ଜବତ କରାଯାଉଛି। ଦୁଇଦିନ ମଧ୍ୟରେ ବିଭିନ୍ନ ବ୍ୟବସାୟୀଙ୍କଠାରୁ ପ୍ରାୟ ୨୦ହଜାର ଟଙ୍କା ଆଦାୟ କରାଯାଇଛି। ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ନିୟମକୁ ଭିତ୍ତିକରି ଏହି ଜରିମାନା ଆଦାୟ କରାଯାଉଛି ବୋଲି ଡେପୁଟି କ

କଡ଼ା ଟକ୍କରକୁ ଅପେକ୍ଷା

ରବି ନାରାୟଣ ଚଲାନ/ନୀଳାଦ୍ରି ବିହାରୀ ଦଣ୍ଡପାଟ
ବାରିପଦା ଅଫିସ/ବଡ଼ସାହି,୧୭ମାର୍ଚ୍ଚ

ମୋଟ ଭୋଟର ସଂଖ୍ୟା
୧,୬୪,୮୧୭
ପୁରୁଷ ଭୋଟର ସଂଖ୍ୟା
୮୪,୧୧୩
ମହିଳା ଭୋଟର ସଂଖ୍ୟା
୮୦,୭୦୪

୨୦୧୪ ନିର୍ବାଚନ ଫଳାଫଳ

ବିଜେଡି	ଗଣେଶ୍ୱର ପାତ୍ର	୫୨,୬୯୪
କଂଗ୍ରେସ	ଯାମିନୀକାନ୍ତ ନାଏକ	୩୫,୮୬୦
ଭାଜପା	ବୃନ୍ଦାବନ ଦାସ	୩୩,୯୬୨

ନିର୍ବାଚନ ତାରିଖ ଘୋଷଣା ପରେ ମୟୂରଭଞ୍ଜ ଜିଲା ବଡସାହି ବିଧାନସଭା ନିର୍ବାଚନମଣ୍ଡଳୀ (ନଂ.୩୨)ରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ବିଭିନ୍ନ ଦଳରେ ଟିକେଟ ଆଶାୟୀଙ୍କ ଭିଡ ଲାଗି ରହିଛି। ଦଳବଦଳ ରାଜନୀତି, ମିଶ୍ରଣ ସଭା ଓ କର୍ମୀ ସମ୍ମିଳନୀ ଆୟୋଜନ ନିର୍ବାଚନୀ ପରିବେଶକୁ ସରଗରମ କରିଛି। ବର୍ତ୍ତମାନର ବିଜେଡି ବିଧାୟକ ପୁନଶ୍ଚ ଟିକେଟ ପାଇବାକୁ ଆଶାୟୀ ଥିବା ବେଳେ ଏହି ଦଳରେ ଅନ୍ୟ ୪ ଜଣ ଆଶାୟୀ ରହିଛନ୍ତି। କଂଗ୍ରେସ ଓ ଜେଏମଏମ ମେଣ୍ଟ ଗଢି ମିଳିତ ଭାବେ ନିର୍ବାଚନ ଲଢିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏଠାରେ କଂଗ୍ରେସରେ ୪ଜଣ ଆଶାୟୀ ଥିବା ବେଳେ ଭାଜପାରେ ପ୍ରାୟ ୬ ଜଣ ଆଶାୟୀ ରହିଛନ୍ତି। ୨୦୦୯ରେ ବଡ଼ସାହି ଓ ବେତନଟୀ ବ୍ଲକ୍‌କୁ ନେଇ ବଡସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ନୂତନ ଭାବେ ଗଠିତ ହୋଇଥିଲା। ଏହା ଅନୁସୂଚିତ ଜାତି (ଏସ୍‌ସି) ବର୍ଗର ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି। ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ଉକ୍ତ ଆସନ ବଡସାହି ବ୍ଲକର ୨୧ ଓ ବେତନଟୀ ବ୍ଲକର ୨୪ ପଞ୍ଚାୟତକୁ ନେଇ ଗଠିତ। ୨୦୦୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ମନୋରଞ୍ଜନ ସେଠୀ ବିଜୟ ହାସଲ କରିଥିଲେ। ୨୦୧୪ରେ ବିଜେଡିରୁ ଗଣେଶ୍ୱର ପାତ୍ର ନିର୍ବାଚିତ ହୋଇ ବର୍ତ୍ତମାନ ବିଧାୟକ ରହିଛନ୍ତି। ଲଗାତର ଭାବେ ବିଜେଡି ପ୍ରାର୍ଥୀ ଏଠାରୁ ବିଜୟୀ ହୋଇଆସୁଥିବା ବେଳେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହି ଆସିଛି।

ଗଣେଶ୍ୱର ପାତ୍ର ପୂର୍ବରୁ କଂଗ୍ରେସରେ ଥିଲେ। ୨୦୧୪ ନିର୍ବାଚନରେ ସେ ବିଜେଡିକୁ ଆସି ୫୨ହଜାର ୬୯୪ ଭୋଟ ପାଇଥିଲେ। ଗତ ନିର୍ବାଚନ ବେଳେ ଯାମିନୀକାନ୍ତ ନାଏକ ଭାଜପାରୁ ଆସି କଂଗ୍ରେସ ଟିକଟରେ ଲଢ଼ି ୩୫ ହଜାର ୮୬୦ଖଣ୍ଡ ଭୋଟ ପାଇଥିଲେ। ସେହିପରି ଭାଜପାରୁ ଟିକଟ ପାଇ ନିର୍ବାଚନ ଲଢିଥିବା ବୃନ୍ଦାବନ ଦାସ ୩୩ହଜାର ୯୬୨ଖଣ୍ଡ ଭୋଟ ପାଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିରୁ ଟିକଟ ପାଇବାକୁ ବିଧାୟକ ପାତ୍ରଙ୍କ ସମେତ ପୂର୍ବତନ ବିଧାୟକ ମନୋରଞ୍ଜନ ସେଠୀ, ଜଗନ୍ନାଥ ମଲ୍ଲିକ, ଶୁଭକାନ୍ତ ବେହେରା, ଲଲାଟେନ୍ଦୁ ବେହେରା, ପ୍ରାକ୍ତନ ପ୍ରଶାସନିକ ଅଧିକାରିଣୀ ମାହେଶ୍ୱରୀ ସେଠୀ ଆଶାୟୀ ଅଛନ୍ତି। ବିଜେଡି ମହିଳା କାର୍ଡ ଖେଳିଲେ ମାହେଶ୍ୱରୀ ସେଠୀଙ୍କୁ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି।

ଗତ ପଞ୍ଚାୟତ ନିର୍ବାଚନରେ ବଡ଼ସାହି ନିର୍ବାଚନମଣ୍ଡଳୀରେ ଥିବା ୫ ଜିଲା ପରିଷଦ ଆସନ ଭାଜପା ଖାତାକୁ ଯାଇଛି। ଏହା ଭାଜପା କର୍ମୀଙ୍କୁ ଉତ୍ସାହିତ କରିଛି। ଏଥିସକାଶେ ଦଳରେ ଟିକେଟ ଆଶାୟୀଙ୍କ ଅଧିକ ଭିଡ଼ ରହିଛି। ପୂର୍ବରୁ ଭାଜପାରୁ ଆସି କଂଗ୍ରେସରେ ଟିକଟରେ ନିର୍ବାଚନ ଲଢିଥିବା ଯାମିନୀକାନ୍ତ ନାଏକ ଘର ବାହୁଡ଼ା କରିଛନ୍ତି। ବୃନ୍ଦାବନ ଦାସ, ସନାତନ ବିଜୁଳି, ଅର୍ଜୁନ ଦଳେଇ, ମାନସ ବେହେରା, ଅଭିନ୍ନ ସୁନ୍ଦର ପାତ୍ର, ଶରତ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଭାଜପାର ଟିକେଟ ଆଶାୟୀ ରହିଥିବା କୁହାଯାଉଛି। ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ ଇଂ ସଞ୍ଜୟ ବେହେରା, କ୍ଷୀରୋଦ ଚନ୍ଦ୍ର ପାତ୍ର, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ହରିଶଚନ୍ଦ୍ର ବେହେରା, ଦେବଯାନୀ ବେହେରା ଓ ପ୍ରଭାକର ମହାଳିକ ପ୍ରମୁଖ ଟିକଟ ପାଇବା ଆଶାରେ ରହିଥିବା ଜଣାପଡିଛି।

ଲଲାଟେନ୍ଦୁ ବେହେରା

ଅଭିନ୍ନ ସୁନ୍ଦର ପାତ୍ର

ସଞ୍ଜୟ ବେହେରା

ଗଣେଶ୍ୱର ପାତ୍ର

ଯାମିନୀକାନ୍ତ ନାଏକ

ନିର୍ବାଚନୀ ଚର୍ଚ୍ଚା ଓ ବାତାବରଣ ସମ୍ପର୍କରେ ବିଧାୟକ ଗଣେଶ୍ୱର ପାତ୍ର କହିଛନ୍ତି, ବଡ଼ସାହି ନିର୍ବାଚନ ମଣ୍ଡଳୀରେ ସେ ବହୁ ଉନ୍ନୟନ କାର୍ଯ୍ୟ କରିଛନ୍ତି। ଦୀର୍ଘ ବର୍ଷ ଧରି ଲୋକଙ୍କ ସମସ୍ୟା ସହିତ ଜଡ଼ିତ ରହି ତାହାର ସମାଧାନ କରିଛନ୍ତି। ବୁଢାବଳଙ୍ଗ ଓ ଗଙ୍ଗାହାର ନଦୀରେ ୮ଟି ବିନ୍ଧୁ ସେତୁ ନିର୍ମାଣ ଭଳି ମଡେଲ ସ୍କୁଲ ପ୍ରତିଷ୍ଠା, ପ୍ରତି ପଞ୍ଚାୟତରେ ପିଇବା ପାଣି ଓ ଗମନାଗମନ କ୍ଷେତ୍ରରେ ବହୁ କାମ କରାଯାଇଛି। ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ ନାହିଁ। ବ୍ୟକ୍ତିଗତ ସ୍ୱାର୍ଥ ହାସଲ ହୋଇ ନ ଥିବା କେତେକ ନେତା ଦଳୀୟ କନ୍ଦଳ କଥା କହୁଛନ୍ତି। ଭାଜପାରୁ ଟିକଟ ପାଇଁ ଆଶାୟୀ ଥିବା ଯାମିନୀକାନ୍ତ ନାଏକ କହିଛନ୍ତି, ଦଳ ପକ୍ଷରୁ ତାଙ୍କୁ ଟିକଟ ମିଳିଲେ ସେ ରେଳ ଷ୍ଟେଶନର କମ୍ପ୍ୟୁଟରୀକରଣ ସାଙ୍ଗକୁ ମାଲ୍ ପରିବହନ ସୁବିଧା, ବେତନଟୀକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିବା ସହ ପାନୀୟଜଳର ବ୍ୟବସ୍ଥା, ବୈଶିଙ୍ଗାକୁ ନୂତନ ବ୍ଲକର ମାନ୍ୟତା ପ୍ରଦାନ କରିବା ଭଳି ବିଭିନ୍ନ କାର୍ଯ୍ୟକୁ ପ୍ରସଙ୍ଗ କରି ପ୍ରଚାର କରିବେ। ଗତ ନିର୍ବାଚନରେ ଭାଜପା ଟିକଟରେ ନିର୍ବାଚନ ଲଢି ତୃତୀୟ ସ୍ଥାନରେ ଥିବା ପ୍ରାର୍ଥୀ ବୃନ୍ଦାବାନ ଦାସ କହିଛନ୍ତି, ୨୦୧୪ରୁ ସେ ଦଳର ସଙ୍ଗଠନକୁ ତୃଣମୂଳସ୍ତରରୁ ସଙ୍ଗଠିତ କରି ଆସିଛନ୍ତି। ରାଜ୍ୟ ନେତୃତ୍ୱ ତାଙ୍କୁ ଟିକଟ ଦେଲେ ନିର୍ବାଚନରେ ଭଲ ପ୍ରଦର୍ଶନ କରିପାରିବେ। ପିସି କାରବାର ବନ୍ଦ କରିବା ସହ ବେକାରି ସମସ୍ୟା ଦୂର କରିବା, ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ନିର୍ମାଣ ଏବଂ ଶିଳ୍ପ ପ୍ରତିଷ୍ଠା ଆଦି କାର୍ଯ୍ୟକୁ ଗୁରୁତ୍ୱ ଦେବେ।

କଂଗ୍ରେସରୁ ଆଶାୟୀ ପ୍ରାର୍ଥୀ ଇଂ ବେହେରା କହିଛନ୍ତି, ସେ ଟିକେଟ ପାଇଲେ ବଡ଼ସାହି ଓ ବେତନଟୀ ଅଞ୍ଚଳର ପ୍ରମୁଖ ସମସ୍ୟାକୁ ଇସ୍ୟୁ କରି ନିର୍ବାଚନ ଲଢିବେ। ଆଦିବାସୀଙ୍କ ମୌଳିକ ସମସ୍ୟାର ସମାଧାନ, କୃଷିଋଣ ଛାଡ଼ ସହିତ ଠିକା କର୍ମଚାରୀଙ୍କୁ ନିୟମିତ କରିବା ଆଦି ଦାବି ଉଠାଇବେ। ନାରୀ ନିର୍ଯାତନା, ଚିଟଫଣ୍ଡ ଠକେଇ ଓ ଧାନର ସହାୟକ ମୂଲ୍ୟ ବୃଦ୍ଧି, ଯୁବପିଢିଙ୍କ ପାଇଁ ନିଯୁକ୍ତି ସୁଯୋଗକୁ ମଧ୍ୟ ପ୍ରସଙ୍ଗ କରିବେ।

ବଡସାହି ନିର୍ବାଚନମଣ୍ଡଳୀର ଜଣେ ବରିଷ୍ଠ ନାଗରିକ ସଦାନନ୍ଦ ଦଣ୍ଡପାଟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବିଗତ ଦିନରେ ନିର୍ବାଚିତ ପ୍ରତିନିଧିମାନେ ଲୋକଙ୍କ ସମସ୍ୟାକୁ ସମାଧାନ କରିବାରେ ବିଫଳ ହୋଇଛନ୍ତି। ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ମାଗିବାକୁ ପ୍ରୟାସ କରିବା ପ୍ରାର୍ଥୀଙ୍କୁ ଏଥର ଜନ ସମର୍ଥନ ମିଳି ନ ପାରେ।

ବିଧାୟକଙ୍କ ବିରୋଧରେ ମେଳି

ରଞ୍ଜନ କୁମାର ପ୍ରଧାନ
ନୟାଗଡ଼ ଅଫିସ,୧୭ମାର୍ଚ୍ଚ

ମୋଟ ଭୋଟର ସଂଖ୍ୟା
୧,୮୬,୩୫୭
ପୁରୁଷ ଭୋଟର ସଂଖ୍ୟା
୯୭,୩୭୬
ମହିଳା ଭୋଟର ସଂଖ୍ୟା
୮୮,୯୬୮

ଅନ୍ୟାନ୍ୟ
୧୩

ନିର୍ବାଚନମଣ୍ଡଳୀ ରୂପରେଖ
ନୂଆଗାଁ ବ୍ଲକର ୨୨, ଦଶପଲ୍ଲା ବ୍ଲକର୨୦, ଗଣିଆ ବ୍ଲକର ୮ ପଞ୍ଚାୟତ ଓ ଦଶପଲ୍ଲା ଏନ୍‌ଏସିକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ।

କନ୍ଧମାଳ ଲୋକ ସଭା ଆସନ ଅନ୍ତର୍ଗତ ନୟାଗଡ଼ ଜିଲାର ଦଶପଲ୍ଲା ନିର୍ବାଚନମଣ୍ଡଳୀ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ। ଏହି ନିର୍ବାଚନମଣ୍ଡଳୀରେ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବ୍ୟବସ୍ଥା ମୁଖ୍ୟ ସମସ୍ୟା ହୋଇଛି। ନିର୍ବାଚନ ସମୟରେ ବୃତ୍ତଙ୍ଗ ନଦୀ ପ୍ରକଳ୍ପର ନାରା ଦେଇ ରାଜନେତାମାନେ ନିର୍ବାଚନ ବୈତରଣୀ ପାର ହେଉଛନ୍ତି। ହେଲେ ବୃତ୍ତଙ୍ଗ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନି। ତେଣୁ ଆଗାମୀ ନିର୍ବାଚନରେ ବୃତ୍ତଙ୍ଗ ପ୍ର କ ଳ୍ପ ପ୍ରାର୍ଥୀଙ୍କ ପାଇଁ କାଳ ସାଜିବ ବୋଲି ଆଲୋଚନା ହେଉଛି।

ଏହି ନିର୍ବାଚନମଣ୍ଡଳୀ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ। ବିଭିନ୍ନ ଦଳରୁ ଏକାଧିକ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ଗତ ୧୦ ବର୍ଷ ହେଲାଣି ବିଜେଡି କବ୍‌ଜାରେ ଏହି ନିର୍ବାଚନମଣ୍ଡଳୀ ରହିଆସିଛି। ୨୦୧୪ ସାଧାରଣ ନିର୍ବାଚନରେ ୬ ଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିବା ବେଳେ ବିଜେଡି ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ନାୟକ ବିଜୟୀ ହୋଇଥିଲେ। ହେଲେ ବର୍ତ୍ତମାନ ସ୍ଥିତି ବଦଳିଯାଇଛି। ଜିଲାର ୪ ନିର୍ବାଚନମଣ୍ଡଳୀ ମଧ୍ୟରୁ ଦଶପଲ୍ଲାରେ ବିଜେଡି ମଧ୍ୟରେ ଅଧିକ ଫାଟ ଦେଖାଦେଇଛି। ଗତ ପଞ୍ଚାୟତ ନିର୍ବାଚନ ପରେ ଏହି ନିର୍ବାଚନମଣ୍ଡଳୀରେ ବିଜେଡିରେ ଗୋଷ୍ଠୀକନ୍ଦଳ ଦେଖାଦେଇଛି। ଆଶାୟୀମାନଙ୍କୁ ଟିକେଟ ନ ମିଳିବାରୁ ସେମାନେ ଏକଦ୍ରିତ ହୋଇ ବିଧାୟକଙ୍କୁ ବିରୋଧ କରୁଛନ୍ତି। ଏପରି ପରିସ୍ଥିତିରେ ବିଧାୟକ ଅସନ୍ତୁଷ୍ଟ ଗୋଷ୍ଠୀ ନିର୍ବାଚନ ରଣକ୍ଷେତ୍ରରେ ନିଜର ସ୍ଥିତି ବଜାୟ ରଖିବା ପାଇଁ ସରକାରୀ ଚାକିରିରୁ ଇସ୍ତଫା ଦେଇ ରାଜନୀତି ମଇଦାନରେ ପାଦ ରଖିଥିବା ରମେଶ ଚନ୍ଦ୍ର ବେହେରାଙ୍କୁ ଅସ୍ତ୍ରଭାବେ ବ୍ୟବହାର କରିବା ଆରମ୍ଭ କରିଦେଇଛି। ତାଙ୍କୁ ଦଳର ବିଧାୟକ ପ୍ରାର୍ଥୀ କରିବା ପାଇଁ ବିଜେଡି ଟିକେଟ ଲବିରେ ରହିବା ସହ ଗାଁ ଗାଁ ବୁଲି ବିଧାୟକ ନାୟକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ନିଜର ସ୍ଥିତି ଦୁର୍ବଳ ହୋଇ ପଡୁଥିବା ମନେକରି ବିଧାୟକଙ୍କ ମନରେ ଟିକେଟ ଆଶା ମଉଳି ଯାଉଥିବା ବେଳେ ସେ ନିଜ ସମ୍ପ୍ରଦାୟର ଭୋଟରଙ୍କ ସଂଖ୍ୟାକୁ ଦେଖାଇ ଟିକେଟ ପାଇବା ପାଇଁ ଦାବିଦାର ବୋଲି କହିଛନ୍ତି। ବିଜେଡିର ଏଭଳି ଛାୟା ଯୁଦ୍ଧ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଏବେ ଦେଖାଦେଇଛି। ଏ ନେଇ ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କୌଣସି ମତାମତ ଦେଇ ନ ଥିଲେ। ରମେଶ ଚନ୍ଦ୍ର ବେହେରା କୁହନ୍ତି, ସେ ଟିକେଟ ପାଇବା ନେଇ ଚର୍ଚ୍ଚା ହେଉଛି। ଲୋକମାନେ ତାଙ୍କ ଉପରେ ବିଶ୍ୱାସ ରଖନ୍ତୁ ବୋଲି ସେ ପ୍ରକାଶ କରିଥିଲେ। ବିଜେଡିରୁ ଟିକେଟ ନ ମିଳିଲେ ରମେଶ ଭାଜପାରୁ କିମ୍ବା ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ସେହିପରି ବିଜେଡିରୁ ମାମି ନାୟକ, ଇନ୍ଦୁମତି ନାୟକ, ସୁଶାନ୍ତ ମଲ୍ଲିକ, କାଶୀନାଥ ମଲ୍ଲିକ ମଧ୍ୟ ଟିକେଟ ଆଶାୟୀ ଥିବା ନେଇ ଚର୍ଚ୍ଚା ହେଉଛି। ଗତ ୨ଟି ନିର୍ବାଚନରେ କଂଗ୍ରେସ ୨ୟ ଓ ଭାଜପା ୩ୟ ସ୍ଥାନ ହାସଲ କରିଥିଲା। ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ସ୍ଥିତି ଜାହିର କରି ପାରି ନ ଥିବା ବେଳେ ଭାଜପା ବିଭିନ୍ନ କାର୍ଯ୍ୟକ୍ରମ କରି ଲୋକଙ୍କ ନିକଟତର ହେଉଥିବା ଦେଖିବାକୁ ମିଳୁଛି। ଭାଜପା ତରଫରୁ ମଧ୍ୟ ଆଶାୟୀ ତାଲିକା ଲମ୍ବିବାରେ ଲାଗିଛି। ୨୦୦୯ ମସିହାରେ ନିର୍ବାଚନରେ ଲଢ଼ି ତୃତୀୟ ସ୍ଥାନ ହାସଲ କରିଥିବା ମନୋଜ ବେହେରା ବିଭିନ୍ନ ସମୟରେ ସାଙ୍ଗଠନିକ କାର୍ଯ୍ୟ କରୁଛନ୍ତି। ସେହିଭଳି ୨ ବର୍ଷ ତଳେ ଶିକ୍ଷକ ଚାକିରି ଛାଡ଼ି ଭାଜପାରେ ଯୋଗଦାନ କରିଥିବା ରାଘବ ମଲ୍ଲିକ ମଧ୍ୟ ଭାଜପା ପାଇଁ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ସମୟରେ ଲୋକମାନଙ୍କ ସମସ୍ୟାକୁ ନେଇ ସେ ରାଜରାସ୍ତାକୁ ଓହ୍ଲାଉଛନ୍ତି। ଏ ଦୁହେଁ ଟିକେଟ ପାଇବା ଲାଗି ଆଶାୟୀଙ୍କ ମଧ୍ୟରେ ଆଗଧାଡ଼ିରେ ଅଛନ୍ତି। ମନୋଜ ବେହେରା କୁହନ୍ତି, ସେ ୩୦ ବର୍ଷ ହେଲାଣି ଦଳ ସହିତ ଅଛନ୍ତି। ୨୦୦୯ରୁ ଦଶପଲ୍ଲାରେ ରହି ସେଠାକାର ସାଙ୍ଗଠନିକ କଥା ବୁଝୁଛନ୍ତି। ତେଣୁ ଦଳ ତାଙ୍କୁ ଟିକେଟ ଦେବ ବୋଲି ସେ ଆଶାୟୀ ଅଛନ୍ତି। ଦଳ ତାଙ୍କ ବଦଳରେ ଆଉ କାହାକୁ ଟିକେଟ ଦେଲେ ମଧ୍ୟ ସେ ଦଳ ପାଇଁ କାମ କରିବେ ବୋଲି କହିଛନ୍ତି। ସେହିପରି ସଲିଳା ସେଠୀ, ରାମବିଶି ଦିଗାଲ ମଧ୍ୟ ଭାଜପାରୁ ଟିକେଟ ପାଇବା ପାଇଁ ଆଶାୟୀ ଅଛନ୍ତି। କଂଗ୍ରେସ ମଧ୍ୟ ଏଥର ନିର୍ବାଚନରେ ଜିତିବା ପାଇଁ ଆଶାୟୀ ଅଛି। ୮ଥର ଜିତିଥିବା କଂଗ୍ରେସ ୨୦୦୦ ମସିହା ସାଧାରଣ ନିର୍ବାଚନଠାରୁ ଖାତା ଖୋଲିପାରିନାହିଁ। ଏଥର ଖାତା ଖୋଲିବ ନା ନାହିଁ ସେ ନେଇ ଜୋରଦାର ଆଲୋଚନା ହେଉଛି। କଂଗ୍ରେସ ଦଳ ପକ୍ଷରୁ ବେଣୁଧର ନାୟକଙ୍କ ନାମ ଚର୍ଚ୍ଚାରେ ରହିଆସୁଛି। କଂଗ୍ରେସର ଆଶାୟୀ ପ୍ରାର୍ଥୀ ବେଣୁଧର ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ରାଜ୍ୟ ସଙ୍ଗଠକ ରୂପେ କାର୍ଯ୍ୟ କରୁଥିବା ସହିତ ନୟାଗଡ଼ ଜିଲା କଂଗ୍ରେସ କମିଟିର ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ୧୯୮୭ ମସିହାରୁ କଂଗ୍ରେସ ସହିତ ରହି ଆସିଥିବା ବେଳେ ବିଭିନ୍ନ ସମୟରେ ଅନେକ କାର୍ଯ୍ୟକ୍ରମ କରୁଥିବାରୁ ତାଙ୍କୁ ଦଳ ପକ୍ଷରୁ ଟିକେଟ ମିଳିବ ବୋଲି ବେଣୁଧର ପ୍ରକାଶ କରିଛନ୍ତି। କଂଗ୍ରେସ ୨୦୦୯ ଓ ୨୦୧୪ରେ ଦଳ ସ୍ଥାନୀୟ ଲୋକଙ୍କୁ ଗୁରୁତ୍ୱ ଦେଇ ନ ଥିଲା। ସେ ସ୍ଥାନୀୟ ଲୋକ ହୋଇଥିବାରୁ ରାହୁଲ ଗାନ୍ଧୀଙ୍କ ବାର୍ତ୍ତା ସହିତ ଲୋକଙ୍କ ବଳ ଦ୍ୱାରା ସେ ଜିତିବେ ବୋଲି ପ୍ରକାଶ କରିଛନ୍ତି। ସେହିପରି ପ୍ରଶାନ୍ତ ନାୟକ, ସୁଶାନ୍ତ ନାୟକ, କାଶୀ ନାୟକ, ମାନସ ନାୟକ ପ୍ରମୁଖ କଂଗ୍ରେସରୁ ଟିକେଟ ପାଇବା ପାଇଁ ମଧ୍ୟ ଆଶାୟୀ ଥିବା ନେଇ ଚର୍ଚ୍ଚା ହେଉଛି।

୨୦୧୪ ନିର୍ବାଚନ ଫଳାଫଳ

ବିଜେଡି	ପୂର୍ଣ୍ଣଚନ୍ଦ୍ର ନାୟକ	୭୫,୮୩୨
କଂଗ୍ରେସ	ଇନ୍ଦୁମତି ନାୟକ	୧୮,୫୦୫
ଭାଜପା	ପ୍ରମୋଦ କୁମାର ବେହେରା	୧୬,୦୫୩

୨୦୦୯ ନିର୍ବାଚନ ଫଳାଫଳ

ବିଜେଡି	କାଶୀନାଥ ମଲ୍ଲିକ	୬୧,୧୪୨
କଂଗ୍ରେସ	ଲୋକଚର ବୁଲିୟନ	୨୨,୩୮୪
ଭାଜପା	ମନୋଜ କୁମାର ବେହେରା	୧୩,୨୧୮

ରମେଶ ଚନ୍ଦ୍ର ବେହେରା

ପୂର୍ଣ୍ଣଚନ୍ଦ୍ର ନାୟକ

ବେଣୁଧର ନାୟକ

ମନୋଜ ବେହେରା

କଂଗ୍ରେସ, ଭାଜପାରୁ ନୂଆ ମୁହଁ ସମ୍ଭାବନା

ନିର୍ମଳ ପଣ୍ଡା
କଟକ ଅଫିସ, ୧୭ମାର୍ଚ୍ଚ

୨୦୧୪ ନିର୍ବାଚନ ଫଳାଫଳ

ବିଜେଡି	ପ୍ରତାପ ଜେନା	୮୯,୫୩୧
ସ୍ୱାଧୀନ	ସାରଦା ପ୍ରଧାନ	୬୧,୬୫୭
କଂଗ୍ରେସ	ସେକ୍ ମତଲୁବ ଅଲି	୨୨,୨୯୭
ଭାଜପା	ସମୀର କୁମାର ସାମଲ	୩,୫୭୨

ମୋଟ ଭୋଟର: ୨,୩୬,୭୭୮

କଟକ ଜିଲାର ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ଏପ୍ରିଲ ୨୯ରେ ହେବ ଭୋଟଗ୍ରହଣ। ହେଲେ ଆଶାୟୀଙ୍କ ଲବି, ପ୍ରାର୍ଥୀ ଚୟନ ଓ ରାଜନୈତିକ ଗତିବିଧିକୁ ନେଇ ଏଠାରେ ଅନେକ ଚର୍ଚ୍ଚା, ଆଲୋଚନା ଓ ପର୍ଯ୍ୟାଲୋଚନା ଜାରି ରହିଛି।

ମାହାଙ୍ଗା ବ୍ଲକର ୩୭ ଓ ନିଶ୍ଚିନ୍ତକୋଇଲି ବ୍ଲକର ୨୭ ପଞ୍ଚାୟତକୁ ମିଶାଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ୨୦୦୦ ମସିହାଠାରୁ ୨୦୧୪ ପର୍ଯ୍ୟନ୍ତ ଏହି ଆସନ ବିଜେଡି ଦଖଲରେ ରହି ଆସିଛି। ୨୦୦୦ରେ ଏହି ଆସନରୁ ବିଜେଡି ପ୍ରାର୍ଥୀ ଶରତ କୁମାର କର ବିଜୟୀ ହୋଇଥିବାବେଳେ ୨୦୦୪ରେ ଅଧ୍ୟାପକ ବିକ୍ରମ କେଶରୀ ବର୍ମା ବିଜୟୀ ହୋଇଥିଲେ। ୨୦୦୯ରେ ନିର୍ବାଚନମଣ୍ଡଳୀ ସୀମା ପୁନର୍ଗଠନ ପରେ କିଶନନଗର ଆସନ ରାଜନୈତିକ ମାନଚିତ୍ରରୁ ଅପସରିଯାଇଥିଲା। ଫଳରେ ସେଠାକାର ବିଧାୟକ ପ୍ରତାପ ଜେନା ମାହାଙ୍ଗାରୁ ବିଜେଡିର ପ୍ରାର୍ଥୀ ହୋଇଥିଲେ। ୨୦୦୯ ଓ ୨୦୧୪ ଦୁଇଟି ନିର୍ବାଚନରେ ପ୍ରତାପ ବିଜୟୀ ହୋଇଛନ୍ତି। ରାଜନୈତିକ ଘଟଣା କ୍ରମ ଏଠାରେ ଭିନ୍ନ ରହିଛି। ୨୦୦୯ ନିର୍ବାଚନରେ ପ୍ରତାପ ୨୯ହଜାର ୨୨୦ ଭୋଟରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସ ପ୍ରାର୍ଥୀ ସେକ୍ ମତଲୁବ ଅଲିଙ୍କୁ ପରାସ୍ତ କରିଥିଲେ। ୨୦୧୪ରେ ପ୍ରତାପ ୨୭ହଜାର ୮୭୪ ଭୋଟରେ ତାଙ୍କ ନ

ଗଡ଼ଭାଙ୍ଗିବାକୁ ବିରୋଧୀଙ୍କ ପ୍ରୟାସ

୨୦୧୪ ନିର୍ବାଚନ ଫଳାଫଳ		
ବିଜେଡି	ପଦ୍ମନାଭ ବେହେରା	୬୭,୭୭୪
ଭାଜପା	ଆନନ୍ଦ ବାରିକ	୩୬,୪୮୪
କଂଗ୍ରେସ	କାର୍ତ୍ତିକ ପ୍ରସାଦ ତରିଆ	୩୪,୫୮୯

ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ

ମୋଟ୍ ଭୋଟର
୨,୦୬,୫୯୩
ମହିଳା
୯୮,୩୦୬
ପୁରୁଷ
୧,୦୮,୨୮୬
ତୃତୀୟ ଲିଙ୍ଗ
୧

ମୃତ୍ୟୁଞ୍ଜୟ ଶତପଥୀ/ସ୍ୱୟମ୍ଭୁନାଥ ଖଣ୍ଡଗିରି
ସୋନପୁର,୧୭ା୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ବିଧାନସଭା କ୍ଷେତ୍ର ବୀରମହାରାଜପୁର ବ୍ଲକ, ଉଲୁଣ୍ଡା ବ୍ଲକ, ବିନିକା ବ୍ଲକର ୧୩ପଞ୍ଚାୟତ ଓ ବିନିକା ଏନଏସିକୁ ନେଇ ଗଠିତ। ବଲାଙ୍ଗୀର ଲୋକ ସଭା କ୍ଷେତ୍ର ଅଧୀନରେ ଥିବା ଏହି ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ। ବିଜୁ ଜନତା ଦଳ(ବିଜେଡି) ପ୍ରତିଷ୍ଠା ହେବା ଦିନଠାରୁ ଏହି ଆସନକୁ ଦଖଲରେ ରଖିଆସିଛି। ୨୦୦୦ସାଧାରଣ ନିର୍ବାଚନରେ ଏଠାରୁ ସ୍ୱର୍ଗତ ବୈଷ୍ଣବ ପଧାନ, ୨୦୦୨ ଉପନିର୍ବାଚନ ଓ ୨୦୦୪ ସାଧାରଣ ନିର୍ବାଚନରେ ସଞ୍ଜୀବ ସାହୁ, ୨୦୦୯ ଏବଂ ୨୦୧୪ରେ କ୍ରମାଗତ ଭାବେ ପଦ୍ମନାଭ ବେହେରା ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଛନ୍ତି। କଂଗ୍ରେସ ଏହି ଆସନରୁ ପୂର୍ବରୁ ବିଜୟ ଲାଭ କରିଥିଲେ ହେଁ ଥରେ ବି ଜିତିନି ଜାତୀୟ ଦଳ ଭାଜପା। ତେଣୁ ଚଳିତ ଥର ଏଠାରେ ବିଜେଡିର ଗଡ ଭାଙ୍ଗିବାକୁ ବିରୋଧୀମାନେ ଜୋରଦାର ପ୍ରୟାସ ଚଳାଇଛନ୍ତି।

ଗତ ପଞ୍ଚାୟତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ ଭାଜପାକୁ ଅଭୂତପୂର୍ବ ସଫଳତା ମିଳିଥିଲା। ସମସ୍ତ ୬ଟି ଜିଲା ପରିଷଦ ଜୋନରେ ଭାଜପା ପ୍ରାର୍ଥୀମାନେ ବିପୁଳ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ ଏପ୍ରିଲ ୧୮ରେ ଏଠାରେ ନିର୍ବାଚନ ହେବାକୁ ଥିବାରୁ ରାଜନୈତିକ ବାତାବରଣ ବେଶ ଉଷ୍ମ। ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ଏବେ ନୂଆ ଆଶୟୀଙ୍କ ଆବିର୍ଭାବ ହୋଇଥିବା ବେଳେ ଟିକେଟ ପାଇଁ ପୁରୁଣା ଆଶାୟୀଙ୍କ ସହ ସେମାନଙ୍କ ଛକାପଞ୍ଜା ଲାଗିରହିଛି। ସବୁ ଦଳର ପ୍ରାର୍ଥୀ ଘୋଷଣା ପରେ ସ୍ଥିତି ସ୍ୱଷ୍ଟ ହେବ।

ଚଳିତ ନିର୍ବାଚନରେ ବର୍ତ୍ତମାନର ବିଧାୟକ ପଦ୍ମନାଭ ବେହେରା ତୃତୀୟ ଥର ପାଇଁ ବିଜେଡି ଟିକେଟ ପାଇବେ ବୋଲି ତାଙ୍କ ସମର୍ଥକମାନେ ଆଶାବାଦୀ ଅଛନ୍ତି। ଏପରି କି ୨୬ତାରିଖରେ ସେ ପ୍ରାର୍ଥୀପତ୍ର ଦାଖଲ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଏ ନେଇ ବିଧାୟକ କୁହନ୍ତି, ଦଳର ସଭାପତି ନିର୍ଦ୍ଦେଶ ଦେଲେ ନିର୍ବାଚନ ଲଢିବା ଲାଗି ସେ ପ୍ରସ୍ତୁତ ଅଛନ୍ତି। ତାଙ୍କ ସମୟରେ ନିର୍ବାଚନମଣ୍ଡଳୀରେ ଜଳସେଚନ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଦ୍ୟୁତୀକରଣ କ୍ଷେତ୍ରରେ ଅନେକ କାର୍ଯ୍ୟ ହୋଇଛି। ସେ ନିର୍ବାଚନମଣ୍ଡଳୀର ଲୋକଙ୍କ ସହିତ ସର୍ବଦା ରହି ଆସିଛନ୍ତି। ବିକାଶ ଓ ଲୋକସମ୍ପର୍କକୁ ନେଇ ସେ ଲୋକଙ୍କ ଆଶୀର୍ବାଦ ଲୋଡିବେ। ଅପରପକ୍ଷେ ବେହେରା ଫୁଲବାଣୀରୁ ଆସି ଏଠାରୁ ପ୍ରତିନିଧିତ୍ୱ କରୁଛନ୍ତି। ତେଣୁ ଦଳୀୟ ଟିକେଟ ଆଶାୟୀ ଓ କେତେକ ସଚେତନ ନାଗରିକ ଏହାକୁ ବିରୋଧ କରୁଛନ୍ତି। ଦଳରେ ଗୋଷ୍ଠୀ ବିବାଦ ଲାଗିରହିଛି। ପଦ୍ମନାଭଙ୍କ ବ୍ୟତୀତ ରାଜ୍ୟ ମତ୍ସ୍ୟ ଉନ୍ନୟନ ନିଗମର ପ୍ରାକ୍ତନ ଅଧକ୍ଷ ଅଭିମନ୍ୟୁ କୁଶଳ, ନିକଟରେ ସରକାରୀ ଚାକିରି ଛାଡି ରାଜନୀତିରେ ଯୋଗ ଦେଇଥିବା ବାବୁଲୁ ବିଶି, ଋଷି କୁମାର ପଟେଲ ଓ ପଦାର୍ଥ କୁମାର ଜଗଦଲା ବିଜେଡି ଟିକେଟ ପାଇଁ ଆବେଦନ କରିଛନ୍ତି। ଭାଜପାରୁ ଗତଥରର ପ୍ରାର୍ଥୀ ଆନନ୍ଦ କୁମାର ବାରିକ୍ ନିର୍ବାଚନମଣ୍ଡଳୀରେ ସକ୍ରିୟ ଅଛନ୍ତି। ପୁଣି ଥରେ ପ୍ରାର୍ଥୀ ହେବା ପାଇଁ ସେ ଉଦ୍ୟମ ଚଳାଇଛନ୍ତି। ଭାଜପା ଟିକେଟରେ ସୁବର୍ଣ୍ଣପୁର ମ୍ୟୁନିସିପାଲିଟିର କାଉନସିଲର ଭାବେ ନିର୍ବାଚନ ଜିତି ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଜିଲା ପରିଷଦ ଅଧକ୍ଷ ମଧ୍ୟ ହୋଇଛନ୍ତି। ୨୦୧୪ ବିଧାନ ସଭା ନିର୍ବାଚନରେ ସେ ୩୬,୪୮୪ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ଦଳୀୟ ସଂଗଠନ ବୃଦ୍ଧି ପାଇଁ ସେ କାର୍ଯ୍ୟ କରିଛନ୍ତି। ତେଣୁ ଦଳୀୟ ଟିକେଟ ମିଳିବ ବୋଲି ସେ ଆଶା ରଖିଥିବା କହିଛନ୍ତି। ତେବେ ଦଳରେ ନୂଆ ଆଶାୟୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ମେରାଇନ ଇଞ୍ଜିନିୟର ରଘୁନାଥ ଜଗଦଲା ମଧ୍ୟ ଟିକେଟ୍ ଦୌଡରେ ଆଗରେ ଅଛନ୍ତି। ସେ ଦେଢବର୍ଷ ପୂର୍ବରୁ ଭାଜପାରେ ଯୋଗ ଦେଇଥିଲେ। ତାଙ୍କୁ ଦଳର ଏକ ବଡ ଗୋଷ୍ଠୀ ସମର୍ଥନ କରୁଛି। ଏବେ ସେ ନିର୍ବାଚନମଣ୍ଡଳୀରେ ଛୋଟଛୋଟ ସଭା କରି ଏକରକମ ପ୍ରଚାର ଆରମ୍ଭ କରି ଦେଇଛନ୍ତି। ସେହିପରି ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ବଳରାମ ସୁନା ଓ ମହେନ୍ଦ୍ର ମହାନନ୍ଦ ମଧ୍ୟ ଟିକେଟ ପାଇଁ ଆବେଦନ କରିଛନ୍ତି।

ଏଥର କଂଗ୍ରେସରୁ ବିନୋଦ ପାତ୍ର ଟିକେଟ ପାଇବାକୁ ଅଣ୍ଟା ଭିଡିଛନ୍ତି। ତାଙ୍କର ଟିକେଟ୍ ବୃତ୍ତାନ୍ତ ହୋଇଥିବା ଦଳୀୟ ମହଲରେ ଆଲୋଚନା ହେଉଛି। ୨୦୦୯ ନିର୍ବାଚନରେ ବିନୋଦ ନିର୍ବାଚନ ଲଢି ପରାସ୍ତ ହୋଇଥିଲେ ହେଁ ୪୦, ୪୦ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ବିନୋଦ କୁହନ୍ତି, ୨୦୦୦ ମସିହାରୁ ନିର୍ବାଚନମଣ୍ଡଳୀ ବିକାଶ କ୍ଷେତ୍ରରେ ପଛରେ ପଡିଛି। ଲୋକଙ୍କ ସମସ୍ୟା ଶୁଣାଯାଉନି। କଂଗ୍ରେସ ସରକାର ଆସିଲେ ଚାଷୀଙ୍କ ସମସ୍ୟା ଦୂର ହେବ। ଦଳରୁ ସୁରଜ ବାଗ, ସୂର୍ଯ୍ୟକାନ୍ତି ବାଗ, ବିଷୟା ତରିଆ ଓ ଭୋଳାନାଥ ସାଗର ପ୍ରମୁଖ ଟିକେଟ ଆଶାୟୀ ଅଛନ୍ତି।

ପଦ୍ମନାଭ ବେହେରା

ଆନନ୍ଦ ବାରିକ

ମିନୋଦ ପାତ୍ର

ରଘୁନାଥ ଜଗଦଲା

ବିଷ୍ଣୁ ପ୍ରାର୍ଥୀ ହେଲେ ସମର୍ଥନ କରିବେ ରାଜଶ୍ରୀ

୨୦୧୪ ନିର୍ବାଚନ ଫଳାଫଳ		
ବିଜେଡି	ରାଜଶ୍ରୀ ମଲ୍ଲିକ	୮୮,୯୫୩
କଂଗ୍ରେସ	ରାଜକିଶୋର ବେହେରା	୫୩,୫୦୫
ଭାଜପା	ରମାକାନ୍ତ ଭୋଇ	୧୪, ୫୧୬

ରାଜଶ୍ରୀ ମଲ୍ଲିକ

ମିନତି ବେହେରା

ବିଷ୍ଣୁଚରଣ ଦାସ

ଦେବେନ୍ଦ୍ର ମଲ୍ଲିକ

ରମାକାନ୍ତ ଭୋଇ

ପ୍ରତିମା ମଲ୍ଲିକ

ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ

ପ୍ରମୋଦ କୁମାର ନାୟକ
ଜଗତ୍‌ସିଂହପୁର ଅଫିସ,୧୭ା୩

ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି। ଏଠାରେ ଏପ୍ରିଲ ୨୯ରେ ହେବାକୁ ଥିବା ନିର୍ବାଚନରେ ପ୍ରାର୍ଥୀ ଦେବାକୁ କଂଗ୍ରେସ ଓ ଭାଜପା ଅପେକ୍ଷା ବିଜେଡିକୁ ଅଧିକ କସରତ କରିବାକୁ ପଡ଼ିବ। କାରଣ ଏହି ନିର୍ବାଚନମଣ୍ଡଳୀରେ ବିଜେଡିର ଅନ୍ତର୍ଦ୍ୱନ୍ଦ୍ୱ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଆସିଛି। ଏଠାରେ ବିଧାୟିକା ଅଛନ୍ତି ବିଜେଡିର ରାଜଶ୍ରୀ ମଲ୍ଲିକ। ତାଙ୍କ ସହ ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସଙ୍କ ବିବାଦ ଥିବା କୁହାଯାଏ। ଏପରି କି ରାଜଶ୍ରୀଙ୍କ ବିରୋଧରେ ଅସନ୍ତୁଷ୍ଟ ଗୋଷ୍ଠୀ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ଶୃଙ୍ଖଳା ରକ୍ଷା ପାଇଁ ଉଚ୍ଚସ୍ତରରେ ଏକାଧିକବାର ଉଦ୍ୟମ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ରାଜଶ୍ରୀ ଗତଥର ପରି ଏଥର ମଧ୍ୟ ବିଜେଡି ଟିକେଟ୍‌ରେ ମଇଦାନକୁ ଓହ୍ଲାଇବାକୁ ଚାହୁଁଛନ୍ତି। କିନ୍ତୁ ତାଙ୍କ ବିଦ୍ରୋହୀମାନେ ବିଷ୍ଣୁଙ୍କୁ ପ୍ରାର୍ଥୀ କରିବାକୁ ଦାବି କରୁଛନ୍ତି। ଏଭଳି ସ୍ଥିତିରେ ଦଳ ଯାହା ନିଷ୍ପତ୍ତି ନେବ, ତାହା ମାନିନେବେ ବୋଲି ରାଜଶ୍ରୀ କହିଛନ୍ତି। ସେ ଏକଥା ମଧ୍ୟ କହିଛନ୍ତି, ଦଳ ବିଷ୍ଣୁଙ୍କୁ ପ୍ରାର୍ଥୀ କଲେ ସେ ସମର୍ଥନ କରିବେ। ଅନ୍ୟପକ୍ଷରେ ବିଷ୍ଣୁ କହିଛନ୍ତି ଯେ, ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ି ଅଞ୍ଚଳର ଲୋକେ ତାଙ୍କଠାରୁ ଅନେକ ଆଶା ରଖିଛନ୍ତି। କିନ୍ତୁ ସେ ତାହା ପୂରଣ କରିପାରିନାହାନ୍ତି। ୨୦୦୯ ଓ ୨୦୧୪ ନିର୍ବାଚନରେ ସେ ଯେଉଁ ପ୍ରାର୍ଥୀମାନଙ୍କ ଉପରେ ଆସ୍ଥା ପ୍ରକଟ କରି ବାଟ ଛାଡିଥିଲେ ସେମାନେ ଲୋକଙ୍କ ସହ ଖେଳିଛନ୍ତି। ତେଣୁ ଏଥର ସେ ନିଜେ ଏହି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବାକୁ ଆଶାୟୀ ବୋଲି କହିଛନ୍ତି। ସେହିପରି ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ମିନତି ବେହେରା ମଧ୍ୟ ଦୌଡରେ ଅଛନ୍ତି। ୧୯୯୭ରେ ସେ ତିର୍ତ୍ତୋଲ ଜିଲା ପରିଷଦ ଜୋନ ସଂଖ୍ୟା ୩ରୁ ଜନତା ଦଳ ପ୍ରାର୍ଥୀ ହୋଇ ଜିତିଥିଲେ। ୨୦୦୫ରେ ଜିଲା ବିଜୁ ଜନତା ଦଳ ସଭାନେତ୍ରୀ, ୨୦୦୫-୧୦ ଭିତରେ ଦଳ ମହିଳା ସଙ୍ଗଠନ ଅବିଭକ୍ତ କଟକ ଜିଲା ସଭାପତି, ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାନେତ୍ରୀ, ୨୦୧୫-୧୮ରେ ଭିନ୍ନକ୍ଷମ କମିଶନର ପଦବୀରେ ରହିଥିଲେ। ଟିକେଟ ନ ମିଳିଲେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସାଙ୍ଗଠନିକ କାର୍ଯ୍ୟରେ ଜଡିତ ରହିବେ ବୋଲି ମିନତି କହିଛନ୍ତି।

ଭାଜପାରୁ ଏକମାତ୍ର ଆଶାୟୀ ହେଉଛନ୍ତି ରମାକାନ୍ତ ଭୋଇ। ପୂର୍ବରୁ ସେ ଇଞ୍ଜିନିୟରିଂ କଲେଜରେ ଚାକିରି କରିଥିଲେ। ୨୦୧୪ରୁ ତାଙ୍କର ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା। ପ୍ରଥମେ ସେ ବିଜେଡିରୁ ପ୍ରାର୍ଥୀ ହେବାକୁ ଚାହିଁଥିଲେ। କିନ୍ତୁ ଟିକେଟ୍ ନ ମିଳିବାରୁ ଭାଜପାରେ ଯୋଗ ଦେଇଥିଲେ। ଏବେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଛନ୍ତି। ଗତ ୫ ବର୍ଷ ଭିତରେ ସେ ଜନସାଧାରଣଙ୍କ ସମସ୍ୟା ସମ୍ପର୍କିତ ଅନେକ ପ୍ରସଙ୍ଗ ଉଠାଇ ଆନ୍ଦୋଳନ କରିଛନ୍ତି। ତାଙ୍କ ନେତୃତ୍ୱରେ ଭାଜପାର ଲଗାତର କାର୍ଯ୍ୟକ୍ରମ ଲୋକଙ୍କୁ ଆକର୍ଷିତ କରିଛି ବୋଲି ରମାକାନ୍ତ କହିଛନ୍ତି। କଂଗ୍ରେସରୁ କିନ୍ତୁ ଏଠାରେ ୩ ଆଶାୟୀ ଅଛନ୍ତି। ସେମାନେ ହେଲେ ଦେବେନ୍ଦ୍ର ମଲ୍ଲିକ, ରାଜକିଶୋର ବେହେରା ଓ ପ୍ରତିମା ମଲ୍ଲିକ। ଦେବେନ୍ଦ୍ର ମାମୁ ସ୍ୱର୍ଗତ କୃଷ୍ଣଚନ୍ଦ୍ର ମଲ୍ଲିକ କଂଗ୍ରେସରୁ ବିଧାୟକ ଥିବାବେଳେ ରାଜନୀତି ଆଡକୁ ମନ ବଳାଇଥିଲେ। ସେତେବେଳେ ସେ ଜଗତ୍‌ସିଂହପୁର ବ୍ଲକ ଯୁବ କଂଗ୍ରେସ ଉପସଭାପତି ହୋଇଥିଲେ। ୨୦୦୪ରେ ଜଗତ୍‌ସିଂହପୁର ଜିଲା କଂଗ୍ରେସ ଅନୁସୂଚିତ ଜାତି ସେଲ ସମ୍ପାଦକ ଓ ୨୦୧୪ରେ ଅଧକ୍ଷ ହୋଇଥିଲେ। ଏହା ପୂର୍ବରୁ ତିର୍ତ୍ତୋଲ ବ୍ଲକ କଂଗ୍ରେସ କମିଟି ଉପସଭାପତି ଥିଲେ। ୨୦୧୬ରେ ଅନୁସୂଚିତ ଜାତି ସେଲ ରାଜ୍ୟ ଆବାହକ ହୋଇଛନ୍ତି। ତାଙ୍କ ସ୍ତ୍ରୀ ବିର୍ତ୍ତୋଳ ପଞ୍ଚାୟତ ସମିତି ସଭ୍ୟା ଅଛନ୍ତି। ଏଥିସହ ୪ ବର୍ଷରୁ ଅଧିକ ହେବ ଜିଲା ଭିଜିଲାନ୍ସ ମନିଟରିଂ କମିଟି ସଭ୍ୟ ରହିଛନ୍ତି। ଗତଥର ସେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। କିନ୍ତୁ ଚିରଞ୍ଜୀବ ବିଶ୍ୱାଳଙ୍କ କଥା ରକ୍ଷା କରି ନାମାଙ୍କନପତ୍ର ପ୍ରତ୍ୟାହାର କରି ନେଇଥିଲେ। ଏଥର ତାଙ୍କୁ ଦଳ ପ୍ରାର୍ଥୀ କରିବ ବୋଲି ଦେବେନ୍ଦ୍ର ଆଶାବ୍ୟକ୍ତ କରିଛନ୍ତି। ଅନ୍ୟତମ ଆଶାୟୀ ରାଜକିଶୋର ବେହେରା ଛାତ୍ର ଜୀବନରୁ ରାଜନୀତିରେ ଯୋଗ ଦେଇଥିଲେ। ୨୦୦୦ରେ ଜିଲା କଂଗ୍ରେସ ଲିଗାଲ ସେଲ କନଭେନର, ୨୦୦୨-୦୭ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ଜିଲା ପରିଷଦ ଜୋନ-୩ର ସଭ୍ୟ, ୨୦୦୭-୧୨ ଜଗତ୍‌ସିଂହପୁର ଜିଲା ପରିଷଦ ଜୋନ-୪ର ସଭ୍ୟ ହୋଇଥିଲେ। ୨୦୦୯ ଓ ୨୦୧୪ ନିର୍ବାଚନରେ ସେ ଏହି ଆସନରୁ ୨ଥର ପ୍ରାର୍ଥୀ ହୋଇ ହାରିଥିଲେ। ଅନ୍ୟତମ ଆଶାୟୀ ପୂର୍ବତନ ବିଧାୟକ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ଝିଅ ପ୍ରତିମା ମଲ୍ଲିକ ୨୦୦୯ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇ ହାରିଥିଲେ। ପୂର୍ବରୁ ଜିଲା ପରିଷଦ ସଭ୍ୟା ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ଏବେ ସେ ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଅଛନ୍ତି। ପୂର୍ବରୁ ୬ ବର୍ଷ କାଳ ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦକ ଥିଲେ। ଗତ ନିର୍ବାଚନରେ ତିର୍ତ୍ତୋଲରୁ କଂଗ୍ରେସ ପ୍ରାର୍ଥୀ ହେବା ପାଇଁ ଚାହିଁଥିଲେ। ଏଥର ଦଳ ତାଙ୍କୁ ଟିକେଟ୍ ଦେବ ବୋଲି ସେ ଆଶାବାଦୀ। ଟିକେଟ ନ ମିଳିଲେ ଦଳୀୟ ଶୃଙ୍ଖଳା ଭିତରେ ରହି କାମ କରିବେ ବୋଲି ପ୍ରତିମା କହିଛନ୍ତି।

ମୋଟ୍ ଭୋଟର
୧,୩୪,୧୭୯
ପୁରୁଷ ଭୋଟର
୧,୨୨,୨୬୩
ମହିଳା ଭୋଟର
୧,୧୧,୮୮୨
ଅନ୍ୟାନ୍ୟ
୩୪

କୋଟପାଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ତ୍ରିମୁଖୀ ଲଢ଼େଇ ସମ୍ଭାବନା

କେ. ରାଜଶେଖର ରାଓ
କୋଟପାଡ଼,୧୭ା୩

ଓଡ଼ିଶା ସୀମାନ୍ତରେ ଥିବା କୋରାପୁଟ ଜିଲା କୋଟପାଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସର ଦୁର୍ଗ ଭାବେ ରହିଆସିଛି। ପ୍ରାୟତଃ ଏଠାରେ ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳିଛି। ଚଳିତ ଥର ସାଧାରଣ ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ୩ଟି ପ୍ରମୁଖ ରାଜନୈତିକ ଦଳର ଆଶାୟୀ ପ୍ରାର୍ଥୀ ମଧ୍ୟ ତତ୍ପର ହୋଇପଡ଼ିଛନ୍ତି। ଭାଜପା ଓ ବିଜେଡି ଏହି ଆସନ ହାତେଇବା ପାଇଁ ଗ୍ରାମାଞ୍ଚଳରେ ଘନ ଘନ ବୈଠକ କରି ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିପଡ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା ଏଠାରୁ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟର କଂଗ୍ରେସର ଚନ୍ଦ୍ରଶେଖର ମାଝି, ବିଜେଡିର ପଦ୍ମିନୀ ଦିଆନ, ଖଗେଶ୍ୱର ପୂଜାରୀ, ଦୁର୍ଗା ମାଝି, ବିକ୍ରମ ମାଝି ରହିଥିବା ବେଳେ ଭାଜପା ଦଳରୁ ଖଗେଶ୍ୱର ପୂଜାରୀ, ସନ୍ତୋଷ ଶିରା, ଏମ୍. ଭତରା, ଘନ ସମରଥ, ଗୋପୀ ନାୟକ ଅଛନ୍ତି।

ପୂର୍ବରୁ ଏଠାରେ କଂଗ୍ରେସର ସ୍ୱର୍ଗତ ବାସୁଦେବ ମାଝି ୮ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ୧୯୯୦ରେ ଥରେ ମାତ୍ର ଜନତା ଦଳର ପ୍ରାର୍ଥୀ ସଦନ ନାୟକ ବିଧାୟକ ହୋଇଥିଲେ। ୧୯୯୫ରେ ପୁନର୍ବାର ବାସୁଦେବ ମାଝି ବିଜୟୀ ହୋଇ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଏଠାରୁ ବିଧାୟକ ରହିଥିଲେ। ୨୦୧୪ରେ ତାଙ୍କର ମୃତ୍ୟୁ ପରେ ଭାଇ ଚନ୍ଦ୍ରଶେଖର ମାଝି ଟିକେଟ ପାଇ ବିଜୟୀ ହେବା ପରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଗତ ନିର୍ବାଚନରେ ବିଜେଡି ଭଲ ସଙ୍ଗଠନ କରିଥିବା ବେଳେ ଶେଷ ମୁହୂର୍ତ୍ତରେ ଟିକେଟ ବଣ୍ଟନରେ ଗୋଳମାଳ ହେବା ଯୋଗୁ କଂଗ୍ରେସ ପୁଣି ବିଜୟୀ ହୋଇଥିଲା। ପୂର୍ବରୁ ବିଜେଡିର ପଦ୍ମିନୀ ଦିଆନଙ୍କୁ ଟିକେଟ ଦେବା ପାଇଁ ଜିଲା ସଭାପତିଙ୍କଠାରୁ ଆରମ୍ଭ କରି ରାଜ୍ୟ କମିଟି ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ତତ୍କାଳୀନ କୋରାପୁଟ ଏମ୍‌ପି ଜୟରାମ ପାଙ୍ଗି ନିର୍ବାଚନ ନ ଲଢ଼ିବାରୁ ତାଙ୍କ ପୁଅ ଅଶୋକ ପାଙ୍ଗିଙ୍କୁ ଦଳ ଟିକେଟ ଦେଇଥିଲା। ଫଳରେ ଦଳୀୟ କନ୍ଦଳରୁ କଂଗ୍ରେସ ପାଇଁ ବିଜୟର ବାଟ ପରିଷ୍କାର ହୋଇଥିଲା। କିନ୍ତୁ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ କଂଗ୍ରେସ ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହୋଇଥିବା ବେଳେ ଭାଜପାର ଭୋଟର ସଂଖ୍ୟା ବଢ଼ିଛି। ତେଣୁ ଚଳିତ ସାଧାରଣ ନିର୍ବାଚନରେ କୋଟପାଡ଼ ଆସନରେ ତ୍ରିମୁଖୀ ଲଢ଼େଇର ଯଥେଷ୍ଟ ସମ୍ଭାବନା ରହିଛି।

ଚଳିତ ନିର୍ବାଚନ ପାଇଁ ସବୁ ଦଳରେ ଆଶାୟୀ ପ୍ରାର୍ଥୀଙ୍କ ଲମ୍ବା ତାଲିକା ରହିଛି। ବିଜେଡି ଯଦି ଜଣେ ମହିଳାଙ୍କୁ ପ୍ରାର୍ଥୀ କରେ, ତେବେ ଏଠାରୁ ବିଜେଡିର ପଦ୍ମିନୀ ଦିଆନ ପ୍ରାର୍ଥୀ ହେବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ପଦ୍ମିନୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସେ ଜନତା ଓ କର୍ମୀଙ୍କ ସହ ରହିଛନ୍ତି। ଗତ ନିର୍ବାଚନରୁ ଟିକେଟ୍ ପାଇବାରୁ ବଞ୍ଚିତ ହୋଇଥିଲେ। ଏଥର କର୍ମୀଙ୍କ ନିଷ୍ପତ୍ତି ଯୋଗୁଁ ଟିକେଟ୍ ପାଇଁ ଆବେଦନ କରିଛନ୍ତି। ପ୍ରାର୍ଥୀ ହେଲେ କଂଗ୍ରେସର ଗଡ଼ ଭାଙ୍ଗିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଓ ଭାଜପାର କେହି ହେଲେ ମହିଳା ବର୍ତ୍ତମାନ ସୁଦ୍ଧା ପ୍ରାର୍ଥୀ ହେବାକୁ ଆଶାୟୀ ନାହାନ୍ତି। କଂଗ୍ରେସର ଚନ୍ଦ୍ରଶେଖର ମାଝି କହିଛନ୍ତି, ସେ ଅଞ୍ଚଳରେ ବିଭିନ୍ନ ମେଡିକାଲ, ପୋଲ ନିର୍ମାଣ

ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଡକ୍ୟୁ ଫିଲ୍ମର ଲୋକାର୍ପଣ ଉତ୍ସବ, ଇଡ୍‌କଲ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା ୩୦।
- ସୋସିଆଲ ଆକ୍ସନ ଫୋରମ ଫର ମାନବ ଅଧିକାର ପକ୍ଷରୁ ଏକଦିନିଆ କର୍ମଶାଳା, ଓଡ଼ିଶା ରିସର୍ଚ୍ଚ ସେଣ୍ଟର, ପ୍ଲଟ ନଂ-୧/ଏ, ଜୟଦେବ ବିହାର, ପୂର୍ବାହ୍ନ ୧୧ଟା।
- ସ୍ମିତା ଏକ୍ସପ୍ରେସନ ପକ୍ଷରୁ କଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ବିଭିନ୍ନ ମିଳିତ ସଂଘ ପକ୍ଷରୁ 'ମହାନଦୀ ଉପରେ ଜନତାଙ୍କ ରିପୋର୍ଟ' ଉନ୍ମୋଚନ, ସିଓ୍ୱାଇଏସ୍‌ଡି, ପୂର୍ବାହ୍ନ ୧୧ଟା।
- ଗୁରୁ ପଙ୍କଜ ଚରଣ ଦାସ ଓ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଗୁରୁ ପଙ୍କଜ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା।
- ଇସକଫ ଇଣ୍ଡିଆନ ସୋସାଇଟି ଫର କଲଚ୍‌ରଲ କୋଅପରେଶନ ଓ ଫ୍ରେଣ୍ଡଶିପ ଏବଂ ବିଶ୍ୱନାଥ ସାହୁ ସ୍ମୃତି କମିଟି ପକ୍ଷରୁ ଆଲୋଚନାଚକ୍ର, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା।
- କବି ଡ.ପ୍ରସନ୍ନ କୁମାର ମିଶ୍ରଙ୍କ ଜନ୍ମବାର୍ଷିକୀ ଅବସରରେ ଫାଲ୍‌ଗୁନ ଆସର, ମହାବୋଧି ସୋସାଇଟି (ବୁଦ୍ଧ ମନ୍ଦିର), ୟୁନିଟ-୯, ସନ୍ଧ୍ୟା ୬ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।
- ଶରତ-ସ୍ମୃତି-ସଂସଦ ଆନୁକୂଲ୍ୟରେ ଶରତ-ସ୍ମୃତି-ସନ୍ଧ୍ୟା, ଗୀତଗୋବିନ୍ଦ ସଦନ, ସୂଚନା ଭବନ ପରିସର, ସନ୍ଧ୍ୟା ୬ଟା ୩୦।
- ଭାରତ ସେବାଶ୍ରମ ସଂଘର ୧୦୩ତମ ପ୍ରତିଷ୍ଠା ଦିବସ ଅବସରରେ ପୂର୍ଣ୍ଣାଙ୍ଗର ଓଡ଼ିଶୀ ଓ ସଙ୍ଗୀତ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ଆଖଣ୍ଡଳେଶ୍ୱର ମହାଦେବର ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଜଟଣୀ,୧୭।୩(ଡି.ଏନ.ଏ.): ଜଟଣୀ ମୁଖ୍ୟ ରାସ୍ତାର ବ୍ଲକ ଅଫିସ ନିକଟରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଲଳିତ ମହାନ୍ତି(୩୦)। ପୁରୀ ଜିଲା ନିମାପଡ଼ା ନିଜ ଘର ହୋଇଥିବାବେଳେ ଦୀର୍ଘଦିନ ହେବ ସେ ଜଟଣୀ ଟ୍ରାଫିକ୍ କଲୋନୀ ଅଞ୍ଚଳରେ ରହୁଥିଲେ। ଶନିବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା। ବାଇକ୍ ନେଇ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ଡିଭାଇଡରରେ ଧକ୍କା ହୋଇ ଏପରି ଘଟିଥିବା ପୋଲିସ ଅନୁମାନ କରୁଛି। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଜଟଣୀ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି।

ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଇଞ୍ଜିନିୟର ଗିରଫ

ଭୁବନେଶ୍ୱର,୧୭।୩ (ବ୍ୟୁରୋ): ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ମାଡ଼ ମାରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଇଞ୍ଜିନିୟର ସ୍ୱାମୀଙ୍କୁ ରବିବାର ଗିରଫ କରିଛି। ଅଭିଯୁକ୍ତ ସ୍ୱାମୀ ହେଲେ ସାରଦା ପ୍ରସାଦ ମହାନ୍ତି। ଅଭିଯୋଗ ମୃତାବକ, ସାରଦା ଜୟଦେବ ବିହାର ଆଇଆର୍‌ସି ଭିଲେଜ ଏନ୍-୫ରେ ପରିବାର ସହ ରୁହନ୍ତି। ସ୍ତ୍ରୀ ଶ୍ୱେତପଦ୍ମା ଓ ସାରଦାଙ୍କ ମଧ୍ୟରେ କିଛିବର୍ଷ ଧରି ମତାନ୍ତର ଲାଗି ରହିଥିଲା। ଶନିବାର ପୂର୍ବ କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ୱାମୀ ସାରଦା ଶ୍ୱେତପଦ୍ମାଙ୍କୁ ନିସୁକ ମାଡ଼ ମାରିଥିଲେ। ପରେ ଶ୍ୱେତପଦ୍ମା ଥାନା ଦ୍ୱାରସ୍ଥ ହୋଇ ସ୍ୱାମୀଙ୍କ ନାମରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ୧୪୨/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ସାରଦାଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ନୂଆ ରୂପରେ ପାରମ୍ପରିକ ହସ୍ତକଳା

ସସ୍ମିତା ପାଇକରାୟ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ଗୋଟିଏ ସ୍ଥାନରେ ଦେଖିବାକୁ ମିଳୁଛି ପ୍ରାକୃତିକ ତନ୍ତୁ ଓ ଓଡ଼ିଶାର ଏକାଧିକ ଲୁପ୍ତପ୍ରାୟ ହସ୍ତଶିଳ୍ପର ପସରା। ପିଢ଼ି ପରେ ପିଢ଼ି ଯୁଗ ଯୁଗ ଧରି ରହିଆସିଥିବା ପାରମ୍ପରିକ ହସ୍ତଶିଳ୍ପ ସମ୍ପୂର୍ଣ୍ଣ ନୂଆ ରୂପରେ ପ୍ରଦର୍ଶିତ ହୋଇଛି। କାଇଁଚ, ଛଣ, କାଗଜରୁ ଆରମ୍ଭ କରି ଝୋଟ, ତାଳପତ୍ର ଓ ମକାପତ୍ର ପର୍ଯ୍ୟନ୍ତ, ଅବ୍ୟବହୃତ ଓ ଅଦରକାରୀ ସାମଗ୍ରୀରେ ପ୍ରସ୍ତୁତ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖଣାହାରୀଙ୍କ ଆଖିକୁ ଟାଣି ନେଉଛି। ହସ୍ତ ଓ କୁଟିର ଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଆଦିବାସୀ ପଡ଼ିଆଠାରେ ପ୍ରଥମ ଥର ପାଇଁ ଆୟୋଜିତ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ଦେଖିବାକୁ ମିଳୁଛି ଏଭଳି ଏକାଧିକ ବିରଳ ଆକର୍ଷଣୀୟ ହସ୍ତଶିଳ୍ପ। ଆସନ୍ତା ୧୯ ତାରିଖ ଯାଏ ଏହି ପ୍ରଦର୍ଶନୀ ଚାଲିବ।

ବଢ଼ୁଛି ଝୋଟ ସାମଗ୍ରୀର ଚାହିଦା

ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଲାଗିବା ପରେ ଓଡ଼ିଶାରେ ଝୋଟର ଡିମାଣ୍ଡ ବଢ଼ିଛି। ଧୀରେ ଧୀରେ ଲୁପ୍ତ ହୋଇ ଆସୁଥିବା ଜ୍ୟୁଟ୍ କ୍ରାଫ୍ଟ ବା ଝୋଟ ଶିଳ୍ପ ପୁଣିଥରେ ଲୋକପ୍ରିୟ ହୋଇଛି। ବିଶେଷକରି ଝୋଟରେ ତିଆରି ବ୍ୟାଗ୍, ପର୍ସ, ଫାଇଲ, ଫୋଲ୍ଡର, ଇୟର୍ ରିଙ୍ଗ୍ ସହ ଝୋଟ ନିର୍ମିତ ବିଭିନ୍ନ ଘରସଜ୍ଜା ସାମଗ୍ରୀର ଚାହିଦା ରହୁଥିବା କହିଛନ୍ତି ବାରିପଦାର ଯୁବଶିଳ୍ପୀ ସମାହାର ନାୟକ। ଯୁକ୍ତୀ ବିଜ୍ଞାନ ଦ୍ୱିତୀୟ ବର୍ଷରେ ପଢୁଥିବା ସମାହାର ପାଠପଢ଼ା ସହ ଏହି କଳାକୁ ବଜାୟ ରଖିଛନ୍ତି। ନିଜ ମା'ଙ୍କଠାରୁ ଶିଖିଥିବା ଏହି କଳାକୁ ପରବର୍ତ୍ତୀ ପିଢ଼ି ନିକଟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ପରିବେଶ ପାଇଁ ହାନିକାରକ ପ୍ଲାଷ୍ଟିକ୍‌କୁ ଛାଡ଼ି ଲୋକ ଯେପରି ଝୋଟ ଭଳି ପରିବେଶ ଉପଯୋଗୀ ସାମଗ୍ରୀ ବ୍ୟବହାର କରିବେ, ସେଥିପାଇଁ ଉଦ୍ୟମ କରୁଛନ୍ତି। ଜିଏସ୍‌ଟି ଲାଗିବା ପରେ ଦାମ୍ ବଢ଼ିଯାଇଥିବାରୁ କଞ୍ଚାମାଲ୍ ପାଇବା ପାଇଁ ଟିକେ ସମସ୍ୟା ହେଉଛି। ଝୋଟ ନିର୍ମିତ ବିଭିନ୍ନ ସାମଗ୍ରୀ ୨୦ ଟଙ୍କାରୁ ଆରମ୍ଭ କରି ୧ ହଜାର ଟଙ୍କା ପର୍ଯ୍ୟନ୍ତ ରହୁଛି।

ହସ୍ତଶିଳ୍ପରେ ବି ଫ୍ୟୁଜନ୍

ଆଗରୁ ଗାଁଗହଳିରେ ମହିଳାମାନେ କାଇଁଚରେ ଡାଲା, ପାଟିଆ ଭଳି ବିଭିନ୍ନ ପୁରୁଣାକାଳିଆ ସାମଗ୍ରୀ ତିଆରି କରୁଥିଲେ। ଏହାପରେ ସେମାନେ ଏହି କଳା ଶିଖିଲେ। ଡିଜାଇନ୍ ଟ୍ରେନିଂ ଓ ସ୍କିଲ୍ ଟ୍ରେନିଂ ସେମାନଙ୍କୁ ନୂଆ ଦିଶା ଦେଲା। ପାରମ୍ପରିକ ହସ୍ତଶିଳ୍ପରେ ଆଧୁନିକ ଡିଜାଇନ୍‌ର ଫ୍ୟୁଜନ୍ ସୃଷ୍ଟି କଲା ଏକ ନୂଆ କଳା। ଚାହିଦା ବଢ଼ିଲା। ଆମେରିକା, ଜାପାନ, ଅଷ୍ଟ୍ରେଲିଆରୁ ଅର୍ଡର ଆସିଲା। କାଇଁଚ ବା ଗୋଲ୍ଡେନ୍ ଗ୍ରାସ୍‌ରେ ନିର୍ମିତ ଟେଣ୍ଟୁଲ୍ ପେଡ଼ି, ଗ୍ଲାସ୍ କଭର୍, ବିନ୍ଦି ଡବା, ଇୟରିଂ, ନେକ୍‌ଲେସ୍, ଲ୍ୟାମ୍ପସେଟ୍, ଫାଇଲ୍, ଫୁଲଦାନୀ ଆଦିର ରାଜ୍ୟ ବାହାରେ ବି ଚାହିଦା ରହିଥିବା କହିଛନ୍ତି ଜଗତ୍‌ସିଂହପୁରର କୁମୁଦିନୀ ରାଉତ। ଦୀର୍ଘ ୧୨ବର୍ଷ ହେବ ସେ ଏହି ହସ୍ତଶିଳ୍ପ ସହ ଜଡ଼ିତ। ୫୦ ଟଙ୍କାରୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ରହୁଥିବା କାଇଁଚ ସାମଗ୍ରୀ ପାଇଁ ଏବେ କେବଳ ଜଗତ୍‌ସିଂହପୁରରେ ୨୦୦ରୁ ଅଧିକ ଶିଳ୍ପୀ କାମ କରୁଛନ୍ତି।

ପେପର ମ୍ୟାକେ

ଅବ୍ୟବହୃତ କାଗଜରୁ ସୃଷ୍ଟି ହୋଇଛି ଆକର୍ଷଣୀୟ ଘରସଜ୍ଜା ସାମଗ୍ରୀ। ପେନ୍‌ଷ୍ଟାଣ୍ଡ, ଚୁଡ଼ିବାକ୍ସ, ମୋବାଇଲ୍ ଷ୍ଟାଣ୍ଡ, ୱାଲ୍ ହ୍ୟାଙ୍ଗିଙ୍ଗ୍, ଫୁଲଦାନୀ, ମୁଖା, ୱାଲ୍ ପେଣ୍ଟିଂ ସହ ଘର ସଜାଇବା ପାଇଁ ପେପର କୁଲା ଦେଖିବାକୁ ଯେତିକି ସୁନ୍ଦର ହୋଇଛି ସେତିକି କାରୁକାର୍ଯ୍ୟପୂର୍ଣ୍ଣ ରହିଛି। କାଗଜକୁ ୩ରୁ ୪ଦିନ ପାଣିରେ ଭିଜାଇବା ପରେ ତାହାକୁ ଗ୍ରାଇଣ୍ଡିଂ କରାଯାଉଛି। ଏହାପରେ ସେଥିରୁ ପାଣି ବାହାରକରି ଅଠା ଲଗାଇ ବିଭିନ୍ନ ଡିଜାଇନ୍ ଦିଆଯାଉଛି। ଦୀର୍ଘ ୨୦ବର୍ଷ ହେବ କେନ୍ଦୁଝରର ଅର୍ଜୁନ ଚରଣ ଜେନା ଏହି ହସ୍ତଶିଳ୍ପ ସହ ଜଡ଼ିତ ରହିଛନ୍ତି। କାଗଜ ତିଆରି ସାମଗ୍ରୀର ଦାମ୍ ୫୦ ଟଙ୍କାରୁ ଆରମ୍ଭକରି ୧୫ ହଜାର ପର୍ଯ୍ୟନ୍ତ ରହୁଛି।

ଷଢ଼େଇ ତିଆରି ହସ୍ତଶିଳ୍ପ

କୋକାନଟ୍ ସେଲ୍ କ୍ରାଫ୍ଟ ବା ନଡ଼ିଆ ଷଢ଼େଇରେ ତିଆରି ଆକର୍ଷଣୀୟ ହସ୍ତଶିଳ୍ପ। କାନଫୁଲ, ହାର, ଚାବି ରିଙ୍ଗ୍, କପ୍ ପ୍ଲେଟ୍ ଓ ବିଭିନ୍ନ ପ୍ରକାର ୱାଲ୍ ଆର୍ଟ। ଏଭଳି ଲୁପ୍ତପ୍ରାୟ ହସ୍ତଶିଳ୍ପକୁ ବଞ୍ଚାଇ ରଖିଛନ୍ତି କଣିହାଁର ଶିଳ୍ପୀ ଦେବୀପ୍ରସନ୍ନ ମହାନ୍ତି। ୨୦୦୬ରୁ ପ୍ରଥମେ ନିଜେ ନିଜେ ତିଆରି କରିବା ଆରମ୍ଭ କରିବା ପରେ ଏହା ଏବେ ତାଙ୍କର ନିଶା ଓ ପେସାରେ ପରିଣତ ହୋଇଛି। ଷଢ଼େଇକୁ ପଲିସ୍ କରିବା ପରେ ଏହାକୁ ବିଭିନ୍ନ ଡିଜାଇନ୍ ଦେଇ ସେ ସାମଗ୍ରୀ ପ୍ରସ୍ତୁତ କରିଥାଆନ୍ତି, ଯାହାର ଦାମ୍ ୫୦ ଟଙ୍କାରୁ ଆରମ୍ଭ ହୋଇ ୩ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।

ଦୟନୀୟ ସ୍ଥିତିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

- ନିର୍ମାଣ ହେଇପାରୁନି ସ୍କୁଲ ଗୃହ
- ୧୫୬ ବିଦ୍ୟାଳୟରେ ଖାଲି ପଡ଼ିଛି ଅଧକ୍ଷ ପଦବୀ
- ତଥ୍ୟ ରଖିଲା ସୂଚନା ଅଧିକାର ଅଭିଯାନ

ODISHA ADARSHA VIDYALAYA
INSPIRE AND EMPOWER

ରାଜ୍ୟର ପଛୁଆ ଅଞ୍ଚଳରେ ପିଲାମାନଙ୍କୁ ସିବିଏସ୍‌ଇ ଢାଞ୍ଚାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ରାଜ୍ୟ ସରକାର ୨୦୧୬ ମସିହାରୁ ମଡେଲ ସ୍କୁଲ ବା ଆଦର୍ଶ ବିଦ୍ୟାଳୟ ଆରମ୍ଭ କରିଛନ୍ତି। ଷଷ୍ଠରୁ ଯୁକ୍ତ୨ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଶିକ୍ଷାଦାନ ସହିତ ସ୍କୁଲ ୟୁନିଫର୍ମ, ବହିପତ୍ର, ସାଇକେଲ୍, ହଷ୍ଟେଲ ଆଦି ସୁବିଧା ମାଗଣାରେ ଯୋଗାଇ ଦେବାକୁ ସରକାର ଘୋଷଣା କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୧୦୦ ଆଦର୍ଶ ବିଦ୍ୟାଳୟ ଖୋଲାଯିବାକୁ ନିଷ୍ପତ୍ତି ହୋଇଥିଲା। ଇତିମଧ୍ୟରେ ତିନିବର୍ଷ ବିତିଯାଇଛି। ରାଜ୍ୟରେ ଅଦ୍ୟାବଧି ୧୯୦ଟି ଆଦର୍ଶ ବିଦ୍ୟାଳୟ ଖୋଲାଯାଇଛି। ତେବେ ବହୁ ସ୍କୁଲ ଗୃହ ଏବେ ବି ନିର୍ମାଣାଧୀନ ରହିଛି। ସରକାରୀ ସ୍କୁଲ ଏବଂ କଲେଜରେ ଆଦର୍ଶ ବିଦ୍ୟାଳୟ ଚାଲୁଛି। କେନ୍ଦ୍ରୀୟ ବିଦ୍ୟାଳୟ ଢାଞ୍ଚାରେ ସରକାର ଆଦର୍ଶ ବିଦ୍ୟାଳୟଗୁଡ଼ିକ ପାଇଁ ଶିକ୍ଷକ ଓ ଅଣଶିକ୍ଷକମାନଙ୍କୁ ନିଯୁକ୍ତ ଦେବାକୁ ଘୋଷଣା କରିଛନ୍ତି। ସେଥିପାଇଁ ପ୍ରତ୍ୟେକ ଆଦର୍ଶ ବିଦ୍ୟାଳୟ ଲାଗି ୧୨ ଶିକ୍ଷକ ଓ ୪ ଅଣଶିକ୍ଷକ(ଜଣେ କିରାଣି ଓ ୩ ପିଅନ) ପଦବୀ ସୃଷ୍ଟି ହୋଇଛି। ସିବିଏସ୍‌ଇ ଢାଞ୍ଚାରେ ପାଠ୍ୟକ୍ରମ ହୋଇଥିବାରୁ ଶିକ୍ଷକମାନଙ୍କ ଉପଯୁକ୍ତ ନିଯୁକ୍ତି ଏବଂ ନିୟମିତ ଉପସ୍ଥାନ ଅତ୍ୟନ୍ତ ଜରୁରୀ।

ଆର୍‌ଟିଆଇ ତଥ୍ୟ ଅନୁଯାୟୀ, ୧୯୦ଟି ଆଦର୍ଶ ବିଦ୍ୟାଳୟରେ ୩୬୪୦ ଶିକ୍ଷକ ଏବଂ ଅଣଶିକ୍ଷକ ପଦବୀ ସୃଷ୍ଟି ହୋଇଛି। ହେଲେ ସେଥିମଧ୍ୟରୁ ୩୫% ପଦବୀ ଏବେ ବ ଖାଲି ରହଛ। ବଦ୍ୟାଳୟର ମୁଖ୍ୟ ତଥା ଅଧକ୍ଷ ପଦବୀ ୧୫୬ଟି ବିଦ୍ୟାଳୟରେ ଖାଲି ପଡ଼ିଛି। ଫଳରେ ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷାଦାନରେ ବ୍ୟାପକ ବିଭ୍ରାଟ ଦେଖାଯାଇଛି। ସେହିପରି ରାଜ୍ୟ ସରକାର ପ୍ରତ୍ୟେକ ପିଲାଙ୍କୁ ହଷ୍ଟେଲ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ତାହା ଏ ପର୍ଯ୍ୟନ୍ତ ପୂରଣ କରିନାହାନ୍ତି। କେତେକ ବିଦ୍ୟାଳୟରେ କେବଳ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପିଲାଙ୍କୁ ହଷ୍ଟେଲ ସୁବିଧା ଦିଆଯାଇଛି। ସେହିପରି ପ୍ରତିଶ୍ରୁତି ମୁତାବକ ପିଲାମାନଙ୍କ ଯାତାୟାତ ଖର୍ଚ୍ଚ ବ୍ୟବସ୍ଥା କରାଯାଇନାହିଁ। ତେବେ ଏ ସବୁଠାରୁ ବେଶି ହଇରାଣ ହେଉଛନ୍ତି କମ୍ପ୍ୟୁଟର ଶିକ୍ଷକ। ରାଜ୍ୟ ସରକାର ଆଦର୍ଶ ବିଦ୍ୟାଳୟ ପାଇଁ ସମସ୍ତ ଶିକ୍ଷକ ପଦବୀ ନିୟମିତ କରିବାକୁ ପ୍ରସ୍ତାବ ଦେଇଥିଲେ। ଅର୍ଥ ବିଭାଗ ଏଥିପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା କରି ଏହାକୁ ମଞ୍ଜୁରୀ ଦେଇଥିଲା। କିନ୍ତୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ତତ୍କାଳୀନ ସଚିବ ସରକାରୀ ନିଷ୍ପତ୍ତିକୁ ପରିବର୍ତ୍ତନ କରି କମ୍ପ୍ୟୁଟର ଶିକ୍ଷକ ପଦବୀକୁ ଚୁକ୍ତିଭିତ୍ତିକ କରିଦେଲେ। ଦୀର୍ଘବର୍ଷ ଧରି ଏହି ଶିକ୍ଷକମାନେ ବାରମ୍ବାର ସରକାରଙ୍କୁ ସ୍ମାରକ ପତ୍ର ଦେଇ ଆସୁଥିଲେ ମଧ୍ୟ ରାଜ୍ୟ ଅମଲାମାନେ ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ସେମାନଙ୍କ ଜୀବନ ଏବଂ ଜୀବିକା ସହ ଖେଳିଚାଲିଛନ୍ତି ବୋଲି ରବିବାର ସୂଚନା ଅଧିକାର ଅଭିଯାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି।

ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ କହିଛନ୍ତି, ରାଜ୍ୟରେ ଆଦର୍ଶ ବିଦ୍ୟାଳୟଗୁଡ଼ିକର ସ୍ଥିତି, ଏହାର ପରିଚାଳନା, ଶିକ୍ଷକ ଏବଂ ଅନ୍ୟ କର୍ମଚାରୀଙ୍କ ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ସୂଚନା ଅଧିକାର ଆଇନ ବଳରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅର୍ଥ ବିଭାଗ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ନିର୍ଦ୍ଦେଶାଳୟଙ୍କ କାର୍ଯ୍ୟାଳୟକୁ ଦରଖାସ୍ତ କରାଯାଇଥିଲା। ଯଦିଓ ସମ୍ପୂର୍ଣ୍ଣ ତଥ୍ୟ ସରକାରୀ ଅଧିକାରୀମାନେ ଯୋଗାଇ ନାହାନ୍ତି, ତଥାପି ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ, ରାଜ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସ୍ଥିତି ଅତ୍ୟନ୍ତ ଦୟନୀୟ। ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଏକ ସରକାରୀ ପ୍ରାୟୋଜିତ ପ୍ରଚାର ଏବଂ ପ୍ରହସନ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୫ ଫେବୃୟାରୀ ୨୩ରେ ଅନୁଷ୍ଠିତ ଷ୍ଟିୟରିଂ କମିଟି ବୈଠକରେ ତତ୍କାଳୀନ ସଚିବ ଉଷା ପାଢ଼ୀ କମ୍ପ୍ୟୁଟର ଶିକ୍ଷକଙ୍କୁ ଅର୍ଥ ବିଭାଗର ସୁପାରିସ ଆଧାରରେ ନିୟମିତ ଭାବେ ନିଯୁକ୍ତି ନ ଦେଇ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିଯୋଗୁ ବହୁ ଶିକ୍ଷିତ ଯୁବକ କମ୍ପ୍ୟୁଟର ଶିକ୍ଷକ ପଦବୀ ପାଇ ମଧ୍ୟ ଚାକିରିରେ ଯୋଗଦେଲେ ନାହିଁ। ଫଳରେ ଏବେ ବି ହାରାହାରି ୬୦ଟି କମ୍ପ୍ୟୁଟର ଶିକ୍ଷକ ପଦବୀ ଖାଲି ପଡ଼ିଛି ବୋଲି ଆର୍‌ଟିଆଇ ତଥ୍ୟରେ ଉଲ୍ଲେଖ ରହିଛି।

ଦର୍ଶକଙ୍କୁ ଶାସ୍ତ୍ରୀୟ ନୃତ୍ୟରେ ବାନ୍ଧିରଖିଲେ ଶିଳ୍ପୀ

ଉତ୍ସବରେ କୋଲକାତା ହମ୍‌ସାବାହିନୀ କଳାଳୟମ୍ ପକ୍ଷରୁ ମଞ୍ଚସ୍ଥ କୁଚିପୁଡ଼ି ନୃତ୍ୟ।

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ବସନ୍ତ ଉତ୍ସବ

ନୃତ୍ୟାନୁଷ୍ଠାନ 'ନୃତ୍ୟାଞ୍ଜଳି' ପକ୍ଷରୁ ରବିବାର ଭଞ୍ଜ କଳାମଣ୍ଡପରେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଉତ୍ସବ 'ବସନ୍ତ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ଶିଳ୍ପୀମାନେ ଯୋଗଦେଇ ଓଡ଼ିଶୀ, ଭାରତନାଟ୍ୟମ୍, କୁଚିପୁଡ଼ି ଭଳି ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲୁ ଲାଇଟ୍ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଏହାପରେ ପ୍ରୀତିକା କଲାରା ଗାନ୍ଧୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ କୋଲକାତାସ୍ଥିତ ଉଡୋକ୍ ପର୍‌ଫର୍ମିଂ ଆର୍ଟ ପକ୍ଷରୁ ଶିଳ୍ପୀମାନେ ଭାରତନାଟ୍ୟମ୍ ନୃତ୍ୟ ମଞ୍ଚସ୍ଥ କରି ଦର୍ଶକଙ୍କୁ ବାନ୍ଧିରଖିଥିଲେ। ସେହିପରି ଉତ୍କଳ କଳାପୀଠର କଳାକାରମାନେ ଓଡ଼ିଶୀ ଏବଂ କୋଲକାତା ହମ୍‌ସାବାହିନୀ କଳାଳୟମ୍ ପକ୍ଷରୁ କୁଚିପୁଡ଼ି ଓ ଭାରତନାଟ୍ୟମ

ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ

ସଂକ୍ଷେପରେ

ନାଗସାପ କାମୁଡ଼ି ଦେବାରୁ ଆଙ୍ଗୁଠି କାଟିଦେଲେ

କଣାସ,୧୭।୩(ଡି.ଏନ୍.ଏ.): ଡେଲାଙ୍ଗ ଥାନା କଲ୍ୟାଣପୁର ଗ୍ରାମରେ ରବିବାର ଜଣେ ଯୁବକଙ୍କୁ ନାଗସାପ କାମୁଡି ଦେବାରୁ ଜୀବନ ରକ୍ଷା ପାଇଁ ନିଜ ଆଙ୍ଗୁଠିକୁ କଟୁରିରେ ହାଣି ଦେବା ଭଳି ଘଟଣା ଗ୍ରାମରେ ଚର୍ଚ୍ଚା ହୋଇଛି। ସୂଚନାଯୋଗ୍ୟ, ଗ୍ରାମର ମନୋରଞ୍ଜନ ପ୍ରଧାନ(୪୫) ସକାଳ ୯ଟା ସମୟରେ କାଠ ଚିରଟ କରୁଥିବାବେଳେ କାଠ ଖଣ୍ଡେ ଛିଟିକି ପଡିବାରୁ କାଠଖଣ୍ଡକୁ ଆଣିବାକୁ ଯାଇଥିଲେ। ୩ମିଟର ବ୍ୟବଧାନରେ ପଡିଥିବା କାଠ ଖଣ୍ଡକୁ ଧରିବାବେଳେ ହଠାତ୍ ସେଠାରେ ଥିବା ଏକ ବିଷଧାର ନାଗସାପ ମନୋରଞ୍ଜନଙ୍କ ବାମ ହାତର କନିଷ୍ଠ ଆଙ୍ଗୁଠିକୁ କାମୁଡ଼ି ଧରିଥିଲା। ହାତଟିକୁ ଛାଟିଲେ ମଧ୍ୟ ସାପଟି ଆଙ୍ଗୁଠିକୁ ନ ଛାଡ଼ିବାରୁ ଅନ୍ୟ ହାତରେ ଧରିଥିବା କଟୁରିରେ ନିଜ ଆଙ୍ଗୁଠିକୁ ହାଣି ଦେଇଥିଲେ। ଏହାପରେ ସାପଟି କାମୁଡି ଧରିଥିବା ଆଙ୍ଗୁଠି ସହ ତଳେ ଖସି ପଡିବାରୁ ସାପଟି ପଳାଇ ଯାଇଥିଲା । ଏହି ସମୟରେ ମନୋରଞ୍ଜନଙ୍କ ପାଟି ଶୁଣି ପାଖରେ କାମ କରୁଥିବା ଲୋକମାନେ ଦୌଡ଼ି ଆସି ତାଙ୍କୁ ତୁରନ୍ତ ଡେଲାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସାପ ବିଷ ପ୍ରଭାବରେ କଟିଯାଇଥିବା ଆଙ୍ଗୁଠିଟି ନୀଳବର୍ଣ୍ଣ ହୋଇଯାଇଥିଲା ।

ପୋଖରୀରେ ବୁଡ଼ି ଜଣଙ୍କ ମୃତ୍ୟୁ

ସାକ୍ଷୀଗୋପାଳ, ୧୭।୩(ଡି.ଏନ୍.ଏ.): ସତ୍ୟବାଦୀ ଥାନା ଅନ୍ତର୍ଗତ ବାସୁକେରା ଗ୍ରାମର ସତ୍ୟପ୍ରିୟ ପ୍ରଧାନ (୪୭)ଙ୍କ ମୃତଦେହ ଗ୍ରାମ ନିକଟସ୍ଥ ବନ୍ତେଶ୍ୱର ଠାକୁରଙ୍କ ପୋଖରୀରୁ ଉଦ୍ଧାର କରାଯାଇଛି। ରବିବାର ପୋଖରୀକୁ ଗାଧୋଇବାକୁ ଯାଇଥିବା ସତ୍ୟପ୍ରିୟ ପୋଖରୀ ତୁଠ ନିକଟରେ ପଡିଥିବା ଦେଖି ଲୋକେ ଖବର ଦେଇଥିଲେ। ତାଙ୍କୁ ସଙ୍ଗେସେଙ୍ଗେ ସାକ୍ଷୀଗୋପାଳ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ସତ୍ୟବାଦୀ ପୋଲିସ ଥାନା କେସ ନଂ ୪/୧୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ଜବତ କରିଥିଲା। ପଞ୍ଚନାମା କରାଯିବା ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଯାଇଛି। ଅପରପକ୍ଷେ ମୃତ ସତ୍ୟପ୍ରିୟଙ୍କ ସ୍ତ୍ରୀ ଝରଣା ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

ଦୁର୍ଘଟଣାରେ ବ୍ୟବସାୟୀ ମୃତ, ଜଣେ ଗିରଫ

ବାଲିଅନ୍ତା,୧୭।୩(ଡି.ଏନ୍.ଏ.): ୧୬ନଂ ଜାତୀୟ ରାଜପଥର ପାହଳ ଫାଣ୍ଡି ସମ୍ମୁଖରେ ଶନିବାର ରାତିରେ ଏକ କାର୍ ଧକ୍କାରେ ଜଣେ ଛେନା ବେପାରୀଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ରବିବାର ପୋଲିସ କାର୍ ଚାଳକଙ୍କୁ ଗିରଫ କରିଛି। ମୃତକ ହେଲେ କଟକ ସଦର ଥାନା ଅଧୀନ ବମ୍ପିଲୋ ଗ୍ରାମର ଅଗାଧୁ ଦାସ(୫୦)। ପ୍ରକାଶ ଯେ, ପ୍ରତିଦିନ ଭଳି ଶନିବାର ମଧ୍ୟ ଅଗାଧୁ ଛେନା ଦେବା ପାଇଁ ପାହାଳ ଅଞ୍ଚଳକୁ ଆସି ରାସ୍ତାପାର ହେଉଥିଲେ। ଏହି ସମୟରେ କାର ଚାଳକ ତଥା ମାଲିକ ସୁଶାନ୍ତ କୁମାର ପାଇକରାୟ(୩୫) କଟକରୁ ଭୁବନେଶ୍ୱର ଆସୁଥିବାବେଳେ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ଅଗାଧୁ ରାସ୍ତାରେ ଛିଟିକି ପଡିଯାଇ ଗୁରୁତର ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ପାହଳ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଚାଳକ ସୁଶାନ୍ତଙ୍କୁ ଥାନାକୁ ନେବା ସହ ୬୯/୧୯ରେ ମାମଲା ରୁଜୁ କରି ଗିରଫ କରିଛି। ଗିରଫ ସୁଶାନ୍ତଙ୍କ ଘର ନୟାଗଡ଼ର ରଣପୁର ଗ୍ରାମର ହୋଇଥିବାବେଳେ ସେ ପୁରୁଣା ଭୁବନେଶ୍ୱରରେ ରହୁଥିଲେ।

ଗୁରୁ ପଙ୍କଜ ଉତ୍ସବ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ଗହଣରେ ସମ୍ମାନିତ ଡ. ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦୀ ଓ ଡ. ମିନତି ମିଶ୍ର।

୨ଜଣଙ୍କୁ 'ଆଦିଗୁରୁ ପଙ୍କଜ ଚରଣ ଦାସ ପରମ୍ପରା ସମ୍ମାନ'

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ଗୁରୁ ପଙ୍କଜ ଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ରବିବାର ରବୀନ୍ଦ୍ର ମଣ୍ଡପଠାରେ ଗୁରୁ ପଙ୍କଜ ଉତ୍ସବ ତଥା ଆଦିଗୁରୁ ପଙ୍କଜ ଚରଣ ଦାସ ପରମ୍ପରା ସମ୍ମାନ ଓ ମାହାରୀ ସମ୍ମାନ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆଦିଗୁରୁଙ୍କ ୧୦୦ତମ ଜନ୍ମବାର୍ଷିକୀ ଓ ଉତ୍ସବର ରୌପ୍ୟ ଜୟନ୍ତୀ ସମାରୋହକୁ ବିଶିଷ୍ଟ ସାହିତ୍ୟିକ ତଥା କବି ରମାକାନ୍ତ ରଥ, ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପୂର୍ବତନ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ, ବିଶିଷ୍ଟ ନୃତ୍ୟ ସମୀକ୍ଷକ ଡ. ସୁନୀଲ କୋଠାରୀ, ନୃତ୍ୟଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ ଓ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫାଉଣ୍ଡେଶନ ନିର୍ଦ୍ଦେଶକ ଗୁରୁ ଶରତ ଦାସ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ସଭାପତି ବଟକୃଷ୍ଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନୃତ୍ୟାଙ୍ଗନା ଡ. ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦୀ ଓ ନୃତ୍ୟ ପଟ୍ଟିୟସୀ ଡ. ମିନତି ମିଶ୍ରଙ୍କୁ 'ଆଦିଗୁରୁ ପଙ୍କଜ ଚରଣ ଦାସ ପରମ୍ପରା ସମ୍ମାନ' ପ୍ରଦାନ କରାଯାଇଥିଲା।

ଗୁରୁ ପଙ୍କଜ ଉତ୍ସବ ଉଦ୍‌ଘାଟିତ

ଏହାପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରଥମେ ନୃତ୍ୟଶିଳ୍ପୀ ସୁହାଗ ନଳିନୀ ଦାସ 'ମଧୁରାଷ୍ଟକମ୍'ରେ କୃଷ୍ଣରସ ପରିବେଷଣ କରିଥିଲେ। ମୋହିନୀଆଟ୍ଟମ୍‌ର ଜଣାଶୁଣା ଶିଳ୍ପୀ ସାଜି ମେନନ୍ ମହାଭାରତ ଉପରେ ଆଧାରିତ ଅମ୍ବା ଓ 'ଶ୍ରୀଖଣ୍ଡୀ' ବିଷୟବସ୍ତୁକୁ ନେଇ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟଶିଳ୍ପୀ କବିତା ଦ୍ୱିବେଦୀଙ୍କ ଦ୍ୱାରା ଅଭିନୟ 'କାଲି କାହିଁକି ନୋଇଲେ ଶ୍ୟାମ ନାଗର' ମଞ୍ଚସ୍ଥ ହୋଇଥିବା ବେଳେ ସୁଭଦ୍ରା ଭରତ୍‌କରଙ୍କ ଦ୍ୱାରା ଶଙ୍କରାଚାର୍ଯ୍ୟକୃତ 'ନିର୍ବାଣାଷ୍ଟକମ୍' ପରିବେଷିତ ହୋଇଥିଲା। ଦଳଗତ ପରିବେଷଣରେ ନକ୍ଷତ୍ର ଗୁରୁକୁଳର ଶିଳ୍ପୀମାନେ ଗ୍ଲାନୀ ସଂହାର ସହ ଉପସଂହାର ମଞ୍ଚସ୍ଥ କରିଥିଲେ। ସେହିପରି ଅପରାହ୍ନ ଅଧିବେଶନରେ ମଧ୍ୟ ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଶ୍ରେୟା ଚକ୍ରବର୍ତ୍ତୀ ନୃତ୍ୟାଭିନୟରେ 'ଦେଖିବ ପରା ଆସରେ ପ୍ରାଣ ସଙ୍ଗିନୀ' ପରିବେଷଣ କରିଥିବା ବେଳେ ସୋମନାଥ ପଣ୍ଡା କବି ସମ୍ରାଟକୃତ ରସ ପଞ୍ଚକ ମଞ୍ଚସ୍ଥ କରିଥିଲେ। ଏହାପରେ ଶୁଚିସ୍ମିତା କାଞ୍ଜିଲାଲ୍‌ଙ୍କ ଦ୍ୱାରା 'ଆହେ ନୀଳଶୈଳ' ନୃତ୍ୟାଭିନୟ ଓ ଯଶୋମତି ମିଶ୍ରଙ୍କ ଦ୍ୱାରା ମହାକାଳୀ ସ୍ତୁତି ପରିବେଷିତ ହୋଇଥିଲା। ଭାରତନାଟ୍ୟମ୍ ଶିଳ୍ପୀ ଅମୃତା ଜଗମ୍ ଅଷ୍ଟପଦୀ 'ୟାହୀ ମାଧବ' ମଞ୍ଚସ୍ଥ କରିଥିବା ବେଳେ କେ. ଜ୍ୟୋତିର୍ମୟୀ 'ଅର୍ଦ୍ଧନାରୀଶ୍ୱର' ପରିବେଷଣ କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଓଡ଼ିଶା ଏକ ସହସ୍ର କୀର୍ତ୍ତିରାଜିର ଭୂମି: ଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ସରିଲା 'ଓଡ଼ିଶା ପର୍ବ'

ଓଡ଼ିଶା ଏକ ସହସ୍ର କୀର୍ତ୍ତିରାଜିର ଭୂମି। ଓଡ଼ଶାର ଇତିହାସ ଯେତିକି ଗୌରବମୟ ଭବିଷ୍ୟତ ମଧ୍ୟ ସେତିକି ଗୌରବମୟ ହେବ ବୋଲି ଝାଡ଼ଖଣ୍ଡର ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ କହିଛନ୍ତି। ଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍ ଲେନ୍‌ଠାରେ ୩ଦିନ ହେବ ଚାଲିଥିବା 'ଓଡ଼ିଶା ପର୍ବ' ରବିବାର ଉଦ୍‌ଯାପିତ ହୋଇଛି। ଶେଷ ଦିନରେ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା କଳା, ସଂସ୍କୃତି, ଖାଦ୍ୟ, ହସ୍ତକଳାକୁ ଲୋକଲୋଚନକୁ ଆଣିବା ପାଇଁ ଏହି 'ଓଡ଼ିଶା ପର୍ବ' ଏକ ବିଶାଳ କାର୍ଯ୍ୟକ୍ରମ ବୋଲି ମତବ୍ୟକ୍ତ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ଓଡ଼ିଆ ସମାଜ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଡ. ଅରିଜିତ ପଶାୟତ ଏବଂ ଓଡ଼ିଶୀ ନୃତ୍ୟ ପ୍ରବୀଣା ତଥା ରାଜ୍ୟ ସଭା ସଦସ୍ୟ ପଦ୍ମ ବିଭୂଷଣ ଡ. ସୋନାଲ୍ ମାନସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ସମାଜର ସଭାପତି ସିଦ୍ଧାର୍ଥ ପ୍ରଧାନ ଏହି ଉଦ୍‌ଯାପନୀ ଅବସରରେ କହିଥିଲେ, ଓଡ଼ିଶା ପର୍ବ ଏକ ବ୍ରାଣ୍ଡ ଭାବେ ପରିଚିତ। ଏହା ଜାତୀୟ ସ୍ତରରେ ଓଡ଼ିଆମାନଙ୍କୁ ପରିଚିତ କରାଇପାରିଛି। ଆଗାମୀ ଦିନରେ ଏହା ଆହୁରି ବଡ଼ ଆକାରର କରାଯିବ ବୋଲି ସିଦ୍ଧାର୍ଥ କହିଛନ୍ତି। ଏଥିରେ ଓଡ଼ିଆ ସମାଜର ଟ୍ରଷ୍ଟି ହିରଣ୍ୟ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ଏହି ଅନ୍ତିମ ଦିବସର ସାଂସ୍କୃତିକ ସନ୍ଧ୍ୟା ଫ୍ୟୁଜନ ପାରମ୍ପରିକ ମୁଖା ନୃତ୍ୟ ଓ ପଶୁ ମୁଖା ନୃତ୍ୟ ଦ୍ୱାରା ଆରମ୍ଭ କରାଯାଇଥିଲା। ପଦ୍ମ ବିଭୂଷଣ ଗୁରୁ ଡ. ସୋନାଲ୍ ମାନସିଂହ ଓ ଗ୍ରୁପଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ କଳିଙ୍ଗ ରଙ୍ଗ ଦର୍ଶକଙ୍କୁ ବିଭୋର କରିଥିଲା। ଓଡ଼ିଶାର ଖ୍ୟାତନାମା କଣ୍ଠଶିଳ୍ପୀ ତାନସେନ ସିଂ, ସୌରିନ ଭଟ୍ଟ ଓ ଚେଲସୀ ବେଉରାଙ୍କ ଚିତ୍ତାକର୍ଷକ ସଙ୍ଗୀତ ସନ୍ଧ୍ୟା ସଙ୍ଗୀତପ୍ରେମୀଙ୍କ ମନ ମୋହିବାରେ ବେଶ୍ ସକ୍ଷମ ହୋଇପାରିଥିଲା। ପଶ୍ଚିମ ଓଡ଼ିଶାର ପ୍ରମୁଖ ନୃତ୍ୟ କଳା 'ରସରକେଲି', ନୃତ୍ୟ ମାଧ୍ୟମରେ ସମର କଳା ପ୍ରଦର୍ଶନୀ, ଫ୍ରି ଷ୍ଟାଇଲ ନୃତ୍ୟ ଆଶାର ଆଲୋକ, ଛଉନୃତ୍ୟ ଶୈଳୀରେ ପାରମ୍ପରିକ ନୃତ୍ୟାଭିନୟ ମହିଷାସୁର ମର୍ଦ୍ଦିନି ମା ଦୁର୍ଗା, ଝୁମର ଆଦିବାସୀ ନୃତ୍ୟ ଯାତ୍ରା ଦେଖା କେ, ଓଲିଉଡ଼ ନୃତ୍ୟ ଆଦି ଅନ୍ତିମ ସନ୍ଧ୍ୟାର ଥିଲା ଅନ୍ୟାନ୍ୟ ଆକର୍ଷଣ। ଏହି ତିନି ଦିନିଆ ଉତ୍ସବରେ ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନ। ଯାହା କେବଳ ଓଡ଼ିଆ ଲୋକଙ୍କ ପୁରାତନ ସ୍ମୃତିକୁ ଉଜାଗର କରିଥିଲା ତାହା ନୁହେଁ, ଏଥିସହିତ ଦିଲ୍ଲୀବାସୀଙ୍କ ଭାବନା ସହିତ ଏହା ଜଡ଼ିତ କରିଥିଲା।

ମୀନକେତନଙ୍କୁ ମରଣୋତ୍ତର 'ଜୀବନବ୍ୟାପୀ ସାଧନା ସମ୍ମାନ'

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ଓଲିଉଡ୍ ସିନେ ଆୱାର୍ଡ ପ୍ରଦାନ

ରିଲ୍‌ସ ଆଣ୍ଡ ରିଲ୍‌ସ ଏବଂ କାଞ୍ଚନ ଫାଉଣ୍ଡେଶନ ପକ୍ଷରୁ ରବିବାର ଓଲିଉଡ୍ ସିନେ ଆୱାର୍ଡ ପ୍ରଦାନ କରାଯାଇଛି। ସ୍ଥାନୀୟ ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ପ୍ରକୃତି ମିଶ୍ରଙ୍କ ସହ ଚଳଚ୍ଚିତ୍ର ଜଗତକୁ ଉତ୍ସର୍ଗୀକୃତ ଅବଦାନ ନିମନ୍ତେ ବର୍ଷୀୟାନ କଳାକାରମାନଙ୍କୁ ସମ୍ମାନିତ କରାଯାଇଛି। ସ୍ୱନାମଧନ୍ୟ କଳାକାର ସ୍ୱର୍ଗତ ମୀନକେତନଙ୍କୁ ମରଣୋତ୍ତର ଭାବେ 'ଜୀବନବ୍ୟାପୀ ସାଧନା ସମ୍ମାନ' ପ୍ରଦାନ କରାଯାଇଛି। 'ଓନ୍‌ଲି ପ୍ୟାର', 'ଟୋକାଟା ଫସିଗଲା', 'ଇସ୍କ ପୁଣିଥରେ' ଓ 'ଲଭ୍ ପ୍ରମିଜ୍' ଚଳଚ୍ଚିତ୍ରକୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ଦିଆଯାଇଛି। ସେହିପରି ଶ୍ରେଷ୍ଠ ଅଭିନେତ୍ରୀ ଭାବେ 'ଶ୍ରୀମାନ ସୁରଦାସ' ପାଇଁ ଭୂମିକା, 'ଓନ୍‌ଲି ପ୍ୟାର' ପାଇଁ ସୁପ୍ରିୟା, 'ଲୋକାଲ ଟୋକା' ପାଇଁ ସନ୍‌ମୀରା, 'ଲଭ୍ ପ୍ରମିଜ୍' ପାଇଁ ଜୟା, 'ଇସ୍କ ପୁଣିଥରେ' ପାଇଁ ଏଲିନା ଓ 'ପ୍ରେମକୁମାର' ପାଇଁ ତମନ୍ନା ଆୱାର୍ଡ ପାଇଛନ୍ତି। ଶ୍ରେଷ୍ଠ ଅଭିନେତା ଭାବେ 'ସୁନ୍ଦରଗଡ଼ର ସଲ୍‌ମାନ ଖାନ୍' ପାଇଁ ବାବୁସାନ, 'ସାଥୀ ତୁ ଫେରିଆ' ପାଇଁ ଜ୍ୟୋତି, 'ଟୋକାଟା ଫସିଗଲା' ପାଇଁ ସବ୍ୟସାଚୀ ଓ 'ହାପିଲକି' ପାଇଁ ସମିତ୍‌ଙ୍କୁ ସମ୍ମାନିତ କରାଯାଇଛି। ଏହାସହ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ତାପସ ସରଗରିଆ(ଓନ୍‌ଲି ପ୍ୟାର), ସୁଶାନ୍ତ ମଣି(ଲୈଲା ଓ ଲୈଲା), ଜ୍ୟୋତି(ଇସ୍କ ପୁଣିଥରେ), ରମେଶ ରାଉତ(ଟୋକାଟା ଫସିଗଲା) ଓ ବସନ୍ତ ସାହୁ(୪ ଇଡିୟଟସ୍) ସମ୍ବର୍ଦ୍ଧିତ ହୋଇଛନ୍ତି। ଏତଦ୍ ବ୍ୟତୀତ ୱେବ୍ ଚ୍ୟାନେଲ, ଶ୍ରେଷ୍ଠ ସଙ୍ଗୀତ, ଶ୍ରେଷ୍ଠ ମ୍ୟୁଜିକ୍, ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର, ଶ୍ରେଷ୍ଠ ୱେବ୍ ସିରିଜ୍, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ଶ୍ରେଷ୍ଠ କଣ୍ଠଶିଳ୍ପୀ, ଶ୍ରେଷ୍ଠ ଖଳନାୟକ ଆଦି ବର୍ଗରେ ସିନେ ଆୱାର୍ଡ ପ୍ରଦାନ କରାଯାଇଥିଲା। ଉତ୍ସବରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରିଲ୍‌ସ ଆଣ୍ଡ ରିଲ୍‌ସର ସ୍ଥିତ ପଟ୍ଟନାୟକ, କାଞ୍ଚନ ଫାଉଣ୍ଡେଶନର କର୍ମକର୍ତ୍ତା ଉପସ୍ଥିତ ରହି କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com

ସୌମ୍ୟରଞ୍ଜନ

କପିଳ

ସନ୍ଦୀପ

ବାଦଲ

ଅମରେଶ୍ୱର

ଅନିଲ

ସ୍ୱରୂପ

ସତ୍ୟ

ଜୟଶ୍ରୀ

ରାଖାଲ



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
-ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ

ସଂକ୍ଷେପରେ

୧୩ ବାଇକ୍ ଜବତ, ୩ ଗିରଫ

ପାଟ୍ରପଡା, ୧୭।୩(ଡି.ଏନ.ଏ.): ଖଣ୍ଡଗିରି ଥାନା ପୋଲିସ ବାଇକ୍ ଚୋରି କରୁଥିବା ଏକ ଗ୍ୟାଙ୍ଗକୁ ଠାବ କରିଛି। ୧୩ ବାଇକ୍ ଜବତ କରିବା ସହ ଗ୍ୟାଙ୍ଗର ୩ ଜଣ ସଦସ୍ୟଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ରଘୁନାଥପୁର ବସ୍ତି ଅଞ୍ଚଳର ଦାଶରଥି ଦଳେଇ(୨୨), ଗଞ୍ଜାମ ଜିଲା କୋଦଳା ଅଞ୍ଚଳର ଜୁମର ବିଶ୍ୱାଳ(୨୭) ଓ ରାଜୁ ସ୍ୱାଇଁ(୨୫)। ସେମାନେ ଖଣ୍ଡଗିରି ଥାନା ଅଞ୍ଚଳରେ ରହି ବାଇକ୍ ଚୋରି କରୁଥିଲେ। ଗତ ଡିସେମ୍ବର ୩୧ରେ ସ୍ଥାନୀୟ ସୁବାସନଗର ବସ୍ତି ଅଞ୍ଚଳର ମନୋଜ କୁମାର ଦୁଆରୀ ଡୁମୁଡୁମା ଫେଜ୍-୪ସ୍ଥିତ ଏକ ପାର୍କର ଠିକା କାମ କରୁଥିଲେ। ପାର୍କ ନିକଟରେ ତାଙ୍କ ବାଇକ୍ (ଓଆର ୦୨ ଏଭି ୬୦୦୧) ରଖି କାମ ତଦାରଖ କରୁଥିବାବେଳେ ଦୁର୍ବୃତ୍ତମାନେ ତାହାକୁ ଚୋରି କରି ନେଇଥିଲେ। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇ ଥିଲା। ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ ସେମାନେ ବିଭିନ୍ନ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ସେମାନଙ୍କ ନାମରେ ୮ ମାମଲା ରହିଥିବା ପୋଲିସ କହିଛି।

■ ନିୟମ ଉଲ୍ଲଂଘନ, ନୀତିରେ ବିଳମ୍ବ

ମଧ୍ୟାହ୍ନ ଧୂପରେ ତୋଳାହେଲା ବରାଦି ଭୋଗ

ପୁରୀ ଅଫିସ, ୧୭।୩

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ବିଳମ୍ବ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଜରିମାନା ଏପରି କି ସେବାରୁ ବିଦା ହେବା ଭଳି କଟକଣା ଲଗାଇଛି। ହେଲେ ବେଳେ ବେଳେ କାହାର ଖାମଖିଆଲି ତ ଆଉ କାହାର ଜିଦ୍ ପାଇଁ ନିୟମ ଉଲ୍ଲଂଘନ ହେଉଛି। ଏହାଦ୍ୱାରା ଠାକୁରଙ୍କ ନୀତିକାନ୍ତିରେ ମଧ୍ୟ ବିଳମ୍ବ ହେଉଛି । ରବିବାର ଶ୍ରୀମନ୍ଦିରରେ ଏହିପରି ଘଟଣା ଘଟିଛି । ମଧ୍ୟାହ୍ନ ଧୂପରେ ତୋଳା ଯାଇଛି ବରାଦୀ ଭୋଗ। ଫଳରେ ନୀତି ପ୍ରାୟ ଦେଢରୁ ୨ଘଣ୍ଟା ବିଳମ୍ବ ହୋଇଛି । ତେବେ ଏଥିପାଇଁ କିଏ ଦାୟୀ ତାହାକୁ ନେଇ ଏବେ ଉଠିଛି ପ୍ରଶ୍ନ।

ବର୍ତ୍ତମାନ ଶ୍ରୀମନ୍ଦିରରେ ଦୋଳ ଉତ୍ସବ ଚାଲିଛି। ତେଣୁ ନୀତିକୁ ଧାର୍ଯ୍ୟ ସମୟରେ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଭୋର ୪ଟା ୩୫ରେ ଦ୍ୱାର ଫିଟାଯାଇ ଅନ୍ୟାନ୍ୟ ନୀତିକୁ ତ୍ୱରାନ୍ୱିତ କରାଯାଇଥିଲା। ଅପରାହ୍ନ ସାଢେ ଗୋଟାଏରେ ମଧ୍ୟାହ୍ନ ଧୂପ ସରିଥିଲା। ମଧ୍ୟାହ୍ନ ଧୂପରେ ବରାଦୀ ଭୋଗ ତୋଳିବାର ନିୟମ ନ ଥିବା ବେଳେ ଏହା ଉଲ୍ଲଂଘନ ହୋଇଥିଲା। କେତେଜଣ ସେବକ ମଧ୍ୟାହ୍ନ ଧୂପରେ ଭୋଗ ତୋଳିବାରୁ ନୀତି ବିଳମ୍ବ ହୋଇଥିଲା। ସାଧାରଣତଃ ସାଢେ ୨ଟାରୁ ୩ଟା ମଧ୍ୟରେ ଦ୍ୱିତୀୟ ଭୋଗ ମଣ୍ଡପ ସରୁଥିବା ବେଳେ ରବିବାର ଅପରାହ୍ନ ୪ଟା ୨୦ରେ ଏହା ସରିଥିଲା। ତେବେ ମଧ୍ୟାହ୍ନ ଧୂପରେ ବରାଦୀ ଭୋଗ ତୋଳା ଯିବାରୁ ଏପରି ହେଲେ। ବୋଲି ଅନ୍ୟ କେତେଜଣ ସେବାୟତ ଅଭିଯୋଗ କରିଥିଲେ। ସକାଳ ଧୂପ, ମଧ୍ୟାହ୍ନ ଧୂପ ଏବଂ ସନ୍ଧ୍ୟା ଧୂପରେ କେବଳ କୋଠ ଭୋଗ ଲାଗି ହେବାର ପ୍ରଶାସନିକ ନିୟମ ରହିଛି। ବରାଦୀ ଭୋଗ ଲାଗି ପ୍ରଥମ ଭୋଗ ମଣ୍ଡପ ଏବଂ ଦ୍ୱିତୀୟ ଭୋଗ ମଣ୍ଡପର ବ୍ୟବସ୍ଥା ରହିଛି। ହେଲେ ରବିବାର ମଧ୍ୟାହ୍ନ ଧୂପରେ କିଏ ବରାଦୀ ଭୋଗ ତୋଳିବା ପାଇଁ ଅନୁମତି ଦେଇଛନ୍ତି ନା ସମ୍ପୃକ୍ତ ସେବକ ଜବରଦସ୍ତି ଏହା କରିଛନ୍ତି ତାହାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କେତେକ ସେବାୟତ କହିଛନ୍ତି। ଅନ୍ୟପକ୍ଷରେ ଦ୍ୱିତୀୟ ଭୋଗ ମଣ୍ଡପ ପରେ ନୀତି ପୁଣି ସ୍ୱାଭାବିକ ଭାବେ ଚାଲିଥିଲା। ପୂର୍ବାହ୍ନ ୫ଟାରେ ସନ୍ଧ୍ୟା ଆଳତି ଶେଷ ହୋଇ ସନ୍ଧ୍ୟା ୬ଟା ୪୫ରେ ମହାପ୍ରଭୁଙ୍କ ଚାଚେରୀ ବେଶ ସରିଥିଲା।

ସୂଚନାଥାଉ କି, ଶ୍ରୀମନ୍ଦିର ପ୍ରଶାସନ ନୀତିରେ ବିଳମ୍ବ ପାଇଁ କଡା ଆଭିମୁଖ୍ୟ ଗ୍ରହଣ କରିଛି। ୧୫ ମିନିଟ୍ ବିଳମ୍ବ ପାଇଁ ଏକ ଚତୁର୍ଥାଂଶ ପାଳିଆ ପୁରସ୍କାର ଓ ଅନ୍ୟାନ୍ୟ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ। ଅଧଘଣ୍ଟାଏ ବିଳମ୍ବ ହେଲେ ସେହିଦିନର ଅଧା ପାଳିଆ ପୁରସ୍କାର ଏବଂ ଅନ୍ୟ ପ୍ରାପ୍ୟ ପାଉଣା ଏବଂ ଘଣ୍ଟାଏ ବିଳମ୍ବ ହେଲେ ସେ ଦିନର ସମସ୍ତ ପାଳିଆ ପୁରସ୍କାର ଏବଂ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ। ଏହା ବ୍ୟତୀତ କୌଣସି ସେବକ ଯଦି ତିନିଥର ନୀତି ବିଳମ୍ବ କରନ୍ତି ତେବେ ଆଇନ ଅନୁସାରେ ତାଙ୍କୁ ସେବା କାର୍ଯ୍ୟାରୁ ବହିଷ୍କାର କରାଯିବ। ଇଚ୍ଛାକୃତ ଭାବେ ଯଦି କେହି ଥରେ ବିଳମ୍ବ କରନ୍ତି ବୋଲି ଜଣାପଡିବ ତାଙ୍କୁ ସେବାରୁ ବାଦ୍ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ତେବେ ରବିବାର ଘଟଣା ପାଇଁ କିଏ ଦାୟୀ ଏବଂ ତାଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଏବେ ସେବାୟତଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସ୍ୱାଧୀନ ପ୍ରାର୍ଥୀ ହୋଇପାରନ୍ତି ରାଜେନ୍ଦ୍ର

ଶୋଭାଯାତ୍ରାରେ ବାହାରିଥିବା ରାଜେନ୍ଦ୍ର ସାହୁଙ୍କ ସମର୍ଥକମାନେ।

■ ବିଜେଡି ଟିକେଟ୍ ଦେବା ପାଇଁ ଲବି ହେଉଛି
■ ଚାଲିଛି ସଭା ଓ ଶୋଭାଯାତ୍ରା

ଖୋର୍ଦ୍ଧା ଅଫିସ, ୧୭।୩

ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀରେ ଆସନ୍ତା ଏପ୍ରିଲ ୨୩ରେ ଭୋଟଗ୍ରହଣ ହେବ। ହେଲେ ଏ ଯାଏ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ତାଲିକା ସ୍ପଷ୍ଟ ହୋଇନାହିଁ। ଫଳରେ ନାନା ଚର୍ଚ୍ଚା ଓ ଆଲୋଚନା ଜାରି ରହିଛି। ସେଥିମଧ୍ୟରେ ଏବେ ବିଜେଡି ପ୍ରାର୍ଥୀତ୍ୱ ପ୍ରମୁଖ ଚର୍ଚ୍ଚାର ବିଷୟ ପାଲଟିଛି। କାରଣ ଗତ କିଛିଦିନ ତଳେ ଭାଜପା ଛାଡ଼ି ପୁଣିଥରେ ବିଜେଡିକୁ ଆସିଛନ୍ତି ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର(ଜିତୁ)। ତାଙ୍କୁ ଖୋର୍ଦ୍ଧାରୁ ବିଜେଡି ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ଟିକେଟ ମିଳି ନ ଥିବାରୁ ସ୍ପଷ୍ଟ ହୋଇ ପାରିନି। ଅନ୍ୟପକ୍ଷରେ ୨୦୧୪ରେ ବିଜେଡି ଟିକେଟରେ ଲଢ଼ି ବିଧାୟକ ହୋଇଥିବା ରାଜେନ୍ଦ୍ର ସାହୁ ଜ୍ୟୋତିରିନ୍ଦ୍ରଙ୍କୁ ସହଯୋଗ କରିବେ ଏବଂ ମୁଖ୍ୟମନ୍ତ୍ରୀ ଯାହା ନିଷ୍ପତ୍ତି ନେବେ ତାହା ମାନିନେବେ ବୋଲି କହିଥିଲେ। କିନ୍ତୁ ରାଜେନ୍ଦ୍ର ଖୋର୍ଦ୍ଧା ଆସନ ଛାଡ଼ିବାକୁ କୁଆଡେ ପ୍ରସ୍ତୁତ ନ ଥିବା ଆଲୋଚନା ହେଉଛି। ଏପରି କି ଦଳ ତରଫରୁ ଟିକେଟ ନ ମିଳିଲେ ସେ ଖୋର୍ଦ୍ଧାରେ ସ୍ୱାଧୀନ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏଭଳି ଚର୍ଚ୍ଚାର ହେବାର କାରଣ ହେଲା ରାଜେନ୍ଦ୍ରଙ୍କୁ ପୁନର୍ବାର ବିଜେଡି ପ୍ରାର୍ଥୀ କରିବାକୁ ତୃଣମୂଳ ସ୍ତରରୁ ଗତ ତିନିଦିନ ହେବ ଲବି ଚାଲିଛି। ବିଶେଷକରି ଖୋର୍ଦ୍ଧା ପୌର ପରିଷଦର ୨୨ଟି ୱାର୍ଡରେ ଥିବା ମହିଳା ସଙ୍ଗଠନ, ଯୁବଗୋଷ୍ଠୀ, ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ରାଜେନ୍ଦ୍ରଙ୍କୁ ଖୋର୍ଦ୍ଧାରୁ ପ୍ରାର୍ଥୀ କରାଇବା ପାଇଁ ବିଭିନ୍ନ ମନ୍ଦିରରେ ଦୀପ ଜାଳି ପ୍ରାର୍ଥନା କରାଯାଇଛି। ସହରର ଗୁରୁଜଙ୍ଗ, ଜେମାଦେଈ, ବାଶେଳି ସାହି, ସାମନ୍ତରାପୁର, ମୁକୁନ୍ଦପ୍ରସାଦ, ଭାଲିଆବାଡି ଅଞ୍ଚଳରେ ରବିବାର ରାଜେନ୍ଦ୍ରଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ସଭା ଓ ଶୋଭାଯାତ୍ରା କରାଯାଇଛି। ଟାଙ୍ଗୀ ବ୍ଲକର ୧୦ ନଂ. ଜିଲା ପରିଷଦ ଜୋନ ଅନ୍ତର୍ଗତ କୁହୁଡି, ବଡ଼ପାରି, କମାଗୁରୁ, ପାରିଓରଡ଼, ରତନପୁର ପଞ୍ଚାୟତର ସମର୍ଥକମାନେ ବିଭିନ୍ନ ସ୍ଥାନରେ ସଭା କରି ରାଜେନ୍ଦ୍ରଙ୍କୁ ପ୍ରାର୍ଥୀ କରାଗଲେ ବିଜେଡି ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ନିଶ୍ଚିତ ଜିତିବ ବୋଲି ପ୍ରସ୍ତାବ ଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ସେହିଭଳି ଗୋଡିପଡ଼ା ପଞ୍ଚାୟତର ମୋଟା ଏବଂ ଭୁଷଣ୍ଡପୁର ଉଗ୍ରତାରା ପୀଠରେ ଶହ ଶହ ସଂଖ୍ୟାରେ ଯୁବକ ଏକାଠି ହୋଇ ରାଜେନ୍ଦ୍ରଙ୍କୁ ଦଳୀୟ ପ୍ରାର୍ଥୀ କରିବାକୁ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା ବ୍ଲକ୍ ଏବଂ ଟାଙ୍ଗୀ ବ୍ଲକ୍‌ର ଅଧ୍ୟକ୍ଷ, ୯ ଏବଂ ୧୦ ନମ୍ବର ଜିଲା ପରିଷଦ ଜୋନ ସଦସ୍ୟ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ସମେତ ଲୋକ ପ୍ରତିନିଧିମାନେ ଭୁବନେଶ୍ୱର ଯାଇ ଦଳର ବରିଷ୍ଠ ନେତୃବୃନ୍ଦ, ଏମ୍‌ପି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ରାଜେନ୍ଦ୍ରଙ୍କୁ ଖୋର୍ଦ୍ଧାରେ ଦଳୀୟ ପ୍ରାର୍ଥୀ କରିବାକୁ ଅନୁରୋଧ କରିଛନ୍ତି। ତେବେ ଉପରୋକ୍ତ ଚର୍ଚ୍ଚା ସମ୍ପର୍କରେ ରାଜେନ୍ଦ୍ରଙ୍କ ମତାମତ ଜାଣିବା ପାଇଁ ତାଙ୍କ ମୋବାଇଲ ଫୋନ ନମ୍ବର(୯୪୩୭୦୪୮୪୭୮)କୁ ରବିବାର ରାତିରେ ଏକାଧିକ ଥର ଯୋଗାଯୋଗ କରାଯାଇଥିଲା। ପ୍ରଥମେ ଫୋନ୍ ବ୍ୟସ୍ତ ରହିଥିଲା। ପରେ ସୁଇଚ୍ ଅଫ୍ ଦର୍ଶାଇଥିଲା।

ଅପରପକ୍ଷେ ଜ୍ୟୋତିରିନ୍ଦ୍ର ବିଜେଡିକୁ ଆସିବା ପରେ ଭାଜପା ସମର୍ଥକମାନଙ୍କୁ ବିଜେଡିରେ ମିଶାଇବାରେ ଲାଗିପଡ଼ିଛନ୍ତି।

ପୁରୀ ସମୁଦ୍ର ବେଳାଭୂମିରୁ ରବିବାର ମତ୍ସ୍ୟଜୀବୀମାନେ ଉଦ୍ଧାର କରିଥିବା ବିରଳ ସମୁଦ୍ରଘୋଡ଼ା ମାଛର କଣ୍ଟା।

ଆର୍ତ୍ତତ୍ରାଣ ବାବାଙ୍କ ଆଶ୍ରମକୁ ବୋମାମାଡ଼

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

■ ପୂର୍ବରୁ ବଟି ମାଗି ନିରାଶ ହୋଇଥିଲେ ଦୁର୍ବୃତ୍ତ
■ ମଙ୍ଗଳା ବସ୍ତିର ଅସାମାଜିକ ଯୁବକଙ୍କ ସମ୍ପୃକ୍ତି ଅଭିଯୋଗ

ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାର ଲୁମିନିପ୍ଲାଜା ନିକଟ ପ୍ଲଟ୍ ନଂ.ଏଚ୍‌ଆଇଜି-୮ସ୍ଥିତ ବାବା ଆର୍ତ୍ତତ୍ରାଣ ଆଶ୍ରମକୁ ବୋମାମାଡ଼ ହୋଇଛି। ଶନିବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଦୁଇଟି ସୁତୁଲି ବୋମାମାଡ଼ କରିଥିଲେ। ଆଶ୍ରମ ଗେଟ୍‌ରେ ବୋମା ମାଡ଼ ହେବା ପରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ବାବା ଓ ଅନ୍ୟମାନେ ବାହାରକୁ ଆସିଯିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଘଟଣା ସଂକ୍ରାନ୍ତରେ ବାବା ଥାନାକୁ ଫୋନ୍ କରି ଜଣାଇବା ପରେ ସକାଳୁ ପୋଲିସ ପହଞ୍ଚି ବୋମାର କିଛି ଅଂଶ ଜବତ କରି ତଦନ୍ତ ଚଳାଇଛି। ବୋମା ମାଡ଼ ପଛରେ ସ୍ଥାନୀୟ ମଙ୍ଗଳାବସ୍ତିର କେତେଜଣ ଅସାମାଜିକ ଯୁବକଙ୍କ ସମ୍ପୃକ୍ତି ଥିବା ବାବା ଅଭିଯୋଗ ଆଣିଛନ୍ତି।

ସୂଚନା ଅନୁଯାୟୀ, ବାବା ଆର୍ତ୍ତତ୍ରାଣ ଉକ୍ତ ଆଶ୍ରମରେ ବିନା ଔଷଧରେ ବିଭିନ୍ନ ଯୋଗର ଚିକିତ୍ସା କରନ୍ତି। ପ୍ରତିଦିନ ଏଠାରେ ଲୋକଙ୍କ ଭିଡ଼ ଲାଗିଥାଏ। ଶନିବାର ରାତି ପ୍ରାୟ ୧୨ଟାରେ ବାବା କେତେଜଣ ଲୋକଙ୍କୁ ହୁକୁମ ଦେବା ପରେ ଶୋଇବାକୁ ଚାଲିଯାଇଥିଲେ। ଏହି ସମୟରେ ଆଶ୍ରମ ବାହାରେ ମଙ୍ଗଳାବସ୍ତିର କେତେଜଣ ଯୁବକ ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏହାର କିଛି ସମୟ ପରେ ସେମାନେ ଆଶ୍ରମର ଗେଟ୍ ଉପରକୁ ଦୁଇଟି ବୋମା ମାଡ଼ କରିଥିଲେ। ଭୟରେ ଆଶ୍ରମରେ ଥିବା ଲୋକେ ଜୀବନ ବିକଳରେ ଯିଏ ଯେଉଁଠି ପାରିଲା ଲୁଚିବାକୁ ଦୌଡ଼ିଥିଲେ। ବାବାଙ୍କ କହିବାନୁଯାୟୀ, ମଙ୍ଗଳାବସ୍ତିର କେତେଜଣ ଯୁବକ ହୋଲିରେ ମଦ ଓ ମାଂସ ପାଇଁ ବଟି ମାଗୁଥିଲେ। ହେଲେ ସେ ବଟି ଦେବାକୁ ମନା କରିବାରୁ ଆଶ୍ରମକୁ ବୋମା ପକାଉ ଉଡାଇ ଦେବୁ ବୋଲି ଧମକ ଦେଇଥିଲେ।

ଖେଳ ଖବର

ଗଡ଼ରୂପାସ ଚ୍ୟାଲେଞ୍ଜ କପ୍ କ୍ରିକେଟ ଉଦ୍‌ଯାପିତ

ଜୁଭେନାଇଲ୍ କ୍ଲବ ଚାମ୍ପିୟନ

ଗୋପ, ୧୭।୩(ଡି.ଏନ୍.ଏ.)

ଗୋପ ବ୍ଲକ ଅଧୀନ ଗଡ଼ରୂପାସ ସ୍ଥିତ ରାଜପୁତ ଖେଳପଡ଼ିଆରେ ଜୟନ୍ତୀ ଯୁବ ପରିଷଦ ଓ ମା' ଭୈରବୀ କ୍ରିକେଟ୍ କ୍ଲବ୍ ଦ୍ୱାରା ଆୟୋଜିତ ୩୮ତମ ରାଜ୍ୟସ୍ତରୀୟ ଗଡ଼ରୂପାସ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ୍‌ରେ ଟସ୍ ଜିତି ଜୁଭେନାଇଲ୍ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ୍ ହରାଇ ଅନିଲ ପରିଡ଼ାଙ୍କ ୬୦ ଓ ଭାଗୀରଥି ବେହେରାଙ୍କ ୩୯ ରନ୍ ସହାୟତାରେ ୧୬୦ ରନ୍ କରିଥିଲା। ୧୬୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ୟୁନିୟନ୍ ସ୍ପୋର୍ଟିଂ କଟକ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୨୮ ରନ୍ କରି ୩୨ ରନ୍‌ରେ ପରାଜୟ ବରଣ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ଦିଲୀପ ନାୟକ ଯୋଗ ଦେଇ ଚାମ୍ପିୟନ୍ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ବାଦଲ କୁମାର ବେହେରା, ଚିତ୍ତରଞ୍ଜନ ପାତ୍ର, ବିଚିତ୍ର ସେନା, ଶ୍ରୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍‌କୁ ପ୍ରମୋଦ ସିହ୍ନା, ଯତୀନ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

ଚାମ୍ପିୟନ ଜୁଭେନାଇଲ୍ କ୍ଲବ ଦଳର ଅଧିନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭାଗ୍ୟଧର ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ଚାମ୍ପିୟନ କଟକ କ୍ରୀଡ଼ା ଛାତ୍ରାବାସ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

କ୍ରୀଡ଼ା ଛାତ୍ରାବାସ ଜିତିଲା ଭାଗ୍ୟଧର ଟ୍ରଫି

ଭୁବନେଶ୍ୱର, ୧୭।୩(ସ୍ପୋର୍ଟ୍ସ ବ୍ୟୁରୋ)

ସିଟି କ୍ଲବ ଓ ଏସ୍.ଜି.ଓ. କ୍ଲବ ମିଳିତ ଆନୁକୂଲ୍ୟରେ ନୟାପଲ୍ଲୀ ଇନ୍ଦିରା ମଇଦାନଠାରେ ଅନୁଷ୍ଠିତ ୪ର୍ଥ ଭାଗ୍ୟଧର ଟ୍ରଫି ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ କଟକର କ୍ରୀଡ଼ା ଛାତ୍ରାବାସ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ କ୍ରୀଡ଼ା ଛାତ୍ରାବାସ ଟାଇବ୍ରେକର ସହାୟତାରେ ୪-୩ ଗୋଲରେ ଭୁବନେଶ୍ୱର କିଶୋର କ୍ଲବକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ପରସ୍ପରକୁ ଗୋଲ ଦେବାରେ ବିଫଳ ହୋଇଥିଲେ। ଫଳରେ ମ୍ୟାଚ୍ ଗୋଲଶନ୍ୟ ଭାବେ ଡ୍ର' ରହିଥିଲା। ଶେଷରେ ଫଳାଫଳ ପାଇଁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ କ୍ରୀଡ଼ା ଛାତ୍ରାବାସ ୪-୩ ଗୋଲରେ ବାଜିମାତ୍ କରିନେଇଥିଲା। ଚାମ୍ପିୟନ କ୍ରୀଡ଼ା ଛାତ୍ରାବାସ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଓ ରନର୍ସଅପ୍ କିଶୋର କ୍ଲବକୁ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଦଳର ଫଗୁ ବାସ୍କେ ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଜଗନ୍ନାଥ ପ୍ରଧାନ, ନବରଞ୍ଜନ ପଟ୍ଟନାୟକ, ସୌର୍ଯ୍ୟରଞ୍ଜନ ପରିଜା, ଅଶୋକ ମହାନ୍ତି, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସହଦେବ ରାଉତ, ମିଲନ ପାଇକରାୟ, ନବକିଶୋର ବେହେରା, କ୍ଲବର ସଭାପତି ଭାଗ୍ୟଧର ଜଗଦ୍ଦେବ ଓ ତିଲୋତ୍ତମା ଜଗଦ୍ଦେବ, ତ୍ରିନାଥ ମଙ୍ଗରାଜ ଓ ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ପରସ୍କାର ପ୍ରଦାନ କରିଥିଲେ। ସୁଜିତ କୁମାର ପାତ୍ର ମ୍ୟାଚ୍ ପରିଚାଳନା କରିଥିବାବେଳେ ଲାଇନରେ ଶିବ ପ୍ରଦାସ ଦାସ ଓ ଟି. ମୋହନ ରାଓ ୪ର୍ଥ ରେଫରି ଭାବେ ଦୁର୍ଗା ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ।

ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ସ

ଦୂତୀ, ପ୍ରଜ୍ଞା ଫାଇନାଲରେ

ଭୁବନେଶ୍ୱର, ୧୭।୩(କ୍ରୀଡ଼ା ପ୍ରତିନିଧି)

ପଟିଆଲାରେ ଚାଲିଥିବା ୨୩ତମ ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ମହିଳା ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ଓଡ଼ିଶାର ଦୂତୀ ରବିବାର ୧୦୦ ମିଟର ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ହିଟ୍ସରେ ୧୧.୬୧ ସେକେଣ୍ଡ ସମୟ ନେଇଥିବା ଦୂତୀ ସେମିଫାଇନାଲରେ ୧୧.୪୮ ସେକେଣ୍ଡ ଟାଇମିଂ ସହ ଏହି ସଫଳତା ପାଇଛନ୍ତି। ଦୂତୀଙ୍କ ସହ ଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ପ୍ରତିଯୋଗୀମାନେ ହେଲେ

ପ୍ରଥମେ ଆଦେଶ ମାନିବାକୁ ଶିଖ, ଆଦେଶ ଦେବା ବଳେ ବଳେ ଆସିବ। ପ୍ରଥମେ ସେବକ ହେବାକୁ ଶିକ୍ଷା କର, ତା'ପରେ ତୁମେ ସେବ୍ୟ ହେବାକୁ ଉପଯୁକ୍ତ ହେବ। -ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ଦୋକାନ ତାଲା ଭାଙ୍ଗି ଚୋରି, ୩ ଗିରଫ

ଭୁବନେଶ୍ୱର,୧୭।୩(ବ୍ୟୁରୋ): ଖାରବେଳନଗର ଥାନା ଅନ୍ତର୍ଗତ ଶ୍ରୀୟା ଟକିଜ ନିକଟରେ ଥିବା ଏକ ପାନମସଲା ଦୋକାନରୁ ଶନିବାର ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନ ତାଲା ଭଙ୍ଗି ୫ହଜାର ୬ଶହ ଟଙ୍କା ଏବଂ ଜିନିଷପତ୍ର ଚୋରି କରି ନେଇଛନ୍ତି। ଏନେଇ ଦୋକାନ ମାଲିକ ନରେଶ ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ.୮୩/୧୯ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ୟୁନିଟ୍-୩ ମାଲିସାହି ଅଞ୍ଚଳର ସେକ୍ ଜମାଲ ହୁସେନ୍ (୨୧), ନିଜାମ ମାଲଦା (୨୧) ଓ ସେକ୍ ହୁସେନ୍ (୨୩)। ସେମାନଙ୍କ ନିକଟରୁ ଚୋରି ଟଙ୍କା ଓ ଜିନିଷପତ୍ର ଜବତ କରାଯାଇଛି।

ସାହସିକତା ପାଇଁ କନଷ୍ଟେବଳ ସମ୍ବର୍ଦ୍ଧିତ

କଟକ ଅଫିସ,୧୭।୩: ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ପକ୍ଷରୁ କଟକ ସଦର ଥାନାରେ କାର୍ଯ୍ୟରତ କନଷ୍ଟେବଳ ଶରତ ବିଶ୍ୱାଳଙ୍କୁ ରବିବାର ସମ୍ମାନିତ କରାଯାଇଛି। ସଦର ଥାନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଜର ସାହସିକତା ପାଇଁ ଶରତଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଦର ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା, ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ଶରତ କୁମାର ରଥ, ସ୍ତମ୍ଭକାର ଇଂ. ସନ୍ନ୍ୟାସୀ, ଖବରଦାତା ରମେଶ ଚନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏବଂ ସୁବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ମାସରେ ବ୍ରାହ୍ମଣଝରିଲୋ ବଜାର ନିକଟରେ ଦୁଇଜଣ ସ୍କୁଲ ଛାତ୍ର ରାସ୍ତା ପାର ହେଉଥିଲେ। ସେହି ସମୟରେ ସେମାନଙ୍କ ଆଡକୁ ଏକ ଟ୍ରକ୍ ହଠାତ୍ ମାଡି ଆସିଥିଲା। ସେଠାରେ ଡ୍ୟୁଟି କରୁଥିବା ଶରତ ଏହା ଦେଖିବା ପରେ ଉପସ୍ଥିତ ବୁଦ୍ଧି ଖଟାଇ ଦୁଇ ଛାତ୍ରଙ୍କୁ ଉଦ୍ଧାର କରିଥିଲେ। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ମଧ୍ୟ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଡାକବଙ୍ଗଳାରେ ଆଇନଜୀବୀଙ୍କ ବୈଠକ

ବାରଙ୍ଗ,୧୭।୩(ଡି.ଏନ୍.ଏ.): ଆଞ୍ଚଳିକ ଆଇନଜୀବୀ ସଂଘର ରବିବାର ଏକ ବୈଠକ ଚନ୍ଦକା ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ଧନୁର୍ଦ୍ଧର ସୁନ୍ଦରାୟଙ୍କ ସଭାପତିତ୍ୱରେ ଜଟଣୀର ଶତାଧିକ ଆଇନଜୀବୀ ଯୋଗଦେଇଥିଲେ। ଏହି ବୈଠକରେ ସ୍ଥାନୀୟ ଅଞ୍ଚଳର ଗରିବ ଲୋକମାନଙ୍କୁ ଆଇନଗତ ଦିଗରେ ଯଥାସମ୍ଭବ ସାହାଯ୍ୟ ଓ ସହଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆଇନଜୀବୀମାନଙ୍କ ମଧ୍ୟରେ ସୁସମ୍ପର୍କ ସହ ଭାଇଚାରା ରଖିବା ଓ ଭୁବନେଶ୍ୱର ବାର ଅସୋସିଏଶନରେ ଆଞ୍ଚଳିକ ଆଇନଜୀବୀମାନଙ୍କ ଏକ ସ୍ୱତନ୍ତ୍ର ସ୍ଥାନ ରଖିବାକୁ ପ୍ରସ୍ତାବ ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଆଇନଜୀବୀ ପ୍ରଫୁଲ୍ଲ ସାହୁ, ଶ୍ରୀମନ୍ତ ସାମନ୍ତରାୟ, ହରମୋହନ ବଳିଆରସିଂ, ଶରତ ଛୋଟରାୟ, ଚନ୍ଦକା ଥାନାଅଧିକାରୀ ନୂଆକରି ଯୋଗଦେଇଥିବା ଦେବେନ୍ଦ୍ର ବିଶ୍ୱାଳଙ୍କୁ ସ୍ୱାଗତ କରାଯାଇଥିଲା। ଆଇନଜୀବୀ ଅକ୍ଷୟ ସାମନ୍ତରାୟ, ପ୍ରବୀରଚନ୍ଦ୍ରନାୟକ, ସୁରେନ୍ଦ୍ର ପାତ୍ର, ଅମିୟ ସାହୁ, ନୀଳମଣି ପ୍ରହରାଜ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜେକେ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

■ ସିରିଜ୍ ଲୁଟ୍ ଘଟଣାରେ ପୋଲିସ ହାତ ଖାଲି

ଭୟରେ ମର୍ନିଂୱାକ୍ ଯାଉନାହାନ୍ତି ଲୋକେ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

- ୩ ଅଭିଯୁକ୍ତ ଚିହ୍ନଟ, ପୁରୁଣା ଅପରାଧୀ ସମ୍ପୃକ୍ତ
- ବିଭିନ୍ନ ସ୍ଥାନରେ ପୋଲିସର ଚଢ଼ାଉ

ଶୁକ୍ରବାର ଭୋର୍ ଚନ୍ଦ୍ରଶେଖରପୁର ଓ ନନ୍ଦନକାନନ ଥାନାଞ୍ଚଳରେ ସିରିଜ ଲୁଟ୍ ହୋଇଥିଲା। ଦୁଇଟି ବାଇକ୍‌ରେ ୫ଜଣ ଲୁଟେରା ରଘୁନାଥପୁର, ବିଡିଏ କଲୋନୀ ଓ ଶୈଳଶ୍ରୀବିହାରରେ ୫ ଲୁଟ୍ କରିବା ସହ ସେମାନଙ୍କ ଆକ୍ରମଣରେ ୪ଜଣ ଆହତ ହୋଇଥିଲେ। ତେବେ ଶୈଳଶ୍ରୀବିହାର ଫେଜ୍-୭ରେ ଲୁଟେରାମାନେ ଆତଙ୍କ ଖେଳାଇଥିଲେ। ଗାୟତ୍ରୀ ମୁଦୁଲି ନାମକ ମହିଳାଙ୍କ ବେକରେ ବନ୍ଧୁକ ଲଗାଇ ସୁନା ଚେନ, ମୁଦି, କାନଫୁଲ ଓ ଚୁଡ଼ି ଲୁଟି ନେଇଥିବାବେଳେ ସ୍ୱାମୀଙ୍କୁ ଭୁଜାଲିରେ ହାତକୁ ହାଣି ଦେଇଥିଲେ। ପରେ ବାଇକ୍ ରଖି କଲୋନୀ ଭିତରେ ଖଣ୍ଡା, ଭୁଜାଲି ବୁଲାଇ ଲୋକଙ୍କୁ ଭୟଭୀତ କରିବା ସହ ଟେକାପଥର ମାଡ଼ କରି ଘରର ଝରକା କାଚ ଭାଙ୍ଗି ଦେଇଥିଲେ। ଘଟଣାକୁ ତିନି ଦିନ ବିତିଯାଇଥିଲେ ମଧ୍ୟ ଚନ୍ଦ୍ରଶେଖରପୁର ପୋଲିସର ହାତ ଖାଲି। ପୋଲିସ ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଥିବାରୁ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହି ଘଟଣା ପରଠାରୁ ଉକ୍ତ ଅଞ୍ଚଳର ଲୋକେ ଭୟରେ ମର୍ନିଂ ୱାକ୍ ଯିବା ବନ୍ଦ କରି ଦେଇଛନ୍ତି। ଏପରି କି ସକାଳୁ କଲୋନୀ ଓ ମୁଖ୍ୟ ରାସ୍ତାରେ ଲୋକଙ୍କୁ ଦେଖିବାକୁ ମିଳୁନି। ପିଲାଙ୍କୁ ସ୍କୁଲ୍, ଟ୍ୟୁଶନ ନେବାବେଳେ କିମ୍ବା ଜରୁରୀ କାର୍ଯ୍ୟରେ ବାହାରକୁ ଗଲେ ମହିଳାମାନେ ଘରେ ରଖି ଯାଉଛନ୍ତି।

ଅନ୍ୟପକ୍ଷରେ ପୋଲିସ ୩ଜଣ ଲୁଟେରାଙ୍କୁ ଚିହ୍ନଟ କରିସାରିଛି। ସେମାନେ ପୁରୁଣା ଲୁଟେରା ଗ୍ୟାଙ୍ଗ୍‌ର ସଦସ୍ୟ ହୋଇଥିବାବେଳେ ଶିଖରଚଣ୍ଡୀ ବସ୍ତିରେ ରହି ନାନା ଅପରାଧରେ ସମ୍ପୃକ୍ତ ଥିବା ଜଣାପଡିଛି। ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ନିକଟରେ ଜେଲରୁ ଫେରିବା ପରେ ପୁଣି ସକ୍ରିୟ ହୋଇଉଠିଛନ୍ତି। ସେମାନଙ୍କ ଘରେ ପୋଲିସ ଚଢାଉ କରିଥିଲେ ମଧ୍ୟ ସେମାନେ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବାକୁ ଜାଲ ବିଛାଇଛି। ପୋଲିସ ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଫୁଟେଜକୁ ବାରମ୍ବାର ଯାଞ୍ଚ କରିବା ସହ ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ଏଜେଣ୍ଟ ଲଗାଇ ଦେଇଥିବା ସୂଚନା ମିଳିଛି। ତେବେ ପୋଲିସ ବଦଳି ଲୁଟେରାଙ୍କ ପାଇଁ ସୁଯୋଗ ପାଲଟିଛି। ତେଣୁ ନିକଟରେ ଜେଲରୁ ଫେରିଥିବା ଲୁଟେରାଙ୍କ ତାଲିକା ଖୋଜି ସେମାନଙ୍କ ଫୋନ୍ କଲ୍ ଓ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୋଲିସ। ଯେଉଁମାନଙ୍କର ଫୋନ୍ କଲ୍ ଓ ଲୋକେଶନ ଘଟଣା ଘଟିଥିବା ସ୍ଥାନ ଓ ସମୟରେ ରହିଥିବ ସେମାନଙ୍କୁ ପୋଲିସ ଉଠାଇନେବାକୁ ଯୋଜନା କରୁଥିବା ବିଶ୍ୱସ୍ତସୂତ୍ରରୁ ଜଣାପଡିଛି। ପୋଲିସ ସନ୍ଦେହରେ ଏକାଧିକ ଯୁବକଙ୍କୁ ଉଠାଇ ଆଣି ଥାନାରେ ପଚରାଉଚରା କରିଛି। ଏହି ଲୁଟ୍‌ରେ ସେମାନଙ୍କର ସମ୍ପୃକ୍ତି ନ ଥିବା ଜଣାପଡିବା ପରେ ଛାଡି ଦିଆଯାଇଛି।

ଏ ନେଇ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ଚିହ୍ନଟ ଲୁଟେରା ଓ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ସକାଳୁ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଅଞ୍ଚଳବାସୀ ଭୟଭୀତ ନ ହେବାକୁ ସେ କହିଛନ୍ତି।

ଆଧ୍ୟାତ୍ମିକ ଚେତନାରେ ମଣିଷ ଶୃଙ୍ଖଳିତ ହୁଏ

ଯଜ୍ଞ ମହୋତ୍ସବରେ ପ୍ରାକ୍ତନ୍ ଶିକ୍ଷକ ପଣ୍ଡିତ ପ୍ରମୋଦ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପୁରୁଣା ଭୁବନେଶ୍ୱର,୧୭।୩(ଡି.ଏନ.ଏ.)

ସୁସ୍ଥ ସମାଜ ଗଠନରେ ଯୁବକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଯୁବକମାନେ ଆଧ୍ୟାତ୍ମିକ ଚେତନା ଦିଗରେ ଅଗ୍ରସର ହେଲେ ସଂସ୍କାର ଧର୍ମୀ ସହ ମଣିଷ ଶୃଙ୍ଖଳିତ ହୁଏ ବୋଲି ମତପ୍ରକାଶ ପାଇଛି। ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁର ଗାଁରେ ଶ୍ରୀ ସ୍ୱପ୍ନେଶ୍ୱର ଦେବ ଧର୍ମକ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୩୧ତମ ଯଜ୍ଞ ମହୋତ୍ସବରେ ଅତିଥିମାନେ ଏହା କହିଛନ୍ତି। ଶନିବାର ଉଦ୍‌ଯାପନୀ ଦିବସରେ ୩୧ବର୍ଷ ତଳେ ଅନୁଷ୍ଠାନ ଆରମ୍ଭ କରିଥିବା ପ୍ରାକ୍ତନ ଶିକ୍ଷକ ପଣ୍ଡିତ ପ୍ରମୋଦ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈକୁଣ୍ଠନାଥ ରଥ, ଶୁଭାଶିଷ ରଥ, ପ୍ରଶାନ୍ତ କୁମାର ଜେନା, ମୋହନ କୁମାର ଆଚାର୍ଯ୍ୟ, ନିର୍ମଳ ପରିଡା ପ୍ରମୁଖ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଡିଡିଏମ୍ ଆଇଟି କୁଇଜ୍ ବିଜେତା ଟମ୍ ସହ ପ୍ରଥମ ଓ ଦ୍ୱିତୀୟ ରନର୍ସ ଅପ୍ ଦଳ।

ଡିଡିଏମ୍ ଆଇଟି କୁଇଜର ବିଜେତା ଘୋଷଣା

ଭୁବନେଶ୍ୱର,୧୭।୩

ପ୍ରମୁଖ ଆଇଟି ସଂସ୍ଥା ମାଇଣ୍ଡ ଫାୟାର ସଲ୍ୟୁଶନ ପକ୍ଷରୁ ଅନୁଷ୍ଠିତ ଡିଡିଏମ୍ ଆଇଟି କୁଇଜ ଭୁବନେଶ୍ୱର ସଂସ୍କରଣର ବିଜେତା ଘୋଷଣା କରାଯାଇଛି। ରବିବାର ଏହାର ଫାଇନାଲ ଅନୁଷ୍ଠିତ ହୋଇଥିବା ବେଳେ ଆଇଆଇଟି ମାଡ୍ରାସରୁ ଜି.ପ୍ରଣୟ ହରି ଏବଂ ରାହୁଲ ହୁମାୟୁନ ଏଥିରେ ବିଜେତା ଘୋଷିତ ହୋଇଛନ୍ତି। ଏହି କୁଇଜରେ ୪୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ଦିଲ୍ଲୀ ଏବଂ ଚେନ୍ନାଇ ଭଳି ସହରର ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଏନ୍‌ଆଇଟି ରାଉରକେଲାର ଅଭଶେକ ପାତ୍ର,ପ୍ରଥମେଶ ଦାସ ପ୍ରଥମ ରନର୍ସ ଅପ୍ ଏବଂ ବିବେକ ପ୍ରସାଦ, ସାୟଦ ମୁନିବ ଅହମ୍ମଦ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି।

ଅଟୋରୁ ଖସି ନାବାଳିକା ମୃତ: ରାସ୍ତାରୋକୋ

ଖୁଣ୍ଟୁଣୀ,୧୭।୩ (ଡି.ଏନ୍.ଏ.)

ଗୁରୁଡିଝାଟିଆ ଥାନା ଅଧୀନ କୁସପଙ୍ଗୀଠାରେ ରବିବାର ଅପରାହ୍ନ ପ୍ରାୟ ୩ଟାରେ ଅଟୋରୁ ଖସିପଡି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ଜେମାଦେଇପୁର ଗ୍ରାମର ଶ୍ୱେତ ସାମଲଙ୍କ ଝିଅ କୁନି ସାମଲ (୮)। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହ ୩ ଘଣ୍ଟା ଧରି ରାସ୍ତାରୋକୋ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟାରେ କୁସପଙ୍ଗୀ ପଞ୍ଚାୟତରେ ଆଠଗଡ଼ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ସାମିଲ ହେବା ପାଇଁ କେତେଜଣ ମହିଳାଙ୍କ ସମେତ କୁନି ଏକ ଅଟୋରେ ଜେମାଦେଇପୁରରୁ କୁସପଙ୍ଗୀ ଆସୁଥିଲେ। ହେଲେ ଉକ୍ତ ଅଟୋରେ ଆସୁଥିବା ଏକ ପୋଷାକୁକୁର ଭୁକିବାରୁ ଭୟରେ କୁନି ତଳକୁ ଖସିପଡିଥିଲେ। ସେହି ସମୟରେ ଅଟୋ ଚକା ତାଙ୍କ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତତ୍‌କ୍ଷଣାତ ଅଟୋ ଚାଳକ କୁନିଙ୍କୁ ନେଇ କେଉଁଆଡେ ପଳାଇ ଯାଇଥିଲେ। ଏହି ଖବର ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ତୁରନ୍ତ କୁନିଙ୍କୁ ଫେରାଇ ଆଣିବା, ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଓ ଅଭିଯୁକ୍ତ ଅଟୋ ଚାଳକଙ୍କୁ ଗିରଫ ପାଇଁ ଦାବି କରି ମୃତକଙ୍କ ମା'ବାପାଙ୍କ ସମେତ ଶତାଧିକ ମହିଳାପୁରୁଷ କୁସପଙ୍ଗୀ ଜଗନ୍ନାଥ ମନ୍ଦିର ସମ୍ମୁଖ ଜାତୀୟ ରାଜପଥକୁ ଅପରାହ୍ନ ସାଢେ ୩ଟାରେ ଅବରୋଧ କରିଥିଲେ। ଖବରପାଇ ଗୁରୁଡିଝାଟିଆ ଥାନାଧିକାରୀ ବିଜୟ କୁମାର ବିସି, ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ୧୦,୦୦୦ ଟଙ୍କା, ଦୁର୍ଘଟଣାଜନିତ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା ଓ ୨୪ ଘଣ୍ଟା ମଧ୍ୟରେ ଫେରାର ଅଟୋ ଚାଳକଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ସାଢେ ୬ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ତେବେ ଭୟରେ ସମ୍ପୃକ୍ତ ଅଟୋଚାଳକ କୁନିଙ୍କ ମୃତଦେହକୁ ଆଠଗଡ ଡାକ୍ତରଖାନାରେ ଛାଡି ଫେରାର ହୋଇଯାଇଥିବା ଆଇଆଇସି ବିସି କହିଛନ୍ତି।

■ ଶ୍ରୀଲିଙ୍ଗରାଜ ହୁଣ୍ଡିରୁ ଟଙ୍କା ଚୋରି ଅଭିଯୋଗ

ସସଟଭରେ ରହଛି ଚୋର ଦୃଶ୍ୟ

ପୁରୁଣା ଭୁବନେଶ୍ୱର,୧୭।୩(ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିରରେ ଏବେ ହୁଣ୍ଡି ଆଉ ସୁରକ୍ଷିତ ନୁହେ ବୋଲି ଅଭିଯୋଗ ହେଉଛି। ଶ୍ରୀଲିଙ୍ଗରାଜଙ୍କ ହୁଣ୍ଡିରୁ ଟଙ୍କା ଚୋରି ହେଉଥିବା ନେଇ ରବିବାର ଲିଙ୍ଗରାଜ ଥାନାରେ ଅଭିଯୋଗ ହୋଇଥିଲା। ସିସିଟିଭି ଯାଞ୍ଚରୁ ଜଣେ ଦୁର୍ବୃତ୍ତ ହୁଣ୍ଡିରୁ ଚୋରି କରୁଥିବା ନେଇ ଜଣାପଡିଛି। ମନ୍ଦିର ପରିସରରେ ସବୁ ସମୟରେ ସେବାୟତ ଓ ଭକ୍ତଙ୍କ ଗହଳଚହଳ ଲାଗି ରହିଛି। କିଭଳି ଏହା ମଧ୍ୟରେ ଦୁର୍ବୃତ୍ତମାନେ ଠାକୁରଙ୍କ ଟଙ୍କା ଚୋରି କରୁଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମନ୍ଦିରକୁ ସୁରକ୍ଷା ଯୋଗାଉଥିବା ପୋଲିସଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଲୋକେ ମନ୍ଦିରକୁ ଠାକୁରଙ୍କ ଦର୍ଶନ କରି ଆସିବା ସମୟରେ ହୁଣ୍ଡିରେ ଟଙ୍କା, ପଇସା ପକାଇଥାନ୍ତି। ଏହି ଅର୍ଥ ମନ୍ଦିର ଉନ୍ନୟନ କାର୍ଯ୍ୟରେ ଲାଗିଥାଏ। ହେଲେ ଦୁର୍ବୃତ୍ତମାନେ ସବୁ ସୀମା ସରହଦକୁ ଟପି ଯାଇ ଠାକୁରଙ୍କୁ ମିଳୁଥିବା ଦାନ ଟଙ୍କା ଚୋରି କରି ନେଉଛନ୍ତି। ଦୁର୍ବୃତ୍ତମାନେ ଚୋରି ପାଇଁ ପୂର୍ବରୁ ଅଭିନବ ଉପାୟ ଭାବେ ହୁଣ୍ଡିରେ ପଲିଥିନ, ସାଇକେଲ ସ୍ପୋକ, ଖଡିକା ଗେଞ୍ଜି ଟଙ୍କା ନେଉଥିବା ଜଣାପଡିଥିଲା। ହେଲେ ଏବେ ନୂଆ ତରିକାକୁ ଆପଣାଇଛନ୍ତି। ଶ୍ରଦ୍ଧାଳୁମାନେ ହୁଣ୍ଡିରେ ପକାଉ ଥିବା ନୋଟକୁ ଦୁର୍ବୃତ୍ତମାନେ ଅନାୟାସରେ ଚୋରି କରୁଥିବା ଅଭିଯୋଗ ହେଉଛି। ସିସିଟିଭିରେ ଚୋରି ସମୟର ଦୃଶ୍ୟ କଏଦ ହୋଇଛି। ଏହାର ଯାଞ୍ଚ ପରେ କିଏ ଚୋରି କରୁଥିଲେ ତାହା ସ୍ପଷ୍ଟ ହୋଇଯିବ ବୋଲି ଆଇଆଇସି ଶରତ ଚନ୍ଦ୍ର ପାତ୍ର କହିଛନ୍ତି। ଏ ନେଇ ଥାନାରେ (ନଂ.୪୬/୧୯) ମାମଲା ରୁଜୁ ହୋଇଛି।

ଧରାପଡ଼ିଲେ ଦୁଇ ବ୍ରାଉନସୁଗାର ବେପାରୀ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

- ୧ ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନସୁଗାର, ୧୬,୫୦୦ ଟଙ୍କା ଜବତ
- କଲେଜ ଛାତ୍ରଙ୍କୁ ବିକ୍ରି କରିବାକୁ ଆସିଥିଲେ
- ବିପୁଳ ଆସ୍କା ଫର୍ଟି ସହ ଅଟୋ ଜବତ, ଦୁଇ ଗିରଫ

ବ୍ରାଉନସୁଗାର ବ୍ୟବସାୟୀଙ୍କ ଉପରେ ଏବେ କମିଶନରେଟ ପୋଲିସ ଟାର୍ଗେଟ କରିଛି। ଏହି ଧଳା ଜହର କାରବାର ଉପରେ ରୋକ୍ ଲଗାଇବା ପାଇଁ ଚଢାଉ ଜୋରଦାର ହୋଇଛି। ରବିବାର କ୍ୟୁଏଟି ଶିଖରଚଣ୍ଡୀ ଡିଏଲ୍‌ଏଫ୍ ବିଲ୍ଡିଂ ପଛ ପଡିଆରେ ଚଢାଉ କରି ଶିଶୁବିହାର ଅଞ୍ଚଳର ସୁକାନ୍ତ ଦାଶ ଓ ଧର୍ମଶାଳାର ନଜୁଲ ଇସ୍‌ଲାମ୍‌କୁ ଗିରଫ କରିଛି। ସୁକାନ୍ତଙ୍କ ନିକଟରୁ ୨୨.୭୫ ଗ୍ରାମର ବ୍ରାଉନ୍‌ସୁଗାର ଓ ୨୫୫୦ ଟଙ୍କା ଜବତ କରାଯାଇଥିବାବେଳେ ନଜୁଲଙ୍କଠାରୁ ୬.୫ ଗ୍ରାମର ବ୍ରାଉନ ସୁଗାର ଓ ୧୬ ହଜାର ୫ଶହ ଟଙ୍କା ମିଳିଛି। ଏଥିସହ ସେମାନେ ବ୍ୟବହାର କରୁଥିବା ଏକ ବାଇକକୁ ପୋଲିସ ଜବତ କରିଛି। ଏ ନେଇ ଇନ୍‌ଫୋସିଟି ଥାନା ପୋଲିସ କେସ୍ ନଂ.୫୮/୧୯ ଏନ୍‌ଡିପିଏସ୍ ଆକ୍ଟ ଲଗାଇ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ସେମାନଙ୍କୁ ପଚରାଉଚରାବେଳେ ବହୁ ତଥ୍ୟ ପାଇଛି। ଏହି ଦୁଇ ଯୁବକ କଟକ, ବାଲେଶ୍ୱର, ଲକ୍ଷ୍ମୀସାଗରରୁ ବ୍ରାଉନସୁଗାର ଆଣି ପଟିଆ ଓ ଖଣ୍ଡଗିରି ଅଞ୍ଚଳର କେତେକ କଲେଜ ପିଲାଙ୍କୁ ବିକ୍ରି କରନ୍ତି। ରବିବାର ସେମାନେ କଲେଜ ପିଲାଙ୍କୁ ଦେବା ପାଇଁ ଇନ୍‌ଫୋସିଟି ଡିଏଲ୍‌ଏଫ୍ ପଡିଆରେ ଅପେକ୍ଷା କରିଥିଲେ। ଖବର ପାଇ ପୋଲିସ ସେଠାରେ ଚଢାଉ କରି ଦୁଇ ଜଣଙ୍କୁ କାବୁ କରିଥିଲା।

ସେହିଭଳି ଇନ୍‌ଫୋସିଟି ଥାନା ନନ୍ଦନବିହାର ଅଞ୍ଚଳରେ ଏକ ଅଟୋରେ ୧୫ କାର୍ଟୁନ୍ ଆସ୍କାର୍ଫର୍ଟି ନିଆଯାଉଥିଲା। ଖବର ପାଇ କ୍ୟୁଏଟି ଚଢାଉ କରି ଅଟୋ ଓ ଆସ୍କା ଫର୍ଟିକୁ ଜବତ କରିବା ସହ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶ୍ରୀରାମନଗର ବସ୍ତିରା ମୁଲାୟମ ଯାଦବ ଓ ପୋଷ୍ଟାଲ ଲେନ୍ ମଞ୍ଚେଶ୍ୱରର ରଞ୍ଜନ ରାଉତରାୟ।

ଶରତଙ୍କୁ ସାହିତ୍ୟ ଭାରତୀ ସମ୍ମାନ

କଟକ ଅଫିସ, ୧୭।୩

କଟକ କଳାବିକାଶ କେନ୍ଦ୍ରଠାରେ ଗଙ୍ଗାଧର ରଥ ଫାଉଣ୍ଡେଶନ ଆନୁକୂଲ୍ୟରେ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମଶ୍ରୀ ଡ. ପ୍ରତିଭା ରାୟ ମୁଖ୍ୟଅତ

ଓଜନ ବୃଦ୍ଧି : କିଛି କଥା

ଆଜିକାଲି ଓଜନ ବୃଦ୍ଧି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଅସନ୍ତୁଳିତ ଜୀବନଶୈଳୀ, ଖାଦ୍ୟପେୟ ଏଥିପାଇଁ ଅନେକାଂଶରେ ଦାୟୀ। ହେଲେ ଯଦି ଆମେ କେତୋଟି ବିଷୟ ପ୍ରତି ସତର୍କ ରହିବା ତେବେ ଆମର ଓଜନ ସବୁବେଳେ ସନ୍ତୁଳିତ ରହିବ। ପ୍ରଥମେ ନିଜକୁ ସୁସ୍ଥ ରଖିବା ପାଇଁ ପ୍ରସ୍ତୁତ କରିଥିବା ଜୀବନଶୈଳୀ ଯେପରି ସଠିକ ଭାବରେ ଚାଲେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। ଅଧିକ ତେଲମସଲାଯୁକ୍ତ ଖାଦ୍ୟ ନ ଖାଇବା ଭଲ। ସବୁବେଳେ ସୁପାଚ୍ୟଯୋଗ୍ୟ ଖାଦ୍ୟ ଖାଆନ୍ତୁ। କେତେକ ଭାବନ୍ତି ଯେ ଅଧିକ ବ୍ୟାୟାମ କଲେ ଓଜନ କମିଯାଏ। ହଁ, ଏକଥା ସତ, ହେଲେ ଆବଶ୍ୟକତାଠାରୁ ଅଧିକ ବ୍ୟାୟାମର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ତେଣୁ କେଉଁ ବ୍ୟାୟାମ କେତେ ସମୟ କଲେ ତାହା ଦ୍ୱାରା ଓଜନ କମିବ ସେ ନେଇ ଏକ୍ସରସାଇଜ ଏକ୍ସପର୍ଟଙ୍କ ସହ ପରାମର୍ଶ କରନ୍ତୁ।

ବୁଦ୍ଧିମତ୍ତା ବଢ଼ାଇବାର ନୂଆ ଉପାୟ

ବୁଦ୍ଧିମତ୍ତା ବଢ଼ାଇବାର ଏକ ନୂଆ ଉପାୟ ନିକଟରେ ଖୋଜିପାଇଛନ୍ତି ୱାଶିଂଟନ ୟୁନିଭର୍ସସିଟିର ମନୋବିଜ୍ଞାନୀ ମାନେ। ପ୍ରତିଦିନ ନିରୋଳା ସ୍ଥାନରେ କିଛି ସମୟ ବିତାଇଲେ ତାହାର ସୁପ୍ରଭାବ ବୁଦ୍ଧିମତ୍ତା ଉପରେ ପଡିଥାଏ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରିଥିଲେ। ଗୋଟିଏ ଗ୍ରୁପ୍‌କୁ ସାଧାରଣ ଜୀବନ ଯାପନ କରିବାକୁ ପରାମର୍ଶ ଦିଆଯାଇଥିଲା। ଦ୍ୱିତୀୟ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ନିରୋଳରେ କଟାଇବାକୁ କୁହାଯାଇଥିଲା। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାରେ କି ପ୍ରକାର ପରିବର୍ତ୍ତନ ଘଟୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା।ପ୍ରତିଦିନ କିଛି ସମୟ ନିରୋଳାରେ କଟାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକଙ୍କର ବୁଦ୍ଧିମତ୍ତାରେ ବିକାଶ ଘଟିଥିବାର ଜଣାପଡିଥିଲା।

ଅଣ୍ଟାବିନ୍ଧାର ଆୟୁର୍ବେଦୀୟ ଉପଚାର

''ଅଣ୍ଟାବିନ୍ଧାକୁ କେତେକେ ରୋଗ ଭାବେ ଗଣନା କରୁଥିବା ବେଳେ କେତେକେ ଏହାକୁ ଅନ୍ୟ ରୋଗର ଲକ୍ଷଣ ଭାବେ ବୁଝୁଥାଆନ୍ତି। କେତେଜଣଙ୍କଠାରେ ଅଣ୍ଟାବିନ୍ଧା ଅସହ୍ୟ ହୋଇପଡ଼ିବା ବେଳେ ଅନ୍ୟ କେତେକେ ଏହାକୁ ସହିପାରନ୍ତି। ଏହି ଅଣ୍ଟାବିନ୍ଧା ଅନେକ କାରଣରୁ ହୋଇଥାଏ।''

–ଡା. ରୀତା ସାହୁ

ଅଣ୍ଟା ଏପରି ଏକ ଜାଗା ଯେଉଁଠାରେ ମେରୁଦଣ୍ଡର ପାଞ୍ଚୋଟି କଶେରୁକା (ଭର୍ଟେବ୍ରା) ସହ ଡ୍ରିକାସ୍ଥି (ସାକ୍ରମ) ଉପାସ୍ଥି, ସ୍ନାୟୁ ସମେତ ଅନ୍ୟାନ୍ୟ ମାଂସପେଶୀ ମିଳିତ ହୋଇଥାନ୍ତି। ବସିବା, ଉଠିବା, ଠିଆହେବା, ଚାଲିବା, କୌଣସି ଭାରି ଜିନିଷ ଉଠାଇବା ଆଦି ଦୈନନ୍ଦିନ କାମରେ ଏହି ଅଂଶରେ ଅଧିକ ଭାର ପଡ଼ିଥାଏ। ଆମର ମା, ଜେଜେମା', ଆଇମା'ମାନେ ବସି ପରିବା କାଟିବା, ରୋଷେଇକରିବା, ଖାଇବାକୁ ଦେବା, ଖୁଆଇଦେବା ଇତ୍ୟାଦି କାମ କରନ୍ତି, ଯାହାଦ୍ୱାରା କି ସେମାନଙ୍କ ଅଣ୍ଟା ଉପରେ ପ୍ରାୟ ଏତେ ଭାର ପଡି ନ ଥାଏ। ଆଜିକାଲି ଯୁଗରେ ଆମ ଝିଅ, ବୋହୂମାନେ ଠିଆହୋଇ ପରିବା କାଟିବା, ରୋଷେଇ କରିବା, ଛୁଆମାନଙ୍କୁ ଖାଇବାକୁ ଦେବା ଇତ୍ୟାଦି ଶତକଡ଼ା ୯୦ ଭାଗ କାର୍ଯ୍ୟ କରୁଛନ୍ତି, ଯାହାର ପ୍ରଭାବରେ ଅଣ୍ଟାବିନ୍ଧା ଏକ ବଡ଼ ସମସ୍ୟା ହୋଇ ଠିଆହେଉଛି।

ଅଣ୍ଟାବିନ୍ଧାକୁ କେତେକେ ରୋଗ ଭାବେ ଗଣନା କରୁଥିବା ବେଳେ କେତେକେ ଏହାକୁ ଅନ୍ୟ ରୋଗର ଲକ୍ଷଣ ଭାବେ ବୁଝୁଥାଆନ୍ତି। କେତେଜଣଙ୍କଠାରେ ଅଣ୍ଟାବିନ୍ଧା ଅସହ୍ୟ ହୋଇପଡ଼ିବା ବେଳେ ଅନ୍ୟ କେତେକେ ଏହାକୁ ସହିପାରନ୍ତି। ଅଣ୍ଟାବିନ୍ଧା ଅନେକ କାରଣରୁ ହୋଇଥାଏ।

- ବୟସ ବୃଦ୍ଧି କ୍ରମେ ମେରୁଦଣ୍ଡ ଓ ପାର୍ଶ୍ୱବର୍ତ୍ତୀ ଅସ୍ଥି, ମାଂସପେଶୀ ଗଠନଗତ ତଥା କାର୍ଯ୍ୟଭାର ଯୋଗୁ ଅଣ୍ଟାବିନ୍ଧା ହୁଏ।
- ସାରା ଦିନ ଅଧିକ ପରିଶ୍ରମ କରିଲେ ଅଣ୍ଟାବିନ୍ଧା ଭୋଗିବାକୁ ପଡ଼େ।
- ଦୁର୍ଘଟଣା ସମୟରେ ଅଣ୍ଟାରେ ହାଡ଼ ଭାଙ୍ଗିଗଲେ ବା ମାଡ଼ ହେଲେ, ଅଣ୍ଟାରେ ଥିବା ହାଡ଼ରେ ବୃଦ୍ଧି ଘଟିଲେ ଅଣ୍ଟାବିନ୍ଧା ପ୍ରବଳ ହୁଏ।
- ଟ୍ୟୁମର ସମସ୍ୟା ଥିଲେ ଅଣ୍ଟାବିନ୍ଧା ହୁଏ।
- କଶେରୁକା ହାଡ଼ ମଝିରେ ଥିବା ଡିସ୍କ ସ୍ଖଳିତ ହେଲେ ଅଣ୍ଟାବିନ୍ଧା ହୁଏ।
- ଅଣ୍ଟାରେ କୌଣସି ରୋଗ ନ ଥାଇ ମଧ୍ୟ ପାକସ୍ଥଳୀ, ମୂତ୍ରନଳୀରେ କୌଣସି ବ୍ୟାଧି ଥିଲେ ତା'ର ପ୍ରଭାବରୁ ଅଣ୍ଟାବିନ୍ଧା ହୁଏ।
- ମହିଳାଙ୍କର ଜରାୟୁରେ ବିଭିନ୍ନ ପ୍ରକାର ବ୍ୟାଧି ଦେଖାଦେଲେ ବା ଅଧିକ ପ୍ରଭାବ ଜନିତ କାରଣରୁ ଅଣ୍ଟାରେ ବେଦନା ହୁଏ।
- ଶୋଇବାର ସ୍ଥାନ ବା ବ୍ୟବସ୍ଥା ଠିକ୍ ନ ଥିଲେ, ଦୀର୍ଘସମୟ ଧରି ଶୋଇ ରହିଲେ ଏହା ଅଣ୍ଟାବିନ୍ଧାକୁ ଆମନ୍ତ୍ରଣ କରିଥାଏ।
- ଅତ୍ୟଧିକ ମୈଥୁନ ଅର୍ଥାତ୍ ଏକାଧିକବାର ବା ଏକାଧିକ ଯୌନ ସାଥୀ ଦ୍ୱାରା ଯୌନ ସମ୍ପର୍କ ରଖିଲେ ଅଣ୍ଟାବିନ୍ଧା ହେବା ଆଶଙ୍କା ରହିଛି।
- କିଡ୍‌ନୀ ରୋଗ ଥିଲେ ଏହି ପରିସ୍ଥିତିରେ ଅଣ୍ଟାବିନ୍ଧା ହୁଏ।
- ମୂତ୍ରାଶ୍ମରୀ (ପଥରୀ ରୋଗ) ଥିଲେ ମଧ୍ୟ ଅଣ୍ଟାବିନ୍ଧା ହୁଏ।
- ଶରୀର ପୃଥୁଳକାୟ ହେଲେ ଶାରୀରିକ ମୁଦ୍ରା ଅସ୍ୱାଭାବିକ ହୋଇ ଅଣ୍ଟାବିନ୍ଧା ହୋଇଥାଏ।
- ହାଇହିଲ ଜୋତା ପିନ୍ଧିବା ଦ୍ୱାରା ଶାରୀରିକ ମୁଦ୍ରା ଅସ୍ୱାଭାବିକ ହୋଇ ଅଣ୍ଟାବିନ୍ଧା ହୁଏ।
- କ୍ରମାଗତ ଭାବେ ଆଗକୁ ଝୁଙ୍କି ରହି କାମକଲେ ଅଣ୍ଟା ଉପରେ ଅଧିକ ଭାର ପଡ଼େ। ପୁନଶ୍ଚ ବୃଦ୍ଧାବସ୍ଥାରେ ସ୍ୱତଃ ଅଣ୍ଟା ନଇଁଯାଏ ଓ ଅଣ୍ଟାବିନ୍ଧା ହୁଏ।
- ପାରିପାର୍ଶ୍ୱିକ ଜଳବାୟୁ ଓ ପାଣିପାଗ ବଦଳିଲେ କିମ୍ବା ଅତ୍ୟଧିକ ଗରମରୁ ହଠାତ୍ ଥଣ୍ଡା ପରିବେଶକୁ କିମ୍ବା ଏହାର ପରିବର୍ତ୍ତିତ ପରିବେଶକୁ ଚାଲିଗଲେ ଅଣ୍ଟାବିନ୍ଧା ହୁଏ।
- ଢିଲା ପୋଷାକରୁ ଟାଇଟ ପୋଷାକ ପିନ୍ଧିଲେ ବା ଅଣ୍ଟାରେ ବେଲ୍‌ଟ ବାନ୍ଧିଲେ ଅଣ୍ଟା ବିନ୍ଧା ହୁଏ।

ଯଦି ଆପଣମାନେ ଚିନ୍ତା କରିବେ କୌଣସି କାରଣରୁ ଅଣ୍ଟା ବିନ୍ଧୁଥିଲେ ମଧ୍ୟ ପ୍ରଥମରୁ ବାତନାଶକ ଚିକିତ୍ସା କରାଯାଇଥାଏ, ତାହା ସମ୍ପୂର୍ଣ୍ଣ ସତ ନୁହେଁ। ତେଲ ମାଲିସ ଓ ଉଷୁମ ପାଣି ସେକ ମଧ୍ୟ ପ୍ରାରମ୍ଭିକ ଅବସ୍ଥାରେ ଆରମ୍ଭ କରାଯାଇଥାଏ।

ଆୟୁର୍ବେଦ ଚିକିତ୍ସା ମତରେ ଅଣ୍ଟାବିନ୍ଧାର ଚିକିତ୍ସାର ସଫଳତା ଅନ୍ୟାନ୍ୟ ଚିକିତ୍ସା ମଧ୍ୟରୁ ଅଧିକ। ସାଧାରଣତଃ ମଣିଷମାନେ ବିଭିନ୍ନ ପ୍ରକାର ଚିକିତ୍ସାର ସହାୟତା ନେଇ ଫେଲ୍ ମାରିବା ପରେ ଆୟୁର୍ବେଦ ଚିକିତ୍ସା/କବିରାଜ ଚିକିତ୍ସା ଆପଣାଇ ଥାଆନ୍ତି । ଏହି ଚିକିତ୍ସା ସମୟସାପେକ୍ଷ। ଏଥିପାଇଁ ଧୈର୍ଯ୍ୟର ଆବଶ୍ୟକତା ମଧ୍ୟ ବହୁତ ବେଶି। ଧୈର୍ଯ୍ୟ ଧରି ଆୟୁର୍ବେଦ ଡାକ୍ତରଙ୍କ ମତ ଅନୁସାରେ ଚିକିତ୍ସା କରାଗଲେ ଅଣ୍ଟାବିନ୍ଧାରୁ ମୁକ୍ତି ମିଳିଥାଏ।

ଆୟୁର୍ବେଦ ମତରେ ଅଣ୍ଟାବିନ୍ଧାର ଚିକିତ୍ସା ପାଇଁ ବ୍ୟାୟାମର ଉପକାରିତା ନିହାତି ଆବଶ୍ୟକ। ଉପଯୁକ୍ତ ବ୍ୟାୟାମ କରିବା ଦ୍ୱାରା ଅଣ୍ଟାବିନ୍ଧା କମ୍ ହୁଏ। ଚଟାଣ ଉପରେ ପିଠି ଓ ପାଦକୁ ରଖି ଶୁଅନ୍ତୁ। ଛାତି ଉପରେ ହାତକୁ ଛନ୍ଦି ରଖନ୍ତୁ। ଏଥର କେବଳ କାନ୍ଧ ଓ ମୁଣ୍ଡକୁ ଚଟାଣ ଉପରୁ ଓ କିଛି ସମୟ ଉଠିକରି ରୁହନ୍ତୁ। ପ୍ରତିଥର ଦୋହରାଇଲା ବେଳେ ଅଧିକରୁ ଅଧିକ ସମୟ ଉଠିକରି ରହିବାରେ ଯତ୍ନ କରନ୍ତୁ। ତେବେ ଅଣ୍ଟା ସହିତ ଥିବା ସ୍ନାୟୁକୁ ସବଳ କରିଥାଏ ଏବଂ ସ୍ନାୟବିକ ଦୁର୍ବଳତା ମଧ୍ୟ କମ୍ ହୋଇଥାଏ।

ଅଣ୍ଟାବିନ୍ଧା ରୋଗରେ ଆୟୁର୍ବେଦ ଚିକିତ୍ସାରେ ସ୍ୱେଦନ କ୍ରିୟା ଉପରେ ଗୁରୁତ୍ୱାରୋପ କରାଯାଇଛି। ସ୍ନେହନ ବା ସ୍ନେହ ପ୍ରୟୋଗ ଦ୍ୱାରା ଅଣ୍ଟାବିନ୍ଧାରୁ ମୁକ୍ତି ମିଳିଥାଏ। ଅଣ୍ଟାବିନ୍ଧାରୁ ମୁକ୍ତି ମିଳିବା ପାଇଁ ରାସ୍ନାଦି ଗୁଗ୍ଗୁଳୁ, ଅଗ୍ନିତୁଣ୍ଡୀବଟୀ, ଶୁଣ୍ଠିଖଣ୍ଡ ମୋଦକ, ମହାବାତ ବିଧ୍ୱଂସିନୀ ରସ, ବାତଗଜାଙ୍କୁଶ, ବୃହତ୍‌ବାତ ଚିନ୍ତାମଣି ପ୍ରୟୋଗ କରାଯାଇଥାଏ।

ରୋଗର ତୀବ୍ରତାରେ ବାତ ଚିନ୍ତାମଣି, ରସରାଜରସ, ମହାଯୋଗରାଜ ଗୁଗ୍ଗୁଳୁ, ଯୋଗରାଜ ଗୁଗ୍ଗୁଳୁ, ରାସ୍ନା ଏରଣ୍ଡାଦି କ୍ୱାଥ, ରାସ୍ନାଦି କ୍ୱାଥ, ଦଶମୂଳ କ୍ୱାଥ, ଆରାଦି ଗୁଗ୍ଗୁଳୁ ଇତ୍ୟାଦିର ବ୍ୟବହାର କରାଯାଇଥାଏ।

ଆବଶ୍ୟକ ହେଲେ ଅଣ୍ଟାରେ ବେଲ୍ଟ ବାନ୍ଧିବାକୁ ଉପଦେଶ ଦିଆଯାଇଥାଏ।

ଅଣ୍ଟାବିନ୍ଧା ରୋଗୀ ବିଭିନ୍ନ ଖଟା ଦ୍ରବ୍ୟ, ଅରୁଆ, ଲୁଣି ଶୁଖୁଆ, ବାସିଖାଦ୍ୟ, ଡାଲି ବା ଶସ୍ୟଜାତୀୟ ଖାଦ୍ୟ ଓ ଗୁରୁପାକ ଆହାର ସେବନ କରିବା ମନା।

ଅଣ୍ଟାବିନ୍ଧା ରୋଗୀ ସିଝା ଖାଦ୍ୟ, ପୋଟଳ, ସଜନା ଛୁଇଁ, ବାଇଗଣ, କଲରା, ବିନ୍, ଗାଜର ଇତ୍ୟାଦି ଖାଇଲେ ଉପକାର ମିଳେ। ସକାଳେ ଦୁଇଟି ଗୋଲମରିଚ, ଦୁଇଟି ରସୁଣ ଖାଲି ପେଟରେ ପ୍ରତ୍ୟହ ଖାଇବା ଓ ସକାଳୁ ଖାଲିପେଟରେ ଦୁଇଗ୍ଲାସ୍ ଉଷୁମ ପାଣି ପିଇଲେ ଅନେକ ଉପକାର ହୁଏ।

–୧୧୭, ମହାନଦୀବିହାର, କଟକ–୪
ମୋ : ୯୪୩୭୭୭୭୬୬୩

ବିଶିଷ୍ଟ ବୈଜ୍ଞାନିକ

ଜର୍ଜ ପୋର୍ଟର

କଥାରେ ଅଛି ତୁଳସୀ ଦୁଇ ପତ୍ରରୁ ବାସେ। ଠିକ୍ ସେହିପରି ପିଲାଟି ଦିନରୁ ରସୟନ ବିଜ୍ଞାନ ପ୍ରତି ସେ ଆକର୍ଷିତ ହୋଇଥିଲେ। ଛାତ୍ର ଜୀବନରୁ ସେ ଏହି ବିଷୟରେ ଗବେଷଣାରେ ନିଜକୁ ନିମଗ୍ନ ରଖି ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ। ପ୍ରଗାଢ଼ ନିଷ୍ଠା ଏବଂ ଅଧ୍ୟବସାୟ ବଳରେ ସେ ନିଜକୁ ଜଣେ ବିଶିଷ୍ଟ ରସାୟନବିତ୍ ଭାବରେ ପରିଚିତ କରାଇ ସାଉଁଟି ଥିଲେ ପ୍ରଶଂସା। ପରିଶେଷରେ ରସାୟନ ବିଜ୍ଞାନ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୧୯୬୭ରେ ସମ୍ମାନଜନକ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେ ହେଲେ ଇଂଲଣ୍ଡର ବିଶିଷ୍ଟ ରସାୟନବିତ୍ ଜର୍ଜ ପୋର୍ଟର। ଇଂଲଣ୍ଡର ସାଉଥ ୟୋର୍କସାୟାରସ୍ଥିତ ଥ୍ରୋନ୍ ସହରରେ ଜର୍ଜ ପୋର୍ଟର ୧୯୨୦ ଡିସେମ୍ବର ୬ରେ ଜନ୍ମିତ ପୋର୍ଟର ସ୍ଥାନୀୟ ଥ୍ରୋନ୍ ଗ୍ରାମାର ସ୍କୁଲରୁ ଶିକ୍ଷା ଶେଷ କରିବା ପରେ ସେ ୟୁନିଭର୍ସିଟି ଅଫ ଲିଡସ୍‌ରୁ ରସାୟନ ବିଜ୍ଞାନରେ ଡିଗ୍ରୀ ହାସଲ କରିଥିଲେ। ୧୯୯୪ରେ ଫଟୋକେମିକାଲରୁ ନିର୍ଗତ ଫ୍ରି ରେଡିକାଲ୍ସ ଉପରେ ନିବନ୍ଧ ଲେଖି ସେ ଡକ୍ଟରେଟ ଉପାଧି ପାଇଥିଲେ। ରସାୟନ ବିଜ୍ଞାନରେ ବିଭିନ୍ନ ନୂତନ ତଥ୍ୟ ଲୋକଲୋଚନକୁ ଆଣିବାରେ ତାଙ୍କର ଉଦ୍ୟମ ଫଳପ୍ରସୂ ହୋଇଥିଲା। ଗବେଷଣା ବ୍ୟତୀତ ସେ ଶିକ୍ଷାଦାନରେ ନିଜକୁ ଜଡିତ ରଖିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରେ ସେ ବଡ ବଡ ପଦବୀରେ ରହି ଛାତ୍ରୀଛାତ୍ରୀଙ୍କ ହୃଦୟରେ ହାସଲ କରିଥିଲେ ସ୍ୱତନ୍ତ୍ର ସ୍ଥାନ। ୧୯୭୨ରେ ତାଙ୍କୁ ସମ୍ମାନଜନକ 'ନାଇଟ୍' ଉପାଧି ମିଳିଥିଲା। ବିଭିନ୍ନ ସେମିନାରରେ ସେ ନିଜର ମତ ଉପସ୍ଥାପନ କରି ପ୍ରଶଂସିତ ତଥା ସମ୍ମାନିତ ହୋଇଥିଲେ। ୮୧ବର୍ଷ ବୟସରେ ତାଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା। ରସାୟନ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ।

ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାର ସହଜ ଉପାୟ

ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସକ୍ରିୟ ରହିବା ଆବଶ୍ୟକ। ନ ହେଲେ ଆମେ ବିଭିନ୍ନ ପ୍ରକାର ରୋଗ ଦ୍ୱାରା ଆକ୍ରାନ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହାକୁ ଦୃଢ଼ ରଖିବାକୁ ଆମେ ଖାଦ୍ୟପେୟ ପ୍ରତି ନଜର ଦେଇଥାଉ। କିନ୍ତୁ ଏପରି ଏକ ଉପାୟ ରହିଛି, ଯାହା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିପାରିବ। ଏ ନେଇ ନିକଟରେ ସୂଚନା ଦେଇଛନ୍ତି ୱାଶିଂଟନ୍ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ। ତାହା କ'ଣ ଜାଣନ୍ତି ? ବିଶ୍ରାମ। ଆମେ ଯଦି ପ୍ରତିଦିନ ଆବଶ୍ୟକ ମୁତାବକ ବିଶ୍ରାମ ନେବା ତେବେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ପ୍ରଭାବୀ ହେବା ଆଶଙ୍କା କମ୍ ରହିବ। ଏଭଳି ଉକ୍ତିରେ କେତେ ସତ୍ୟତା ରହିଛି ତାହା ମଧ୍ୟ ସେମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ନିୟମିତ ଆବଶ୍ୟକ ମୁତାବକ ବିଶ୍ରାମ ନେଉଥିବା (ଶୋଉଥିବା) ବ୍ୟକ୍ତିମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଅନ୍ୟମାନଙ୍କ ତୁଳନାରେ ଯଥେଷ୍ଟ ଭଲ ଥିଲା ବୋଲି ସେମାନେ ଏହି ସର୍ଭେରୁ ଜାଣିବାକୁ ପାଇଛନ୍ତି। ପ୍ରତିଦିନ ଆମେ ଅତିକମ୍‌ରେ ୬–୭ଘଣ୍ଟା ଶୋଇବା ନିହାତି ଜରୁରୀ। ଏହାଦ୍ୱାରା ଦିନତମାମର କ୍ଳାନ୍ତି ଦୂର ହୋଇଥାଏ। ତା' ସହ ମାନସିକତା ସକାରାତ୍ମକ ରହିଥାଏ। ତେଣୁ ଜଣେ ବ୍ୟକ୍ତି ନିଜର ବିଶ୍ରାମ ସମୟ ପ୍ରତି ମଧ୍ୟ ନଜର ଦେବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

ସ୍ୱାସ୍ଥ୍ୟ ସୂଚନା

- ★କଦାପି ସୁଗାର କ୍ୟାଲୋରି ଡିଙ୍କସ ପିଅନ୍ତୁ ନାହିଁ। ଏହା ଶରୀରେ ଚର୍ବି ପରିମାଣ ବଢ଼ାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ।
- ★ଶରୀରେ ଜଳୀୟ ଅଂଶକୁ ସବୁବେଳେ ସନ୍ତୁଳିତ ରଖନ୍ତୁ।
- ★ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଏହାର ପ୍ରଭାବ ଆଖି ଉପରେ ପଡିବା ଦ୍ୱାରା ଭଲ ନିଦ ହୋଇ ନ ଥାଏ।
- ★ପ୍ରତିଦିନ କିଛି ସମୟ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସନ୍ତୁ। ଏହା ଶରୀରରେ ଭିଟାମିନ୍ 'ଡି' ପରିମାଣକୁ ସନ୍ତୁଳିତ ରଖିଥାଏ।
- ★ପ୍ରତିଦିନ କିଛି ତଟକା ଫଳ ଖାଆନ୍ତୁ।
- ★ପ୍ରତିଦିନ ସକାଳ ଜଳଖିଆରେ ହାଲକା ଖାଦ୍ୟ ଏବଂ ଫଳଜୁସ ସାମିଲ କରନ୍ତୁ। ଏହାଦ୍ୱାରା ଦିନତମାମ ମନ ସତେଜ ରହିଥାଏ।
- ★ଅଧିକାଂଶ ସମୟ ଓଜନିଆ ଜିନିଷ ଉଠନ୍ତୁ ନାହିଁ। ଏହାଦ୍ୱାରା ଅଣ୍ଟା ସମସ୍ୟା ଦେଖାଦେବାର ଯଥେଷ୍ଟ ଆଶଙ୍କା ରହିଛି।

ସ୍ୱାସ୍ଥ୍ୟୋପକାରୀ ଘିକୁଆଁରୀ

ଡା. ଦ୍ୱିଜେଶ କୁମାର ପଣ୍ଡା

ତ୍ରିନିଦାଦ୍ ଓ ଟବାଗୋରେ ଉଚ୍ଚ ରକ୍ତଚାପ ପାଇଁ ଘିକୁଆଁରୀ(ଆଲୋଭେରା) ବ୍ୟବହାର ହୁଏ। ମେକ୍ସିକାନମାନେ ଏହାକୁ ଡାଇବେଟିସ ଔଷଧ ରୂପେ ଗ୍ରହଣ କରନ୍ତି। କିନ୍ତୁ ଏହା ସବୁ ରୋଗର ମହୌଷଧି ନୁହେଁ। ହଜାର ହଜାର ବର୍ଷରୁ ବହୁ ଦେଶରେ ଏହାର ଔଷଧୀୟ ଗୁଣକୁ ଗ୍ରହଣ କରିଛନ୍ତି। ଭାରତରେ ସବୁଆଡେ ଏହି ଗଛ ରହିଛି। ଏହା ଉପରେ ଅଧିକ ଗବେଷଣା ହେଲେ ଦେଶ ଉପକୃତ ହେବ...

ଘିକୁଆଁରୀ ଗୋଟିଏ ଉପାଦେୟ ଔଷଧୀୟ ଗଛ, ସବୁଆଡ଼େ ମିଳେ। ବହୁ ଶତାବ୍ଦୀ ହେଲା ସ୍ୱାସ୍ଥ୍ୟରକ୍ଷା ପାଇଁ ଏହାର ବ୍ୟବହାର ହେଉଛି। ଆୟୁର୍ବେଦରେ କୋଷ୍ଠକାଠିନ୍ୟ, ପେଟ ବିନ୍ଧା, ଚର୍ମରୋଗ, କୃମି ଅପସାରଣ ଓ ପ୍ରଦାହରେ ବ୍ୟବହାର ହୋଇ ଆସୁଛି। ଫଙ୍ଗସ୍(କବକ)ର ଚିକିତ୍ସା ପାଇଁ ଏହା ଗୋଟିଏ ଚାଇନିଜ୍ ଔଷଧ। ତ୍ରିନିଦାଦ୍ ଓ ଟବାଗୋରେ ଉଚ୍ଚ ରକ୍ତଚାପ ପାଇଁ ଘିକୁଆଁରୀ(ଆଲୋଭେରା)ବ୍ୟବହାର ହୁଏ। ମେକ୍ସିକାନମାନେ ଏହାକୁ ଡାଇବେଟିସ ଔଷଧ ରୂପେ ଗ୍ରହଣ କରନ୍ତି। କିନ୍ତୁ ଏହା ସବୁ ରୋଗର ମହୌଷଧି ନୁହେଁ। ହଜାର ହଜାର ବର୍ଷରୁ ବହୁ ଦେଶରେ ଏହାର ଔଷଧୀୟ ଗୁଣକୁ ଗ୍ରହଣ କରିଛନ୍ତି। ଭାରତରେ ସବୁଆଡେ ଏହି ଗଛ ରହିଛି। ଏହା ଉପରେ ଅଧିକ ଗବେଷଣା ହେଲେ ଦେଶ ଉପକୃତ ହେବ। ପେଟଦୋଷରେ ଏହି ଗଛର ରସ ପିଇବାକୁ ଦିଆଯାଉଛି। ବିଭିନ୍ନ ଚର୍ମରୋଗରେ, ପୋଡ଼ା ଘା'ରେ ଓ ଅନ୍ୟାନ୍ୟ ଘା' ଶୁଖିବାରେ ଏହା ଗୋଟିଏ ଅବ୍ୟର୍ଥ ଔଷଧ ପ୍ରମାଣିତ ହୋଇଛି। ଏହି ଗଛ ପ୍ରଥମେ ସୁଦାନରେ ଓ ଆରବର

ଉପଦ୍ୱୀପଗୁଡିକରେ ଦେଖିବାକୁ ମିଳିଲା। ପରେ ଏହା ଆଫ୍ରିକାର ଜଙ୍ଗଲରେ, ପୂର୍ବ ଏସିଆ, ଦକ୍ଷିଣ ଭୂମଧ୍ୟସାଗର ଅଞ୍ଚଳରେ ବହୁଳ ଆକାରରେ ଦେଖାଗଲା। ଆମେରିକାର ଦକ୍ଷିଣରେ ଓ ମେକ୍ସିକୋରେ ଏହା ଚାଷ କରା ଯାଉଛି। ଏହି ଗଛର ୨୪୦ ସମଜାତୀୟ ଉଦ୍ଭିଦ ରହିଛି। ଏଥିରୁ କେବଳ ୪ଟିର ପୁଷ୍ଟିକାରକ ଗୁଣ ରହିଛି। ଏହାର ପତ୍ରରେ ୭୫ପ୍ରକାର ପୁଷ୍ଟିକାରକ ପଦାର୍ଥ, ୨୦ଧାତବ, ୨୦ ଆମିନୋ ଏସିଡ୍ (ପ୍ରୋଟିନ) ଏବଂ ୧୨ ଭିଟାମିନ ଅଛି।

ଘିକୁଆଁରୀ ରସ ଉପରେ ବୈଜ୍ଞାନିକ ଏଚ୍.ଆର୍.ମାକଡାନିଏଲ ୧୬ ବର୍ଷ ଗବେଷଣାକରି ଅନେକ ତଥ୍ୟ ଉନ୍ମୋଚନ କରିଛନ୍ତି। ଏହାର ସକ୍ରିୟ ଉପାଦାନରେ ୮ ପ୍ରକାର ସୁଗାର ରହିଛି, ଯେଉଁଗୁଡିକ ଶରୀର ପାଇଁ ଉପକାରୀ। ଏହା ଚିନିରୁ ତିଆରି ହେଉଥିବା ଶର୍କରା ନୁହେଁ। ଏହି ଗ୍ଲୁକୋଜ

ଆଗାମୀ ୫ ବର୍ଷରେ ଦେଶର ୨ ଚକିଆ ଯାନ ବଜାରରେ ୧୦% ବଜାର ଅଂଶ ହାସଲ ଲକ୍ଷ୍ୟ ଦିଗରେ ଅଗ୍ରସର।
– ମୋଟୋଫୋମି ସିତାରା, ଅଧ୍ୟକ୍ଷ, ୟାମାହା ମୋଟର ଇଣ୍ଡିଆ

ଡେବିଟ କାର୍ଡ କ୍ଷେତ୍ରରେ ରହୁଥିବା ବିଭିନ୍ନ ଅସୁବିଧାକୁ ଧ୍ୟାନରେ ରଖି ନୂଆ ୟୋନୋ କ୍ୟାଶ ଦ୍ୱାରା କାର୍ଡ ବିହୀନ ଟଙ୍କା ଉଠାଣ ସେବା ଆରମ୍ଭ ହୋଇଛି।
– ରଜନୀଶ କୁମାର, ଅଧ୍ୟକ୍ଷ, ଏସ୍‌ବିଆଇ

ସଂକ୍ଷେପରେ

ପିଏଫ୍‌ଆର୍‌ଡିଏର ନୂଆ ଅଧ୍ୟକ୍ଷ ଖୋଜା ଖୁବଶୀଘ୍ର

ନୂଆଦିଲ୍ଲୀ,୧୭-୩: କେନ୍ଦ୍ର ସରକାର ପେନସନ ପାଣ୍ଠି ନିୟାମକ ପିଏଫଆର୍‌ଡିଏର ନୂଆ ଅଧ୍ୟକ୍ଷ ଚୟନ ପ୍ରକ୍ରିୟା ଖୁବଶୀଘ୍ର ଆରମ୍ଭ କରିବାକୁ ଯାଉଛନ୍ତି। ବର୍ତ୍ତମାନର ଅଧ୍ୟକ୍ଷ ହେମନ୍ତ ଜି. କଣ୍ଟ୍ରାକ୍ଟରଙ୍କ କାର୍ଯ୍ୟକାଳ ଏପ୍ରିଲରେ ଶେଷ ହେବାକୁ ଯାଉଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଅର୍ଥ ମନ୍ତ୍ରଣାଳୟ ପେନସନ ଫଣ୍ଡ ରେଗୁଲେଟୋରୀ ଆଣ୍ଡ ଡେଭଲପମେଣ୍ଟ ଅଥରିଟି(ପିଏଫ୍‌ଆର୍‌ଡିଏ)ର ନୂତନ ମୁଖ୍ୟ ଖୋଜିବା ଲାଗି ଏକ ବିଜ୍ଞାପନ ଦେବାକୁ ଯାଉଛନ୍ତି। ୨୦୧୪ରେ ପିଏଫଆର୍‌ଡିଏ ଆଇନ ଲାଗୁ ହେବା ପରେ ଏହାକୁ ପୁନର୍ଗଠନ କରାଯାଇଥିଲା। ନିୟାମକର ପ୍ରଥମ ଅଧ୍ୟକ୍ଷ ହୋଇଛନ୍ତି କଣ୍ଟ୍ରାକ୍ଟର। ସେ ୨୦୧୪ ଅକ୍ଟୋବର ୭ରେ ଏଥିରେ ଯୋଗ ଦେଇଥିଲେ। ଆଇନ ଅନୁଯାୟୀ, ଜଣେ ଅଧ୍ୟକ୍ଷ ୫ ବର୍ଷ ଲାଗି ଅଥବା ୬୫ ବର୍ଷରେ ପଦାର୍ପଣ କରିବା ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ। ପିଏଫଆର୍‌ଡିଏର ଅଧ୍ୟକ୍ଷ ହେବା ପୂର୍ବରୁ ସେ ଏସ୍‌ବିଆଇର ଏମ୍‌ଡି ଭାବେ କାର୍ଯ୍ୟ ତୁଲାଇଥିଲେ।

ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ସମ୍ପତ୍ତି ବିକ୍ରି ପ୍ରକ୍ରିୟା ଆଜି

ନୂଆଦିଲ୍ଲୀ,୧୭-୩: ନଗଦ ସଙ୍କଟ ଦେଇ ଗତି କରୁଥିବା ଇନଫ୍ରାଷ୍ଟ୍ରକଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡଏଫ୍‌ଏସ୍) ସମ୍ପତ୍ତି ମୁଦ୍ରାକରଣ ଯୋଜନା ଅଧୀନରେ ସୋମବାର ପ୍ରଥମ ପର୍ଯ୍ୟାୟ ନିଲାମ ଆହ୍ୱାନ କରାଯିବ। ଏହା କମ୍ପାନୀର ଋଣ ସମାଧାନ ଯୋଜନାର ଏକ ଅଂଶବିଶେଷ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କମ୍ପାନୀକୁ ୮ ହଜାର କୋଟି ଟଙ୍କାର ଅକ୍ଷୟ ଶକ୍ତି କାରବାର ଲାଗି ମିଳିଥିବା ନିଲାମ ଆହ୍ୱାନ ଉପରେ ବୋର୍ଡ ପରେ ବିଚାର କରିବ। ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ସୃଷ୍ଟି ହୋଇଥିବା ଆର୍ଥିକ ସଙ୍କଟ ଦୂର କରିବା ଲାଗି ବିଶିଷ୍ଟ ବ୍ୟାଙ୍କର ଉଦୟ କୋଟାକଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସରକାର ଏକ ନୂଆ ବୋର୍ଡ ଗଠନ କରିଛନ୍ତି। ଏହି ବୋର୍ଡ ଏବେ ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ସମ୍ପତ୍ତିଗୁଡ଼ିକୁ ମୁଦ୍ରାକରଣ ଅର୍ଥାତ ବିକ୍ରି ପ୍ରକ୍ରିୟା ଆରମ୍ଭ କରିଛି। କମ୍ପାନୀ ଉପରେ ଏବେ ୯୪ ହଜାର କୋଟି ଟଙ୍କାର ବକେୟା ଋଣ ରହିଛି। ଗତ ବର୍ଷ ନଭେମ୍ବରରେ କମ୍ପାନୀ ନିଜର ସଡ଼କ, ଶିକ୍ଷା, ଅକ୍ଷୟଶକ୍ତି ସମେତ କେତେକ କ୍ଷେତ୍ରରେ ହୋଇଥିବା ନିବେଶକୁ ବିକ୍ରି ଲାଗି ନିଷ୍ପତ୍ତି ନେଇଥିଲା।

ଏଏସ୍‌ବିଏମ୍, ନଟିଂହାମ୍ ବିଶ୍ୱବିଦ୍ୟାଳୟ ବୁଝାମଣା

ଭୁବନେଶ୍ୱର,୧୭-୩: ଏସିଆନ୍ ସ୍କୁଲ ଅଫ୍ ବିଜ୍‌ନେସ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍) ଏବଂ ମାଲେସିଆର ନଟିଂହାମ୍ ବିଶ୍ୱବିଦ୍ୟାଳୟ ଚୁକ୍ତିରେ ସାମିଲ ହୋଇଛନ୍ତି। ନଟିଂହାମ୍ ବିଶ୍ୱବିଦ୍ୟାଳୟର ଭାଇସ ପ୍ରୋଭଷ୍ଟ ପ୍ରଫେସର ଅଙ୍ଗ ଫନ୍ ସିମ୍ ଏବଂ ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ପ୍ରଫେସର ବିଶ୍ୱଜିତ ପଟ୍ଟନାୟକଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ଶିକ୍ଷା ଗବେଷଣା, ସମର ୱିଣ୍ଟର ସ୍କୁଲରେ ଅଂଶଗ୍ରହଣ, କ୍ରେଡିଟ ଟ୍ରାନ୍ସଫର ଏବଂ ଛାତ୍ରୀଛାତ୍ରଙ୍କ ନିଯୁକ୍ତି ଦିଗରେ ସହାୟକ ହେବ ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଛାତ୍ରୀଛାତ୍ରଙ୍କ ବିକାଶ ଲାଗି ଉକ୍ତ ଚୁକ୍ତି ଉଦ୍ଦିଷ୍ଟ ହେବ ବୋଲି ପ୍ରତିଷ୍ଠାତା ବିଶ୍ୱଜିତ ପଟ୍ଟନାୟକ କହିଛନ୍ତି।

୧୦ମ ବର୍ଷରେ ଫକ୍ସୱାଗନ ମୋଟରସ୍ପୋର୍ଟ ଇଣ୍ଡିଆ

ନୂଆଦିଲ୍ଲୀ,୧୭-୩: ଫକ୍ସୱାଗନ ମୋଟରସ୍ପୋର୍ଟ ଇଣ୍ଡିଆ ୧୦ମ ବର୍ଷରେ ପଦାର୍ପଣ କରିଛି। ୨୦୧୦ର ପୋଲୋ କପ୍ ସହ ଏହା ନିଜର ଯାତ୍ରା ଆରମ୍ଭ କରିଥିଲା। ଟୁରିଂ କାର୍ ରେସିଂ କ୍ଷେତ୍ରରେ ଯୁବ ପ୍ରତିଭାଙ୍କୁ ପ୍ରସ୍ତୁତ କରିବା ଲାଗି କମ୍ପାନୀ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିପାଇଁ କମ୍ପାନୀ ପକ୍ଷରୁ ଡ୍ରାଇଭରଙ୍କ ଲାଗି ଏକ ଗ୍ଲୋବାଲ ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି। ସାରା ଦେଶରୁ ବଛା ବଛା ଡ୍ରାଇଭରଙ୍କୁ ସମାନ କ୍ଷମତା ବିଶିଷ୍ଟ ବିଲ୍‌ଟ ରେସ୍ କାର ପ୍ରଦାନ କରାଯିବା ସହ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ପ୍ଲାଟଫର୍ମ ସୃଷ୍ଟି କରାଯାଇଛି। ସେହିଭଳି ଠିକ୍ କୋଚିଂ ଏବଂ ଅନ୍ତର୍ଜାତୀୟ ସ୍ତରରେ ସ୍ପନସର ସୁବିଧା ଦିଆଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

ହାଓଲାରେ ଆସୁଛି ଚାଇନା ସାମଗ୍ରୀ

ନୂଆଦିଲ୍ଲୀ,୧୭–୩



- କ୍ଷତି ସହୁଛନ୍ତି ସରକାର
- ବ୍ୟବସାୟିକ ସଂଗଠନର ତଦନ୍ତ ଦାବି
- ସାମଗ୍ରୀ ମୂଲ୍ୟ କମ୍ ଦେଖାଉଛନ୍ତି ଆମଦାନୀକାରୀ

ଭାରତୀୟ ଆମଦାନୀକାରୀମାନେ ହାଓଲା ମାଧ୍ୟମରେ ଚାଇନାରୁ ସାମଗ୍ରୀ ଆଣୁଛନ୍ତି। ଫଳରେ ଚାଇନା ନିର୍ମିତ ସାମଗ୍ରୀଗୁଡ଼ିକ ଭାରତୀୟ ବଜାରରେ ଅପେକ୍ଷାକୃତ ଶସ୍ତାଦରରେ ମିଳୁଛି। ଏହି କାରଣରୁ ସରକାର ବହୁ ପରିମାଣରେ ସୀମା ଶୁଳ୍କ ଏବଂ ଟିକସ ହରାଉଛନ୍ତି। କନଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ପକ୍ଷରୁ ଏ ସମ୍ପର୍କରେ ଅଭିଯୋଗ କରାଯାଇଛି। ଏହି ମାମଲା ଅତ୍ୟନ୍ତ ଗମ୍ଭୀର ହୋଇଥିବାରୁ କେନ୍ଦ୍ର ସରକାର ସମସ୍ତ ଦିଗକୁ ଦୃଷ୍ଟିରେ ରଖି ଗଭୀର ଭାବେ ଏହାର ଯାଞ୍ଚ କରନ୍ତୁ ବୋଲି ସିଏଆଇଟି ଦାବି କରିଛି।

ଚାଇନାରୁ ହାଓଲା କାରବାର ସହାୟତାରେ ମାଲ୍ ଭାରତକୁ ଆସୁଥିବା ବେଳେ ଏଥିରେ ବନ୍ଦରର କିଛି ଅସାଧୁ ଅଧିକାରୀ ଓ କର୍ମଚାରୀ ସାମିଲ ଅଛନ୍ତି ବୋଲି ସିଏଆଇଟି କହିଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଚାଇନାରୁ ଆସୁଥିବା ସାମଗ୍ରୀ ପାଇଁ ଉତ୍ପାଦ ଖର୍ଚ୍ଚଠାରୁ କମ୍ ମୂଲ୍ୟରେ ବିଲ୍ ତିଆରି କରାଯାଉଛି। ସେହି ଅନୁସାରେ ଏହା ଉପରେ ସୀମା ଶୁଳ୍କ ଓ ଆଇଜିଏସ୍‌ଟି ପ୍ରଦାନ କରାଯାଉଛି। ଏହି କାରଣରୁ ସରକାର କୋଟି କୋଟି ଟଙ୍କା ରାଜସ୍ୱ ବାବଦରେ କ୍ଷତି ସହୁଛନ୍ତି। ସିଏଆଇଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ସି.ଭରତିଆ ଏବଂ ମହାସଚିବ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି ଯେ, ଚାଇନାରୁ ଆମଦାନୀ ହେଉଥିବା ଅଧିକାଂଶ ସାମଗ୍ରୀରେ କମ୍ ମୂଲ୍ୟ ଦର୍ଶାଯାଉଛି। ଅଧିକାଂଶ ମାମଲାରେ ଗୋଟିଏ ପ୍ରକାର ସାମଗ୍ରୀ ପାଇଁ ଅନ୍ୟପ୍ରକାର ବିଲ୍ ତିଆରି ହେଉଛି। ଏହାଦ୍ୱାରା ସୀମା ଶୁଳ୍କ ଓ ଆଇଜିଏସ୍‌ଟି କମ୍ ଦେବାକୁ ପଡୁଥିବାରୁ ଚାଇନା ସାମଗ୍ରୀଗୁଡ଼ିକ ଶସ୍ତାରେ ବଜାରରେ ଉପଲବ୍ଧ ହେଉଛି। ଏଣୁ ଭାରତୀୟ ବନ୍ଦରଗୁଡ଼ିକରେ ଚାଇନାରୁ ଆସୁଥିବା ସାମଗ୍ରୀଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ହେବ। ସେମାନେ କହିଛନ୍ତି ଯେ, ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ଆମଦାନୀକାରୀଙ୍କ ଭିତିରିଆ ସମ୍ପର୍କ ରହିଛି। ଫଳରେ ଦୀର୍ଘଦିନ ହେଲା ହାଓଲା କାରବାର ଜରିଆରେ ଚାଇନାରୁ ମାଲ୍ ଆସୁଛି। ସେମାନେ କହିଛନ୍ତି ଯେ, ଚାଇନାରୁ ମାଲ୍ ଆମଦାନୀ କରୁଥିବା ବ୍ୟକ୍ତିବିଶେଷ ଜିଏସ୍‌ଟି ଆଇନ ଅନୁଯାୟୀ ଏହା ଦାବି କରୁନାହାନ୍ତି। କାରଣ ସମସ୍ତ ମାଲ୍‌କୁ ସେମାନେ ବଜାରରେ ବିକ୍ରି କରିଦେଉଛନ୍ତି। ଏହି କାରଣରୁ ଚାଇନା ସାମଗ୍ରୀଗୁଡ଼ିକ ଭାରତୀୟ ସାମଗ୍ରୀ ଅପେକ୍ଷା ଶସ୍ତାରେ ବିକ୍ରି ହୋଇପାରୁଛି। ଏହି ମାମଲା ଦେଶର ସୁରକ୍ଷା ସହ ଜଡ଼ିତ ଥିବାରୁ ସରକାରଙ୍କୁ ଗମ୍ଭୀରତାର ସହ ଏହାର ତଦନ୍ତ କରିବା ଜରୁରୀ। ଉଦାହରଣ ଦେଇ ସେମାନେ କହିଛନ୍ତି ଯେ, ଚାଇନାରୁ ଆସୁଥିବା ସାମଗ୍ରୀକୁ ଘୋଷିତ ମୂଲ୍ୟଠାରୁ ୫୦% ଅଧିକ ଦରରେ ସରକାର ନିଲାମ କଲେ ପୂରା ଗୋଲକଧନ୍ଦାର ପର୍ଦ୍ଦାଫାଶ ହୋଇଯିବ।

ଏଆର୍‌ଆର୍‌ସିରେ ହୋଣ୍ଡା ଟିମ୍‌ର ଉନ୍ନତ ପ୍ରଦର୍ଶନ

ନୂଆଦିଲ୍ଲୀ,୧୭–୩

ସେପାଙ୍ଗ ଅନ୍ତର୍ଜାତୀୟ କ୍ରିକେଟ ସର୍କିଟ ଟ୍ରାକରେ ଅନୁଷ୍ଠିତ ୨୦୧୯ ଫିମ୍ ଏସିଆ ରୋଡ ରେସିଂ ଚାମ୍ପିୟନଶିପ (ଏଆର୍‌ଆର୍‌ସି)ରେ ହୋଣ୍ଡା ମୋଟରସାଇକେଲ ଇଣ୍ଡିଆ ଲିମିଟେଡର ଟିମ୍ ଉନ୍ନତ ପ୍ରଦର୍ଶନ କରିଛନ୍ତି। ଏହାର ଲଗାତାର ଦ୍ୱିତୀୟ ରେସିଂରେ ଭାରତୀୟ ଚାଳକ ରାଜୀବ ସେଥୁଙ୍କୁ ସଫଳତା ମିଳିଛି। ଏଥିଲାଗି ହୋଣ୍ଡା ଇଡେମିତସୁ ରେସିଂ ଦଳକୁ ଅତିରିକ୍ତ ୩ ପଏଣ୍ଟ ମିଳିଛି। ଉଦ୍‌ଘାଟନୀ ପର୍ଯ୍ୟାୟ ଶେଷ ସୁଦ୍ଧା ହୋଣ୍ଡା ଦଳକୁ ସିଙ୍ଗଲ ରାଉଣ୍ଡରେ ଦୁଇ ଅଙ୍କ ପଏଣ୍ଟ ମିଳିଛି। ଉଦ୍‌ଘାଟନୀ ପର୍ଯ୍ୟାୟରେ ଦଳ ୧୦ ପଏଣ୍ଟ ହାସଲ କରିଛି। ହୋଣ୍ଡାର ଭାରତୀୟ ଦଳ ଏପି ୨୫୦ ଶ୍ରେଣୀରେ ପ୍ରଥମ ୬ଟି ଦଳରେ ନିଜକୁ ସାମିଲ କରିପାରିଛି। ଏହା ସହ ଟିମ୍ ନିଜ ସ୍ଥିତିକୁ ଦୃଢ କରିବାକୁ ସକ୍ଷମ ହୋଇଛି। ଟିମ୍‌ର ଉଦ୍ୟମ ଏବଂ ସଫଳତା ପାଇଁ ଗର୍ବିତ ବୋଲି କମ୍ପାନୀର ବ୍ରାଣ୍ଡ ଏବଂ ଯୋଗାଯୋଗ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

ଆଇଡିବିଆଇ ବ୍ୟାଙ୍କ ନାଁ ବଦଳ ସପକ୍ଷରେ ନାହିଁ ଆର୍‌ବିଆଇ

ମୁମ୍ବାଇ,୧୭–୩

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଆଇଡିବିଆଇ ବ୍ୟାଙ୍କକୁ ଅଧିଗ୍ରହଣ କରିବା ପରେ ଏହାର ନାମ ପରିବର୍ତ୍ତନ କରିବା ନେଇ ଚର୍ଚ୍ଚା ହେଉଛି। ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହା ସପକ୍ଷରେ ନ ଥିବା ଜଣାପଡିଛି। ଆଇଡିବିଆଇ ବ୍ୟାଙ୍କ ବୋର୍ଡ ଗତ ମାସରେ ଏହାର ନାମ ବଦଳାଇ ଏଲ୍‌ଆଇସି ଆଇଡିବିଆଇ ବ୍ୟାଙ୍କ ଅଥବା ଏଲ୍‌ଆଇସି ବ୍ୟାଙ୍କ କରିବା ଲାଗି ଏକ ପ୍ରସ୍ତାବ ଆଗତ କରିଥିଲା। ତେବେ ଆର୍‌ବିଆଇ ଏଭଳି ପ୍ରସ୍ତାବକୁ ସମର୍ଥନ କରିବ ନାହିଁ ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ଆଇଡିବିଆଇ ବ୍ୟାଙ୍କ ନାମ ବଦଳାଇବାକୁ ହେଲେ ଏହାକୁ ଆର୍‌ବିଆଇ, କେନ୍ଦ୍ର କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ, ଶେୟାରଧାରୀ, ଶେୟାର ବଜାର ସମେତ ଅନ୍ୟ ନିୟାମକଙ୍କ ମଞ୍ଜୁରୀ ନେବାକୁ ହେବ। ସୂଚନାଥାଉ କି, ଆଇଡିବିଆଇ ବ୍ୟାଙ୍କର ୫୧% ଅଂଶଧନ କିଣିବା ପରେ ବର୍ତ୍ତମାନ ଏଲ୍‌ଆଇସି ଏହାର ମାଲିକ ହୋଇଛି। ଗତବର୍ଷ ଅଗଷ୍ଟରେ କେନ୍ଦ୍ର କ୍ୟାବିନେଟ ଏହି ଅଧିଗ୍ରହଣକୁ ଅନୁମତି ପ୍ରଦାନ କରିଥିଲା।

■ ଆର୍‌କମ୍ ଉପରେ ୭୦୦କୋଟି ବକେୟା

ଏନ୍‌ସିଏଲ୍‌ଟିଙ୍କ ଦ୍ୱାରସ୍ଥ ହେବ ବିଏସ୍‌ଏନ୍‌ଏଲ

ନୂଆଦିଲ୍ଲୀ,୧୭–୩

ରିଲାଏନ୍ସ କମ୍ୟୁନିକେଶନ୍ସ(ଆର୍‌କମ୍) ଉପରେ ଗୋଟିଏ ପରେ ଗୋଟିଏ ବିପଦ ମାଡି ଆସୁଛି। ବକେୟା ୭୦୦ କୋଟି ଟଙ୍କା ଆଦାୟ କରିବା ଲାଗି ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍) ଚଳିତ ସପ୍ତାହରେ ରାଷ୍ଟ୍ରୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଟି)ରେ ମାମଲା ଦାଏର କରିବ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଇତିପୂର୍ବେ ଆର୍‌କମ ଏନସିଏଲ୍‌ଏଟିରେ ଏକ ଆବେଦନ ଦାଖଲ କରି ନିଜକୁ ଦେବାଳିଆ ପ୍ରକ୍ରିୟାରେ ସାମିଲ କରିବାକୁ ଆଗ୍ରହ ପ୍ରକାଶ କରିଛି। ଏହାଦ୍ୱାରା କମ୍ପାନୀ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ସମ୍ପତ୍ତି ବିକି ବକେୟା ପରିଶୋଧ କରିପାରିବ ବୋଲି କହିଛି। ଆଇଟି ରିଟର୍ନ ବାବଦରେ ମିଳିଥିବା ୨୬୦ କୋଟି ଟଙ୍କା ଏବେ ଏସ୍‌ବିଆଇ ନିକଟରେ ପଡି ରହିଥିବା ବେଳେ ଏହି ଅର୍ଥକୁ ଏରିକସନ କମ୍ପାନୀକୁ ଦେବା ଲାଗି ନିର୍ଦ୍ଦେଶ ଦେବାକୁ ଆର୍‌କମ୍ ଏନସିଏଲ୍‌ଏଟିରେ ଆବେଦନ କରିଥିଲା। କିନ୍ତୁ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଛି। ସୂଚନାଥାଉ କି, ବକେୟା ଦେବାରେ ବିଳମ୍ବ କରିବାରୁ ବିଏସ୍‌ଏନ୍‌ଏଲ୍ ଇତିପୂର୍ବେ ଆର୍‌କମ୍ ଦ୍ୱାରା ଜମା କରାଯାଇଥିବା ୧୦୦ କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟିକୁ ଭଙ୍ଗେଇ ସାରିଛି। ତେବେ ବିଏସ୍‌ଏନ୍‌ଏଲ୍ ସିଏମ୍‌ଡି ଅନୁପମ ଶ୍ରୀବାସ୍ତବ ବକେୟା ୭୦୦ କୋଟି ଟଙ୍କା ଆଦାୟ ଲାଗି ନିଷ୍ପତ୍ତି ନେଇଛନ୍ତି। ସୂଚନାଥାଉ କି, ଆର୍‌କମ୍ ଏବେ ୪୫୩ କୋଟି ଟଙ୍କା ବକେୟା ବାବଦରେ ଏରିକସନକୁ ଦେବ। ଏଥିପାଇଁ ସୁପ୍ରିମକୋର୍ଟ ୧୯ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି।

ମଲ୍ଟି ବ୍ରାଣ୍ଡ ଦୁଇଚକିଆ ସର୍ଭିସିଂରେ ମହିନ୍ଦ୍ରା ଫାଷ୍ଟ ଚଏସ୍

ନୂଆଦିଲ୍ଲୀ,୧୭–୩: ମହିନ୍ଦ୍ରା ଫାଷ୍ଟ ଚଏସ୍ ସର୍ଭିସ ମଲ୍ଟି ବ୍ରାଣ୍ଡ ଦୁଇଚକିଆ ସର୍ଭିସିଂ ବ୍ୟବସାୟରେ ପ୍ରବେଶ କରିଛି। ମଲ୍ଟି ବ୍ରାଣ୍ଡ କାର୍ ବିକ୍ରି କ୍ଷେତ୍ରରେ ଏହା ନିଜକୁ ଏକ ମାର୍କେଟ ଲିଡର ଭାବେ ପ୍ରତିଷ୍ଠିତ କରାଇ ପାରିଛି। କମ୍ପାନୀର ୨୫ ରାଜ୍ୟରେ ଏକ ସୁଦୃଢ ନେଟୱର୍କ ରହିଛି। ଏହା ୨୫୦ରୁ ଅଧିକ ସହରରେ ୩୩୦ ସର୍ଭିସ ୱାର୍କଶପ ସହ ସେବା ଯୋଗାଉଛି। ଦୁଇଚକିଆ ସର୍ଭିସ କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନରେ ରହିବା ପାଇଁ ଜିଲା ତଥା ତହସିଲ ସ୍ତରରେ ଏହା ୱାର୍କଶପ ଖୋଲିବାକୁ ଯୋଜନା କରିଛି। ଦୁଇଚକିଆ ଯାନ ସର୍ଭିସିଂର ସୁପରିଚାଳନା ଲାଗି ଯୋଜନା ହାତକୁ ନେଇଥିବା କମ୍ପାନୀର ସିଇଓ ୱାଇଭିଏସ୍ ବିଜୟ କୁମାର କହିଛନ୍ତି।

ଆଦିତ୍ୟ ହ୍ୟୁଣ୍ଡାଇରେ ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର,୧୭–୩

ତମାଣ୍ଡୋସ୍ଥିତ ଆଦିତ୍ୟ ହ୍ୟୁଣ୍ଡାଇ ଶୋ'ରୁମଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଦିତ୍ୟ ଗ୍ରୁପର ଏଭିପି ହରମୋହନ ମହାନ୍ତି ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳା କର୍ମଚାରୀଙ୍କ ଲାଗି ବିଭିନ୍ନ ପ୍ରୋତ୍ସାହନମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଦେଶ ଗଠନରେ ମହିଳା ଶ୍ରମ ଶକ୍ତିର ଭୂମିକା ଉପରେ ଏକ ଆଲୋଚନା ଏହି ଅବସରରେ ଅନୁଷ୍ଠିତ ହୋଇଥିଲା। ମହିଳା ଗ୍ରାହକ ଏବଂ କର୍ମଚାରୀଙ୍କ ଉନ୍ନତୀକରଣକୁ ଧ୍ୟାନରେ ରଖାଯାଇଥିବା ଶୋ'ରୁମ ପକ୍ଷରୁ କୁହାଯାଇଛି।

ହିନ୍ଦୁସ୍ତାନ ଜୁଏଲର୍ସର ସ୍ୱର୍ଣ୍ଣମୁଦ୍ରା ଉପହାର ଯୋଜନା

ଭୁବନେଶ୍ୱର,୧୭–୩

ହିନ୍ଦୁସ୍ତାନ ଜୁଏଲର୍ସ ପକ୍ଷରୁ ଏହାର ଗ୍ରାହକଙ୍କ ଲାଗି ସ୍ୱର୍ଣ୍ଣମୁଦ୍ରା ଉପହାର ଯୋଜନା ଆରମ୍ଭ ହୋଇଛି। ୫,୦୦୦ ଟଙ୍କାରୁ ଅଧିକ ମୂଲ୍ୟର କ୍ରୟ ଉପରେ ଲକି ଡ୍ର ମାଧ୍ୟମରେ ଏହି ପୁରସ୍କାର ଗ୍ରାହକ ପାଇପାରିବେ। ବାପୁଜୀ ନଗରସ୍ଥିତ ଶୋ'ରୁମରେ ଗ୍ରାହକ ସ୍ୱର୍ଣ୍ଣମୁଦ୍ରା ଜିତିବାର ସୁଯୋଗ ପାଇଛନ୍ତି। ଝାରପଡା ଏବଂ ଢେଙ୍କାନାଳ ଶୋ'ରୁମରେ ଏହା ଗ୍ରାହକଙ୍କୁ ପ୍ରଦାନ କରାଯିବାର ଯୋଜନା ରହିଛି। ଏହି ଯୋଜନା ସଫଳ ଭାବେ କାର୍ଯ୍ୟକାରୀ କରାଯାଇଥିବା ବେଳେ ଆଗାମୀ ଦିନରେ ମଧ୍ୟ ଆକର୍ଷଣୀୟ ଯୋଜନା ହାତକୁ ନିଆଯିବ ବୋଲି ଏହାର ନିର୍ଦ୍ଦେଶକ ବସନ୍ତ ଲାଲ ବର୍ମା ସୂଚନା ଦେଇଛନ୍ତି।

କେମ୍ବ୍ରିଜ ଆନାଲିଟିକା ଡାଟା ଚୋରି ଫେସ୍‌ବୁକ୍‌କୁ ଜଣାଥିଲା

ଲଣ୍ଡନ,୧୭–୩

ପ୍ରଘଟ ହୋଇଛି ନୂଆ ତଥ୍ୟ

କେମ୍ବ୍ରିଜ ଆନାଲିଟିକା ଦ୍ୱାରା ଡାଟା ଚୋରି ସଂକ୍ରାନ୍ତରେ ଫେସବୁକ୍‌ର କିଛି ଅଧିକାରୀ ଜାଣିଥିଲେ ବୋଲି ଆମେରିକାର ସଂଘୀୟ ସରକାରୀ ଓକିଲ ତଦନ୍ତ କରି ଜାଣିପାରିଛନ୍ତି। ଏ ସଂକ୍ରାନ୍ତରେ 'ଦ ଅବଜରଭର୍‌ରେ ରବିବାର ଏକ ରିପୋର୍ଟ ପ୍ରକାଶ ପାଇବା ପରେ ବିଶ୍ୱର ସର୍ବବୃହତ ସୋସିଆଲ ମିଡିଆ କମ୍ପାନୀର ଅଡୁଆ ବଢ଼ିଯାଇଛି।

କେମ୍ବ୍ରିଜ ଆନାଲିଟିକା ସହ ଏହାର ସମ୍ପର୍କ ବିଷୟରେ ଫେସବୁକ ଲୁଚାଇଥିଲା କି ନା ସେ ସମ୍ପର୍କରେ ସଂଘୀୟ ସରକାରୀ ଓକିଲ ଏବେ ଯାଞ୍ଚ ଆରମ୍ଭ କରିଛି। ରିପୋର୍ଟରେ କୁହାଯାଇଛି ଯେ, କେମ୍ବ୍ରିଜ ଆନାଲିଟିକାର ହ୍ୱ

ଖେଳ ଅବା ରାଜନୀତି କ୍ଷେତ୍ରରେ ହେଉ କ୍ରୀଡ଼ାବିତ୍‌ମାନଙ୍କର ଦେଶ ପାଇଁ କିଛି କରିଦେଖାଇବା ମନୋବୃତ୍ତି ରହିବା ଉଚିତ୍ ।
–ରାଜ୍ୟବର୍ଦ୍ଧନ ସିଂ ରାଠୋର, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ

ଆମ ବିଶ୍ୱକପ୍ ଦଳରେ ଦକ୍ଷିଣ ଆଫ୍ରିକା ଟୁର୍‌ରୁ ବାଦ୍ ପଡ଼ିଥିବା ଆଞ୍ଜେଲୋ ମାଥ୍ୟୁସ ଓ ଦୀନେଶ ଚାଣ୍ଡିମଲଙ୍କ ଭଳି ଖେଳାଳିଙ୍କୁ ସ୍ଥାନ ମିଳିପାରେ ।
–ଲସିଥ୍ ମାଲିଙ୍ଗା, ଶ୍ରୀଲଙ୍କା କ୍ରିକେଟ ଅଧିନାୟକ

ସଂକ୍ଷେପରେ

ଗୁଜରାଟକୁ ପରାସ୍ତ କଲା ଓଡ଼ିଶା

ଭୁବନେଶ୍ୱର, ୧୭।୩(ସ୍ପୋର୍ଟ୍ସ ବ୍ୟୁରୋ): ସୁରତର ଲାଲ ଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚ୍‌ରେ ଓଡ଼ିଶା ୩୭ ରନରେ ଘରୋଇ ଗୁଜରାଟକୁ ପରାସ୍ତ କରିଛି। ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଓପନର୍ କାଜଲ ଜେନା (୫୧ ରନ, ୪ ଚୌକା)ଙ୍କ ଅର୍ଦ୍ଧଶତକ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ୍ ହରାଇ ୧୮୧ ରନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ପୁନମ ନାୟକ ୪୬, ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୪୦ ଓ ଶେଷ ଭାଗରେ ଇନ୍ଦ୍ରାଣୀ ଛତ୍ରିଆ ୧୬ ରନ କରି ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ହୀରାଲବେନ ସୋଲାଙ୍କି ୩ ଓ କୃତିକାବେନ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଗୁଜରାଟ ଅଧିନାୟିକା ରେଣୁକା ଚୌଧୁରୀଙ୍କ ୬୬ ରନ ସତ୍ତ୍ୱେ ୪୭.୩ ଓଭରରେ ୧୪୪ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ୮ଜଣ ଖେଳାଳି ୨ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଜୟୀ ଦଳ ପକ୍ଷରୁ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ (୧୦-୩-୧୭-୩) ସୁନ୍ଦର ବୋଲିଂ କରିଥିଲେ। ବର୍ଷାରାଣୀ ସିଂ ମଧ୍ୟ ୩ଟି ଉଇକେଟ୍ ନେଇଥିଲେ। ବିଜୟ ସହ ଓଡ଼ିଶାକୁ ୪ ପଏଣ୍ଟ ଓ ଗୁଜରାଟକୁ କୌଣସି ପଏଣ୍ଟ ମିଳିନାହିଁ।

ବାଂଲାଦେଶ ଫିଫା କାଉନ୍‌ସିଲ ସଦସ୍ୟାଙ୍କୁ ଜେଲ୍

ଢାକା (ବାଂଲାଦେଶ), ୧୭।୩ (ଏପି): ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସମ୍ମାନ ହାନିକାରକ ମନ୍ତବ୍ୟ ଦେଇଥିବାରୁ ବାଂଲାଦେଶର ଫିଫା କାଉନ୍‌ସିଲ ସଦସ୍ୟା ମାହଫୁଜା ଅଖତର କିରନଙ୍କୁ ଜେଲ ଦଣ୍ଡ ହୋଇଛି। ଢାକାର ଜଣେ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ତାଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରିଦେଇଛନ୍ତି। କିରନ ମଧ୍ୟ ବାଂଲାଦେଶ ଫୁଟ୍‌ବଲ ଫେଡେରେଶନର ମହିଳା ଫୁଟ୍‌ବଲ ମୁଖ୍ୟ ଅଟନ୍ତି। ଗତ ମାସରେ ଏକ ଟିଭି ଟକ୍ ଶୋ'ରେ ଅଂଶଗ୍ରହଣ ପୂର୍ବକ ପ୍ରଧାନମନ୍ତ୍ରୀ ଶେଖ ହାସିନା କ୍ରିକେଟ ତୁଳନାରେ ଫୁଟ୍‌ବଲକୁ କମ୍ ଗୁରୁତ୍ୱ ଦିଅନ୍ତି ବୋଲି ମନ୍ତବ୍ୟ ଦେଇଥିଲେ। ଅବୁଲ ହସନ ଚୌଧୁରୀ ପ୍ରିନ୍ସ ନାମକ ଜଣେ କ୍ରୀଡ଼ା ଆୟୋଜକ ସେହିଦିନ ତାଙ୍କ ବିରୋଧରେ ଏକ ମାନହାନୀ ମକଦ୍ଦମା ଦାୟର କରିଥିଲେ। କିରନଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। କିରନ ୨୦୧୭ରେ ଫିଫା କାଉନ୍‌ସିଲକୁ ନିର୍ବାଚିତ ହୋଇଥିଲେ। ଏହା ପୂର୍ବରୁ ସେ ଫିଫା ମହିଳା ବିଶ୍ୱକପ୍ କାନାଡା ୨୦୧୫ ପାଇଁ ଆୟୋଜକ କମିଟିର ଜଣେ ସଦସ୍ୟା ଭାବେ କାର୍ଯ୍ୟ କରି ସାରିଛନ୍ତି। ଏହାଛଡ଼ା ସେ କାନାଡ଼ାରେ ୨୦ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ୨୦୧୪ ଏବଂ ପାପୁଆ ନ୍ୟୁ ଗିନି ୨୦୧୬ ସଂସ୍କରଣରେ ଆୟୋଜକ କମିଟି ସଦସ୍ୟା ଥିଲେ। କିରନ ଆହୁରି ମଧ୍ୟ ଏଏଫ୍‌ସିର କାର୍ଯ୍ୟନିର୍ବାହୀ କମିଟି ଏବଂ ମହିଳା କମିଟିର ଜଣେ ସଦସ୍ୟା ଅଟନ୍ତି। ମାନହାନି ମକଦ୍ଦମା କରିଥିବା ବ୍ୟକ୍ତି ଜଣକ ହେଉଛନ୍ତି ମହମ୍ମଡାନ ସ୍ପୋର୍ଟିଂ କ୍ଲବର ଜଣେ ସଦସ୍ୟ। ଦେଶର କ୍ରୀଡ଼ାପ୍ରିୟ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ମନ୍ତବ୍ୟ ଦେଇ କିରନ ସମଗ୍ର ଦେଶକୁ ଲଜ୍ଜିତ କରିଛନ୍ତି। କିରନ ଟିଭି ଶୋ'ରେ କହିଥିଲେ ଫୁଟବଲ ଓ କ୍ରିକେଟ ପ୍ରତି ପ୍ରଧାନମନ୍ତ୍ରୀ ଦୋ ମୁହାଁ ନୀତି ଅବଲମ୍ବନ କରୁଛନ୍ତି। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସେ କ୍ରିକେଟକୁ ଗୁରୁତ୍ୱ ଦେଉଥିବାବେଳେ ଫୁଟ୍‌ବଲ ପ୍ରତି ଅବହେଳା କରୁଛନ୍ତି।

ଭାରତ ହାତରୁ ଗଲା ଜୁନିୟର ଏସିଆନ୍ ରେସଲିଂ ଚାମ୍ପିୟନଶିପ୍

ନୂଆଦିଲ୍ଲୀ, ୧୭।୩(ପିଟି): ପାକିସ୍ତାନ ସହ ତିକ୍ତତା ଯୋଗୁ ଭାରତକୁ ଜୁନିୟର ଏସିଆନ ରେସଲିଂ ଚାମ୍ପିୟନଶିପ ଆୟୋଜନ ଅଧିକାର ହାତ ଛଡ଼ା କରିବାକୁ ପଡ଼ିଛି। ବିଶ୍ୱ ରେସଲିଂ ସଂସ୍ଥା ୟୁଡବ୍ଲ୍ୟୁଡବ୍ଲ୍ୟୁ ଏହି ଚାମ୍ପିୟନଶିପ ଆୟୋଜନ ଅଧିକାର ଭାରତଠାରୁ ପ୍ରତ୍ୟାହାର କରିନେଇଛି। ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରଠାରୁ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ତିକ୍ତତା ଲାଗି ରହିଛି। ଦେଶରେ ଆୟୋଜିତ ଶୁଟିଂ ବିଶ୍ୱକପ୍‌ରେ ୩ ପାକିସ୍ତାନ ଶୁଟରଙ୍କୁ ଭିଜା ଦିଆଯାଇ ନ ଥିଲା। ଏଥିଯୋଗୁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଭାରତୀୟ ଅଲିମ୍ପିକ୍ ଆସୋସିଏଶନକୁ ନିନ୍ଦା କରିଥିଲା। ଏହି ଘଟଣା ପରେ ୟୁଡବ୍ଲ୍ୟୁଡବ୍ଲ୍ୟୁ ଥାଇଲାଣ୍ଡକୁ ଏସିଆନ ଜୁନିୟର ରେସଲିଂ ଚାମ୍ପିୟନଶିପ ଆୟୋଜନ ଅଧିକାର ଦେଇଛି। ସରକାରଙ୍କ ପକ୍ଷରୁ ପାକିସ୍ତାନ ଆଥ୍‌ଲେଟ୍‌ଙ୍କୁ ଭିଜା ସମ୍ପର୍କରେ ଶୀଘ୍ର କିଛି କରାଯିବ ଦରକାର। ନ ହେଲେ ଭବିଷ୍ୟତରେ ଭାରତ କୌଣସି ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ କରିପାରିବ ନାହିଁବୋଲି ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ଆସିଣ୍ଟାଣ୍ଟ ସେକ୍ରେଟାରୀ ବିନୋଦ ତୋମାର କହିଛନ୍ତି।

ରଶ୍ମିତା, ଅଶୋକାନନ୍ଦଙ୍କୁ କମଲ ଗାଙ୍ଗୁଲି କ୍ରୀଡ଼ା ସମ୍ମାନ

କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର ବିଜେତା କ୍ରୀଡ଼ାବିତ୍‌ଙ୍କ ସହ ଅତିଥି ଓ ସହିଦ ସ୍ପୋର୍ଟିଂ ଦଳର ଖେଳାଳିମାନେ ।

ଭୁବନେଶ୍ୱର, ୧୭।୩(ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱରର ଅଗ୍ରଣୀ କ୍ରୀଡ଼ା ସଙ୍ଗଠନ ସହିଦ୍ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରବିବାର ସମ୍ମାନଜନକ କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ସମର୍ପିତ କୋଚ୍ ଓ କ୍ରୀଡ଼ା ପ୍ରଶାସକ, ଯେଉଁମାନଙ୍କ ପରିଶ୍ରମ ବଳରେ ଓଡ଼ିଶା କ୍ରୀଡ଼ା ଶକ୍ତି ହେବାରେ ଅଗ୍ରସର ସେମାନଙ୍କୁ ସମ୍ମାନିତ କରିବା ଲକ୍ଷ୍ୟରେ ସହିଦ୍ ସ୍ପୋର୍ଟିଂ ପକ୍ଷରୁ ୨୦୧୨ରୁ ଏହି କ୍ରୀଡ଼ା ସମ୍ମାନ ପ୍ରଦାନ କରାଯାଇ ଆସୁଛି।

୨୦୧୮-୧୯ ବର୍ଷ ପାଇଁ ମହିଳା କ୍ରିକେଟ୍ କୋଚ୍ ସୁଶ୍ରୀ ରଶ୍ମିତା ମହାନ୍ତିଙ୍କୁ କମଲ ଗାଙ୍ଗୁଲି ସ୍ମାରକୀ କୋଚ୍ ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ରାଜ୍ୟ ରଣଜୀ ଦଳର ପ୍ରାକ୍ତନ ଅଧିନାୟକ ଅଶୋକାନନ୍ଦ ଜେନାଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। କିଟ୍ କ୍ରୀଡ଼ା ବିଭାଗରେ କାର୍ଯ୍ୟରତ ରଶ୍ମିତା ମହାନ୍ତି ରାଜ୍ୟ ମହିଳା କ୍ରିକେଟ ଦଳର କୋଚ୍ ଦାୟିତ୍ୱ ତୁଲାଉଛନ୍ତି। କ୍ରିକେଟ କୋଚିଂ ତାଲିମ ନେବାରେ ସେ ରାଜ୍ୟର ପ୍ରଥମ ମହିଳା କୋଚ୍ ଥିଲେ। 'ଏହିଭଳି ଏକ ସମ୍ମାନଜନକ ପୁରସ୍କାର ପାଇଥିବାରୁ ବହୁତ ଖୁସି ଲାଗୁଛି। ଏହା ଆମର ମନୋବଳ ବଢ଼ାଇବା ପାଇଁ ବେଶ୍ ସହାୟକ ହେବ। ଆଗାମୀ ଦିନରେ ରାଜ୍ୟ ପାଇଁ ଆହୁରି ଅଧିକରୁ ଅଧିକ ଉଦୀୟମାନ ଖେଳାଳି ସୃଷ୍ଟି କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବୁ' ବୋଲି ରଶ୍ମିତା ଏହି ଅବସରରେ କହିଛନ୍ତି। ଏଭଳି ସମ୍ମାନଜନକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିବାରୁ ଅଶୋକାନନ୍ଦ ଆୟୋଜକ ସହିଦ୍ ସ୍ପୋର୍ଟିଂ କ୍ଲବକୁ ଧନ୍ୟବାଦ୍ ଦେଇଛନ୍ତି। ଅପରପକ୍ଷରେ ୨୦୧୮-୧୯ ସିଜନରେ ରାଜ୍ୟର ବିଭିନ୍ନ ଦଳ ପକ୍ଷରୁ ଖେଳିଥିବା କିଛି ଯୁବ କ୍ରିକେଟରଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ରାଜ୍ୟ ୧୯ ବର୍ଷରୁ କମ୍ ଦଳରୁ ପ୍ରତିନିଧିତ୍ୱ କରୁଥିବା ଶୁଭମ ଶତ୍ରୁଜିତ୍, ଜ୍ୟୋତିରଞ୍ଜନ ବେହେରା, ମାନସ ରଞ୍ଜନ ବେହେରା, ଆୟୁଷ ନାୟକ, ନିହାର ରଞ୍ଜନ ଭୂୟାଁ, ସନ୍ଦୀପ ଚୌହାନ, ଆର୍ଯ୍ୟ ଜେନା, ଆଶୁତୋଷ ନାୟକ, ରାଜ୍ୟ ୧୬ ବର୍ଷରୁ କମ୍ ଦଳରୁ ଖେଳିଥିବା ଆଶୁତୋଷ ଛୁରିଆ, ଶ୍ରେଷ୍ଠ ସିଂ, ବିଶ୍ୱ ବିଭବ ମୁଦୁଲି, ରାଜଦୀପ ରୋହନ ଦାସ, ପାର୍ଥ ସାରଥି ନାୟକ (ଉତ୍କଳ ବିଶ୍ୱବିଦ୍ୟାଳୟ ଟିମ୍), ଆଶୁତୋଷ କୁମାର (ସୋଆ ବିଶ୍ୱବିଦ୍ୟାଳୟ), ଆଶୁତୋଷ ଛୁରିଆ ଓ ବାଦଲ ଦାସ (ରାଜ୍ୟ କାଉନସିଲ ଦଳ), ସୁବୁନ ଜେନା ଓ ଶ୍ରେଷ୍ଠ ସିଂ (ଆନ୍ତଃ ଜୋନ ସ୍କୁଲ) ଏବଂ ରୋଶନ ଶର୍ମା (+୨ କାଉନସିଲ୍ ଟିମ୍)। ସେହିଭଳି ଉମାନାଥ ମିଶ୍ରଙ୍କୁ ସହିଦ୍ ସ୍ପୋର୍ଟିଂ ପକ୍ଷରୁ ଲାଇଫ୍ ମେମ୍ବର କରାଯାଇଥିଲା।

କ୍ଲବ ପରିସରରେ ଆୟୋଜିତ ସ୍ୱତନ୍ତ୍ର କ୍ରୀଡ଼ା ସମ୍ମାନ ଉତ୍ସବରେ ସହିଦ୍ ସ୍ପୋର୍ଟିଂ କ୍ଲବର ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତା କରିଥିଲେ। ବିଧାୟକ ବିଜୟ ମହାନ୍ତି, ମାରୁତି ଇଷ୍ଟେଟ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂ, କର୍ପୋରେଟର ଶାଶ୍ୱତୀ ମିଶ୍ର, ଉମାନାଥ ମିଶ୍ର ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ରଣଜୀ ଦଳର ପ୍ରାକ୍ତନ କ୍ରିକେଟର ପି. ଜୟଚନ୍ଦ୍ର, ଦେବାଶିଷ ମହାନ୍ତି, ସୌରଭ ସେହଗଲ, ରଶ୍ମିରଞ୍ଜନ ପରିଡ଼ା, ମନୋଜ ବିଶ୍ୱାଳ, ପ୍ରବୋଧ ଦାସ, ସତ୍ୟବ୍ରତ ଘୋଷ, ସୁବ୍ରତ ଘୋଷଙ୍କୁ ସହିଦ୍ ସ୍ପୋର୍ଟିଂ ପକ୍ଷରୁ ବିଶେଷ ପୁରସ୍କାର ପ୍ରଦାନ କରାଯାଇଥିଲା। ଦେବାଶିଷ, ସୌରଭ ଓ ରଶ୍ମିରଞ୍ଜନ ଅନୁପସ୍ଥିତ ରହିଥିବାରୁ ପୁରସ୍କାର ଗ୍ରହଣ କରିପାରି ନ ଥିଲେ। ସମ୍ମିତ ମହାପାତ୍ର ଏଥିରେ ସଂଯୋଜନା କରିଥିଲେ। ଏହି ଅବସରରେ ସହିଦ୍ ସ୍ପୋର୍ଟିଂର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

ଆଇପିଏଲ: ସ୍ମିଥ୍ ରାଜସ୍ଥାନ କ୍ୟାମ୍ପରେ ଯୋଗଦେଲେ

ନୂଆଦିଲ୍ଲୀ, ୧୭।୩(ପି.ଟି.)

ଅଷ୍ଟ୍ରେଲୀୟ ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ଜୟପୁରରେ ପହଞ୍ଚି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ କ୍ୟାମ୍ପରେ ଯୋଗଦେଇଛନ୍ତି। ଏହାପୂର୍ବରୁ ଅନ୍ୟ ଅଷ୍ଟ୍ରେଲୀୟ କ୍ରିକେଟରମାନେ ଦୁବାଇରେ ତାଙ୍କୁ ସ୍ୱାଗତ କରିଥିଲେ। ୨୩ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆଇପିଏଲ୍‌ରେ ସେ ରାଜସ୍ଥାନ ତରଫରୁ ପ୍ରତିନିଧିତ୍ୱ କରିବେ। ଇଂଲଣ୍ଡରେ ଆସନ୍ତା ମେ'୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ବିଶ୍ୱକପ୍ ପୂର୍ବରୁ ସେ ଅଷ୍ଟ୍ରେଲିଆ ଦଳରେ ସାମିଲ ହେବା ଲକ୍ଷ୍ୟରେ ରହିଛନ୍ତି। ରାଜସ୍ଥାନ ବ୍ରାଣ୍ଡ ଆମ୍ବାସାଡର ତଥା କିମ୍ବଦନ୍ତୀ ସ୍ପିନର ସେନ୍ ୱର୍ନ ମଧ୍ୟ ସ୍ମିଥ୍‌ଙ୍କୁ ସ୍ୱାଗତ କରିଛନ୍ତି। ଦଳରେ ସ୍ମିଥ୍ ଯୋଗଦେବା ପରେ ରାଜସ୍ଥାନ ଦଳ ଆହୁରି ଶକ୍ତିଶାଳୀ ହୋଇପାରିବ ବୋଲି ସେ କହିଛନ୍ତି। ସ୍ମିଥ୍ ଏବେ କ୍ରିକେଟ ଖେଳିବାକୁ ଓ ସଫଳତା ହାସଲ କରିବାକୁ ବ୍ୟଗ୍ର ବୋଲି ୱର୍ନ କହିଛନ୍ତି। ସ୍ମିଥ୍ ଓ ଡେଭିଡ ୱାର୍ନର ହେଉଛନ୍ତି ଆଧୁନିକ କ୍ରିକେଟର ଦୁଇ ଶ୍ରେଷ୍ଠ ଖେଳାଳି।

ସୌମ୍ୟଙ୍କୁ ୫୪ତମ ଟାଇଟଲ

ଭୁବନେଶ୍ୱର, ୧୭।୩(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ପ୍ରଥମ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଏକ ବିରଳ ରେକର୍ଡ ଦିଗରେ ଅଗ୍ରସର ହୋଇଛନ୍ତି। ରବିବାର କ୍ୟାରିୟରର ୫୪ତମ ରାଜ୍ୟସ୍ତରୀୟ ଚେସ୍ ଟାଇଟଲ ହାସଲ କରିଛନ୍ତି ଏହି ତାରକା ଖେଳାଳି। ଜଟଣୀରେ ରବିବାର ଅନୁଷ୍ଠିତ ସତ୍ୟ ସାଇ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍‌ରେ ଚାମ୍ପିୟନ ହୋଇଛନ୍ତି ସୌମ୍ୟ। ପ୍ରତିଯୋଗିତାରେ ମୋଟ ୧୦୫ ପ୍ରତିଯୋଗୀ ଥିବାବେଳେ ସେ ସମସ୍ତଙ୍କୁ ପଛରେ ପକାଇ ଦେବାରେ ସକ୍ଷମ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ସେ ୬.୫ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ରଜତ ସାହୁ ୬.୫ ପଏଣ୍ଟ ପାଇଥିଲେ ହେଁ ବୁକୋଲଜରେ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ସଞ୍ଜୀବନ ନାୟକ, ଅମରେନ୍ଦ୍ର ଖମାରି, ସ୍ୱପ୍ନିଲ ପ୍ରିୟଦର୍ଶୀ(ସମସ୍ତେ ୬ ପଏଣ୍ଟ), ଆଦିତ୍ୟ ଅନୁରକ୍ତ ମହାନ୍ତି, ରବୀନ୍ଦ୍ର ଓଝା, ପ୍ରିୟବ୍ରତ ସିଂ, ମାନସ ପରିଡ଼ା(ସମସ୍ତେ ୫.୫), ମହେଶ ସେଠୀ, ପ୍ରକାଶ ଚନ୍ଦ୍ର ସାହୁ, ଲରେନ୍ସ ପ୍ରଧାନ, ଅନନ୍ୟା ଅନାମିକା, ତନ୍ମୟ କୁମାର ଓ ଓମ୍ ଆଦିତ୍ୟ ଖାଡ଼ଙ୍ଗା (ସମସ୍ତେ ୫ ପଏଣ୍ଟ ଲେଖାଏ) ଯଥାକ୍ରମେ ୩ୟରୁ ୧୫ତମ ସ୍ଥାନରେ ରହିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ୧୦ ସ୍କୁଲ ପିଲାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୪ ଜଣଙ୍କୁ ସାନ୍ତ୍ୱନାମୂଳକ ଏବଂ ୩ ଜଣ ସ୍ଥାନୀୟ ଖେଳାଳିଙ୍କୁ ସମ୍ମାନିତ କରାଯାଇଥିଲା।

ଟ୍ରଫି ସହ ସୌମ୍ୟ ରଞ୍ଜନ ମିଶ୍ର ।

ଇଣ୍ଡିଆନ ସୁପରଲିଗ୍ ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ଦଳ ଅତିଥି ନୀତା ଅମ୍ବାନୀଙ୍କଠାରୁ ପୁରସ୍କାର ଗ୍ରହଣ କରିବା ପରେ ଖୁସି ମୁହୂର୍ତ୍ତରେ ।

ବେଙ୍ଗାଲୁରୁ ନୂଆ ଚାମ୍ପିୟନ

ଇଣ୍ଡିଆନ ସୁପର୍ ଲିଗ୍

ମୁମ୍ବାଇ, ୧୭।୩(ପି.ଟି.)

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ୫ମ ସଂସ୍କରଣରେ ବେଙ୍ଗାଲୁରୁ ଏଫ୍‌ସି ଚାମ୍ପିୟନ ହୋଇଛି। ରବିବାର ସ୍ଥାନୀୟ ମୁମ୍ବାଇ ଫୁଟ୍‌ବଲ ଏରେନାରେ ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ସୁନୀଲ ଛେତ୍ରୀଙ୍କ ନେତୃତ୍ୱାଧୀନ ବେଙ୍ଗାଲୁରୁ ଏଫ୍‌ସି ୧-୦ ଗୋଲରେ ଏଫ୍‌ସି ଗୋଆକୁ ପରାସ୍ତ କରିଛି। ଏଥିସହ ବେଙ୍ଗାଲୁରୁ ଆଇଏସ୍‌ଏଲ୍‌ରେ ନୂଆ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିଛି। ଏହି ମ୍ୟାଚ୍‌ରେ ଉଭୟ ଦଳ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଫଳରେ ମ୍ୟାଚ୍‌ର ନିର୍ଦ୍ଧାରିତ ୯୦ ମିନିଟ୍ ସମୟସୀମା ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। କିନ୍ତୁ ଇଞ୍ଜୁରି ଟାଇମ୍ ଭାବେ ମିଳିଥିବା ଅତିରିକ୍ତ ୪ ମିନିଟ୍ ବେଙ୍ଗାଲୁରୁ ସପକ୍ଷରେ ଯାଇଥିଲା। ଅନ୍ତିମ ମିନିଟ୍‌ର ଖେଳ ଚାଲିଥିବାବେଳେ ବେଙ୍ଗାଲୁରୁର ୨୮ ବର୍ଷୀୟ ଡିଫେଣ୍ଡର ରାହୁଲ ବେକେ ହେଡ୍ ଜରିଆରେ ବଲ୍‌କୁ ଗୋଆ ନେଟ୍ ମଧ୍ୟକୁ ପଠାଇ ଦଳୀୟ କ୍ୟାମ୍ପରେ ଖୁସିର ଲହରି ଖେଳାଇ ଦେଇଥିଲେ। ଡିମାସ ଡେଲଗାଡୋଙ୍କ କର୍ନର କିକ୍‌କୁ କୌଣସି ତ୍ରୁଟି ନ କରି ରାହୁଲ ହେଡ୍ ଜରିଆରେ ଏହି ଗୋଲଟି କରିଥିଲେ। ଗୋଆ ମିଡ୍‌ଫିଲ୍ଡର ଅହମ୍ମଦ ଜାହୋଉ ମ୍ୟାଚ୍‌ରେ ୨ଥର ୟେଲୋ କାର୍ଡ ପାଇ ପଡ଼ିଆ ଛାଡ଼ିଥିଲେ। ଫଳରେ ଗୋଆ ୧୦ଜଣରେ ଖେଳିଥିଲା। ଯାହାର ଫାଇଦା ବେଙ୍ଗାଲୁରୁ ଉଠାଇଥିଲା। ଉଲ୍ଲେଖଯୋଗ୍ୟ, ଆଟ୍‌ଲେଟିକୋ ଡି କୋଲକାତା ୨୦୧୪ରେ ଅନୁଷ୍ଠିତ ଉଦ୍‌ଘାଟନୀ ସଂସ୍କରଣରେ ଚାମ୍ପିୟନ ହୋଇଥିବାବେଳେ ଚେନ୍ନାଇନ (୨୦୧୫), ଆଟ୍‌ଲେଟିକୋ ଡି କୋଲକାତା (୨୦୧୬), ଚେନ୍ନାଇନ (୨୦୧୭-୧୮)ରେ ଟାଇଟଲ ଜିତିଥିଲେ।

ଜାଭେଲିନ୍‌ରେ ଅନୁଙ୍କ ନୂଆ ଜାତୀୟ ରେକର୍ଡ

ପଟିଆଲା, ୧୭।୩ (ପି.ଟି.)

ଏଠାରେ ଚାଲିଥିବା ଜାତୀୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଫେଡେରେଶନ କପ୍‌ରେ ଜାଭେଲିନ୍ ଥ୍ରୋୟର ଅନୁ ରାନୀ ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେ ଉଭୟ ଏସିଆନ ଓ ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉତ୍ତର ପ୍ରଦେଶରୁ ପ୍ରତିନିଧିତ୍ୱ କରୁଥିବା ରାନୀ ୬୨.୩୪ ମିଟର ଜାଭେଲିନ୍ ଫିଙ୍ଗି ୨୦୧୭ରେ ନିଜଦ୍ୱାରା ପ୍ରତିଷ୍ଠିତ ଜାତୀୟ ରେକର୍ଡ (୬୧.୫

ସଂକ୍ଷେପରେ

ବୋଟାସ ଜିତିଲେ ସିଜନ ଆରମ୍ଭ ଫର୍ମୁଲା ୱାନ୍ ଗ୍ରାଁପ୍ରି

ମେଲବୋର୍ନ,୧୭।୩ (ଏଏଫ୍‌ପି): ନିଜ ଟିମ୍‌ମେଟ୍ ତଥା ମର୍ସିଡିଜ ୱାର୍ଲ୍ଡ ଚାମ୍ପିୟନ ଲୁଇସ୍ ହାମିଲଟନଙ୍କୁ ପଛରେ ପକାଇ ଭାଲେଟେରୀ ବୋଟାସ ସିଜନ ଆରମ୍ଭ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ଫର୍ମୁଲା ୱାନ ମୋଟର ରେସିଂ ଟାଇଟଲ ହାସଲ କରିଛନ୍ତି। ସ୍ଥାନୀୟ ଆଲବର୍ଟ ପାର୍କ ସର୍କିଟଠାରେ ରବିବାର ଅନୁଷ୍ଠିତ ଏହି ରେସ୍‌ରେ ସେ ହାମିଲଟନଙ୍କଠାରୁ ୨୦.୯ସେକେଣ୍ଡ ଆଗରେ ରହି ପ୍ରଥମ ସ୍ଥାନ ଅଧିକାର କରିନେଇଥିଲେ। ଏଥିସହିତ ସେ ନୂଆ ବୋନସ ପଏଣ୍ଟ ହାସଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ବିଜୟ ବୋଲି ରେସ୍ ପରେ ବୋଟାସ୍ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ରେସ୍‌ର ମଧ୍ୟଭାଗରେ ଫେରାରିର ସେବାଷ୍ଟିଆନ ଭେଟେଲଙ୍କୁ ପଛରେ ପକାଇ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ତୃତୀୟ ହୋଇଥିଲେ। ୪ଥର ବିଶ୍ୱଚାମ୍ପିୟନ ଭେଟେଲ ବୋଟାସଙ୍କଠାରୁ ୫୭.୧ପଏଣ୍ଟ ପଛରେ ରହି ଚତୁର୍ଥ ସ୍ଥାନରେ ରହିଥିବା ବେଳେ ତାଙ୍କ ଫେରାରି ପାର୍ଟନର ଚାର୍ଲ୍ସ ଲେକ୍‌ରେକ୍ ୫ମ ଏବଂ ହାସ୍‌ର କେଭିନ୍ ମାଗ୍ନସେନ ୬ଷ୍ଠ ହୋଇଥିଲେ। ୭ମରୁ ୧୦ମ ସ୍ଥାନ ଯଥାକ୍ରମେ ନିକୋ ହକେନବର୍ଗ (ରେନଲ୍ଟ), କିମି ରାଇକୋନେନ (ଆଲ୍‌ଫା ରୋମିଓ), ଲାନ୍ସ ଷ୍ଟ୍ରୋଲ (ରେସିଂ ପଏଣ୍ଟ) ଏବଂ ଡାନିଲ କେଭ୍ୟାଟ୍ (ଟୋରୋ ରୋସୋ) ଅଧିକାର କରିଥିଲେ। ପରବର୍ତ୍ତୀ ଗ୍ରାଁ ପ୍ରି ମାର୍ଚ୍ଚ ୩୧ରେ ବାହାରିନ୍‌ରେ ହେବ।

ଅନେକଙ୍କ ଧାରଣା ଟପ୍ ଅର୍ଡରେ କେବଳ ପାୱାର ହିଟରମାନେ ସଫଳ ହୁଅନ୍ତି, କିନ୍ତୁ ମୋର ନିଜସ୍ୱ ପଦ୍ଧତି ଉପରେ ବିଶ୍ୱାସ ରହିଛି।
–ଅଜିଙ୍କ୍ୟ ରାହାନେ, ଭାରତୀୟ କ୍ରିକେଟର

ଏକ ବର୍ଷ ବାସନ୍ଦ ଦଣ୍ଡ ଶେଷ କରି ଫେରିଥିବାରୁ ଷ୍ଟିଭ୍ ସ୍ମିଥ ଆଇପିଏଲରେ ନିଜର ପାରଦର୍ଶିତା ଦେଖାଇବାକୁ ଚାହିଁବେ।
–ଶେନ୍ ୱାର୍ନ, ଅଷ୍ଟ୍ରେଲୀୟ ସ୍ପିନ୍ କିମ୍ବଦନ୍ତୀ

ସାଫ୍ ଚାମ୍ପିୟନଶିପ୍

ଭାରତ ସେମିଫାଇନାଲରେ

ବିରାଟନଗର (ନେପାଳ), ୧୭।୩ (ପି.ଟି.)

ଭାରତୀୟ ମହିଳା ଫୁଟ୍‌ବଲ ଦଳ ଏଠାରେ ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ (ସାଫ୍) ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ଶହୀଦ ରଙ୍ଗଶାଳା ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ମ୍ୟାଚରେ ଦଳ ୫-୦ ଗୋଲରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହାଦ୍ୱାରା ଭାରତ ପ୍ରତିଯୋଗିତା ଇତିହାସରେ ଖେଳିଥିବା ୨୧ଟି ଗେମ୍‌ରେ ଅପରାଜେୟ ଧାରା ବଜାୟ ରଖିବା ସହ ଗ୍ରୁପ୍ ବି'ରେ ପ୍ରଥମ ସ୍ଥାନ ଅଧିକାର କରିଛି। ବୁଧବାର ସେମିଫାଇନାଲରେ ଭାରତ ଗ୍ରୁପ୍ ଏ' ଦ୍ୱିତୀୟ ବାଂଲାଦେଶ ସହ ମୁକାବିଲା କରିବାକୁ ଥିବାବେଳେ ଅନ୍ୟ ଏକ ମ୍ୟାଚରେ ନେପାଳ ଶ୍ରୀଲଙ୍କାକୁ ଭେଟିବ। ବିଜୟୀ ଦଳ ପକ୍ଷରୁ ୫ଟି ଗୋଲ ଭିନ୍ନ ଭିନ୍ନ ଖେଳାଳି ସ୍କୋର କରିଥିଲେ। ମ୍ୟାଚରେ ସଞ୍ଜୁଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ଚାରି ଥର ଚାମ୍ପିୟନ ଭାରତ ତରଫରୁ ପ୍ରଥମ ଗୋଲ୍ ଖେଳର ଚତୁର୍ଥ ମିନିଟ୍‌ରେ ୱିଙ୍ଗର ଗ୍ରେସ୍ ଡାଙ୍ଗମେଇ ସ୍କୋର କରିଥିଲେ। ଏହାର ୩ ମିନିଟ୍ ବ୍ୟବଧାନରେ ସଞ୍ଜୁଙ୍କଠାରୁ ପାସ୍ ପାଇ ସନ୍ଧ୍ୟା ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ୧୭ତମ ମିନିଟ୍‌ରେ ଭାରତ ଏକ ସୁଯୋଗ ପାଇଥିଲା। ମାତ୍ର ଅଫ୍ ସାଇଡ୍ ଯୋଗୁ ରତ୍ନବାଳାଙ୍କ ଉଦ୍ୟମ ପଣ୍ଡ ହୋଇଯାଇଥିଲା। ସଞ୍ଜୁଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ପ୍ରଥମ ୪୫ ମିନିଟ ଖେଳରେ ଭାରତ ଆଉ ଦୁଇଟି ଗୋଲ ସ୍କୋର କରିବାରେ ସଫଳ ରହିଥିଲା। ୩୬ତମ ମିନିଟ୍‌ରେ ସଞ୍ଜୁ ଶ୍ରୀଲଙ୍କା ରକ୍ଷଣଭାଗକୁ ଭେଦ କରିବାରେ ସଫଳ ହୋଇଥିଲେ। ତାଙ୍କଠାରୁ ମିଳିଥିବା ପାସ୍‌କୁ ଗୋଲରେ ପରିଣତ କରିବାରେ ଇନ୍ଦୁମତି କୌଣସି ତ୍ରୁଟି କରି ନ ଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ହେବାକୁ ଅଳ୍ପ ସମୟ ବାକିଥିବା ବେଳେ ସଞ୍ଜୁଙ୍କ ଏକ କ୍ରସ୍ ଶ୍ରୀଲଙ୍କାର ଜଣେ ଡିଫେଣ୍ଡରଙ୍କ ହାତରେ ବାଜିଥିଲା। ରେଫରି ଭାରତ ସପକ୍ଷରେ ସ୍ପଷ୍ଟ କିକ୍ ଦେଇଥିଲେ। ସଙ୍ଗୀତା ଏହାକୁ ଗୋଲରେ ପରିଣତ କରିଥିଲେ। ଫଳରେ ମଧ୍ୟାନ୍ତର ସୁଦ୍ଧା ଭାରତ ୪-୦ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳରେ ମଧ୍ୟ ଭାରତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ଓ ଅନେକ ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲା। ଯବାମଣି ଟୁଡୁ ଏକ ଫ୍ରି-କିକ୍‌କୁ ଗୋଲରେ ପରିଣତ କରିବାରେ ସଫଳ ହୋଇଥିଲେ। ରବିବାର ଏହି ବିଜୟ ଦ୍ୱାରା ଭାରତ ସହଜରେ ୩ପଏଣ୍ଟ ହାସଲ କରିପାରିଛି।

କଟକରେ ରବିବାର ଉଦ୍‌ଯାପିତ ଜାତୀୟ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପ୍‌ର ଇଣ୍ଡିଆନ ରାଉଣ୍ଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ଝାଡ଼ଖଣ୍ଡ ମହିଳା ଓ ପୁରୁଷ ଦଳ ।

ଆଫଗାନିସ୍ତାନର ଟାର୍ଗେଟ ୧୪୭

ଡେରାଡୁନ, ୧୭।୩

ଏଠାରେ ଚାଲିଥିବା ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଆଫଗାନିସ୍ତାନ ତା'ର ସ୍ଥିତି ଦୃଢ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଆୟର୍ଲାଣ୍ଡ ପ୍ରଥମ ଇନିଂସରେ ୧୭୨ ରନକରି ଅଲଆଉଟ ହୋଇଥିଲା। ଜବାବରେ ଆଫଗାନିସ୍ତାନ ପ୍ରଥମ ଇନିଂସରେ ୩୧୪ ରନ କରି ଅଲଆଉଟ ହେବା ସହ ୧୩୯ ରନର ବୃହତ ଅଗ୍ରଣୀ ହାସଲ କରିଥିଲା। ପୁଣି ଦ୍ୱିତୀୟ ଇନିଂସ ଆରମ୍ଭ କରି ଆୟର୍ଲାଣ୍ଡ ୯୩ ଓଭରରେ ୨୮୮ ରନ କରି ଅଲଆଉଟ ହୋଇଛି। ଫଳରେ ଆଫଗାନିସ୍ତାନ ସମ୍ମୁଖରେ ୧୪୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଆଫଗାନିସ୍ତାନ ରବିବାର ତୃତୀୟ ଦିବସ ଖେଳ ଶେଷସୁଦ୍ଧା ୧୬ ଓଭରରେ ଗୋଟିଏ ଉଇକେଟ ହରାଇ ୨୯ ରନ ସଂଗ୍ରହ କରିଛି। ଫଳରେ ମ୍ୟାଚ୍ ଆଉ ୨ ଦିନ ବାକି ଥିବା ବେଳେ ଆଫଗାନିସ୍ତାନ ବିଜୟ ପାଇଁ ୯ ଉଇକେଟ ହାତରେ ରଖି ଆଉ ୧୧୮ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଇସାନୁଲ୍ଲା ଜନତ ୧୬ ଓ ରହମତ ଶାହ ୧୧ ରନ କରି ଅପରାଜିତ ରହିଛନ୍ତି। ଓପନର ମହମ୍ମଦ ଶାହଜାଦ ୨ ରନ କରି ଆଣ୍ଡି ମାକ୍‌ବ୍ରିନ୍‌ଙ୍କ ଦ୍ୱାରା ଆଉଟ ହୋଇଛନ୍ତି।

ଜାତୀୟ ସିନିୟର ତୀରନ୍ଦାଜୀ ଉଦ୍‌ଯାପିତ

ଭୁବନେଶ୍ୱର, ୧୭।୩(ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ ରାଉଣ୍ଡ ଟିମ୍ ଇଭେଣ୍ଟରେ ଝାଡ଼ଖଣ୍ଡର ବାଜିମାତ୍

କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ୩୯ତମ ଜାତୀୟ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଇଣ୍ଡିଆନ ରାଉଣ୍ଡ ଅନ୍ତିମ ତଥା ୨ୟ ଦିବସ ଖେଳ ରବିବାର ଅନୁଷ୍ଠିତ ହୋଇଥିଲା। ଇଣ୍ଡିଆନ ରାଉଣ୍ଡ ଟିମ୍ ଇଭେଣ୍ଟର ୩ଟି (ପୁରୁଷ, ମହିଳା ଓ ମିକ୍ସଡ)ଯାକ ବର୍ଗରେ ଝାଡ଼ଖଣ୍ଡ ଟିମ୍ ସ୍ୱର୍ଣ୍ଣ ପଦକ ଜିତି ବାଜିମାତ୍ କରିନେଇଛି। ଜାଗରଣ ନାଥ ଗାର୍ଗି, ଗୁଣରାମ ପୁର୍ତ୍ତି, ଉମେଶ ମଣ୍ଡଳ ଓ ଅନିଲ ଲୋହାରଙ୍କୁ ନେଇ ଗଠିତ ଝାଡ଼ଖଣ୍ଡ ଟିମ୍ ପୁରୁଷ ଟିମ୍ ଇଭେଣ୍ଟରେ ୪,୨୮ ସ୍କୋର କରି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଅରୁଣାଚଳ ପ୍ରଦେଶ ଓ ଉତ୍ତରପ୍ରଦେଶ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ମହିଳା ଟିମ୍ ଇଭେଣ୍ଟରେ ଝାଡ଼ଖଣ୍ଡ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ଦୀପ୍ତି କୁମାରୀ, ନିକିତା କୁମାରୀ, ହୀରାମୁନି ସିନକୁ ଓ ଆର୍ସିତା ବିରୁଲି ଏହି ଟିମ୍‌ର ସଦସ୍ୟା ରହିଥିଲେ। ଏଥିରେ ମଣିପୁର ଓ ଅଲ୍‌ଇଣ୍ଡିଆ ପୋଲିସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ(ଏଆଇପିଏସ୍‌ସିବି) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଥିଲେ। ଇଣ୍ଡିଆନ ରାଉଣ୍ଡ ମିକ୍ସଡ୍ ଟିମ୍ ଇଭେଣ୍ଟରେ ଝାଡ଼ଖଣ୍ଡ ୫ ପଏଣ୍ଟ ସ୍କୋର ସହ ପ୍ରଥମ ସ୍ଥାନରେ ରହିଥିବାବେଳେ ଏଆଇପିଏସ୍‌ସିବି ଓ ମଣିପୁର ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ପୁରୁଷ ବ୍ୟକ୍ତିଗତ ଅଲିମ୍ପିକ ରାଉଣ୍ଡରେ ମହାରାଷ୍ଟ୍ର ୨ଟି ପଦକ ଜିତିଛି। ମହାରାଷ୍ଟ୍ରର ଅକ୍ଷୟ ଥେଟେ ଓ ଗୌରବ ଚନ୍ଦନ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିବାବେଳେ ଥିଙ୍ଗୁଜାମ ଲଙ୍ଗମ୍ବା ମେଇଟେଇ ୨ୟ ସ୍ଥାନରେ ରହିଥିଲେ। ସେହିଭଳି ମହିଳା ବ୍ୟକ୍ତିଗତ ଅଲିମ୍ପିକ ରାଉଣ୍ଡରେ ମଣିପୁରର ଡବ୍ଲ୍ୟୁ. ମାଲେଶ୍ୱରୀ ଦେବୀ, ଆସାମର ପଲ୍ଲବୀ ବୋରୋ ଓ ଏଆଇପିଏସ୍‌ସିବିର ପଲ୍ଲବୀ ଦାସ ଯଥାକ୍ରମେ ପ୍ରଥମ, ୨ୟ ଓ ୩ୟ ସ୍ଥାନ ହାସଲ କରିଥିଲେ।

ସ୍ଥାନ ବଜାୟ ରଖିଲେ କୋହଲି, ବୁମରା

ଦୁବାଇ,୧୭।୩(ପିଟି)

ଭାରତୀୟ ଅଧିନାୟକ ବିରାଟ କୋହଲି ଓ ପେସର ଯଶପ୍ରୀତ ବୁମରା ଆଇସିସି ଦିନିକିଆ ଖେଳାଳି ର୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ରେ କୋହଲି ୩୧୦ ରନ୍ କରି ଦିନିକିଆ ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ନଂ ୧ ସ୍ଥାନକୁ ହାତେଇ ରଖିବାରେ ସଫଳ ହୋଇଛନ୍ତି। ତାଙ୍କ ଡେପୁଟି ରୋହିତ ଶର୍ମା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ଦୁଇଟି ଅର୍ଦ୍ଧଶତକ ସହ ୨୦୨ ରନ୍ କରିଥିଲେ। କେଦାର ଯାଦବ ୧୧ ସ୍ଥାନ ଉପରକୁ ଉଠି ୨୪ତମ ସ୍ଥାନ ଅଧିକାର କରିଛନ୍ତି। ବୋଲରଙ୍କ ତାଲିକାରେ ବୁମରା ସର୍ବାଧିକ ୭୭୪ ପଏଣ୍ଟ ସହ ନଂ ୧ ର୍ୟାଙ୍କରେ ରହିଛନ୍ତି। ତାଙ୍କ ପଛକୁ ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ, ଆଫଗାନିସ୍ତାନର ରସିଦ ଖାଁ ଓ ଦକ୍ଷିଣ ଆଫ୍ରିକାର ଇମ୍ରାନ ତାହିର ରହିଛନ୍ତି। ଅଲରାଉଣ୍ଡର ର୍ୟାଙ୍କିଙ୍ଗ୍‌ର ଟପ୍ ୫ ମଧ୍ୟରେ କୌଣସି ଭାରତୀୟ ଖେଳାଳି ସ୍ଥାନ ପାଇନାହାନ୍ତି। ଦଳଗତ ମାନ୍ୟତାରେ ଇଂଲଣ୍ଡ ଓ ଭାରତ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ: ପ୍ରମୋଦଙ୍କୁ ୨ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୭।୩ (କ୍ରୀଡ଼ା ପ୍ରତିନିଧି)

ଉତ୍ତରାଖଣ୍ଡର ରୁଦ୍ରପୁରରେ ରବିବାର ଶେଷ ହୋଇଥିବା ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସରେ ୨ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏହା ବ୍ୟତୀତ ସେ ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୁନୀଲ ପ୍ରଧାନ ପୁରୁଷ ଡବଲ୍ସରେ ରୌପ୍ୟ, ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ଏବଂ ପୂର୍ଣ୍ଣବାସୀ ପ୍ରଧାନ(୧୯ ବର୍ଷରୁ କମ୍) ପୁରୁଷ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

*T&C apply. Ex-showroom price Odisha of TVS Radeon ES Mag BS IV Variant. Prices subject to change without prior notice. #For further details, please visit www.tvsradeon.com. **Largest Seat in Segment (Length & Width). ^5 year warranty without any additional charges. TVS Showrooms are open on all Sundays.

TVS 5 YEAR WARRANTY ^ ବଢ଼ିଆ ମାଇଲେଜ୍

FOR ALL BULK/INSTITUTIONAL REQUIREMENTS PLEASE MAIL:corporate.customersupport@tvsmotor.com Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph : : 8860629978. PURI: Krishna TVS, Ph.: 9861049633. CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHLOE : Sasmita TVS, Ph : 8860793803. Authorised Dealers: CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966(Showroom);Athagarh, Siva Motors, Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication, Ph : 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph : 9853479471, 9937153901; Erasama, Krishna Motors, Ph : 9937084847; Krushnanandapur, Ashhad Motors, Ph : 9237066573; Niali, Bharat Automobiles, Ph : 0671-2803357, 9040091921; Puranakatak, Bhairabi Automobiles, Ph : 7873727545, 9439071610; Chandpur, Rashmi Agency, Ph : 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dharitree Associates Pvt Ltd., Ph : 0671-2356967, 7440037801; Kuakhia, Subas Automobiles, Ph : 8114398333; Bari, L.S.Motors, Ph : 8917596087; Balianta, Pratikshya Motors, Ph : 7328080807; Mandarbasta, Soumya Auto, Ph : 9776483333; Nischintakoili, Gopinath Automobiles, Ph : 9090889132; Chandol, S B Motors, Ph : 9437108541; Brahmabarada, Friends Automobile, Ph : 9668166377, 7008050051; Naugoan, Saitirtha Automobiles, Ph : 06724-222717, 9778802623; Balitutha, Sanjukta Motors, Ph : 8093099967, 9777773277 ; Narasinghpur, Bholeswar Motors, Ph : 9658410027 ; Balikuda, Krishna Traders, Ph : 9439370305 ; Gothopatna, Sai Laxmi Motors, Ph : 9337950051, 8249710415.

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୮/୨୦୧୯ Bhubaneswar, Monday, March 18/ 2019

ସେବାୟତ ନିୟୋଗ ନିର୍ବାଚନ ପ୍ରସଙ୍ଗ

ଦଇତାପତିଙ୍କ ପରେ ଏବେ ଶୁଦ୍ଧସୁଆର

ପୁରୀ ଅଫିସ, ୧୭।୩

ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ସଂସ୍କାର ମାମଲା ରୁଜୁ ହେବା ପରଠାରୁ ଶ୍ରୀମନ୍ଦିର ଏବଂ ସେବାୟତଙ୍କୁ ନେଇ ଚର୍ଚ୍ଚା ଲାଗି ରହିଛି। ଏହି ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ପୂର୍ବତନ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଗତ ଅକ୍ଟୋବରରେ ପୁରୀ ଆସି ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ, ଜିଲାଜଜ୍, ସେବାୟତଙ୍କ ସମେତ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଥିଲେ। ନିଜେ ଶ୍ରୀମନ୍ଦିର ପରିଦର୍ଶନ କରି ବାସ୍ତବ ସ୍ଥିତି ପରଖିଥିଲେ। ଦିଲ୍ଲୀ ଫେରିଯିବା ପରେ ସଂଗୃହୀତ ତଥ୍ୟକୁ ତର୍ଜମା କରି ମୁଖ୍ୟ ପ୍ରଶାସକଙ୍କ ନିକଟକୁ ଚିଠି ଲେଖିଥିଲେ। ଏହି ଚିଠିରେ ୧୦ଟି ସର୍ତ୍ତ ଉପରେ ସବୁ ନିୟୋଗ ଅଣ୍ଡରଟେକିଂ ଲେଖି ଦେବାକୁ ପୂର୍ବତନ ଆମିକସ୍‌କ୍ୟୁରି ଦର୍ଶାଇଥିଲେ। ଏହି ଚିଠି ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ସବୁ ନିୟୋଗଙ୍କୁ ଚିଠି କରିଥିଲା। ଏହି ୧୦ଟି ସର୍ତ୍ତ ମଧ୍ୟରୁ ଗୋଟିଏ ସର୍ତ୍ତ ସେବାୟତ ନିୟୋଗଙ୍କ ନିର୍ବାଚନ ସମ୍ବନ୍ଧୀୟ ଥିଲା। ଆସନ୍ତା ୩ ମାସ ମଧ୍ୟରେ ଗୁପ୍ତ ଭୋଟ ଜରିଆରେ ଉତ୍ତମ ସଦସ୍ୟମାନଙ୍କୁ ନିୟୋଗର କର୍ମକର୍ତ୍ତା ନିର୍ବାଚନ କରି ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇବା ଲାଗି ଚିଠିରେ ଦର୍ଶାଯାଇଥିଲା। ହେଲେ ଇତିମଧ୍ୟରେ ସାଢେ ୫ ମାସରୁ ଊର୍ଦ୍ଧ୍ୱ ହେଲାଣି। କେବଳ ଦଇତାପତି ନିୟୋଗ ନିର୍ବାଚନ ହୋଇଥିବା ବେଳେ ଅନ୍ୟ କୌଣସି ନିୟୋଗ ନିର୍ବାଚନ କରିନାହାନ୍ତି। କିନ୍ତୁ ଦଇତାପତିଙ୍କ ପରେ ଏବେ ଶୁଦ୍ଧସୁଆର ନିୟୋଗ ନିର୍ବାଚନର ବିଗୁଲ ବାଜିଛି। ଆସନ୍ତା ୨୩ ତାରିଖରେ ଶୁଦ୍ଧସୁଆର ନିୟୋଗର ନିର୍ବାଚନ ହେବ ବୋଲି ସ୍ଥିର ହୋଇଛି। ତେବେ ଦଇତାପତିଙ୍କ ପରେ ଏବେ ଶୁଦ୍ଧସୁଆର ନିୟୋଗ ପାଳି ଆସିଯାଇଥିବା ଚର୍ଚ୍ଚା ହେଉଛି। ସେହିପରି ଆଗକୁ ସୁଆର ମହାସୁଆର ନିୟୋଗ ନିର୍ବାଚନ ମଧ୍ୟ ହୋଇପାରେ।

ଆଗକୁ ସୁଆର ମହାସୁଆର ନିୟୋଗର ହୋଇପାରେ ନିର୍ବାଚନ

ଗତ ୧୩ ତାରିଖରେ ସୁଆର ମହାସୁଆର ନିୟୋଗ ସାଧାରଣ ପରିଷଦ ବୈଠକ ବସିଥିଲା। ଏଥିରେ ନିୟୋଗର ବର୍ତ୍ତମାନ ବୋର୍ଡ ଭାଙ୍ଗି ସାନି ନିର୍ବାଚନ କରି ନୂଆ ବୋର୍ଡ ଗଠନ କରିବା ଉପରେ ଆଲୋଚନା ହୋଇଥିଲା। ଗୋଟିଏ ପକ୍ଷ ନିର୍ବାଚନ ସପକ୍ଷରେ ଦାବି କରି ତୁରନ୍ତ ବୋର୍ଡ ଭାଙ୍ଗି ନିର୍ବାଚନ କରିବାକୁ ପ୍ରସ୍ତାବ ଆଣିଥିଲେ। ହେଲେ ବୋର୍ଡ ଭାଙ୍ଗିବା ଲାଗି ସାଧାରଣ ପରିଷଦରେ ସହମତି ହୋଇପାରି ନ ଥିଲା। ତେଣୁ ନିର୍ବାଚନ ସଂକ୍ରାନ୍ତରେ ନିୟୋଗ ଓକିଲଙ୍କ ସହ ଆଲୋଚନା କରିବ। ଓକିଲ ଯାହା ମତ ଦେବେ ସେହି ଅନୁଯାୟୀ କାର୍ଯ୍ୟ ଆଗେଇବ ବୋଲି ନିଷ୍ପତ୍ତି ହୋଇଛି। ଯଦି ନିୟୋଗ ଓକିଲ ନିର୍ବାଚନ ସପକ୍ଷରେ ମତ ରଖନ୍ତି ତେବେ ଖୁବ୍‌ଶୀଘ୍ର ସୁଆର ମହାସୁଆର ନିୟୋଗ ନିର୍ବାଚନ ହୋଇପାରେ ବୋଲି କୁହାଯାଉଛି।

୨୩ରେ ଶୁଦ୍ଧସୁଆର ନିୟୋଗ ନିର୍ବାଚନ ଆଜି ପ୍ରାର୍ଥିପତ୍ର ଦାଖଲ

ପୁରୀ ଅଫିସ, ୧୭।୩

ଆସନ୍ତା ୨୩ ତାରିଖରେ ଶୁଦ୍ଧସୁଆର ନିୟୋଗ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ସୋମବାର ପ୍ରାର୍ଥିପତ୍ର ଦାଖଲ କରାଯିବ। ଏହି ନିର୍ବାଚନରେ ଭାଗନେବା ଲାଗି ଇଚ୍ଛୁକ ନିୟୋଗ ସଦସ୍ୟ ସମ୍ପାଦକଙ୍କ ସହ ପରାମର୍ଶ କରି ନିର୍ବାଚନ ପ୍ରକ୍ରିୟା ସମ୍ବନ୍ଧରେ ଅବଗତ ହୋଇପାରିବେ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଯାଇଛି। ପ୍ରାର୍ଥିପତ୍ର ଦାଖଲ କରିଥିବା କୌଣସି ସଦସ୍ୟ ଯଦି ନିର୍ବାଚନରୁ ଓହରିଯିବା ଲାଗି ଚାହାନ୍ତି ତେବେ ୨୦ ତାରିଖ ଅପରାହ୍ନ ୫ଟା ସୁଦ୍ଧା ସେମାନେ ତାଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିବା ନିମନ୍ତେ ସମ୍ପାଦକଙ୍କ ନିକଟରେ ଲିଖିତ ଭାବେ ଜଣାଇବେ।

ତେବେ ଗତ ୧୫ ତାରିଖରେ ନିୟୋଗ ପକ୍ଷରୁ ନିର୍ବାଚନ କରାଇବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ନିୟୋଗ କର୍ମକର୍ତ୍ତା ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କୁ ସାକ୍ଷାତ୍ କରି ଜଣାଇଥିଲେ ଯେ, ଗତ ୧୧ ତାରିଖରେ ନିୟୋଗ ସାଧାରଣ ସଭା ବସିଥିଲା। ଏଥିରେ ନିଆଯାଇଥିବା ନିଷ୍ପତ୍ତି ମୁତାବକ ୨୩ ତାରିଖରେ ନିୟୋଗ ନିର୍ବାଚନ ହେବ ବୋଲି ସେମାନେ ଜଣାଇଥିଲେ।

ଛାତ୍ରୀଙ୍କୁ ଅସଦାଚରଣ ମାମଲା: ପ୍ରଧାନ ଶିକ୍ଷକ ନିଲମ୍ବିତ

ନିମାପଡ଼ା,୧୭।୩(ଡି.ଏନ୍.ଏ.)

ନିମାପଡ଼ା ଥାନା ଅଞ୍ଚଳର ଏକ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଜଣେ ଛାତ୍ରୀଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବଘନ ସେଠୀ ଅସଦାଚରଣ କରିଥିବା ମାମଲାରେ ଶୁକ୍ରବାର ଗିରଫ ହୋଇଥିଲେ। ଘଟଣାକୁ ନେଇ ବିଇଓ ତଦନ୍ତ କରିବା ପରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ପ୍ରକାଶ ଯେ, ବିଦ୍ୟାଳୟରେ ପଢୁଥିବା ୫ମ ଶ୍ରେଣୀର ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ନବଘନ ପାଇଖାନା ଘରକୁ ନେଇ ଅସଦାଚରଣ କରିଥିବା ଛାତ୍ରୀଙ୍କ ମାଆ ଗୁରୁବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ପୋକ୍ସୋ ଆକ୍ଟରେ ୮୭/୧୯ନଂ ରେ ମାମଲା ରୁଜୁ କରି ନବଘନଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ (ବିଇଓ) ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ବେହେରା ଏବିଇଓ ଚିତ୍ତରଞ୍ଜନ ସ୍ୱାଇଁଙ୍କଠାରୁ ତଦନ୍ତ ରିପୋର୍ଟ ପାଇବା ପରେ ଘଟଣା ବିଷୟରେ ଜିଲା ଶିକ୍ଷାଧିକାରଙ୍କୁ (ଡିଇଓ) ଅବଗତ କରିଥିଲେ। ତେବେ ଘଟଣାରେ କେତେକାଂଶ ସତ୍ୟତା ଥିବା ଜଣାପଡ଼ିବାରୁ ବିଇଓ ବେହେରା ଚିଠି ନଂ ୫୯ଏ/୧୫/୩/୧୯ରେ ସମ୍ପୃକ୍ତ ପ୍ରଧାନଶିକ୍ଷକ ନବଘନଙ୍କୁ ଚାକିରିରୁ ନିଲମ୍ବନ କରିବା ସହ ପୁରୀ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରିଛନ୍ତି। ଅପରପକ୍ଷେ ଜଣେ ପ୍ରଧାନଶିକ୍ଷକଙ୍କ ଅମାନବୀୟ କାର୍ଯ୍ୟକୁ ବିଭିନ୍ନ ମହଲରୁ ନିନ୍ଦା କରିବା ସହ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୀଡ଼ିତାଙ୍କ ପରିବାର ଓ ଗ୍ରାମବାସୀ ଦାବି କରିଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପ୍ରଥମେ ଆଦେଶ ମାନିବାକୁ ଶିଖ, ଆଦେଶ ଦେବା ବଳେ ବଳେ ଆସିବ। ପ୍ରଥମେ ସେବକ ହେବାକୁ ଶିକ୍ଷା କର, ତା'ପରେ ତୁମେ ସେବ୍ୟ ହେବାକୁ ଉପଯୁକ୍ତ ହେବ।

-ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ଭାଜପାର ଖବରଦାତା ସମ୍ମିଳନୀ

ନରସିଂହପୁର ୧୭।୩(ଡି.ଏନ.ଏ) - ନରସିଂହପୁର ଭାଜପା ଦଳ ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ କୁମାର ରଣାଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଥିଲା ଏହି ଅବସରରେ ଭାଜପା ନେତା ଦିଲୀପ କୁମାର ପଣ୍ଡା ଉପସ୍ଥିତ ଥିଲେ। ୨୦୧୪ ପରେ ଭାଜପା ଶାସନାଧୀନ କେନ୍ଦ୍ର ସରକାର ରାଜ୍ୟକୁ ଦେଇଥିବା ଅର୍ଥର ସମୀକ୍ଷା କରାଯାଇଥିଲା। କେନ୍ଦ୍ର ସରକାର ପୂର୍ବ ସରକାର ତୁଳନାରେ ଗତ ୪ ବର୍ଷରେ ଅଧିକ ଆର୍ଥିକ ଅନୁଦାନ ପ୍ରଦାନ କରିଛି ବୋଲି ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ କୁହାଯାଇଥିଲା। ଜନଧନ ଯୋଜନା , ମୁଦ୍ରାବ୍ୟାଙ୍କ ଯୋଜନା,ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା, ଅଟଳ ପେନସନ ଯୋଜନା ,ପ୍ରଧାନ ମନ୍ତ୍ରୀ ଶ୍ରମଜୀବି ମାନଧନ ଯୋଜନା, ଦିନ ଦୟାଲ ଉପାଧ୍ୟୟ ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଓଡିଶାକୁ ସ୍ୱତନ୍ତ୍ର ଅନୁଦାନ ଦିଆଯାଇଛି ବୋଲି ରଣା କହିଥିଲେ। ଏହାଛଡା ବୈଦେଶିକ ନୀତି, କୂଟନୀତି, ସର୍ଜିକାଲ ଷ୍ଟ୍ରାଇକ୍ ଆଦିରେ କେନ୍ଦ୍ର ସରାକରଙ୍କ ସଫଳତା ବଖାଣି ଥିଲେ ।

କଂଗ୍ରେସର ମିଶ୍ରଣ ପର୍ବ

ବାଙ୍କୀ ୧୭।୩(ବି.ପ୍ର) - ଡମପଡ଼ା ପଞ୍ଚାୟତର ଖଣ୍ଡୁଆଳ ମନ୍ଦିର ନିକଟରେ କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ରାଜନୈତିକ ଦଳର ୩୦୦ରୁ ଊର୍ଦ୍ଧ୍ୱ ସକ୍ରିୟ କର୍ମୀ କଂଗ୍ରେସରେ ଯୋଗଦେଇଥିଲେ। ଡମପଡ଼ା ପଞ୍ଚାୟତର ସରପଞ୍ଚ ଦେବେନ୍ଦ୍ର କୁମାର ଧଳ ସାମନ୍ତଙ୍କ ଅଧ୍ୟକ୍ଷତାରେ ଏହି ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ବରିଷ୍ଠ କଂଗ୍ରେସ କର୍ମୀ ଦେବାଶିଷ ପଟ୍ଟନାୟକ ଉପସ୍ଥିତ ରହି ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ଭାଜପା ନେତା ରାଜେଶ କୁମାର ମହାନ୍ତି, ସନ୍ତୋଷ କୁମାର ସାହୁ, ପ୍ରଶାନ୍କ କୁମାର ବଳିୟାରସିଂହ, ସିଲୁଜେନା, ପ୍ରଶାନ୍ତ ରାଉତ ଓ ବିଚିତ୍ରା ନନ୍ଦ ପ୍ରଧାନ କଂଗ୍ରେସରେ ସାମିଲ୍ ହୋଇଥିଲେ। ନଗର କଂଗ୍ରେସ ସଭାପତି ଭାଗୀରଥି ବିଶ୍ୱାଳ, ଦେବୀପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

■ ଅଟୋରୁ ଖସି ନାବାଳିକା ମୃତ

କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଖୁଣ୍ଟୁଣୀ,୧୭।୩ (ଡି.ଏନ୍.ଏ.)

ଗୁରୁଡିଖଟିଆ ଥାନା ଅଧୀନ କୁସପଙ୍ଗୀଠାରେ ରବିବାର ଅପରାହ୍ନ ପ୍ରାୟ ୩ଟାରେ ଅଟୋରୁ ଖସିପଡି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ଜେମାଦେଇପୁର ଗ୍ରାମର ଶ୍ୱେତ ସାମଲଙ୍କ ଝିଅ କୁନି ସାମଲ(୮)। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହ ୩ ଘଣ୍ଟା ଧରି ରାସ୍ତାରୋକୋ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟାରେ କୁସପଙ୍ଗୀ ପଞ୍ଚାୟତରେ ଆଠଗଡ଼ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ସାମିଲ ହେବା ପାଇଁ କେତେଜଣ ମହିଳାଙ୍କ ସମେତ କୁନି ଏକ ଅଟୋରେ ଜେମାଦେଇପୁରରୁ କୁସପଙ୍ଗୀ ଆସୁଥିଲେ। ହେଲେ ଉକ୍ତ ଅଟୋରେ ଆସୁଥିବା ଏକ ପୋଷାକୁକୁର ଭୁକିବାରୁ ଭୟରେ କୁନି ତଳକୁ ଖସିପଡିଥିଲେ। ସେହି ସମୟରେ ଅଟୋ ଚକା ତାଙ୍କ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତତ୍କ୍ଷଣାତ ଅଟୋ ଚାଳକ କୁନିଙ୍କୁ ନେଇ କେଉଁଆଡେ ପଳାଇ ଯାଇଥିଲେ। ଏହି ଖବର ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ତୁରନ୍ତ କୁନିଙ୍କୁ ଫେରାଇ ଆଣିବା, ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଓ ଅଭିଯୁକ୍ତ ଅଟୋ ଚାଳକଙ୍କୁ ଗିରଫ ପାଇଁ ଦାବି କରି ମୃତକଙ୍କ ମା'ବାପାଙ୍କ ସମେତ ଶତାଧିକ ମହିଳାପୁରୁଷ କୁସପଙ୍ଗୀ ଜଗନ୍ନାଥ ମନ୍ଦିର ସମ୍ମୁଖ ଜାତୀୟ ରାଜପଥକୁ ଅପରାହ୍ନ ସାଢେ ୩ଟାରେ ଅବରୋଧ କରିଥିଲେ। ଖବରପାଇ ଗୁରୁଡିଖଟିଆ ଥାନାଧିକାରୀ ବିଜୟ କୁମାର ବିସି, ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ୧୦,୦୦୦ ଟଙ୍କା, ଦୁର୍ଘଟଣାଜନିତ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା ଓ ୨୪ ଘଣ୍ଟା ମଧ୍ୟରେ ଫେରାର ଅଟୋ ଚାଳକଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ସାଢେ ୬ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ତେବେ ଭୟରେ ସମ୍ପୃକ୍ତ ଅଟୋଚାଳକ କୁନିଙ୍କ ମୃତଦେହକୁ ଆଠଗଡ ଡାକ୍ତରଖାନାରେ ଛାଡି ଫେରାର ହୋଇଯାଇଥିବା ଆଇଆଇସି ବିସି କହିଛନ୍ତି।

ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

- ■ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ
- ■ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସର ବୁଝାଶୁଝା
- ■୨୪ ଘଣ୍ଟାରେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପ୍ରତିଶ୍ରୁତି

ମା'ଚର୍ଚ୍ଚିକାଙ୍କ ପୀଠରେ ଦୋଳ ଉତ୍ସବ ପାଇଁ ପ୍ରସ୍ତୁତି

ବାଙ୍କୀ, ୧୭।୩(ସ୍ୱ.ପ୍ର.)

ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ଦୋଳ ଉତ୍ସବ ଓ ଘଟଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପୀଠର ତଳମଣ୍ଡପରେ ଆୟୋଜିତ ପ୍ରସ୍ତୁତି ବୈଠକରେ ତ୍ରଷ୍ଟି କାଳନ୍ଦୀ ଚରଣ ମହାପାତ୍ର ସଭାପତିତ୍ୱ କରିଥିଲେ। ଆସନ୍ତା ଗୁରୁବାର ଦୋଳପୂର୍ଣ୍ଣମୀରେ ମା'ଚର୍ଚ୍ଚିକାଙ୍କ ଆଜ୍ଞାରେ ସ୍ୱତନ୍ତ୍ର ଘଟ ସ୍ଥାପନ କରାଯିବ। ପରେ ପୂର୍ବ ନୀତି ଅନୁସାରେ ବନ୍ଦାଣ ଓ ମନ୍ଦିର ସାହିର 'ଛତି' ଠାକୁରାଣୀଙ୍କ ପାହାଚ ମଧ୍ୟରେ ଗ୍ରାମବାସୀମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବ । ପରେ ମା'ଚର୍ଚ୍ଚିକାଙ୍କ ବିମାନରେ ଘଟ ଠାକୁରାଣୀଙ୍କ ସହ ଚର୍ଚ୍ଚିକା ଗ୍ରାମକୁ ଭୋଗ ଖାଇବାକୁ ଯାଇ ଗ୍ରାମ ମୁଣ୍ଡରୁ ଫେରିଆସିବାର କାର୍ଯ୍ୟକ୍ରମ ରହିଛି। ହୋଲି ପରଠାରୁ କେବଳ ରାତିରେ ମା'ଙ୍କ ଘଟ ନୀତି ଅନୁସାରେ ନିର୍ଦ୍ଦିଷ୍ଟ ଜାଗାକୁ ଯାଇ ଭୋଗ ଖାଇବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ବିଷୁବ ସଂକ୍ରାନ୍ତି ପୂର୍ବ ଦିନ ରାତି ପର୍ଯ୍ୟନ୍ତ ଚାଲୁରହିବ। ଏହି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଏଥିରେ ସେବକ ସନ୍ତୋଷ କୁମାର ରଣା, ପ୍ରତାପ ଚନ୍ଦ୍ର ମହାପାତ୍ର, ବେଣୁଧର ରଣା, ନୀଳମଣି ମହାପାତ୍ର, ସୁଶାନ୍ତ ମହାପାତ୍ର, ବିଜୟ ରଣା, ରୁଷି କୁମାର ରଣା, ଅମରନାଥ ରଣା ଓ ବିଦ୍ୟାଧର ରଣା ପ୍ରମୁଖ ଯୋଗଦେଇଥିଲେ।

ବାଙ୍କୀ ବିଜେଡିର କର୍ମୀ ସମ୍ମିଳନୀ

କର୍ମୀ ସମ୍ମିଳନୀରେ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ଅନ୍ୟମାନେ।

ବାଙ୍କୀ, ୧୭।୩(ସ୍ୱ.ପ୍ର)

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତରେ ବାଙ୍କୀ ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଫୁଲମରୁଆ ଠାକୁରାଣୀ ପୀଠ ନିକଟରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ତାଳବସ୍ତ ପଞ୍ଚାୟତର ୨୪ଟି ୱାର୍ଡରୁ ବହୁ କର୍ମୀ ଓ ନେତାମାନେ ଯୋଗଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ତାଳବସ୍ତ ପଞ୍ଚାୟତର ସମିତି ସଭ୍ୟ ସୂର୍ଯ୍ୟନାରାୟଣ ପାତ୍ର ସଭାପତିତ୍ୱ କରିଥିଲେ। ସମ୍ମିଳନୀରେ ସ୍ଥାନୀୟ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଆଗାମୀ ଦିନରେ ବାଙ୍କୀକୁ ସମୃଦ୍ଧଶାଳୀ କରିବା ପାଇଁ ସେ ଉଦ୍ୟମ କରିବେ ବୋଲି କହିଥିଲେ। ଏଥିରେ ବାଙ୍କୀ କେନ୍ଦ୍ର ସମବାୟ ସଭାପତି ସୁବାସ ଚନ୍ଦ୍ର ପାଢୀ, କଟକ ଜିଲା ବିଜେଡି ସମ୍ପାଦକ ସନାତନ ବେହେରା, ବାଙ୍କୀ ବିଜୁ ଯୁବଜନତା ଦଳ ସଭାପତି ସନ୍ତୋଷ କୁମାର ରଣା, ଆରସିଏମ୍‌ଏସ୍‌ର ସଭାପତି ସମରେନ୍ଦ୍ର ମହାପାତ୍ର, ତାଳବସ୍ତ ସରପଞ୍ଚ ଦୀନବନ୍ଧୁ ସାହୁ ଓ ଚିନ୍ତାମଣି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

ଆପୋସ ସମାଧାନ ପରେ ବାହାରିଲେ ରାଧାକାନ୍ତ ଜୀଉ

ନିଶ୍ଚିନ୍ତକୋଇଲି,୧୭।୩(ସ୍ୱ.ପ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ରାଧାକାନ୍ତ ଜୀଉଙ୍କ ଦୋଳ ଯାତ୍ରାକୁ ନେଇ ଉଠିଥିବା ଅନିଶ୍ଚିତତାର ରବିବାର ଅନ୍ତ ଘଟିଛି। ଆପୋସ ସମାଧାନ ପରେ ଶ୍ରୀ ଜୀଉଙ୍କର ବିମାନ ଯାତ୍ରା ଆରମ୍ଭ ହୋଇଛି। ଏନେଇ ବିଭିନ୍ନ ଦୋଳମଣ୍ଡପରୁ ବିମାନ ବାହାରିଥିଲେ ମଧ୍ୟ ମନ୍ଦିର ସତ୍ୱାଧିକାରକୁ ନେଇ ଶ୍ରୀ ଜୀଉଙ୍କର ବିମାନ ବାହାରିବାରେ ଅହେତୁକ ବିଳମ୍ବ ଘଟିଥିଲା। ସୂଚନାଅନୁଯାୟୀ, ଶ୍ରୀ ଜୀଉଙ୍କ ମାର୍ଫତଦାରମାନେ ପାଳିକରି ଠାକୁରଙ୍କର ପୂଜାର୍ଚ୍ଚନା ଓ ଦୋଳ ପର୍ବ ସମ୍ପାଦନ କରିଥାନ୍ତି। କିନ୍ତୁ ଠାକୁରଙ୍କର ସମ୍ପତ୍ତିର ସତ୍ତ୍ୱାଧିକାରକୁ ନେଇ କିଛି ଦିନ ହେବ ବିବାଦ ସୃଷ୍ଟି ହୋଇଥିଲା। ଏନେଇ ଶନିବାର ଠାକୁରଙ୍କ ପୂଜା ପାଳିଥିବା ମାର୍ଫତଦାର ଦୋଳରେ ବିମାନ ବାହାର କରିବା ପାଇଁ ଠାକୁରଙ୍କ ପ୍ରତିମା ଓ ଆନୁଷଙ୍ଗିକ ପୂଜାସାମଗ୍ରୀଗୁଡିକୁ ମନ୍ଦିରରୁ ନିଜ ଘରକୁ ନେଇଯାଇଥିଲେ। ଅନ୍ୟ ଜଣେ ମାର୍ଫତଦାର ଥାନାରେ ଅଭିଯୋଗ କରିଥିଲେ। ଏଥିସହ ସେ ଅନ୍ୟ ଏକ ନୂତନ ବିଗ୍ରହ କିଣି ଆଉ ଏକ ବିମାନ ବାହାର କରିଥିଲେ। ନୂଆ ବିଗ୍ରହକୁ ନେଇ ବିଭିନ୍ନ ସ୍ଥାନରେ ଆଲୋଚନା ପର୍ଯ୍ୟାଲୋଚନା ହେବା ପରେ ରବିବାର ମଦନମୋହନ ଜୀଉଙ୍କ ନିକଟରେ ଏହାର ଆପୋସ ସମାଧାନ ପାଇଁ ଏକ ବୈଠକ ବସିଥିଲା। ଆଖ ପାଖ ଠାକୁର ମାଲିକମାନେ ଏକତ୍ରିତ ହୋଇ ଉଭୟ ପକ୍ଷ ମଧ୍ୟରେ ଆପୋସ ବୁଝାମଣା କରିଥିଲେ। ଏଥିରେ ଠାକୁରଙ୍କ ପୁରୁଣା ବିଗ୍ରହ ସହ ଗୋଟିଏ ବିମାନ ନେଇ ଦୋଳ ଉତ୍ସବ ପାଳନ କରିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଦୋଳ ଉତ୍ସବ ପରେ ଏହାର ସ୍ଥାୟୀ ସମାଧାନ କରିବା ପାଇଁ ସ୍ଥିର କରାଯାଇଥିଲା। ଏନେଇ ଥାନାକୁ ଅବଗତ କରାଯାଇଛି ବୋଲି ଥାନା ଅଧିକାରୀ ଶୁଭେନ୍ଦୁ ପରିଡା ପ୍ରକାଶ କରିଛନ୍ତି।

ବାଙ୍କୀ ଭାଜପାରେ ମିଶ୍ରଣ ପର୍ବ

ବାଙ୍କୀ,୧୭।୩(ସ୍ୱ.ପ୍ର.)

ବାଙ୍କୀ ଆଦିମାତାସ୍ଥିତ ଭାଜପା କାର୍ଯ୍ୟାଳୟରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକ ଅନ୍ତର୍ଗତ ମଧୁପୁର ଗ୍ରାମପଞ୍ଚାୟତସ୍ଥିତ ମଧୁବନ ସାମଲ ସାହିର କ୍ଷୀର ସାମଲଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଭାଜପା ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚାର କାର୍ଯ୍ୟକାରିଣୀ କମିଟି ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢୀ ଯୋଗଦେଇ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଗୁଲୁ ପ୍ରଧାନ, କ୍ଷୀର ସାମଲ, ଶ୍ରୀଧର ସାମଲ, ଜଗନ୍ନାଥ ସାମଲ, ବିଜୟ ସାମଲ ଓ ରଞ୍ଜନ ସାମଲ ପ୍ରମୁଖ ଭାଜପାରେ ଯୋଗଦେଇଥିଲେ। କିଷନ୍ କୁମାର ଜେନା, ଚିନ୍ମୟ ଦାସ, ଭରତ ଚନ୍ଦ୍ର ମାଝୀ ଓ ଅକ୍ଷୟ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଚୈତନ୍ୟ ସାହୁ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବିଦ୍ୟାକୁ ସାମାଜିକ ସେବାରେ ବିନିଯୋଗ କରିବାକୁ ଆହ୍ୱାନ

ତିଗିରିଆ, ୧୭।୩ (ଡି.ଏନ୍.ଏ.)

ତିଗିରିଆ ବ୍ଲକ ନୂଆପାଟଣାସ୍ଥିତ ଚୈତନ୍ୟସାହୁ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗବନ୍ଧୁ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗୀରଥି ନନ୍ଦ, ମୁଖ୍ୟବକ୍ତା ଭାବେ ଚୈତନ୍ୟ ସାହୁ ଓ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପାଞ୍ଜଳି ଆଚାର୍ଯ୍ୟ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଭୋଗଡ଼ା ସରପଞ୍ଚ ଶର୍ମିଳା ନାୟକ, ନୂଆପାଟଣା ସରପଞ୍ଚ ସବିତା କୁଣ୍ଡୁ, ପୂର୍ବତନ ସମିତିସଭ୍ୟା ପ୍ରମିଳା ଦେବତା ଓ ବିନାୟକ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ଶୃଙ୍ଖଳିତ ଜୀବନ ଯାପନ ସହ ବିଦ୍ୟାକୁ ସାମାଜିକ ସେବାରେ ବିନିଯୋଗ କରିବାକୁ ଏହି ଅବସରରେ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ଦାସ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଚୈତନ୍ୟସାହୁ ମହାବିଦ୍ୟାଳୟର ପୁରାତନ ଛାତ୍ର ସମୀର କୁମାର ସାହୁ, ନିହାର ରଞ୍ଜନପାତ୍ର, ସଦାନନ୍ଦ ଦତ୍ତ ଓ ଗୀତାଞ୍ଜଳି ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଇଂଲିଶ୍ ବିଭାଗ ଅଧ୍ୟାପକ ଦେବରାଜ ପଣ୍ଡା ମଞ୍ଚ ପରିଚାଳନା କରିଥିଲା ବେଳେ ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଫଗୁ ଦଶମୀରେ ଠାକୁରଙ୍କୁ ଚାଚେରୀ ଭୋଗ

ଆଠଗଡ, ୧୭।୩(ସ୍ୱ.ପ୍ର.)

ଆଠଗଡର ପ୍ରସିଦ୍ଧ ଦୋଳ ଉତ୍ସବ ଶନିବାର ପବିତ୍ର ଫଗୁ ଦଶମୀରୁ ଆରମ୍ଭ ହୋଇଛି। ଏହି ଉତ୍ସବ ବାରୁଣୀ ସ୍ନାନ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଆଠଗଡର ବିଭିନ୍ନ ଆରାଧ୍ୟ ଦେବତା ରାଧାଗୋବିନ୍ଦ, ଅଙ୍ଗାଳୀ ଜଗନ୍ନାଥ, ରଘୁନାଥ ଓ ନୃସିଂହନାଥଙ୍କ ବିମାନ ଆଗରେ ପରମ୍ପରା ଅନୁଯାୟୀ, ଚାଚେରୀ ଭୋଗ ଲାଗି ହୋଇଥିଲା। ପରେ ବିମାନଗୁଡିକୁ ଆଠଗଡର ବିଭିନ୍ନ ସାହିରେ ପରିକ୍ରମା କରାଯାଇ ଶ୍ରଦ୍ଧାଳୁମାନଙ୍କ ଘରେ ଭୋଗଲାଗି ହୋଇଥିଲା । ପୂର୍ବରୁ ଆଠଗଡ ରାଜପରିବାର ପକ୍ଷରୁ ଏହି ଉତ୍ସବ ପାଳନ କରାଯାଉଥିଲା । ଏବେ ଦେବୋତ୍ତର ବିଭାଗ ପକ୍ଷରୁ ଏହି ପରମ୍ପରାକୁ ପାଳନ କରାଯାଉଛି। ଦେବୋତ୍ତର ବିଭାଗ ମୁଖ୍ୟ ତଥା ଉପଜିଲାପାଳ ଅମିୟ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିମାନଗୁଡିକ ସାହି ପରିକ୍ରମା କରିଥିଲେ। ଏହାକୁ ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା ପରିଚାଳନା କରିଥିଲେ।

ରାଜ୍ୟ ମଧୁବୈଶ୍ୟ ସମାଜର ଭାଗବତ ସମ୍ମିଳନୀ

ମଧୁବୈଶ୍ୟ ସମାଜର ଭାଗବତ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

ନରସିଂହପୁର ୧୭।୩(ଡି.ଏନ.ଏ)

ନରସିଂହପୁର ବ୍ଲକ ଅନ୍ତର୍ଗତ ରାଜ୍ୟ ମଧୁବୈଶ୍ୟ ସମାଜର ୪୯ ତମ ଭାଗବତ ସମ୍ମିଳନୀ ସ୍ଥାନୀୟ ରଘୁନାଥ ଜୀଉ ମଠ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଧୁବୈଶ୍ୟ ସମାଜର ସଭାପତି ଚନ୍ଦ୍ରମଣି ସାହୁ ପୌରୋହିତ୍ୟ କରିଥିଲେ । ପ୍ରଥମ ଦିବସରେ ସିଂହନାଥ ସାହି ତରଫରୁ ୧୯ ସାହିଙ୍କୁ ନିମନ୍ତ୍ରିତ କରାଯାଇଥିଲା । ପରେ ଏଠାରେ ସ୍ଥାନ ପାଇଥିବା ଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜାଅର୍ଚ୍ଚନା କରାଯାଇଥିଲା । ମଧୁବୈଶ୍ୟ ସମାଜର ପତକା ଉତ୍ତୋଳନ ପରେ ଭାଗବତ ସମ୍ପର୍କରେ ଆଲୋଚନା ହୋଇଥିଲା । ଅପରାହ୍ନରେ ସମ୍ମିଳନୀରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ବିଧାୟକ ଦେବୀ ପ୍ରସାଦ ମିଶ୍ର , ମୁଖ୍ୟବକ୍ତା ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଓ ସମ୍ମାନିତ ଅତିଥି ଜିଲାପରିଷଦ ସଭ୍ୟ ନିର୍ମଳ ଜେନା, ପାଇକପଡାପଟଣା ସଭାପତି ସରୋଜ କୁମାର ସାହୁ ଉପସ୍ଥିତ ଥିଲେ।। ମଧୁବୈଶ୍ୟ ସମାଜର ସମ୍ପାଦକ ମନୋରଞ୍ଜନ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଧାୟକ ମିଶ୍ରଙ୍କ ଦ୍ୱାରା ମଧୁବୈଶ୍ୟ ସମାଜର ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପରେ ଶିକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମିଳନୀ ପରିଚାଳନାରେ ଭାଗବତ ସାହୁ, ବ୍ରଜବନ୍ଧୁ ସାହୁ, ସୁବଳ ସାହୁ, ପବନା ସାହୁ, ସୁଦର୍ଶନ ସାହୁ ଓ ପିତାମ୍ବର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ବିରଞ୍ଚି ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ ।

■ ୧୭ତମ ଫଜୁଲ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଯୁବଜ୍ୟୋତିକୁ ହରାଇ ବିର୍ସ

ପ୍ରଥମେ ଆଦେଶ ମାନିବାକୁ ଶିଖ, ଆଦେଶ ଦେବା ବଳେ ବଳେ ଆସିବ। ପ୍ରଥମେ ସେବକ ହେବାକୁ ଶିକ୍ଷା କର, ତା'ପରେ ତୁମେ ସେବ୍ୟ ହେବାକୁ ଉପଯୁକ୍ତ ହେବ।
- ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଟାଙ୍ଗୀ(କଟକ), ୧୭।୩(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଭଗତପୁର ଗ୍ରାମରେ ଶନିବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଉତ୍ସବରେ ବିଜେଡି ନେତା ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ସରକାରଙ୍କ ଯୋଜନା, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ପଞ୍ଚାୟତ ସମିତି ଅଧକ୍ଷା ଜୟଶ୍ରୀ ପ୍ରଧାନ, ତିରଞ୍ଜନ ସାମଲ, ବିଜେଡି ନେତା ସୁବୋଧ ସାମଲ, ତାପସ ସାହୁ, ଶ୍ରୀପତି ସାମଲ, ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସନାତନ ସ୍ୱାଇଁ, ମହିଳାନେତ୍ରୀ କିରଣବାଳା ଷଡ଼ଙ୍ଗୀ, ଜୟନ୍ତୀ ପଣ୍ଡା, ଅମିତା ନାୟକ, ସୁବାସିନୀ ସ୍ୱାଇଁ, କଳ୍ପନା ସାହୁ, ଦୀପ୍ତିମୟୀ ନାୟକ ଓ ପ୍ରେମଲତା ସାହୁଙ୍କ ସହିତ ପ୍ରଶାନ୍ତ କେତେକ ପରିବାରକୁ ଗସ୍ତ କରିଥିଲେ। ପରମାନନ୍ଦ ନାୟକ, ତ୍ରିଲୋଚନ ବେହେରା, ବାବୁଲି ସାହୁ, ମିର୍ଜା ଇସ୍ରାଇଲ ବେଗ୍ ଓ ଧୀରେନ୍ଦ୍ର ବେଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଦଳର ବହୁ ମହିଳା କର୍ମୀ ସାମିଲ ହୋଇଥିଲେ।

ଏନ୍‌ବିଡବ୍ଲ୍ୟୁ ବଳରେ ଦମ୍ପତି ଗିରଫ

କଟକ ଅଫିସ, ୧୭।୩: ଜାମିନ ବିହୀନ ଗିରଫ ପରୱାନା(ଏନବିଡବ୍ଲ୍ୟୁ) ବଳରେ ଲାଲ୍‌ବାଗ ପୋଲିସ ରବିବାର ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମର୍କତନଗର ଥାନା ଅନ୍ତର୍ଗତ ଇମାମପଡା ଅଞ୍ଚଳର ସେକ୍ ସଲିମ୍ ଓ ତାଙ୍କ ସ୍ତ୍ରୀ ରେଶ୍ମା ବିବି। ଉଭୟଙ୍କ ବିରୋଧରେ ୨୦୦୫ ମସିହାର ଏକ ଯୌତୁକ ମାମଲା ରହିଥିବାବେଳେ ଏହା ଏବେ କୋର୍ଟରେ ବିଚାରାଧୀନ ଅଛି। ହେଲେ ଅଭିଯୁକ୍ତ ଦମ୍ପତି କୋର୍ଟରେ ହାଜର ହେଉ ନ ଥିବାରୁ କୋର୍ଟ ସେମାନଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି କରିବା ସହ ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

ସ୍ୱାସ୍ଥ୍ୟସେବା ଶିବିର

ନରାଜ/କଟକ ଅଫିସ,୧୭।୩: ବାଆଁରା ଗ୍ରାମସ୍ଥିତ ଶ୍ରୀସୁବୁଦ୍ଧେଶ୍ୱର ମନ୍ଦିର ପରିସରରେ ରବିବାର ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମର୍କତନଗର ସେକ୍ଟର-୮ସ୍ଥିତ ଶିବଶକ୍ତି ସିଦ୍ଧଯୋଗ ଆଶ୍ରମ ପକ୍ଷରୁ ଆୟୋଜିତ ଏହି ଶିବିରକୁ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଆଦ୍ୟାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୨୦୦ରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ଦିଆଯାଇଥିଲା। ଆଶ୍ରମ ପରିଚାଳନା କମିଟି ସଭାପତି ଇଂ. ଶଶିଭୂଷଣ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦିକା ବିଲକିଶ ପରିଜା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ମା' ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମୃତ୍ତିକା ପୂଜା

ଖୁଣ୍ଟୁଣୀ,୧୭।୩(ଡି.ଏନ୍.ଏ.): ଗୁରୁଡିଝାଟିଆର ପ୍ରସିଦ୍ଧ ମା' ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମୃତ୍ତିକା ପୂଜା କରାଯାଇଛି। ବାସନ୍ତୀ ଦୁର୍ଗା ପୂଜା କମିଟି ସଭାପତି ବସନ୍ତ ସାହାଣୀ, ସମ୍ପାଦକ ଅମରେନ୍ଦ୍ର ଧଳଙ୍କ ସମେତ ଗ୍ରାମବାସୀ ସଂକୀର୍ତ୍ତନ ମଣ୍ଡଳୀ ସହ ଗ୍ରାମ ପରିକ୍ରମା କରିଥିଲେ। ପରେ କୋତର ଗ୍ରାମରେ ଥିବା ସାମୁକା ପୋଖରୀ ପାର୍ଶ୍ୱରୁ ମାଟି ପୂଜାର୍ଚ୍ଚନା କରି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମାଟି ଆଣିଥିଲେ।

■ ଅଟୋରୁ ଖସି ନାବାଳିକା ମୃତ

କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଖୁଣ୍ଟୁଣୀ, ୧୭।୩ (ଡି.ଏନ୍.ଏ.)

ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

- ■ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ
- ■ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସର ବୁଝାଶୁଝା
- ■୨୪ ଘଣ୍ଟାରେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପ୍ରତିଶ୍ରୁତି

ଗୁରୁଡିଝାଟିଆ ଥାନା ଅଧୀନ କୁସପଙ୍ଗୀଠାରେ ରବିବାର ଅପରାହ୍ନ ପ୍ରାୟ ୩ଟାରେ ଅଟୋରୁ ଖସିପଡି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ଜେମାଦେଈପୁର ଗ୍ରାମର ଶ୍ୱେତ ସାମଲଙ୍କ ଝିଅ କୁନି ସାମଲ(୮)। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହ ୩ ଘଣ୍ଟା ଧରି ରାସ୍ତାରୋକୋ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟାରେ କୁସପଙ୍ଗୀ ପଞ୍ଚାୟତରେ ଆଠଗଡ଼ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ସାମିଲ ହେବା ପାଇଁ କେତେଜଣ ମହିଳାଙ୍କ ସମେତ କୁନି ଏକ ଅଟୋରେ ଜେମାଦେଈପୁରରୁ କୁସପଙ୍ଗୀ ଆସୁଥିଲେ। ହେଲେ ଉକ୍ତ ଅଟୋରେ ଆସୁଥିବା ଏକ ପୋଷାକୁକୁର ଭୁକିବାରୁ ଭୟରେ କୁନି ତଳକୁ ଖସିପଡିଥିଲେ। ସେହି ସମୟରେ ଅଟୋ ଚକା ତାଙ୍କ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତତ୍‌କ୍ଷଣାତ ଅଟୋ ଚାଳକ କୁନିଙ୍କୁ ନେଇ କେଉଁଆଡେ ପଳାଇ ଯାଇଥିଲେ। ଏହି ଖବର ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ତୁରନ୍ତ କୁନିଙ୍କୁ ଫେରାଇ ଆଣିବା, ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଓ ଅଭିଯୁକ୍ତ ଅଟୋ ଚାଳକଙ୍କୁ ଗିରଫ ପାଇଁ ଦାବି କରି ମୃତକଙ୍କ ମା'ବାପାଙ୍କ ସମେତ ଶତାଧିକ ମହିଳାପୁରୁଷ କୁସପଙ୍ଗୀ ଜଗନ୍ନାଥ ମନ୍ଦିର ସମ୍ମୁଖ ଜାତୀୟ ରାଜପଥକୁ ଅପରାହ୍ନ ସାଢେ ୩ଟାରେ ଅବରୋଧ କରିଥିଲେ। ଖବରପାଇ ଗୁରୁଡିଝାଟିଆ ଥାନାଧିକାରୀ ବିଜୟ କୁମାର ବିସି, ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ୧୦,୦୦୦ ଟଙ୍କା, ଦୁର୍ଘଟଣାଜନିତ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା ଓ ୨୪ ଘଣ୍ଟା ମଧ୍ୟରେ ଫେରାର ଅଟୋ ଚାଳକଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ସାଢେ ୬ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ତେବେ ଭୟରେ ସମ୍ପୃକ୍ତ ଅଟୋଚାଳକ କୁନିଙ୍କ ମୃତଦେହକୁ ଆଠଗଡ ଡାକ୍ତରଖାନାରେ ଛାଡି ଫେରାର ହୋଇଯାଇଥିବା ଆଇଆଇସି ବିସି କହିଛନ୍ତି।

ବିଶ୍ୱ ବୃକକ୍ ଦିବସ ପାଳିତ

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କଟକ ଅଫିସ, ୧୭।୩

ଭାରତୀୟ ଶିଶୁ ଚିକିତ୍ସକ ସଂଘ କଟକ ଶାଖା ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପକ୍ଷରୁ ରବିବାର ଶିଶୁଭବନ ପରିସରରେ ବୃକକ୍ ଦିବସ ପାଳିତ ହୋଇଛି। ଏହି ଅବସରରେ ଶିଶୁମାନଙ୍କର ବିଭିନ୍ନ କିଡ୍‌ନୀଜନିତ ସମସ୍ୟା, ତା'ର ଚିକିତ୍ସା ଏବଂ ଡାୟାଲିସିସ୍ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ କାନାଡାର ବିଶିଷ୍ଟ କିଡ୍‌ନୀ ରୋଗ ବିଶେଷଜ୍ଞ ଡ. ମାର୍ଟିନ ବିଜାନ, ଡ. ସରୋଜ ଶତପଥୀ, ସୁବଳ ପ୍ରଧାନ, ଲୀନା ଦାସ, ସଂଘମିତ୍ରା ପଣ୍ଡା, ପ୍ରସନ୍ନ ସାହୁ, ନିରଞ୍ଜନ ମହାନ୍ତି, ମୋହିନୀ ମୋହନ ଦାସ ଓ ଡ. ଅରକ୍ଷିତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

■ ବ୍ୟବସାୟୀଙ୍କୁ ଖଣ୍ଡାଚୋଟ ଘଟଣା

ହତ୍ୟା ଉଦ୍ୟମ ମାମଲା ରୁଜୁ

କଟକ ଅଫିସ, ୧୭।୩

ମାଲଗୋଦାମ ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଚିନି ବ୍ୟବସାୟୀ ଦାମୋଦର ଭଇଂଶଙ୍କାଙ୍କୁ କେତେଜଣ ଦୁର୍ବୃତ୍ତ ଖଣ୍ଡାରେ ଆକ୍ରମଣ କରିଥିଲେ। ରବିବାର ଦାମୋଦରଙ୍କ ପୁତୁରା ତନୁଜ ଏନେଇ ମାଲଗୋଦାମ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୩୦୭, ୩୨୪ରେ ଏକ ମାମଲା(୫୯/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ଦାମୋଦର ସିଡିଏ ସେକ୍ଟର-୬ ଅଞ୍ଚଳରେ ରହୁଥିବା ବେଳେ ତାଙ୍କର ମାଲଗୋଦାମ ଅଞ୍ଚଳରେ ଏକ ଚିନି ବ୍ୟବସାୟ ରହିଛି। ଶନିବାର ରାତିରେ ସେ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ବାଇକରେ ଘରକୁ ଫେରୁଥିବାବେଳେ ତାଙ୍କୁ କେତେଜଣ ବ୍ୟକ୍ତି ଅଟକାଇ ସଂଘବଦ୍ଧ ଭାବେ ଖଣ୍ଡା ଓ ଅନ୍ୟ କିଛି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସେ ତଳେ ପଡ଼ିଯିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳକୁ ଫେରାର ହୋଇଯାଇଥିଲେ। ତାଙ୍କୁ ସଂକଟାପନ୍ନ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖଣ୍ଡାଚୋଟରେ ତାଙ୍କ ବେକରେ ଗଭୀର ଆଘାତ ଲାଗିଛି। ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଟଙ୍କା କାରବାରକୁ ନେଇ ଏହି ଘଟଣା ଘଟିଥାଇପାରେ ବୋଲି ଥାନା ଅଧିକାରୀ ରବିନାରାୟଣ ଭଞ୍ଜ କହିଛନ୍ତି।

ଶିଶୁ ସାହିତ୍ୟ ମୂଲ୍ୟବୋଧ ଭିତ୍ତିକ ହେବା ଆବଶ୍ୟକ



ଶିଶୁ ସାହିତ୍ୟ ଲେଖକ ସମ୍ମେଳନ ଅଷ୍ଟାଦଶ ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ଅଫିସ, ୧୭।୩

ଶିଶୁ ସାହିତ୍ୟ ମୂଲ୍ୟବୋଧ ଭିତ୍ତିକ ହେବା ଆବଶ୍ୟକ। ମା ବାପା ଓ ଶିକ୍ଷକଙ୍କ ପରେ ଚରିତ୍ର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ଶିଶୁ ସାହିତ୍ୟକମାନେ। ସେମାନେ ଶିଶୁମାନଙ୍କୁ ସ୍ୱପ୍ନ ପ୍ରବଣ କରାଇଥାନ୍ତି। ବୌଦ୍ଧିକ ବିକାଶ ଶିଶୁ ସାହିତ୍ୟର ମୁଖ୍ୟ ଉଦ୍ଦେଶ୍ୟ ହେବା ଆବଶ୍ୟକ ବୋଲି ଶିଶୁ ସାହିତ୍ୟ ଲେଖକ ସମ୍ମେଳନ ଅଷ୍ଟାଦଶ ସମାବର୍ତ୍ତନ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମହାନଦୀ ବିହାରସ୍ଥିତ ମହାନଦୀ ଭବନରେ ଶିଶୁ ସାହିତ୍ୟ ଲେଖକ ସମ୍ମେଳନ ଓଡିଶାର ଅଷ୍ଟାଦଶ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ମହେଶ୍ୱର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଡ. ରଜତ କୁମାର କର ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଖାରବେଳ ମହାନ୍ତି, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ନିରଞ୍ଜନ ପାଢୀ, ମୁଖ୍ୟଅତିଥି ଭାବେ ପ୍ରଫେସର ସଂଘମିତ୍ରା ଉପସ୍ଥିତ ଥିଲେ। ଏହି ଅବସରରେ ମୀନାକ୍ଷୀ ଦେବୀ ଓ ପ୍ରଫେସର ଜଗମୋହନ ରାଠୋରଙ୍କୁ ଶିଶୁଗୀତି ସମ୍ମାନ, ଡ. ନିରଞ୍ଜନ ସାହୁ ଓ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କୁ ଶିଶୁ ସାହିତ୍ୟ ଗବେଷଣା ସମ୍ମାନ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଓ ବଲାଙ୍ଗୀରର କିଶୋର ହାଡିବନ୍ଧୁ ସାମନ୍ତରାୟଙ୍କୁ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା।

ଡ୍ରିମ୍‌ସରେ ରାଜ୍ୟସ୍ତରୀୟ ବି-ସ୍କୁଲ ମିଟ୍

କଟକ ଅଫିସ, ୧୭।୩

ଡ୍ରିମ୍‌ସ ଏମ୍‌ବିଏ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବି-ସ୍କୁଲ ମିଟ୍-୨୦୧୯ କ୍ୟାମ୍ପସ ପରିସରସ୍ଥ ରାଣୀଦେବୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ସ୍ନିଗ୍ଧମଧୁସୂଦନ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନରୁ ଶତାଧିକ ଛାତ୍ର ପ୍ରତିନିଧି ଓ ଅଧ୍ୟାପିକାଅଧ୍ୟାପକ ଯୋଗଦେଇଥିଲେ। ଏଠାରେ ବିଜିନେସ୍ କୁଇଜ୍, ବି-ପ୍ଲାନ, ସଙ୍ଗୀତ, ନୃତ୍ୟ, ଫେସ୍ ପେଣ୍ଟିଂ ଆଦି ପ୍ରତିଯୋଗିତା ପାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

ସାହସିକତା ପାଇଁ କନଷ୍ଟେବଲ ସମ୍ବର୍ଦ୍ଧିତ

କଟକ ଅଫିସ, ୧୭।୩

ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ପକ୍ଷରୁ କଟକ ସଦର ଥାନାରେ କାର୍ଯ୍ୟରତ କନଷ୍ଟେବଲ ଶରତ ବିଶ୍ୱାଳଙ୍କୁ ରବିବାର ସମ୍ମାନିତ କରାଯାଇଛି। ସଦର ଥାନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଜର ସାହସିକତା ପାଇଁ ଶରତଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଦର ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା, ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ଶରତ କୁମାର ରଥ, ସ୍ତମ୍ଭକାର ଇଂ. ସନ୍ନ୍ୟାସୀ, ଖବରଦାତା ରମେଶ ଚନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏବଂ ସୁବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ମାସରେ ବ୍ରାହ୍ମଣଝରିଲୋ ବଜାର ନିକଟରେ ଦୁଇଜଣ ସ୍କୁଲ ଛାତ୍ର ରାସ୍ତା ପାର ହେଉଥିଲେ। ସେହି ସମୟରେ ସେମାନଙ୍କ ଆଡକୁ ଏକ ଟ୍ରକ୍ ହଠାତ୍ ମାଡି ଆସିଥିଲା। ସେଠାରେ ଡ୍ୟୁଟି କରୁଥିବା ଶରତ ଏହା ଦେଖିବା ପରେ ଉପସ୍ଥିତ ବୁଦ୍ଧି ଖଟାଇ ଦୁଇ ଛାତ୍ରଙ୍କୁ ଉଦ୍ଧାର କରିଥିଲେ। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ମଧ୍ୟ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପୁଣି ଗୋବର ଟାଙ୍କିରୁ ମିଳିଲା ଖପୁରି, ପଞ୍ଜରା ହାଡ଼

ନିଆଳି, ୧୭।୩(ଡି.ଏନ୍.ଏ.)

ନିଆଳି ଥାନା ଅଧୀନ କଟିକଟା ଗ୍ରାମର ଧ୍ରୁବ ସାହୁ (୬୧) ଚାରିବର୍ଷ ତଳେ ନିଖୋଜ ଥିଲେ। ଶନିବାର ଅପରାହ୍ନରେ ତାଙ୍କ ପୁଅ ଧନେଶ୍ୱର ଘର ବାରିରେ ଥିବା ଗୋବର ଟାଙ୍କିକୁ ଶ୍ରମିକ ଲଗାଇ ସଫା କରୁଥିବା ବେଳେ ବାପା ପିନ୍ଧିଥିବା ଲୁଙ୍ଗି, ହାତ ଓ ଟ୍ରଟ୍‌କୁ ଉଦ୍ଧାର କରାଯାଇଥିଲା। ରବିବାର ପୁଣି ଉକ୍ତ ଟାଙ୍କିରୁ ଖପୁରି ଓ ପଞ୍ଜରା ହାଡ ଜବତ କରାଯାଇଛି। ଧ୍ରୁବଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରି ଉକ୍ତ ଟାଙ୍କିରେ ପକାଇ ଦେଇଥିବା ଧନେଶ୍ୱର ନିଆଳି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଆଇପିସିର ଦଫା ୩୦୨ ଓ ୨୦୧ ଅନୁଯାୟୀ ମାମଲା (ନଂ.୬୩/୧୯) ରୁଜୁ କରିଛି। ୨୦୧୫ ଅଗଷ୍ଟ ୨ ତାରିଖ ବିଳମ୍ବିତ ରାତିରେ ଧ୍ରୁବ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ସେହି ଗ୍ରାମର ଜନୈକ ବ୍ୟକ୍ତି ପୂର୍ବଶତ୍ରୁତାକୁ ନେଇ ତାଙ୍କ ସ୍ୱାମୀଙ୍କୁ ଅପହରଣ କରିଛନ୍ତି ବୋଲି ସ୍ତ୍ରୀ ଲୋଭା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଅପହରଣ ମାମଲା ରୁଜୁ କରି ଚୁପ୍ ବସିରହିଥିଲା। ଗତ ଶନିବାର ଗୋବର ଟାଙ୍କିକୁ ସଫା କରାଯିବାବେଳେ ଧ୍ରୁବ ପିନ୍ଧିଥିବା ଲୁଙ୍ଗି, ଟ୍ରଟ୍‌କୁ ଦେଖି ଧନେଶ୍ୱର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅନୁସନ୍ଧାନ କରିଥିଲା। ହେଲେ ସନ୍ଧ୍ୟା ହୋଇଯିବାରୁ ମୃତଦେହର ଅବଶିଷ୍ଟ ଅଂଶକୁ କଢାଯାଇପାରି ନ ଥିଲା। ରବିବାର ପୁନର୍ବାର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ଉକ୍ତ ଟାଙ୍କି ଭିତରୁ ମୃତ ବ୍ୟକ୍ତିଙ୍କ ଖପୁରି, ପଞ୍ଜରା, ହାତକୁ ଜବତ କରିଛି। ଏ ନେଇ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କୁହନ୍ତି, ଅଭିଯୋଗକୁ ଭିତ୍ତିକରି ହତ୍ୟା ମାମଲା ରୁଜୁ ହୋଇଛି। ଉକ୍ତ ଖପୁରି, ହାତ ପରୀକ୍ଷା ପାଇଁ କଟକ ପଠାଯାଇଛି। ରିପୋର୍ଟ ଆସିଲେ ଏହି ଖପୁରୀ ଓ ହାଡ ଧ୍ରୁବଙ୍କର କି ନୁହେଁ ତାହା ଜଣାପଡିବ।

ନଈ ଚୋରି ଅଭିଯୋଗ ଆଣିଲେ ଭାଜପା ନେତା

କଟକ ଅଫିସ, ୧୭।୩

କାଠଯୋଡ଼ୀର ବାଲି, ମହାନଦୀର ପାଣି ଚୋରି ପରେ କଟକର ନଈ ଚୋରି ହୋଇଥିବା ଅଭିଯୋଗ ଆଣିଛନ୍ତି ଭାଜପା ନେତା ବିଶ୍ୱଜିତ୍ ମହାନ୍ତି। ଶନିବାର ସିଏମ୍‌ସି ୱାର୍ଡ ନଂ. ୩୦ ରାଜାବଗିଚା, କୁସୁନପୁରଠାରେ ଅନୁଷ୍ଠିତ ସାହି ସଭାରେ ମହାନ୍ତି କହିଥିଲେ, କଟକର ଐତିହାସିକ ପ୍ରାଚୀ ନଈ ଆଉ ନାହିଁ, ଚୋରି ହୋଇସାରିଛି। କେତେଜଣ ନେତା ଓ ଜମି ମାଫିଆ ଏହି ଜମିକୁ ପ୍ଲଟ କରି ବାଣ୍ଟି ଦେଇଛନ୍ତି। କାଗଜପତ୍ରରେ ପ୍ରାଚୀ ଡିଭିଜନ୍ ଅଫିସ୍ ଚାଲିଛି। ପ୍ରାଚୀ କେନାଲ ଅଛି, ହେଲେ ପ୍ରାଚୀ ନଈ ଗଲା କୁଆଡ଼େ ବୋଲି ମହାନ୍ତି ପ୍ରଶ୍ନ କରିଥିଲେ। ନିଜ ଘରେ ନିଜେ କେହି ଚୋରି କରେ ନାହିଁ। ତେଣୁ ଏଥର ଜଣେ କଟକୀ ପୁଅକୁ କଟକ ମାଟିର ସେବା କରିବାକୁ ସୁଯୋଗ ଦେବାକୁ ମହାନ୍ତି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ

ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

କଟକ ସଦର,୧୭।୩ (ଡି.ଏନ୍.ଏ.)

କଟକ ସଦର ବ୍ଲକ ଅଧୀନ ସିଦ୍ଧେଶ୍ୱରପୁରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ଅଧ୍ୟକ୍ଷ ଖଲିକୁଜ ଜମାନ ଖାଁଙ୍କ ପୌର

ପ୍ରଥମେ ଆଦେଶ ମାନିବାକୁ ଶିଖ, ଆଦେଶ ଦେବା ବଳେ ବଳେ ଆସିବ। ପ୍ରଥମେ ସେବକ ହେବାକୁ ଶିକ୍ଷା କର, ତା'ପରେ ତୁମେ ସେବ୍ୟ ହେବାକୁ ଉପଯୁକ୍ତ ହେବ। -ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ନିରାକାରପୁର,୧୭।୩(ଡି.ଏନ.ଏ.): ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ସରଳ ସିଂହ ଏଲ୍‌ସି ଗେଟ୍ ନିକଟସ୍ଥ କିଲୋମିଟର ନମ୍ବର-୫୧୬/୨୧-୨୩ ପାଖ ରେଳଧାରଣା ଉପରୁ ଜଣେ ଯୁବକଙ୍କ ମୃତଦେହ ରବିବାର ନିରାକାରପୁର ରେଳବାଇ ଫାଣ୍ଡି ପୋଲିସ ଉଦ୍ଧାର କରିଛି। ତେବେ ମୃତକଙ୍କ ପରିଚୟ ଏ ପର୍ଯ୍ୟନ୍ତ ମିଳିପାରି ନ ଥିବା ଜଣାପଡ଼ିଛି। ତାଙ୍କର ବୟସ ପ୍ରାୟୀ୫ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବାବେଳେ ଟ୍ରେନ୍‌ରୁ ଖସିପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ରେଳବାଇ ପୋଲିସ ନଂ. ୨୫/୧୯ରେ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠେଇ ଦେଇଛି।

ଗାଡି ଚୋରି ରୋକିବ ଜିପିଏସ୍

ଖୋର୍ଦ୍ଧା ଅଫିସ,୧୭।୩: ବାଇକ୍ ଚୋରି ଏବେ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏଭଳିସ୍ଥଳେ ଏକ କମ୍ପାନୀ ପକ୍ଷ ଶକ୍ତିଶାଳୀ ଡିଭାଇସ୍ (ଜିପିଏସ୍)ପ୍ରସ୍ତୁତ କରାଯାଇଛି। ଗାଡ଼ି ଚୋରି କଲେ, କେହି ଗାଡ଼ିରେ ହାତ ମାରିଲେ ଜିପିଏସ୍ ସଙ୍ଗେ ସଙ୍ଗେ ମୋବାଇଲକୁ ରିଙ୍ଗ ଦେବା ସହ କେଉଁ ରାସ୍ତା ଦେଇ ଗାଡ଼ି ଯାଉଛି ତାହା ମଧ୍ୟ ସୂଚନା ଦେବ। ଏମିତିକି ୪ ଚକିଆ ଯାନରେ ଡ୍ରାଇଭର କେଉଁ ଦିଗକୁ ଗାଡ଼ି ନେଇଛି ଏବଂ ଗାଡ଼ିରେ କେତେ ପରିମାଣରେ ତେଲ ରହିଛି ତାହା ସେନସର ଜିପିଏସ୍ ମାଧ୍ୟମରେ ନିଜ ମୋବାଇଲ ଦେଖିବାର ସୁବିଧା ଉପଲବ୍ଧ ରହିଛି। କେବଳ ଗାଡ଼ି ନୁହଁ ଦୋକାନ ଚୋରି, ଘର ଚୋରିରୁ ରକ୍ଷା ପାଇବାକୁ ଶଟର ଏବଂ କବାଟରେ ଏଭଳି ଜିପିଏସ କମ୍ପାନୀ ଦ୍ୱାରା ଉପଲବ୍ଧ ରହିଛି। ଏ ନେଇ ରବିବାର ଖୋର୍ଦ୍ଧାରେ ଖବରଦାତା ସମ୍ମିଳନୀରେ କମ୍ପାନୀର ସିଇଓ ପରମାନନ୍ଦ ବେହେରା, ମାର୍କେଟିଂ ମ୍ୟାନେଜର ଲିଙ୍ଗରାଜ ବାରିକ ଓ ବ୍ୟବସାୟର ମୁଖ୍ୟ ଶାନ୍ତନୁ ବେହେରା ସୂଚନା ଦେଇଛନ୍ତି।

ଆତଙ୍କବାଦର ବିନାଶ କରାଯାଉ

ଖୋର୍ଦ୍ଧା ଅଫିସ,୧୭।୩: ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚସ୍ଥିତ ଦୁଇଟି ମସ୍‌ଜିଦରେ ଆତଙ୍କବାଦୀଙ୍କ ବର୍ବରକାଣ୍ଡ ଦ୍ୱାରା ୪୯ ଜଣ ନିରୀହ ଉପାସକଙ୍କର ପ୍ରାଣ ଯାଇଛି। ଅନେକ ଆହତ ହୋଇଛନ୍ତି। ଆତଙ୍କବାଦର ଏହି ଅମାନୁଷିକ କାର୍ଯ୍ୟକଳାପକୁ ବିଶ୍ୱବ୍ୟାପ୍ତ ଅହଲ୍ଲଦୀୟା ମୁସଲିମ ସଙ୍ଗଠନର ଖୋର୍ଦ୍ଧା ଓ ନୟାଗଡ଼ ଜିଲା ଇନ୍‌ଚାର୍ଜ ମୌଲାନା ଫଜଲ ହକ ଖାଁ ନିନ୍ଦା କରିଛନ୍ତି। ସେ କହିଛନ୍ତି, ଅହଲ୍ଲଦୀୟା ମୁସଲିମ ସଙ୍ଗଠନର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସ୍‌ରୁର ଅହଲ୍ଲଦ ଦୁଃଖଦ ଘଟଣାର ଘୋର ନିନ୍ଦା କରିଛନ୍ତି। ଏଭଳି ଜଘନ୍ୟ ଏବଂ ସମ୍ପୂର୍ଣ୍ଣ ଅମାନୁଷିକ ଆକ୍ରମଣର ବିଶ୍ୱସ୍ତରରେ ନିନ୍ଦା ହେବା ଉଚିତ। ପ୍ରତ୍ୟେକ ଧର୍ମର ଲୋକଙ୍କୁ ଶାନ୍ତିପୂର୍ଣ୍ଣ ବାତାବରଣରେ ନିଜ ନିଜ ପଦ୍ଧତି ଅନୁଯାୟୀ ଉପାସନା କରିବାର ସୁଯୋଗ ମିଳିବା ଦରକାର। ନ୍ୟୁଜିଲାଣ୍ଡର ଏ ଘଟଣା ବିଶ୍ୱର ସମସ୍ତ ରାଷ୍ଟ୍ର ପାଇଁ ଏକ ଶିକ୍ଷା ଏବଂ ଚେତାବନୀ। ଏଣୁ ସମସ୍ତ ରାଷ୍ଟ୍ର ମିଳିମିଶି ଆତଙ୍କବାଦର ସମୂଳେ ବିନାଶ କରିବାର ସମୟ ଉପନୀତ।

ଚାନ୍ଦପୁର ଦଶଦୋଳ ମେଳଣ: ପୋଲିସର ପ୍ରସ୍ତୁତି ବୈଠକ

ଟାଙ୍ଗୀ (ଖୋର୍ଦ୍ଧା),୧୭।୩ (ଡି.ଏନ.ଏ.): ଅଞ୍ଚଳର ପ୍ରସିଦ୍ଧ ଚାନ୍ଦପୁର ଦଶଦୋଳ ଯାତ୍ରା ଓ ମେଳଣ ଶାନ୍ତିଶୃଙ୍ଖଳାର ସହିତ ସମାହିତ କରିବା ପାଇଁ ଚାନ୍ଦପୁର ଥାନା ତରଫରୁ ଏକ ପ୍ରସ୍ତୁତି ବୈଠକ ଶନିବାର ସନ୍ଧ୍ୟାରେ ଥାନା ପରିସରରେ ଆୟୋଜିତ ହୋଇଯାଇଛି। ଥାନା ଅଧିକାରୀ ଗିରିଜାନନ୍ଦନ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଜିଲାପରିଷଦ ସଭ୍ୟ ବିଜୟ କେତନ ସାହୁ, ରଣପୁର ବ୍ଲକ୍ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, କନ୍ଧନୟାଗଡ ସରପଞ୍ଚ ଅରୁଣ କୁମାର ସୁବୁଦ୍ଧି, ଦଶଦୋଳ କମିଟି ସଭାପତି ଅଭିରାମ ସାହୁ, ସମ୍ପାଦକ ମନୋଜ କୁମାର ଦାସଙ୍କ ସମେତ ଆଖପାଖ ଗ୍ରାମର ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

କନ୍ୟକା ପରମେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଟାଙ୍ଗୀ (ଖୋର୍ଦ୍ଧା), ୧୭।୩ (ଡି.ଏନ.ଏ.): ଶନିବାର ପବିତ୍ର ଫଗୁଦଶମୀ ତିଥିରେ ଟାଙ୍ଗୀର ମା' ଶ୍ରୀ ଶ୍ରୀ କନ୍ୟକା ପରମେଶ୍ୱରୀ ମନ୍ଦିରର ୨୦ ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଡା. ମଧୁସୂଦନ ସେନାପତି ଓ ତାଙ୍କ ସ୍ତ୍ରୀ ମୀରାବାଈ ସେନାପତିଙ୍କ ପୌରୋହିତ୍ୟରେ ପଣ୍ଡିତ ବୃନ୍ଦାବନ ଦାସ, ବିରଞ୍ଚି ନାରାୟଣ ଦାଶ ପ୍ରମୁଖ ହୋମଯଜ୍ଞ କରିଥିଲେ। ମନ୍ଦିର କମିଟି ସମ୍ପାଦକ ମହେଶ୍ୱର ସେନାପତି, କିଶୋର ଚନ୍ଦ୍ର ମହାପାତ୍ର ସମେତ ରଘୁନାଥ କଳିଙ୍ଗ ବୈଶ୍ୟ ସଂଘ, ଉଗ୍ରତାରା କଳିଙ୍ଗ ଓ କନ୍ଧନୟାଗଡ କଳିଙ୍ଗ ବୈଶ୍ୟ ସଂଘର ସମସ୍ତ ସଭ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ।

■ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ

ଗର୍ଭବତୀ ମହିଳାଙ୍କ ଚିକିତ୍ସା ପ୍ରହସନ

- ଶନିବାର ସନ୍ଧ୍ୟାରୁ ସୋମବାର ସକାଳ ପର୍ଯ୍ୟନ୍ତ ଅସ୍ତ୍ରୋପଚାର ବନ୍ଦ
- ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୬ ଡାକ୍ତର
- ଆୟୁଷ୍ ଡାକ୍ତର ଓ ଆସିଷ୍ଟାଣ୍ଟ ସର୍ଜନ କରୁଛନ୍ତି ଚେକ୍‌ଅପ
- ୨ସ୍ଥାନରେ ଜଣେ ନିଶ୍ଚେତକ ଡାକ୍ତର

ଖୋର୍ଦ୍ଧା ଅଫିସ,୧୭।୩:

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ରୋଗୀ ସଂଖ୍ୟା ବଢୁଥିବାବେଳେ ଉନ୍ନତ ସେବା ମିଳୁନି। ନିଶ୍ଚେତକ ଡାକ୍ତର ଅଭାବର ଆଳ ଦେଖାଇ ଦିନକୁ ୧୬ ଘଣ୍ଟା ଅସ୍ତ୍ରୋପଚାର କରାଯାଉନାହିଁ। ପୁଣି ସପ୍ତାହର ଶନିବାର ସନ୍ଧ୍ୟାରୁ ସୋମବାର ସକାଳ ପର୍ଯ୍ୟନ୍ତ ପ୍ରାୟ ୪୦ ଘଣ୍ଟା ଅସ୍ତ୍ରୋପଚାର ବନ୍ଦ ରହୁଛି। ଅନ୍ୟପକ୍ଷେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୬ ଡାକ୍ତର କାର୍ଯ୍ୟ କରୁଥିବାବେଳେ ଆଉଟ୍ ଡୋରରେ ଆୟୁଷ ଡାକ୍ତର ଓ ଆସିଷ୍ଟାଣ୍ଟ ସର୍ଜନ ଗର୍ଭବତୀ ମହିଳାଙ୍କର ଚେକ୍‌ଅପ କରୁଛନ୍ତି। ଯଦି ସ୍ତ୍ରୀ ଓ ପ୍ରସୂତି ବିଭାଗୀୟ ଡାକ୍ତର ଚେକ୍‌ଅପ ନ କରିବେ ତେବେ ୨ ସ୍ଥାନରେ ୬ ଜଣଙ୍କୁ କାହିଁକି ନିୟୋଜିତ କରାଯାଇଛି।

ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ଅସ୍ତ୍ରୋପଚାର କରାଯାଉନାହିଁ। ଏଠାରେ ଅସ୍ତ୍ରୋପଚାର ଲାଗି ଏକମାତ୍ର ଅପରେଶନ ଥିଏଟର ରହିଛି। ଅସ୍ତ୍ରୋପଚାର ଲାଗି ନିଶ୍ଚେତକ ଡାକ୍ତରଙ୍କ ମୁଖ୍ୟ ଭୂମିକା ରହିଛି। ଚିକିତ୍ସାଳୟରେ ନିଶ୍ଚେତକ ଡାକ୍ତର ଦୁଇଟି ପଦବୀ ରହିଛି। ବର୍ତ୍ତମାନ ଜଣେ ମାତ୍ର ନିଶ୍ଚେତକ ଡାକ୍ତରରେ ଚାଲିଛି। ସେ ଦିନ ବେଳେ ଡ୍ୟୁଟି କରୁଥିବା ବେଳେ ରାତିରେ ନିଶ୍ଚେତକ ଡାକ୍ତର ନ ଥିବାରୁ ଅସ୍ତ୍ରୋପଚାର ବନ୍ଦ ରହୁଛି। ନିଶ୍ଚେତକ ଡାକ୍ତରଙ୍କ ସାପ୍ତାହିକ ଛୁଟିଦିନ ରବିବାରରେ ବି ଅସ୍ତ୍ରୋପଚାର ଲାଗି ସମସ୍ୟା ଉପୁଜୁଛି। ଅପରେଶନ ଥିଏଟରଙ୍କୁ ଜୀବାଣୁ ମୁକ୍ତ ଲାଗି ବିଶୋଧନ କରାଯାଉଛି। ଏଣୁ ପ୍ରତି ସପ୍ତାହର ଶନିବାର ସନ୍ଧ୍ୟା ୫ଟାରୁ ସୋମବାର ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ଅପରେଶନ ଥିଏଟର ବନ୍ଦ ରହୁଛି। ନିଶ୍ଚେତକ ଡାକ୍ତର ନ ଥିଲେ ଗୋଟିଏ ଅସ୍ତ୍ରୋପଚାର ଲାଗି ୧ ହଜାର ଟଙ୍କା ପ୍ରଦାନ କରି ଡାକ୍ତର ନିୟୋଜିତ କରିବାର ବ୍ୟବସ୍ଥା ରହିଛି। ହେଲେ ଏହାକୁ ଅଣଦେଖା କରାଯାଉଛି। ଫଳରେ ଗର୍ଭବତୀ ମହିଳା ଜଣକ ଗର୍ଭ ଯନ୍ତ୍ରଣା ଭୋଗିବା ସାର ହେଉଛି। ମେଡିକାଲରେ ଭର୍ତ୍ତି ହୋଇଥିବା ରୋଗୀଙ୍କୁ ବି ନିଶ୍ଚେତକ ଡାକ୍ତର ନ ଥିବା କାରଣ ଦେଖାଇ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଉଛି। ଗର୍ଭବତୀ ମହିଳା ସନ୍ଧ୍ୟା ଓ ସକାଳେ ଚିକିତ୍ସାଳୟକୁ ଆସିଲେ ସେମାନେ କଳବଳ ହେବା ବ୍ୟତୀତ ଅନ୍ୟ ଉପାୟ ନାହିଁ। ଅନ୍ୟପକ୍ଷେ ଦଲାଲମାନେ ଚିକିତ୍ସାଳୟରେ ଘୂରି ବୁଲି ନର୍ସିଂହୋମକୁ ରୋଗୀମାନଙ୍କୁ ପ୍ରବର୍ତ୍ତାଇ ଚାଲାଣ କରୁଛନ୍ତି। ଏହା ପଛରେ ଡାକ୍ତରଙ୍କ ହାତ ରହୁଥିବା ଚର୍ଚ୍ଚା ହେଉଛି। ଚିକିତ୍ସାଳୟର ଡାକ୍ତର ଯାଇ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରୁଥିବା ଅଭିଯୋଗ ହୋଇଆସୁଛି। ଏଭଳିସ୍ଥିତିରେ ୨ ଜଣଙ୍କ ସ୍ଥାନରେ ୬ ଡାକ୍ତର ରହିଥିବା ସତ୍ତ୍ୱେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଉପଯୁକ୍ତ ସେବା ନ ମିଳିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। କେଉଁଠି ତ୍ରୁଟି ରହିଲା ତା'ର ଠିକ୍ ସମୀକ୍ଷା ହେଉ ନ ଥିବାରୁ ସମାଧାନ ହୋଇପାରୁନାହିଁ। ଏ ନେଇ ଏଡିଏମ୍‌ଓ(ମେଡିକାଲ) ଉତ୍କଳ କୁମାର ରଥଙ୍କୁ ପଚାରିବାରୁ ରାତିରେ ଅସ୍ତ୍ରୋପଚାର ବନ୍ଦ ରହିଥିବା କଥାକୁ ସେ ସ୍ୱୀକାର କରିବା ସହ ଦୁଃଖ ପ୍ରକାଶ କରିଛନ୍ତି। ୨ଜଣ ନିଶ୍ଚେତକ ପଦବୀରୁ ଏଠାରେ ଗୋଟିଏ ପଦବୀ ଖାଲି ପଡିଛି। ଜଣେ ଡାକ୍ତର ଦିନ ବେଳେ ଡ୍ୟୁଟି କରୁଥିବା ବେଳେ ରାତିରେ ନିଶ୍ଚେତକ ଡାକ୍ତର ନ ଥିବାରୁ ଅସ୍ତ୍ରୋପଚାର ବନ୍ଦ ରହୁଛି। ଆଉଟ୍ ଡୋରରେ ଆୟୁଷ୍ ଡାକ୍ତର ଓ ଆସିଷ୍ଟାଣ୍ଟ ସର୍ଜନ ଗର୍ଭବତୀ ମହିଳାଙ୍କ ଚେକ୍‌ଅପ ସଂକ୍ରାନ୍ତରେ କହିଥିଲେ ଏଥିରେ କିଛି ଅସୁବିଧା ନାହିଁ।

ବିଜେଡିର ମହିଳା କର୍ମୀ ସମାବେଶ

ବାଲୁଗାଁ,୧୭।୩(ଡି.ଏନ୍.ଏ.)

ବାଲୁଗାଁସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ରବିବାର ବାଲୁଗାଁ ଏନ୍‌ଏସିର ମହିଳା କର୍ମୀ ସମାବେଶ ସଭାପତି ସୁଜାତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମାବେଶରେ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାର ମହିଳାମାନଙ୍କ ପାଇଁ ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇବା ସହ ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳା ଓ ବୈମାତୃକ ମନୋଭାବ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଚିଲିକା ନିର୍ବାଚନ ମଣ୍ଡଳୀ ମହିଳା ସମାବେଶର ପର୍ଯ୍ୟବେକ୍ଷକ ସୂର୍ଯ୍ୟମଣୀ ବେହେରା, ମହିଳା ସଭାନେତ୍ରୀ କବିତାରାଣୀ ମହାପାତ୍ର, ବେବିନା ତ୍ରିପାଠୀ, ସୁପ୍ରିୟା ମହାରଣା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମାଝିଙ୍କ ସମେତ ଶତାଧିକ ମହିଳା କର୍ମୀ ଯୋଗଦେଇଥିଲେ।

ସମାବେଶରେ ଯୋଗ ଦେଇଥିବା ମହିଳାମାନେ।

ନିଶାନ ଶୋଭାଯାତ୍ରା

ଶ୍ୟାମ ମହୋତ୍ସବ ଲାଗି ଶ୍ରଦ୍ଧାଳୁଙ୍କ ପକ୍ଷରୁ ବାହାରିଥିବା ନିଶାନ ଶୋଭାଯାତ୍ରା।

ଜଟଣୀ,୧୭।୩(ଡି.ଏନ.ଏ.)

ଜଟଣୀ ଗୋପୀନାଥ ମନ୍ଦିରରେ ରବିବାର ଆୟୋଜିତ ଶ୍ରୀ ଶ୍ୟାମ ମହୋତ୍ସବ ପରିପ୍ରେକ୍ଷୀରେ ଏକ ନିଶାନ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସ୍ଥାନୀୟ ଉତ୍ତରାୟଣୀ ମନ୍ଦିର ନିକଟରୁ ବାହାରିଥିବା ଶୋଭାଯାତ୍ରାରେ ମହିଳାପୁରୁଷମାନେ ସାମିଲ ହୋଇଥିଲେ।

ଦେଉଳି ଗ୍ରାମରେ ଶଙ୍ଖ କାର୍ଯ୍ୟକ୍ରମ

ବୋଲଗଡ଼,୧୭।୩(ଡି.ଏନ.ଏ.)

ବୋଲଗଡ଼ ବ୍ଲକର ଗୋପାଳପୁର ପଞ୍ଚାୟତ ଦେଉଳି ଗ୍ରାମରେ ଶନିବାର ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ନବୀନ ପଟ୍ଟନାୟକ ସରକାରଙ୍କ ଜନହିତକର ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ଲେଖାଥିବା ଏକ ଫର୍ମରେ ଜନସାଧାରଣଙ୍କଠାରୁ ମତାମତ ସଂଗ୍ରହ କରାଯାଇ ଏକ ବାକ୍ସ ମାଧ୍ୟମରେ ରଖାଯାଉଛି। ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଦେଉଳି ଗ୍ରାମରେ କେତେକ ଘରକୁ ଯାଇ ଏପରି ମତାମତ ସଂଗ୍ରହ କରିଛନ୍ତି। ଏହି ଅବସରରେ ଉକ୍ତ ଗ୍ରାମରେ ଆୟୋଜିତ ଏକ ଦଳୀୟ ସଭାରେ ସ୍ଥାନୀୟ ଅଞ୍ଚଳରୁ ଶତାଧିକ ମହିଳା ଯୋଗଦେଇଥିଲେ। ବିଗତ ସାଢେ ଚାରି ବର୍ଷ ମଧ୍ୟରେ ସ୍ଥାନୀୟ ଅଞ୍ଚଳରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିଧାୟକ ଜଗଦ୍ଦେବ କହିଥିଲେ। ବେଗୁନିଆ ନିର୍ବାଚନ ମଣ୍ଡଳୀକୁ ଆଗାମୀ ଦିନରେ ଅଧିକରୁ ଅଧିକ ବିକଶିତ କରାଯିବା ପାଇଁ ଜନସାଧାରଣଙ୍କ ସହଯୋଗ ଲୋଡିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୋଲଗଡ଼ ବ୍ଲକ ଅଧ୍ୟକ୍ଷ ଗୋପାଳ ଚରଣ ବେହେରା,ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ବିଜେଡିର ଖୋର୍ଦ୍ଧା ଜିଲା ମହିଳା ପର୍ଯ୍ୟବେକ୍ଷକ ପୁଷ୍ପାଞ୍ଜଳି ପାଣି, ବିଜୟ କୁମାର ଲେଙ୍କା, ବ୍ଲକ ମହିଳା ମହାସଂଘର ସଭାପତି ଶୈଳବାଳା ବାହିନୀପତି ଓ ସମ୍ପାଦିକା ଗୀତାଞ୍ଜଳି ମହାନ୍ତି ପ୍ରମୁଖଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

■ ଏସ୍‌ଇଏମ୍ ସଂଘ ପକ୍ଷରୁ ବୈଠକ

ନଳକୂପ ମରାମତି, ଜଳଯୋଗାଣ ବନ୍ଦ ଚେତାବନୀ

ବୋଲଗଡ଼,୧୭।୩(ଡି.ଏନ.ଏ.)

ନଳକୂପ ମରାମତି ଏବଂ ପାନୀୟ ଜଳ ଯୋଗାଣ ପାଇଁ କାର୍ଯ୍ୟ କରୁଥିବା ଏସ୍‌ଇଏମ୍‌ମାନେ ଭତ୍ତା ବୃଦ୍ଧି ସହ ଚାକିରି ମାନ୍ୟତା ଦାବି କରିଛନ୍ତି। ଏହି ଅବସରରେ ବୋଲଗଡ଼-ବେଗୁନିଆ ଏସ୍‌ଇଏମ୍ ସଂଘ ପକ୍ଷରୁ ବୋଲଗଡ଼ ବ୍ଲକ ପିରୁକୁଳିସ୍ଥିତ ପଞ୍ଚୁଦୋଳ ପଡିଆଠାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ଗ୍ରୀଷ୍ମଋତୁରେ ମରାମତି କରୁଛୁ। ଏହି କାର୍ଯ୍ୟ କରୁଥିବା କର୍ମଚାରୀମାନେ ମାସିକ ୧୫ ହଜାରରୁ ଊର୍ଦ୍ଧ୍ୱ ଦରମା ପାଉଥିବାବେଳେ ଆମେ ମାସକୁ ମାତ୍ର ୧୬୦୦ଟଙ୍କା ଭତ୍ତା ପାଉଛୁ। ଆମକୁ ଚାକିରି ମାନ୍ୟତା ମିଳୁନାହିଁ। କିନ୍ତୁ ଆମେ କଠିନ ପରିଶ୍ରମ କରୁଛୁ। ଯଦି ସରକାର ଆମର ଦାବି ପୂରଣ ନ କରନ୍ତି ତେବେ ଆମେ ସାମୂହିକ ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବୁ ଏବଂ ସରକାର ହିଁ ଏଥିପାଇଁ ଦାୟୀ ରହିବେ। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦିଆଯିବ ବୋଲି ସ୍ୱାଇଁ କହିଛନ୍ତି ।

ବୈଠକରେ ଯୋଗଦେଇଥିବା ଏସ୍‌ଇଏମ୍ କର୍ମଚାରୀ।

■ ବ୍ୟାଙ୍କ, ଏଟିଏମ୍ ନିକଟରେ ଲୁଟେରାଙ୍କ ଆଡ୍ଡା

ପାଟ୍ରୋଲିଂ ନ ଥିବାରୁ ଟାର୍ଗେଟରେ ଟଙ୍କା ଉଠାଣକାରୀ

ଖୋର୍ଦ୍ଧା ଅଫିସ,୧୭।୩

ପାଟ୍ରୋଲିଂ ଢିଲା ଯୋଗୁ ଖୋର୍ଦ୍ଧା ପୋଲିସ ଜିଲାରେ ଲୁଟ୍ ବଢି ଚାଲିଛି। ଏଠାର ବିଭିନ୍ନ ବ୍ୟାଙ୍କ, ଏଟିଏମ ପାଖରେ ଲୁଟେରାମାନେ ଘୂରି ବୁଲୁଥିଲେ ମଧ୍ୟ ପଦକ୍ଷେପ ଶୂନ। ସେମାନେ ମୁଖ୍ୟତଃ ଟଙ୍କା ଉଠାଣ କରୁଥିବା ବ୍ୟକ୍ତିଙ୍କୁ ଟାର୍ଗେଟ କରି ଲୁଟ୍ କରି ଚାଲିଛନ୍ତି। ହେଲେ ସବୁ ଲୁଟ୍ ନେଇ ଅଭିଯୋଗ ନ ଥିବାରୁ ଏ ଘଟଣା ଲୁଚି ଯାଉଛି। ୧୪ ତାରିଖରେ ବେଗୁନିଆ ଥାନା ବେଗୁନିଆ ଯୁକୋ ବ୍ୟାଙ୍କ ସମ୍ମୁଖ ଓ ବାଲୁଗାଁ ଥାନା ବାଲୁଗାଁ ବଜାରର ଆନ୍ଧ୍ର ବ୍ୟାଙ୍କ ନିକଟସ୍ଥ ରାଜପଥ ପାର୍ଶ୍ୱରୁ ପୃଥକ୍ ପୃଥକ୍ ଭାବେ ୨.୨୦ ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ଲୁଟ୍ ଘଟଣାର ଦୁଇଦିନ ବିତି ଯାଇଥିବାବେଳେ ପୋଲିସ ଲୁଟ୍ ଘଟଣାର ଟେର ପାଉନି। ଅଭିଯୋଗ ଅନୁସାରେ, ବେଗୁନିଆ ଜାଗ୍ରିବାଡିର ମା' ରମାଦେବୀ ମହିଳା ମଣ୍ଡଳର କର୍ମକର୍ତ୍ତା ୧ ଲକ୍ଷ ୮୦ ହଜାର ଟଙ୍କା ବ୍ୟାଙ୍କରୁ ଉଠାଇ ଘରକୁ ଚାଲି ଚାଲି ଯାଉଥିଲେ। ଦୁଇ ଯୁବକ ପିଛା କରି ମହିଳା ମଣ୍ଡଳ କର୍ମକର୍ତ୍ତାଙ୍କଠାରୁ ଟଙ୍କା ବ୍ୟାଗ ନେଇ ପଳାଇ ଯାଇଥିଲେ। ସେହିଭଳି ଗମ୍ଭାରୀମୁଣ୍ଡା ନିକଟ ହରିଚନ୍ଦନପୁରର ଅରକ୍ଷିତ ଦାସ ଗୁରୁବାର ବାଲୁଗାଁ ବଜାରର ଆନ୍ଧ୍ର ବ୍ୟାଙ୍କରୁ ୪୦ ହଜାର ଟଙ୍କା ଉଠାଇ ନିକଟରେ ଆଖୁରସ ପିଉଥିଲେ। ସେହି ସମୟରେ ଦୁଇ ଯୁବକ ବାଇକ୍‌ରେ ଆସି ଟଙ୍କା ବ୍ୟାଗ ନେଇ ପଳାଇ ଯାଇଥିଲେ। ଏହି ଦୁଇ ଘଟଣା ବେଗୁନିଆ ଓ ବାଲୁଗାଁ ଥାନାରେ ଅଭିଯୋଗ ହୋଇଛି। ଗତ ୧୫ ତାରିଖରେ ପୁରୀ ଜିଲା ଗଡିଶାଗଦା ଥାନା ଅଞ୍ଚଳର ଜଣେ ଯୁବକ ୩ ହଜାର ଟଙ୍କା ଖୋର୍ଦ୍ଧାର ଏକ ଏଟିଏମ୍‌ରୁ ଉଠାଇ ଘରକୁ ଫେରୁଥିଲେ। ଖୋର୍ଦ୍ଧା ଜିଲାପାଳଙ୍କ ଅଫିସ ନିକଟରେ ଦୁଇ ଲୁଟେରା ବାଇକ୍‌ରେ ଆସି ଅଟକାଇ ଦୁଇ ହଜାର ନେଇ ଯାଇଥିଲେ। ଯୁବକ ଜଣକ ଥାନାରେ ଅଭିଯୋଗ ନ କରି ମନଦୁଃଖରେ ଘରକୁ ଫେରି ଯାଇଥିଲେ।

କଂଗ୍ରେ

ପ୍ରଥମେ ଆଦେଶ ମାନିବାକୁ ଶିଖ, ଆଦେଶ ଦେବା ବଳେ ବଳେ ଆସିବ। ପ୍ରଥମେ ସେବକ ହେବାକୁ ଶିକ୍ଷା କର, ତା'ପରେ ତୁମେ ସେବ୍ୟ ହେବାକୁ ଉପଯୁକ୍ତ ହେବ। -ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ପୀଡ଼ିତାଙ୍କୁ ମିଳିଲାନି ନ୍ୟାୟ

ପୁରୀ ଅଫିସ, ୧୭।୩: ଚନ୍ଦନପୁର ଥାନା ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତ ୩୫ବର୍ଷୀୟ ମହିଳାଙ୍କୁ ଶନିବାର ବିଳମ୍ବିତ ରାତିରେ ଜଣେ ଯୁବକ ବଳାତ୍କାର କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସମ୍ପୃକ୍ତ ମହିଳାଙ୍କୁ ପୋଲିସ ଉଦ୍ଧାର କରିଥିଲା। ବଳାତ୍କାର ଅଭିଯୋଗ ଆସିଥିବା ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖିଥିଲା। ରାତିସାରା ମହିଳାଙ୍କୁ ଥାନାରେ ଅଟକ ରଖାଯାଇଥିବାବେଳେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିବା ପରିବର୍ତ୍ତେ ରବିବାର ମାନସିକ ବିକାର ଗ୍ରସ୍ତ ଦର୍ଶାଇ ଅପରାହ୍ନରେ ତାଙ୍କୁ ଛାଡ଼ିଦେଇଥିଲା। ଅନ୍ୟପରେ ଥାନାରେ କୌଣସି ଅଭିଯୋଗ ନ ଥିବା ଦର୍ଶାଇ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଛାଡ଼ିଦେଇଥିଲା। ଜଣେ ମହିଳାଙ୍କୁ ପୋଲିସ ସୁରକ୍ଷା ଦେବାରେ କେତେ ତତ୍ପର ତାହା ଜଣାପଡୁଛି। କେଉଁ ଉଦ୍ଦେଶ୍ୟରେ ଏବଂ କାହା ଚାପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଛଡ଼ାଗଲା ଏବଂ ପିଡ଼ିତାଙ୍କର ଡାକ୍ତରୀମାଇନା କରାଗଲା ନାହିଁ ସେ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଘଟଣାର ତଦନ୍ତ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଅରୁଣସ୍ତମ୍ଭ ସମ୍ମୁଖରୁ ମୋବାଇଲ ଝାମ୍ପିନେଲେ

ପୁରୀ ଅଫିସ,୧୭।୩: ଅରୁଣସ୍ତମ୍ଭ ସମ୍ମୁଖରୁ ମହିଳାଙ୍କଠାରୁ ମୋବାଇଲ ଝାମ୍ପି ନେଇଥିବା ଜଣେ ଯୁବକ ପୋଲିସ ହାତରେ ଧରାପଡିଛନ୍ତି। ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେ ଜେଲ୍ ଯାଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଖଡ଼ିପଦା ମଣିମହେଶ୍ୱର ବଗିଚାର କୃଷ୍ଣଚନ୍ଦ୍ର ମହାନ୍ତି। ଏ ସଂକ୍ରାନ୍ତରେ ସିଂହଦ୍ୱାର ଥାନାରେ ଏକ ମାମଲା (ନଂ.୧୧/୧୯) ରୁଜୁ କରାଯାଇଛି। ଆଇଆଇସି ଶ୍ରବଣ କୁମାର ମହାରଣାଙ୍କ ସୂଚନା ମୁତାବକ, ଭୁବନେଶ୍ୱରର ଦେବୀ ଘୋଷଲା ପୂର୍ବାହ୍ନରେ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ଦର୍ଶନ ସାରି ପୌରସଂସ୍ଥା ଯୋତାଷ୍ଟାଣ୍ଡରୁ ଚପଲ ଏବଂ ମୋବାଇଲ ଆଣି ଫେରୁଥିଲେ। ଅରୁଣସ୍ତମ୍ଭ ପାଖରେ ଦେବୀ ଧରିଥିବା ୨ଟି ମୋବାଇଲ କୃଷ୍ଣଚନ୍ଦ୍ର ଝାମ୍ପି ନେଇ ଦୌଡିଥିଲେ। ଦେବୀ ପାଟି କରିବାରୁ ସେଠାରେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ କୃଷ୍ଣଚନ୍ଦ୍ରଙ୍କୁ ମାଡି ବସିଥିଲେ। ତାଙ୍କଠାରୁ ୨ଟି ଯାକ ମୋବାଇଲ ଜବତ କରାଯାଇ ଦେବୀଙ୍କୁ ପ୍ରଦାନ କରାଯାଇଛି।

ଭୋଟର ସଚେତନତା କାର୍ଯ୍ୟକ୍ରମ

ପୁରୀ ଅଫିସ, ୧୭।୩: ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରତ୍ୟେକ ଭୋଟର ନିଜର ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରିବା ଲକ୍ଷ୍ୟ ନେଇ ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ରବିବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସମ୍ପାଦକ ମହେନ୍ଦ୍ର ବିଶୋଇ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣାକୁମାରୀ ଦେଈ, କାର୍ଯ୍ୟାଳୟ ଅଧିକାରୀ ଲକ୍ଷ୍ମୀଧର ମାଝି, ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ବାର୍ଷିକ ଚିତ୍ରାଙ୍କନ ଏବଂ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ ୪୧ ଜଣ ଏବଂ ଚିତ୍ରାଙ୍କନରେ ୧୫୬ ଜଣ ଭାଗ ନେଇ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ।

ବୈଦ୍ୟନାଥଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ, ୧୭।୩(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ବଡାସ ଗ୍ରାମପଞ୍ଚାୟତର ବଡାସ ଗ୍ରାମର ଆରାଧ୍ୟ ଠାକୁର ବାବା ବୈଦ୍ୟନାଥଙ୍କ ପୀଠରେ ଗତ ୧୧ତାରିଖଠାରୁ ଆରମ୍ଭ ହୋଇଥିବା ଅଷ୍ଟବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ୧୬ତାରିଖ ଅପରାହ୍ନରେ ପୂର୍ଣ୍ଣାହୁତି ସହ ସମାପନ କରାଯାଇଛି। ୬ଦିନ ଧରି ଅଙ୍କୁରାରୋପଣ, ଜଳଯାତ୍ରା, ଅଗ୍ନିସ୍ଥାପନ, ଆହୁତି ପ୍ରଦାନ, ସୂର୍ଯ୍ୟପୂଜା, ଶାଳାପୂଜା, ଉପଚାରପୂଜା ପ୍ରଦାନ କରାଯାଇ ୧୬ତାରିଖ ଅପରାହ୍ନରେ ଶହଶହ ଭକ୍ତଙ୍କ ଉପସ୍ଥିତିରେ ପୂର୍ଣ୍ଣାହୁତି କାର୍ଯ୍ୟ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଓ ପଣ୍ଡିତ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସହିତ ବିଜ୍ଞପଣ୍ଡିତମାନେ ଯୋଗଦେଇ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ଓଡ଼ିଶୀ ନାମସଂକୀର୍ତ୍ତନ ଓ ପ୍ରବଚନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ସେହିପରି ଗଡସାହି ଗ୍ରାମପଞ୍ଚାୟତର ବେଣାଗାଁ ଗ୍ରାମରେ ଶ୍ରୀ ଭଗବତ ବାସୁଦେବଙ୍କ ପୀଠରେ ୯୦ତମ ବାର୍ଷିକ ମହୋତ୍ସବ ଗତ ୧୬ତାରିଖଠାରୁ ଆରମ୍ଭ ହୋଇ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀମଦ୍ ଭାଗବତ ଚର୍ଚ୍ଚା ସହିତ ଅହୋରାତ୍ର ନାମସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।।

ଚାଷୀଙ୍କୁ ମିଳିନି ଧାନ ବିକ୍ରି ଟଙ୍କା

ପୁରୀ ଅଫିସ, ୧୭।୩:

ସାଧାରଣ ନିର୍ବାଚନ ପାଇଁ ଏବେ ସମସ୍ତଙ୍କ ମୁହଁରେ ଚାଷ ଓ ଚାଷୀଙ୍କ କଥା। ଚାଷୀଙ୍କୁ ଆପଣାଇବା ଲାଗି ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲିଛି। ଏଥିପାଇଁ ବିଭିନ୍ନ ସଭା, ସମିତିରେ ଚାଷୀଙ୍କୁ ପ୍ରଲୋଭିତ କରିବା ପରି ଘୋଷଣା ହେଉଛି। ଏକାଧିକ ଯୋଜନା ବି କାର୍ଯ୍ୟକାରୀ କରାଯାଉଛି। ହେଲେ ବାସ୍ତବରେ ଚାଷୀର ସ୍ଥିତିରେ କୌଣସି ସୁଧାର ଆସିପାରୁ ନାହିଁ। ଦୀର୍ଘ ଦେଢମାସରୁ ଊର୍ଦ୍ଧ୍ୱ ହେଲାଣି ଜଣେ ଚାଷୀ ସମବାୟ ସମିତିରେ ଧାନ ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସିନାହିଁ। ଫଳରେ ସମ୍ପୃକ୍ତ ଚାଷୀ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ରେଜେଷ୍ଟ୍ରି ଡାକ ଯୋଗେ ଅଭିଯୋଗପତ୍ର ପଠାଇଛନ୍ତି। ଏହି ଚାଷୀ ଜଣଙ୍କ ହେଉଛନ୍ତି ପିପିଲି ବ୍ଲକ କମାକନ୍ତିଆ ଗ୍ରାମର ଧ୍ରୁମସେନ ବରାଳ।

ଗତ ୧୫ ତାରିଖରେ ଧ୍ରୁମସେନ ପଠାଇଥିବା ତାଙ୍କ ଅଭିଯୋଗପତ୍ରରେ

ଦେଢ଼ମାସ ବିତିଲାଣି

ଦର୍ଶାଇଛନ୍ତି ଯେ, ଗତ ଫେବୃୟାରୀ ୧ ତାରିଖରେ ସେ ରୂପଦେଇପୁର ସେବା ସମବାୟ ସମିତି ମଣ୍ଡିରେ ୫୩ ବସ୍ତା ଧାନ ବିକ୍ରି କରିଥିଲେ। ତାଙ୍କ ଧାନ ପରିମାଣ ୪୬ କୁଇଣ୍ଟାଲ ୧୯ କେଜି ହୋଇଥିଲା। ମିଲର ତାଙ୍କର ସବୁ ପୁରୁଣା ବସ୍ତା ନେଇଥିଲେ। କିନ୍ତୁ ପ୍ରତି ବଦଳରେ ନୂଆ ବସ୍ତା ଦେଇ ନ ଥିଲେ କିମ୍ବା ତାହାର ମୂଲ୍ୟ ମଧ୍ୟ ଦେଇ ନ ଥିଲେ। ଏଥିସହ ଧାନର ରସିଦ୍ ମଧ୍ୟ ତାଙ୍କୁ ପ୍ରଦାନ କରାଯାଇ ନାହିଁ। ରସିଦ୍ ମାଗିବାରୁ କୁଇଣ୍ଟାଲ ପିଛା ୩ କିଲୋଗ୍ରାମ୍ ଧାନ କାଟ ଦେବାକୁ ତାଙ୍କୁ କୁହାଯାଇଥିଲା। କିନ୍ତୁ ଏଥିରେ ସେ ରାଜିନ ହେବାରୁ ଆଜିପର୍ଯ୍ୟନ୍ତ ତାଙ୍କୁ ଧାନ ବିକ୍ରିର ରସିଦ୍ ମିଳିନାହିଁ କିମ୍ବା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସିନାହିଁ। ତେଣୁ ସେ ମୁଖ୍ୟ ଶାସନ ସଚିବଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ତାଙ୍କର ଗୁହାରି ଜଣାଇଛନ୍ତି। ତାଙ୍କ ଧାନ ବିକ୍ରି ଟଙ୍କା ମିଳିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଧ୍ରୁମସେନ ନିବେଦନ କରିଛନ୍ତି।

ଅଚିନ୍ତ୍ୟ ଭେଦାଭେଦ ଦର୍ଶନର ଅନୁଚ୍ଛେଦଶାଳ ଗଙ୍ଗାମାତା ମଠ

କାର୍ଯ୍ୟକ୍ରମରେ ଐତିହ୍ୟ ବିଶାରଦ ଡଃ ସୁରେନ୍ଦ୍ର କୁମାର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

ପୁରୀ ଅଫିସ, ୧୭।୩:

ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ରକୁ ଆଗମନ କରି ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କ ଘରେ ରହିଥିଲେ। ସେହି ଘର ବର୍ତ୍ତମାନ ଗଙ୍ଗାମାତା ମଠ ନାମରେ ପରିଚିତ। ପ୍ରତିବର୍ଷ ଫଗୁ ଦଶମୀ ତିଥିରେ ଆଗମନୀ ସ୍ମୃତି ପାଳନ କରାଯାଏ। ଶନିବାର ଗଙ୍ଗାମାତା ମଠରେ ଆଗମନୀ ସ୍ମୃତି ପାଳନ କରାଯାଇଥିଲା। ଝାଞ୍ଜପିଟା ମଠ ମହନ୍ତ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ ସଂକୀର୍ତ୍ତନ ଶୋଭାଯାତ୍ରାରେ ମଠରେ ପହଞ୍ଚିଥିଲେ। ଏହାପରେ ଆୟୋଜିତ ସଭାରେ ସେ ୫୦୦ ବର୍ଷର ସ୍ମୃତିଚାରଣ କରିଥିଲେ। ଏଥିରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଯୋଗଦେଇ କହିଥିଲେ, ଆଜି ବିଶ୍ୱରେ ବହୁଳ ପ୍ରଚାରିତ ଅଚିନ୍ତ୍ୟ ଭେଦାଭେଦ ଦର୍ଶନର ଅନୁଚ୍ଛେଦଶାଳ ହେଉଛି ଏହି ମଠ। ପୁରୀର ମାତା ଶବ୍ଦକୁ ନେଇ ଗଢିଉଠିଥିବା ୫ଟି ମଠ ମଧ୍ୟରୁ ଗଙ୍ଗାମାତା ମଠ ପ୍ରାଚୀନ। ଅନ୍ୟ ମଠ ମଧ୍ୟରେ ନନ୍ଦିନୀ ମାତା ମଠ, କରମାବାଈ ମାତାମଠ, ଖୁଦପିତା ମାତାମଠ ଓ ମାତାମଠ ମଧ୍ୟରୁ ୨ଟି ଆଜି ଧ୍ୱଂସମୁଖରେ। ୫ଟି ଯାକ ମଠ ମହାପ୍ରଭୁଙ୍କ ଉପାସନା ସହିତ ଜଡ଼ିତ ଥିଲେ। ଶ୍ରୀଜଗନ୍ନାଥଙ୍କ ଉପାସନାରେ ୫ ନାରୀଙ୍କୁ ଯେପରି ସେବା ସହିତ ସମ୍ପୃକ୍ତ କରାଯାଇଥିଲା ଠିକ୍ ସେହିପରି ୫ ମାତାମଠ ମଧ୍ୟ ସମ୍ପୃକ୍ତ ଥିଲେ। ଏହିଭଳି ଏକ ଐତିହ୍ୟପୂର୍ଣ୍ଣ ମଠରେ ଐତିହ୍ୟଭରା ସ୍ମୃତି ପାଳନ କରାଯିବା ଗୌରବର କଥା ବୋଲି ଡ. ମିଶ୍ର କହିଥିଲେ। ରବିନାରାୟଣ ସାମନ୍ତରା ଓ ସନ୍ତୋଷ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ନୂତନ ସଭାପତିଙ୍କୁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ସ୍ୱାଗତ କରାଯାଉଛି।

ବିଜେଡିରେ ସାମିଲ ହେଲେ ଶତାଧିକ କଂଗ୍ରେସ, ଭାଜପା କର୍ମୀ

ଗୋପ, ୧୭।୩(ଡି.ଏନ୍.ଏ.)

ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ଗୋପ ବ୍ଲକସ୍ଥିତ ପୟରା ପଞ୍ଚାୟତର ହେଲାରି ଓ ଜମରା ଗ୍ରାମର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ରବିବାର ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଗୋପ ମାଟିଆଖାତା ସ୍ଥିତ ବିଜେଡି ବ୍ଲକ କାର୍ଯ୍ୟାଳୟରେ ବିଧାୟକ ସମୀରରଞ୍ଜନ ଦାଶ ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ହେଲାରି ଗ୍ରାମର ଭାଜପା ପରିତ୍ୟାଗ କରି ଅଶୋକ ବେହେରା, ରୋହିତ ବାରିକ, ପୂର୍ଣ୍ଣଚନ୍ଦ୍ର ବେହେରା, ଜମରା ଗ୍ରାମର ସାଧୁ ଭୋଇ ଓ କଂଗ୍ରେସ ଦଳର ସୋମନାଥ ପାତ୍ର, ସୁଧାନିଧି ବେହେରା, ଉପେନ୍ଦ୍ର ନାୟକ, ଜୟରାମ ଭୋଇଙ୍କ ସମେତ ଶତାଧିକ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସୁମନ୍ତ ନାୟକ, ଯୁବନେତା ସୁନୀଲ୍ ପାତ୍ର, ବାବୁ ଭୋଇ, ଦ୍ୱିଜବର ବେହେରା, ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଯୋଗଦେଇଥିବା କର୍ମୀଙ୍କୁ ସ୍ୱାଗତ କରିଥିଲେ।

ନୂତନ ଭାବେ ସାମିଲ କର୍ମୀଙ୍କୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ସ୍ୱାଗତ କରୁଛନ୍ତି।

ଭାରତ ବିକାଶ ପରିଷଦର ନୂତନ କର୍ମକର୍ତ୍ତା

ପୁରୀ ଅଫିସ, ୧୭।୩ :

ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ, ପୁରୀ ଦ୍ୱିବାର୍ଷିକ ନୂତନ କର୍ମକର୍ତ୍ତା ଚୟନ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା ସଭାପତି, ସୁପ୍ରୀତି ରଥ ସଚିବ ଏବଂ ଗୌରାଙ୍ଗ ଚନ୍ଦ୍ର ମିଶ୍ର ଅର୍ଥ ସଚିବ ଭାବେ ମନୋନୀତ ହୋଇଛନ୍ତି। ପରିଷଦର ଆଞ୍ଚଳିକ ସଚିବ ବିଜୟ ନନ୍ଦିନୀ ଦୁବେ ପର୍ଯ୍ୟବେକ୍ଷକ ଭାବେ ଚୟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାନ୍ତୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ବୁଦ୍ଧଦେବ ମହାପାତ୍ର, ସୁରେଶ ଚନ୍ଦ୍ର ପତି, ଜୟନ୍ତୀ ମହାପାତ୍ର, ଲାଲାଅନନ୍ତ ସିଂ, ଦାମୋଦର ମହାନ୍ତି, କୃଷ୍ଣ ମହାପାତ୍ର, ରାମଚନ୍ଦ୍ର ଦଳାଇ, ଡ.ସୁରେନ୍ଦ୍ର ପତି, ପତିତପାବନ ସାମନ୍ତରାୟ, ଜଗନ୍ନାଥ ଆଚାର୍ଯ୍ୟ ପ୍ରମୁଖ ଯୋଗଦାନ କରିଥିଲେ।

ଭାଜପା ଯୁବନେତାଙ୍କ ବିଜେଡିରେ ଯୋଗଦାନ

ନିମାପଡ଼ା,୧୭।୩(ଡି.ଏନ୍.ଏ.):

ନିମାପଡ଼ା ବ୍ଲକ ଅଧୀନ ଚଅଁରପଦା ପଞ୍ଚାୟତ ଅନ୍ତର୍ଗତ ଭାଟବନ୍ଧ ଗ୍ରାମର ଦିଲ୍ଲୀପ କୁମାର ବାରିକ ତାଙ୍କର ସମର୍ଥକଙ୍କ ସହ ନିମାପଡ଼ାଠାରେ ଆନୁଷ୍ଠାନିକଭାବେ ବିଜେଡିରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ, ବିଧାୟକ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଛନ୍ତି ବୋଲି ଯୁବନେତା ବାରିକ କହିଥିଲେ। ଯୁବନେତା ବାରିକ ଓ ତାଙ୍କ ସମର୍ଥକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

ସତ୍ୟବାଦୀରେ ନୂତନ ବିଜେଡି ସଭାପତିଙ୍କୁ ସ୍ୱାଗତ

ସାକ୍ଷୀଗୋପାଳ, ୧୭।୩(ଡି.ଏନ୍.ଏ./ସ୍ୱ.ପ୍ର.):

ନବ ନିଯୁକ୍ତ ସତ୍ୟବାଦୀ ବ୍ଲକ ବିଜେଡି ସଭାପତି ପ୍ରମୋଦ କୁମାର ରାଉତରାୟଙ୍କୁ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର ସନ୍ଧ୍ୟାରେ ବିଜେଡି କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସଭାପତି ରାଉତରାୟ ସାକ୍ଷୀଗୋପାଳ ଠାକୁରଙ୍କୁ ଦର୍ଶନ କରି ଫେରିବା ପରେ କର୍ମୀମାନେ ଫୁଲମାଳ ଦେଇ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବ ଚରଣ ଦାଶ, ସମିତିସଭ୍ୟ ବିନତୀ ପରିଡା, ପ୍ରଶାନ୍ତ ମହାପାତ୍ର, ଜଳନ୍ଧର ସେଠୀ, ସରପଞ୍ଚ ପବିତ୍ର ସ୍ୱାଇଁଙ୍କ ସହିତ ସୁନୀଲ କୁମାର ପଣ୍ଡା, ଦେବାଶିଷ ରାୟ, ଶଙ୍କର ପ୍ରଧାନ, ସୁରେଶ କୁମାର ସାହୁ, ସ୍ୱାଧୀନ ଜେନା, ଯମୁନା ଦେଈ, ସୁବାସ ପ୍ରଧାନ ପ୍ରମୁଖ ବାଣ ଫୁଟାଇ ଶୋଭାଯାତ୍ରାରେ ନୂତନ ସଭାପତିଙ୍କୁ ପାଛୋଟି ଆଣିଥିଲେ। ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଅଞ୍ଚଳବାସୀଙ୍କ ସେବା କରିବାକୁ ସେ ଶପଥ ନେଇଥିଲେ।

ଓଡ଼ିଶା ନିର୍ମାଣ ମଜଦୁର ସଭାର ରାଜ୍ୟ କାର୍ଯ୍ୟକାରିଣୀ

ବୈଠକରେ ଯୋଗଦେଇଥିବା ସଂଗଠନର ନେତୃବୃନ୍ଦ।

ପୁରୀ ଅଫିସ, ୧୭।୩:

ସ୍ଥାନୀୟ ମଙ୍ଗଳା ମଣ୍ଡପରେ ରବିବାର ଓଡ଼ିଶା ନିର୍ମାଣ ମଜଦୁର ସଭା (ଓଏନ୍‌ଏମଏସ୍)ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଏନ୍‌ଏମଏସ୍‌ର ରାଜ୍ୟ ସଭାପତି ଉତ୍କଳମଣି ଶତପଥୀ, ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଦାଶ, ଉପସଭାପତି ଲକ୍ଷ୍ମୀଧର ସାହୁ, ଗୋକୁଳ ମେହେର, କୋଷାଧ୍ୟକ୍ଷ ଗୁରୁଚରଣ ମହାପାତ୍ରଙ୍କ ସମେତ ହିନ୍ଦ୍ ମଜଦୁର ସଭାର ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ନାଥ ତ୍ରିପାଠୀ, ଉପସଭାପତି ଲକ୍ଷ୍ମୀ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରମିକମାନଙ୍କ ନ୍ୟାଯ୍ୟ ଦାବି, ସ୍ୱାର୍ଥ ଏବଂ କାର୍ଯ୍ୟପନ୍ଥା ସ୍ଥିର କରିଥିଲେ। ଆଗାମୀ ଦିନରେ ଶ୍ରମିକମାନଙ୍କ ସ୍ୱାର୍ଥ ସାଧନ ପାଇଁ ସଙ୍ଗଠନ ରାଜନୈତିକ ଦଳର ହାତବାରିସି ନ ହୋଇ କାର୍ଯ୍ୟ କରିବ ବୋଲି ଉପସ୍ଥିତ ଶ୍ରମିକନେତାମାନେ କହିଥିଲେ। ଶ୍ରମିକମାନଙ୍କ ପ୍ରାପ୍ୟ ଓ ଅଧିକାର ହାସଲ ନିମନ୍ତେ ସଙ୍ଗଠନ ତା'ର କାର୍ଯ୍ୟ ଜାରି ରଖିବ ବୋଲି ସଙ୍ଗଠନର ମୁଖ୍ୟମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରତ୍ୟେକ ଜିଲାର ସମ୍ପାଦକଙ୍କ ସମେତ ଜୋନାଲ ସମ୍ପାଦକ ପ୍ରଦୀପ ମିଶ୍ର, ତ୍ରିଲୋଚନ ପ୍ରଧାନ, ଅମୃତ ଦାସ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପୁରୀ ଜିଲା ସମ୍ପାଦକ ପ୍ରଦୀପ୍ତ କୁମାର ବିଶ୍ୱାଳ, ଜଟାଧାରୀ ନାୟକ, ରମେଶ ଚନ୍ଦ୍ର ଦାସ, ବିଚିତ୍ର କୁମାର ଓଝା, ଶଙ୍କର ମହାରଣା, କାଳନ୍ଦୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

ନିମାପଡ଼ା:୩୨ଉତ୍ତେଜନା, ୨୫ ଅତି ଉତ୍ତେଜନା ପ୍ରବଣ ବୁଥ୍

ନିମାପଡ଼ା,୧୭।୩(ଡି.ଏନ୍.ଏ.):

ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜି ନିର୍ବାଚନ ତାରିଖ ଏବଂ ଆଦର୍ଶ ଆଚରଣବିଧି ଲାଗୁ ହୋଇଯାଇଛି। ଜଗତ୍‌ସିଂହପୁର ଲୋକ ସଭା ଆସନ ଅନ୍ତର୍ଗତ ୧୦୬ନଂ ନିମାପଡ଼ା ବିଧାନସଭା ଆସନରେ ମୋଟ ୨୮୦ବୁଥ ରହିଛି। ଏହି ବୁଥ ମଧ୍ୟରୁ ନିମାପଡ଼ା ବ୍ଲକରେ ମୋଟ ୧୯୭ ବୁଥ ରହିଥିବାବେଳେ ଗୋପ ବ୍ଲକରେ ୮୩ଟି ରହିଛି। ନିମାପଡ଼ାର ୧୯୭ଟି ବୁଥ ମଧ୍ୟରୁ ୩୨ଟି ଉତ୍ତେଜନା